# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୮/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, July 28/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 243 | ମୂଲ୍ୟ ₹୭/-





**ନୋମାନଙ୍କୁ ୭ ଉଇକେଟ ସଫଳତା**
ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନୋମାନ ଅଲି ୭ ଉଇକେଟ ସଫଳତା ହାସଲ କରିଛନ୍ତି। **୧୬**

**୧୨** **କ୍ୟାଟ୍ରିନାଙ୍କ ସହ ତୁଳନା ମୋ କ୍ୟାରିୟର ନଷ୍ଟ କଲା**
ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ତୁଳନା ହେବାରୁ ମୋ କ୍ୟାରିୟର ନଷ୍ଟ ହୋଇଗଲା ବୋଲି ନିକଟରେ ଏକ ସାକ୍ଷାତ୍‌କାରରେ ଅଭିନେତ୍ରୀ ଜରିନ ଖାନ୍ କହିଛନ୍ତି।






ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଞ୍ଚଳରେ ଜଣେ ଯୁବକ ମଶାଲ ନିଆଁରେ ହାତୀକୁ ପିଟୁଛନ୍ତି। (ରିପୋର୍ଟ: ପୃଷ୍ଠା-୪)

# ଦେଶରେ କ'ଣ କେହି ଯୋଗ୍ୟ ନାହାନ୍ତି

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ଇଡି ନିର୍ଦ୍ଦେଶକ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ୧୫ ଯାଏ ବୃଦ୍ଧି

**ନୂଆଦିଲ୍ଲୀ,୨୭।୭(ପି.ଟି.)**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧି ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କେନ୍ଦ୍ର ସରକାରଙ୍କୁ ଗୁରୁବାର ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ସଞ୍ଜୟଙ୍କୁ ଛାଡ଼ିଦେଲେ ଦେଶ ତଥା ଇଡିରେ ଥିବା ସମସ୍ତ ଅଧିକାରୀ ଅଯୋଗ୍ୟ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ତାଙ୍କ କାର୍ଯ୍ୟକାଳ ଅକ୍ଟୋବର ୧୫ ପରିବର୍ତ୍ତେ ସେପ୍ଟେମ୍ବର ୧୫ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦୟା କଲା ଭଳି ଅନୁମତି ଦେଇଛନ୍ତି। ଏହି ଅବଧି ବୃଦ୍ଧି ପରେ ଆଗକୁ ତାଙ୍କୁ ଅଧିକ ଦିନ ଚାକିରିରେ ରଖାଯାଇପାରିବ ନାହିଁ ଏବଂ ଏଥିପାଇଁ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି।

ଇଡି ନିର୍ଦ୍ଦେଶକ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧିକୁ ବେଆଇନ ଦର୍ଶାଇ ଜୁଲାଇ ୩୧ରେ ପଦ ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ପୂରିବାକୁ ଆଉ ୫ ଦିନ ବାକି ଥିବାବେଳେ ସଞ୍ଜୟଙ୍କୁ ଇଡି ନିର୍ଦ୍ଦେଶକ ପଦରେ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେବା ପାଇଁ ବୁଧବାର କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଥିବାରୁ ଏହି ସମୟରେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ ☞ପୃଷ୍ଠା-୪



ସଞ୍ଜୟ କୁମାର ମିଶ୍ରା

### ସଞ୍ଜୟ ମିଶ୍ରା କିଏ

ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମିତ ସଞ୍ଜୟ କୁମାର ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ବାୟୋକେମେଷ୍ଟ୍ରିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୪ରେ ସେ ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍)ରେ ଯୋଗଦେବା ପରେ ଗୋରଖପୁର ଆୟକର (ଆଇଟି) ବିଭାଗରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ପରେ ତାଙ୍କୁ ଦିଲ୍ଲୀ ଆଇଟି ବିଭାଗ ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। ସେହି ସମୟରେ ସଞ୍ଜୟ ଅନେକ ହାଇପ୍ରୋଫାଇଲ ମାମଲାର ତଦନ୍ତ କରି ଚର୍ଚ୍ଚାକୁ ଆସିଥିଲେ। ୨୦୧୮ ଅକ୍ଟୋବରରେ କେନ୍ଦ୍ର ସରକାର ସଞ୍ଜୟଙ୍କୁ ଜଣେ ଅର୍ଥନୀତି ବିଶେଷଜ୍ଞ ଭାବେ ଅଭିହିତ କରି ୩ ମାସ ପାଇଁ ଇଡିର ଅନ୍ତରୀଣ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦେଇଥିଲେ।

# ଫେବୃଆରୀ ୨୦ରୁ ମାଟ୍ରିକ ପରୀକ୍ଷା

**କଟକ, ୨୭।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ତାରିଖ ଗୁରୁବାର ଘୋଷଣା କରାଯାଇଛି। ୨୦୨୪ ଫେବୃଆରୀ ୨୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିବ। ମାଟ୍ରିକ ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ହେବ। ସେହିପରି ମାର୍ଚ୍ଚ ୧୨ରୁ ମାଟ୍ରିକ ଖାତା ଦେଖା ଆରମ୍ଭ ହେବ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ☞ପୃଷ୍ଠା-୪

# ସିବିଆଇକୁ ତଦନ୍ତ ଭାର

**ମଣିପୁର ମହିଳାଙ୍କୁ ଉଲଗ୍ନ ପରେଡ୍**

**ନୂଆଦିଲ୍ଲୀ,୨୭।୭**

ଦେଶ ତଥା ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ମଣିପୁର ଉଲଗ୍ନ ପରେଡ୍ ଘଟଣାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦିଆଯାଇଛି। କେବଳ ଏହି ମାମଲା ନୁହେଁ, ଜାତିଆଣ ହିଂସା ଓ ଯୌନହିଂସା ପ୍ରଭାବିତ ଦକ୍ଷିଣ ପୂର୍ବାଞ୍ଚଳ ରାଜ୍ୟରେ ଘଟିଥିବା ସବୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** | ଆମେରିକା ଗଣତନ୍ତ୍ର ପ୍ରତି ବିପଦ








**'ଇଣ୍ଡିଆ'ର ପରବର୍ତ୍ତୀ ବୈଠକ ମୁମ୍ବାଇରେ**

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ୨୬ ବିରୋଧୀ ଦଳର ମେଣ୍ଟ ଇଣ୍ଡିଆର ପରବର୍ତ୍ତୀ ବୈଠକ ଅଗଷ୍ଟ ୨୫ ଓ ୨୬ରେ ମୁମ୍ବାଇରେ ବସିବ। ଉକ୍ତ ବୈଠକରେ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା, ନିର୍ବାଚନ ପ୍ରସ୍ତୁତି ଏବଂ ପ୍ରଚାର ପରିଚାଳନା ନେଇ ଆଲୋଚନା ହୋଇପାରେ। ଲୋକ ସଭା ନିର୍ବାଚନ ପୂର୍ବରୁ ଦେଶର ବିଭିନ୍ନ ସହରରେ ବିରୋଧୀ ମେଣ୍ଟର ଅନେକ ବୈଠକ କରିବାକୁ ଯୋଜନା ହୋଇଛି।

## ସଂକ୍ଷେପରେ

### କୁଏଟ୍‌ରେ ୫ ଜଣଙ୍କୁ ଫାଶୀ

**ଦୁବାଇ,୨୭।୭ :** କୁଏଟ୍ କର୍ତ୍ତୃପକ୍ଷ ଗୁରୁବାର ୫ ବନ୍ଦୀଙ୍କୁ ଫାଶୀ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୨୦୧୫ ମସ୍‌ଜିଦ ବିସ୍ଫୋରଣରେ ଦୋଷୀସାବ୍ୟସ୍ତ ଜଣେ ବନ୍ଦୀ ରହିଛନ୍ତି। ଉକ୍ତ ବିସ୍ଫୋରଣରେ ୨୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଇଏସ୍ ଆତଙ୍କବାଦୀ ସଂଗଠନ ଏଥିପାଇଁ ନିଜକୁ ଦାୟୀ କରିଥିଲା। କେନ୍ଦ୍ରୀୟ ଜେଲ୍‌ରେ ୫ ବନ୍ଦୀଙ୍କୁ ଫାଶୀରେ ଝୁଲାଇ ଦିଆଯାଇଥିବା କୁଏଟ୍‌ର ସରକାରୀ ଓକିଲ ଏକ ବିବୃତିରେ କହିଛନ୍ତି। ସେମାନେ ହେଲେ ମସ୍‌ଜିଦ ଆକ୍ରମଣକାରୀ ଅବଦୁଲରହମାନ ସବାହ ଇଡାନ, ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୩ ଜଣ ଏବଂ ଶ୍ରୀଲଙ୍କାର ଜଣେ ଦୋଷୀସାବ୍ୟସ୍ତ ନିଶା ବ୍ୟବସାୟୀ।

### ସ୍ୱାମୀ କରଜ ନ ଶୁଝିବାରୁ ସ୍ତ୍ରୀଙ୍କୁ ବଳାତ୍କାର

**ପୁଣେ,୨୭।୭ :** ମହାରାଷ୍ଟ୍ରର ପୁଣେ ସହରରେ ଜଣେ ଋଣ ଲଗାଣକାରୀ ଜଣେ ମହିଳାଙ୍କୁ ବଳାତ୍କାର କରିଛନ୍ତି। ମହିଳାଙ୍କ ସ୍ୱାମୀ ଅଭିଯୁକ୍ତଙ୍କଠାରୁ ଟଙ୍କା କରଜ ନେଇ ଶୁଝିପାରି ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ମହାଜନ ସ୍ୱାମୀଙ୍କୁ ଛୁରି ଦେଖାଇ ଧମକ ଦେବା ସହ ତାଙ୍କ ସମ୍ମୁଖରେ ସ୍ତ୍ରୀଙ୍କୁ ବଳାତ୍କାର କରିଥିଲେ। ଗତ ଫେବୃୟାରୀରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଉକ୍ତ ବଳାତ୍କାର ସମୟ ଦୃଶ୍ୟକୁ ମୋବାଇଲ ଫୋନ୍‌ରେ ରେକର୍ଡିଂ କରି ଏହାକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଛାଡ଼ିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆଇପିସି ଏବଂ ସୂଚନା ପ୍ରଯୁକ୍ତି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

### ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା ନାବିକଙ୍କ ଆତ୍ମହତ୍ୟା

**କୋଚି,୨୭।୭ :** ନୌସେନା ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତରେ ଜଣେ ୧୯ ବର୍ଷୀୟ ନାବିକଙ୍କ ମୃତଦେହ ଗୁରୁବାର ଭୋର ସମୟରେ ଝୁଲନ୍ତା ଅବସ୍ଥାରେ ମିଳିଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକଙ୍କ ଘର ବିହାର ମୁଜାଫରପୁରରେ ଓ ସେ ଅବିବାହିତ ଥିଲେ। ୨୦୨୧ରେ ସେ ଭାରତୀୟ ନୌସେନାରେ ଯୋଗଦେଇ ଆଇଏନ୍‌ଏସ୍ ବିକ୍ରାନ୍ତରେ ନିୟୋଜିତ ଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ନିଆଯାଇଥିବାବେଳେ ହାର୍ବର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ନାବିକଙ୍କର କିପରି ମୃତ୍ୟୁ ଘଟିଲା ତାହାର ତଦନ୍ତ ପାଇଁ ନୌସେନା ପକ୍ଷରୁ ତଦନ୍ତ ବୋର୍ଡ ଗଠନ କରାଯାଇଛି। ଗତ ୫ ବର୍ଷରେ ନୌସେନାର ୨୯ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି।

### ଜାହାଜରେ ନିଆଁ: ଭାରତୀୟ ନାବିକ ମୃତ

**ନୂଆଦିଲ୍ଲୀ,୨୭।୭(ପି.ଟି.) :** ନେଦରଲାଣ୍ଡସ ଉପକୂଳରେ ୩,୦୦୦ କାର୍ ଭର୍ତ୍ତି ହୋଇଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗି ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ପାନାମାରେ ପଞ୍ଜୀକୃତ ହୋଇଥିବା ଫ୍ରେମାଣ୍ଟଲ୍ ହାଇୱେ ନାମକ ୧୯୯ ମିଟର ଜାହାଜ ଜର୍ମାନୀରୁ ଇଜିପ୍ଟ ଯାଉଥିବାବେଳେ ମଙ୍ଗଳବାର ରାତିରେ ନିଆଁ ଲାଗିଯାଇଥିଲା।



ଅନେକ ନାବିକ ଜାହାଜରୁ ଡେଇଁ ପଡ଼ିଥିଲେ। ନିଆଁରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିବା ନେଦରଲାଣ୍ଡସସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ନାବିକଙ୍କ ମୃତଦେହ ପଠାଇବା ପାଇଁ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଉଥିବା ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଆହତ ୨୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ସେମାନଙ୍କ ପରିବାରକୁ ଜଣାଇଦିଆଯାଇଛି।

### ୩ ଦଶନ୍ଧି ପରେ ଶ୍ରୀନଗରରେ ମହରମ ଶୋଭାଯାତ୍ରା

**ଶ୍ରୀନଗର,୨୭।୭:** ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷ ପରେ ଶିୟା ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ମହରମ ଶୋଭାଯାତ୍ରା ବାହାର କରାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ଆୟୋଜିତ ଶୋଭଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଛନ୍ତି। ଲାଲ୍‌ଚୌକ ଅଞ୍ଚଳ ଦେଇ ଏହା ଅତିକ୍ରମ କରିବ। ସକାଳ ୬ରୁ ୮ ମଧ୍ୟରେ ଶୋଭାଯାତ୍ରା ବାହାର କରିବା ଲାଗି ପ୍ରଶାସନ ବୁଧବାର ଅନୁମତି ଦେଇଥିଲା। ଆତଙ୍କବାଦ ଯୋଗୁ ଦୀର୍ଘବର୍ଷ ହେଲା ଶୋଭାଯାତ୍ରା ବାହାରି ପାରୁ ନ ଥିଲା। ଏବେ ସ୍ଥିତିରେ ଉନ୍ନତି ଆସିଥିବାରୁ ମହରମର ଅଷ୍ଟମ ଦିନରେ ଶୋଭାଯାତ୍ରା ପାଇଁ ଅନୁମତି ମିଳିଛି।

### ଲଣ୍ଡନରେ ନୀରବ ବିକ୍ଷୋଭ

ମଣିପୁର ହିଂସାର ପ୍ରତିବାଦରେ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଲଗ୍ନ ପରେଡ୍ ଏବଂ ଯୌନହିଂସାର ଶିକାର ହୋଇଥିବା ମହିଳାମାନଙ୍କ ସମର୍ଥନରେ ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ସ୍କୋୟାର ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ସେମାନେ ଅହିଂସା ଓ ସାମାଜିକ ନ୍ୟାୟର ପ୍ରତୀକ ସ୍ୱରୂପ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ନୀରବରେ ଛିଡ଼ା ହୋଇଥିଲେ।




### ସୁପ୍ରିମକୋର୍ଟରେ ପିଟିଶନ

ମଣିପୁର ହିଂସାର ନିରପେକ୍ଷ ତଦନ୍ତ ପାଇଁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧକ୍ଷତାରେ ଏକ ନିରପେକ୍ଷ ତଥା ସ୍ୱାଧୀନ କମିଟି ଗଠନ ଦାବିରେ ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଏହାର ଶୁଣାଣି କରିବା ପାଇଁ ଆବେଦନକାରୀ ଆଇନଜୀବୀ ବିଶାଳ ତିୱାରୀ ଏଥିରେ ନିବେଦନ କରିଛନ୍ତି।

### ବିଷ୍ଣୁପୁରରେ ଫୁଟିଲା ଗୁଳି

ମଣିପୁରର ବିଷ୍ଣୁପୁର ଜିଲା ମୋଇରାଙ୍ଗ ଗ୍ରାମରେ ଗୁରୁବାର ସକାଳେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଛି। ସଂଘର୍ଷ ବେଳେ ଗୁଳି ଫୁଟିଛି। ବୁଧବାର ରାତିରୁ ଚାଲିଥିବା ଏହି ହିଂସାକାଣ୍ଡ ବେଳେ ଗୁଳିର ଶବ୍ଦରେ ଆମେ ଏତେ ଆତଙ୍କିତ ହୋଇଯାଇଥିଲୁ ଯେ, କେହି ଶୋଇପାରି ନ ଥିଲୁ ବୋଲି ଜଣେ ଗ୍ରାମବାସୀ କହିଛନ୍ତି।

### 'ବୀରେନ୍ ସିଂଙ୍କୁ ହଟାଇବା ସାହସ ମୋଦିଙ୍କର ନାହିଁ'



ଇସ୍ତଫା ଦେଲେ ଭାଜପା ନେତା ବିନୋଦ ଶର୍ମା

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ହଟାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାହସ ନାହିଁ ବୋଲି ବିହାର ଭାଜପା ମୁଖପାତ୍ର ବିନୋଦ ଶର୍ମା ଗୁରୁବାର ସମାଲୋଚନା କରିଛନ୍ତି। ଏଥିସହ ସେ ମଣିପୁର ହିଂସା ପ୍ରସଙ୍ଗରେ ଭାଜପାର ନିଷ୍କ୍ରିୟତାକୁ ନେଇ ଦଳରୁ ଇସ୍ତଫା ଦେଇଛନ୍ତି। ବିନୋଦଙ୍କ ମତରେ ମଣିପୁର ଭଳି ଘଟଣା କେବେ କୌଣସି ରାଜ୍ୟରେ ଘଟିନାହିଁ। ଏହା ଏକ ଜାତୀୟ କଳଙ୍କ। ଏଥିଲାଗି ଭାରତ ନିନ୍ଦିତ ହୋଇଛି। ବୀରେନ୍ ସିଂଙ୍କୁ ବହିଷ୍କାର କରିବା ଦାବିରେ ସେ ପ୍ରଧାନମନ୍ତ୍ରୀ ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କୁ ପତ୍ର ଲେଖିଥିଲେ। ଏହାସତ୍ତ୍ୱେ ମୋଦି ଶୋଇଛନ୍ତି। ମର୍ମାହତ ହୋଇ ମୁଁ ଭାଜପାରୁ ଇସ୍ତଫା ଦେଇଛି ବୋଲି ବିନୋଦ କହିଛନ୍ତି।

# ମୋଦି ଶୋଇଛନ୍ତି, ସିବିଆଇ ପାରିବ ତ

ନୂଆଦିଲ୍ଲୀ/ଲଣ୍ଡନ/ଇମ୍ଫାଲ,୨୭।୭
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଗୁଳିଗୋଳା ଫୁଟିବାର ଶବ୍ଦ ସହ ସକାଳ ହୁଏ। ବଞ୍ଚିବା ପାଇଁ ଦିନସାରା ସଂଘର୍ଷ ଏବଂ ମୃତ୍ୟୁ ଆତଙ୍କରେ ରାତି ପାହେ। ଭାରତୀୟ ଜନତା ପାର୍ଟି (ଭାଜପା) ଶାସିତ ଏହି ଉତ୍ତର-ଭାରତୀୟ ରାଜ୍ୟର ନାମ ମଣିପୁର, ଯେଉଁଠି ମେ' ୩ରୁ ଜାତିଆଣ ହିଂସାରେ ଅନେକ ଶହ ଲୋକ ନିହତ ହେଲେଣି। ବହୁ ଯୁବତୀ, ମହିଳାଙ୍କୁ ବଳାତ୍କାର କରାଯାଉଛି। ହେଲେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ହାତବାନ୍ଧି ବସିଛନ୍ତି। ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରୁଥିବା ଅଣଆଦିବାସୀ ମେଇତି ସମ୍ପ୍ରଦାୟର ଲୋକେ କୁକି ବର୍ଗ ଉପରେ ଅକଥନୀୟ ଅତ୍ୟାଚାର କରିଚାଲିଥିବାବେଳେ ଗତ ସପ୍ତାହରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଥିଲା। ମେ' ୪ରେ କୁକି-ଜୁ ସମ୍ପ୍ରଦାୟର ୨ ଜଣ ସ୍ୱଳ୍ପବୟସ୍କା ମହିଳାଙ୍କ ଦେହରୁ ପୋଷାକ ଖୋଲି ଉଲଗ୍ନ ପରେଡ୍ କରାଯିବା ଦୃଶ୍ୟ ଏଥିରେ ଦେଖାଯାଇଥିଲା। ଦୁହିଁଙ୍କ ମଧ୍ୟରୁ ଜଣଙ୍କୁ ଏକ ଚାଷଜମିରେ ଗଣବଳାତ୍କାର କରାଗଲା। ତାଙ୍କ ବାପା ଓ ଭାଇ ପ୍ରତିବାଦ କରିବାରୁ ଉଭୟଙ୍କୁ ହତ୍ୟା କରାଗଲା। ସେହିଦିନ ଆଉ ୨ ଜଣ ମହିଳାଙ୍କୁ ମଧ୍ୟ ଅନ୍ୟତ୍ର ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ପ୍ରାୟ ୩ ମାସ ଧରି ଚାଲିଥିବା ଏହି ବର୍ବରତା କେବଳ ଦେଶରେ ଜାତୀୟ ଲଜ୍ଜା ପାଲଟି ନାହିଁ, ବରଂ ବିଦେଶରେ ମଧ୍ୟ ଭାରତର ଛବିକୁ କଳଙ୍କିତ କରିଛି। ଏତେ ସବୁ ଘଟିଯିବା ପରେ ମଧ୍ୟ ପାର୍ଲାମେଣ୍ଟ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ପ୍ରସଙ୍ଗରେ ମୁହଁ ନ ଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିରୋଧୀ ଦଳଗୁଡ଼ିକ ମୋଦି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବାବେଳେ ଜଣେ ଅଧିକାରୀ କହୁଛନ୍ତି, ଭାଇରାଲ ଭିଡିଓର ତଦନ୍ତ ସିବିଆଇ କରିବ। ଅସଂଖ୍ୟ ପୁରୁଣା ମାମଲାର ବୋଝ ସମ୍ଭାଳିପାରୁ ନ ଥିବା ସିବିଆଇ ମଣିପୁର ଘଟଣାର ତଦନ୍ତ କିପରି ଓ କେତେ ଶୀଘ୍ର କରିବ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ।

### ୨୯ରେ ମଣିପୁର ଯିବେ ଇଣ୍ଡିଆ ଏମ୍‌ପି

୨୬ ଦଳକୁ ନେଇ ଗଠିତ ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ନିମ୍ନ ସଦନରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ବୁଧବାର କେନ୍ଦ୍ରର ମୋଦି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଲୋକ ସଭା ବାଚସ୍ପତି ତାଙ୍କ ନୋଟିସକୁ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରସ୍ତାବ ଉପରେ କେବେ ବିତର୍କ ହେବ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ଫଳରେ ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଏକପ୍ରକାର ଅଚଳ ହୋଇଯାଇଛି। ଇଣ୍ଡିଆର ଏମ୍‌ପିମାନେ ଆସନ୍ତା ୨୯ ଓ ୩୦ରେ ମଣିପୁର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ଏଥିରେ ଟିଏମ୍‌ସିର ସୁସ୍ମିତା ଦେବ, ଜେଏମ୍‌ଏମ୍‌ର ମହୁଆ ମାଝି ଏବଂ ଏନ୍‌ସିପିର ବନ୍ଦନା ଚଭନଙ୍କ ସମେତ ୨୦ ଦଳର ଏମ୍‌ପି ସାମିଲ ହେବେ ବୋଲି ଲୋକ ସଭାରେ କଂଗ୍ରେସ ସଚେତକ ମଣିକମ୍ ଟାଗୋର ସୂଚନା ଦେଇଛନ୍ତି।



## ତେଲଙ୍ଗାନାରେ ବନ୍ୟା

### ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟର

ହାଇଦ୍ରାବାଦ,୨୭।୭

ତେଲଙ୍ଗାନାରେ ପ୍ରବଳ ବର୍ଷା ଯୋଗୁ ଜୟଶଙ୍କର ଭୁପାଲପାଲ୍ଲି ଜିଲାର ବିଭିନ୍ନ ନଦୀରେ ବନ୍ୟା ଆସି ଅନେକ ଗାଁ ଜଳାର୍ଣ୍ଣବ ହୋଇଛି। ଉକ୍ତ ଜିଲାର ମୋରାନଚାନ୍‌ପାଲେ ଗ୍ରାମରେ ଲୋକମାନେ ଘର ଛାତ ଓ ଗଛ ଉପରେ ଆଶ୍ରୟ ନେଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ବନ୍ୟାଞ୍ଚଳର ଅନେକ ଲୋକଙ୍କୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଛି। ଖମାମ ଜିଲାରେ ମୁନେରୁ ନଦୀରେ ବନ୍ୟା ଯୋଗୁ ୭ ଜଣ ଭାସିଯାଇଥିବାବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଏନ୍‌ଡିଆର୍‌ଏଫ୍ ଉଦ୍ୟମ ଚଳାଇଛି।



ଗୋଦାବରୀ ନଦୀ ଦ୍ୱିତୀୟ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ମନ୍ଦିର ସହର ଭଦ୍ରାଚଳମ୍‌ର ଲୋକେ ପ୍ରଭାବିତ ହୋଇଛନ୍ତି। ତଳିଆ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନ ଓ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ଗୋଦବରୀରେ ବନ୍ୟା ଯୋଗୁ ଭଦ୍ରାଦ୍ରି କୋଥାଗୁଡେମ୍ ଜିଲାର ୨୫ଟି ଗାଁରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ୧୮ଟି ଗାଁକୁ ମଧ୍ୟ ଖାଲି କରାଯାଇଛି।

### ୭୬ ଅପ୍ରଚଳିତ ଆଇନ ରଦ୍ଦ ପାଇଁ ଲୋକ ସଭାରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୭।୭(ପି.ଟି.)

କାମରେ ଲାଗୁ ନ ଥିବା ୭୬ଟି ଅନାବଶ୍ୟକ ଆଇନକୁ ରଦ୍ଦ କରିବା ପାଇଁ ଅଣାଯାଇଥିବା ଏକ ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଜୀବନ ଧାରଣ ମାନ ଓ ବ୍ୟବସାୟକୁ ଉନ୍ନତ ତଥା ସରଳ କରିବା ପାଇଁ ପୁରୁଣା ଅଦରକାରୀ ଆଇନଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ସରକାର କହିଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୧,୪୮୬ ଆଇନ ରଦ୍ଦ କଲେଣି। ଆଜିର ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କଲାପରେ ରଦ୍ଦ ବିଲ୍ ସଂଖ୍ୟା ୧,୫୬୨ରେ ପହଞ୍ଚିବ ବୋଲି ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି। ଗତବର୍ଷ ଡିସେମ୍ବରରେ ସରକାର ୬୫ଟି ପୁରୁଣା ଆଇନ ରଦ୍ଦ ଲାଗି ରିପିଲିଂ ଆଣ୍ଡ ଆମେଣ୍ଡିଂ ବିଲ୍ ଆଣିଥିଲେ। ତେବେ ଉକ୍ତ ବିଲ୍ ଉପରେ ଆଲୋଚନା ହୋଇପାରି ନ ଥିଲା। ଏବେ ସେଥିରେ ଆଉ ୧୧ଟି ଉପନିବେଶୀୟ ସମୟର ଆଇନକୁ ସାମିଲ କରାଯାଇଛି।

### ବିନା ବୁର୍ଖାରେ ଛାତ୍ରୀଙ୍କୁ ବସ୍ ମନା

**ଡ୍ରାଇଭରଙ୍କ ମନମାନିକୁ ନେଇ ଉତ୍ତେଜନା**

ବେଙ୍ଗାଲୁରୁ,୨୭।୭

ବୁର୍ଖା ପିନ୍ଧି ନ ଥିବା ମୁସଲମାନ ସ୍କୁଲଛାତ୍ରୀମାନଙ୍କୁ ବସ୍‌ରେ ନେବାକୁ କର୍ନାଟକ କାଲାବୁରଗି ଜିଲାର ଜଣେ ଡ୍ରାଇଭର ମନା କରିଦେବା ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପିଲାମାନେ ପଢ଼ିବା ପାଇଁ ବସ୍ ଯୋଗେ କମଲାପୁର ତାଲୁକର ଓକଲି ଗ୍ରାମରୁ ବାସବକଲ୍ୟାଣକୁ ଯାଇଥାନ୍ତି। ସେହି ରୁଟ୍‌ର ଜଣେ ଡ୍ରାଇଭର ମୁସଲମାନ ଝିଅମାନଙ୍କୁ ବସ୍ ଚଢ଼ିବା ପୂର୍ବରୁ ବୁର୍ଖା ପିନ୍ଧିବାକୁ ପଡ଼ିବ ବୋଲି ଦାବି କରିଥିଲେ। ଏପରିକି ହିଜାବ ପିନ୍ଧିଥିଲେ ମଧ୍ୟରେ ବସ୍‌ରେ ଅନୁମତି ଦିଆଯିବ ନାହିଁ ବୋଲି ସେ କହିଥିଲେ। ଛାତ୍ରୀମାନେ ବୁର୍ଖା ପିନ୍ଧିବାକୁ ମନା କରିବାରୁ ଡ୍ରାଇଭର ସେମାନଙ୍କୁ ଗାଳିଦେଇ ଘଉଡ଼ାଇ ଦେଇଥିଲେ। ଅନ୍ୟ ଯାତ୍ରୀମାନେ ପ୍ରତିବାଦ କରିବାରୁ ଛାତ୍ରୀମାନେ ହଇରାଣ କରୁଥିବା ଡ୍ରାଇଭର ଯୁକ୍ତି ଦର୍ଶାଇଥିଲେ।

### ଅଗଷ୍ଟ ୩ରେ ଜ୍ଞାନବାପି ରାୟ

**ସେପର୍ଯ୍ୟନ୍ତ ଏଏସ୍‌ଆଇ ସର୍ଭେ ସ୍ଥଗିତ**

ନୂଆଦିଲ୍ଲୀ,୨୭।୭

ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦ ସ୍ଥଳର ସର୍ଭେ କରିବା ନେଇ ଆଲ୍ଲାହାବାଦ ହାଇକୋର୍ଟ ଅଗଷ୍ଟ ୩ରେ ରାୟ ଘୋଷଣା କରିବେ।



ସେପର୍ଯ୍ୟନ୍ତ ଉକ୍ତ ସ୍ଥଳର ସର୍ଭେ ଉପରେ ଅଦାଲତ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ମସ୍‌ଜିଦ ସର୍ଭେ ସୋମବାରଠାରୁ ସ୍ଥଗିତ ରହିଥିବାବେଳେ ବୁଧବାର ଏହାକୁ ଜୁଲାଇ ୨୭ ବଢ଼ାଯାଇଥିଲା। ଗୁରୁବାର ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରୀତିଙ୍କର ଦିୱାକର ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟକୁ ଅଗଷ୍ଟ ୩ ଯାଏ ସଂରକ୍ଷିତ ରଖିଛନ୍ତି। ସର୍ଭେ ବେଳେ ମସ୍‌ଜିଦ ଢାଞ୍ଚାର କୌଣସି କ୍ଷତି ହେବ ନାହିଁ ବୋଲି ଏଏସ୍‌ଆଇର ଅତିରିକ୍ତ ନିର୍ଦ୍ଦେଶକ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଜଣାଇଥିଲେ।

ଜ୍ଞାନବାପି ମସ୍‌ଜିଦ ମନ୍ଦିର ଢାଞ୍ଚା ଉପରେ ଗଢ଼ାଯାଇଛି କି ନାହିଁ, ଏହାର ଏଏସ୍‌ଆଇ ସର୍ଭେ ପାଇଁ ବାରାଣସୀ ଜିଲା କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ। ଏହା ବିରୋଧରେ ମସ୍‌ଜିଦ ପରିଚାଳନା ଦାୟିତ୍ୱରେ ଥିବା ଅଞ୍ଜୁମନ ଇନ୍ତେଜାମିଆ ମସ୍‌ଜିଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତଳକୋର୍ଟ ବିରୋଧରେ ଅପିଲ୍ ପାଇଁ ମସ୍‌ଜିଦ ପରିଚାଳନା କମିଟିକୁ ସୁଯୋଗ ଦେବା ନିମନ୍ତେ ସୁପ୍ରିମକୋର୍ଟ ଏଏସ୍‌ଆଇ ସର୍ଭେକୁ ବୁଧବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ।

### ସିନେମାଟୋଗ୍ରାଫ ସଂଶୋଧନ ବିଲ୍ ରାଜ୍ୟ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୭।୭(ପି.ଟି.)

**ସିନେମା କାହାଣୀର ନକଲ ରୋକିବ**

ସିନେମାଟୋଗ୍ରାମ୍ (ସଂଶୋଧନ) ବିଲ୍ ଗୁରୁବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ସିନେମା କାହାଣୀର ନକଲ ରୋକିବା ଏବଂ ଲାଇସେନ୍ସ ପ୍ରକ୍ରିୟାର ସରଳୀକରଣ ଏହି ବିଲ୍‌ର ଉଦ୍ଦେଶ୍ୟ। ଭାରତ କଥାକାରମାନଙ୍କ ଦେଶ ହୋଇଥିବାରୁ ଏହା ବିଶ୍ୱର ବିଷୟବସ୍ତୁଗୁଡ଼ିକର କେନ୍ଦ୍ର ହେବା ଆବଶ୍ୟକ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏହି ଅବସରରେ କହିଛନ୍ତି। ଦ୍ରୁତ ବଢୁଥିବା ଚଳଚ୍ଚିତ୍ର ଶିଳ୍ପକୁ ଦକ୍ଷ ଶ୍ରମଶକ୍ତି ଯୋଗାଇଦେବା ଲାଗି ସରକାର ଖୁବ୍‌ଶୀଘ୍ର ଆନିମେଶନ, ଭିଜୁଆଲ ଇଫେକ୍ଟସ୍, ଗେମିଂ ଓ କମିକ୍ସ(ଏଭିଜିସି) ନିମନ୍ତେ ଶିକ୍ଷାନୁଷ୍ଠାନ ଖୋଲିବେ ବୋଲି ବିଲ୍ ଉପରେ ଆଲୋଚନା ବେଳେ ଉତ୍ତର ରଖିଥିଲେ ଅନୁରାଗ। ସଂକ୍ଷିପ୍ତ ଆଲୋଚନା ପରେ ବିଲ୍‌ଟି ବାଚନିକ ଭୋଟରେ ଗୃହୀତ ହୋଇଥିଲା। ଏହାକୁ ଲୋକ ସଭାର ଅନୁମୋଦନ ପାଇଁ ପଠାଯିବ। ତେବେ ବିଲ୍ ଆଗତ ବେଳେ ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

# ହିମାଳୟରେ ରହିଛି ପ୍ରାଚୀନ ସମୁଦ୍ର

ନୂଆଦିଲ୍ଲୀ,୨୭।୭

**ଭାରତୀୟ ବୈଜ୍ଞାନିକଙ୍କ ଆବିଷ୍କାର**

ହିମାଳୟ ପର୍ବତମାଳାରେ ପ୍ରାଚୀନ ହିମାଳୟର ଅବଶେଷ ରହିଥିବା ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଓଏସ୍‌ସି) ଏବଂ ଜାପାନର ନିଗାଟା ୟୁନିଭର୍ସିଟିର ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି। ହିମାଳୟ ଆଭ୍ୟନ୍ତରରେ ଥିବା ଖଣିଜ ମଧ୍ୟରୁ ବୈଜ୍ଞାନିକମାନେ ଜଳବିନ୍ଦୁର ସନ୍ଧାନ ପାଇଛନ୍ତି, ଯାହା ପ୍ରାୟ ୬୦ କୋଟି ବର୍ଷର ପୁରୁଣା। ପୃଥିବୀ ଅତୀତର ଗୁରୁତ୍ୱପୂର୍ଣ୍ଣ ଅକ୍ସିଜେନେଶନ ପ୍ରକ୍ରିୟା ଉପରେ ଏହା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇପାରେ ବୋଲି କୁହାଯାଉଛି।

ପ୍ରିକାମ୍ବ୍ରିଆନ ରିସର୍ଚ୍ଚରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ହିମାଳୟ ଆଭ୍ୟନ୍ତରରେ ଗଚ୍ଛିତ ଖଣିଜ ସାମଗ୍ରୀ ମଧ୍ୟରେ କାଲ୍‌ସିୟମ ଏବଂ ମାଗ୍ନେସିୟମ କାର୍ବୋନେଟ୍ ରହିଛି। ପାଲେଓ ଓସନ ପାଇଁ ଏହା ଟାଇମ୍ କ୍ୟାପ୍‌ସୁଲ ସଦୃଶ ବୋଲି ଆଇଆଇଏସ୍‌ସିରେ ସେଣ୍ଟର ଫର୍ ଆର୍ଥ ସାଇନ୍ସର ପିଏଚ୍.ଡି. ଛାତ୍ର ପ୍ରକାଶ ଚନ୍ଦ୍ର ଆର୍ଯ୍ୟ କହିଛନ୍ତି। ବୈଜ୍ଞାନିକମାନଙ୍କ ଅନୁଯାୟୀ ୫୦୦ରୁ ୭୦୦ ନିୟୁତ ବର୍ଷ ପୂର୍ବେ ପୃଥିବୀ ଦୀର୍ଘ ସମୟ ହିମାଚ୍ଛାଦିତ ଥିଲା, ଯାହା ସ୍ନୋବଲ୍ ଆର୍ଥ ଗ୍ଲାସିଏଶନ ଭାବେ ଜଣାଶୁଣା। ଏହା ପରେ ଦ୍ୱିତୀୟ ଗ୍ରେଟ ଅକ୍ସିଜେରେରେଶନ ଇଭେଣ୍ଟ ବାୟୁମଣ୍ଡଳୀୟ ଅମ୍ଳଜାନ ସ୍ତର ସୃଷ୍ଟି କରିବା ସହ ଜଟିଳ ଜୈବ ବିବର୍ତ୍ତନ ହୋଇଥିଲା। ତେବେ ଉତ୍ତର ସଂରକ୍ଷିତ ଜୀବାଶ୍ମର ଅଭାବ ଏବଂ ପ୍ରାଚୀନ ସମୁଦ୍ର ଅନ୍ତର୍ଦ୍ଧାନ ହୋଇଯିବାରୁ ଏହିସବୁ ପ୍ରକ୍ରିୟା ସହ ସମ୍ପୃକ୍ତ ରହସ୍ୟମୟ ହୋଇ ରହିଯାଇଥିବା ବୈଜ୍ଞାନିକମାନେ କହିଛନ୍ତି।





ଭୁବନେଶ୍ୱର ତମାଣ୍ଡୋ ଠାରେ ଡିଭାଇନ ଲାଇଟ୍ ହାଉସ୍ ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଏବଂ ଅନ୍ୟ ଅତିଥିମାନେ।

# ‘ମଣିଷ ଜୀବନ ଏକ ପିଆଜ ପରି’

## ଡିଭାଇନ ଲାଇଟ୍ ହାଉସ୍ ଶିଳାନ୍ୟାସ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)**

ମଣିଷ ଜୀବନ ଏକ ‘ପିଆଜ’ ସଦୃଶ, ଯେତେ ଛଡ଼ାଇବ ଭିତରେ କିଛି ନ ଥିବ। ସେମିତି ମଣିଷ ଜୀବନ ଏକ ପାନିଆ ଭଳି, ମୁଣ୍ଡରୁ ଚୁଟି ଝଡ଼ିଗଲେ ପାନିଆର ମୂଲ୍ୟ କିଛି ନ ଥିବ। ରାଜଧାନୀ ଉପକଣ୍ଠ ତମାଣ୍ଡୋ ଦଶବାଟିଆଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଏପରି ଅଭିଭାଷଣ ରଖିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ‘ଡିଭାଇନ ଲାଇଟ ହାଉସ’ ବା ‘ଦୈବିକ ଆଲୋକ ଭବନ’ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେମିନାର ଓ ସମ୍ମିଳନୀ ଆୟୋଜନ ନେଇ ଚଳିତ ବର୍ଷର ବିଷୟବସ୍ତୁ ‘ସକାରାତ୍ମକ ପରିବର୍ତ୍ତନର ବର୍ଷ’ କାର୍ଯ୍ୟକ୍ରମର ସେ ଶୁଭାରମ୍ଭ କରିଛନ୍ତି। ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ କହିଥିଲେ, ମାନବ ଜଗତ ପାଇଁ ଉଭୟ ଭୌତିକ ଓ ଆଧ୍ୟାତ୍ମିକ ବିକାଶ ଜରୁରୀ। ପ୍ରଯୁକ୍ତି ପରିବର୍ତ୍ତନର ବାହକ ଏବଂ ସେହି ପରିବର୍ତ୍ତନକୁ ଅଣଦେଖା କରାଯାଇ ପାରିବ ନାହିଁ, କାରଣ ବିକାଶ ପାଇଁ ଏହା ଜରୁରୀ। ଭୌତିକ ପରିବର୍ତ୍ତନ ଆମକୁ ଖୁସି ଦେଇପାରେ, କିନ୍ତୁ ଆଧ୍ୟାତ୍ମିକ ମାର୍ଗରେ ଚାଲିଲେ ମାନସିକ ଶାନ୍ତି ମିଳିଥାଏ। ଧ୍ୟାନ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀ ଜରିଆରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧ୍ୟାତ୍ମିକତାର ମାର୍ଗ ଦେଖାଉଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ରାଷ୍ଟ୍ରପତି ମୁର୍ମୁ କହିଥିଲେ, ବିଭିନ୍ନ ସମୟରେ ଅନେକ ନକାରାତ୍ମକ ଚିନ୍ତାଧାରା ଆମ ମାନସିକତାକୁ ପ୍ରଭାବିତ କରିଥାଏ। କିନ୍ତୁ ଆତ୍ମସମୀକ୍ଷା ନ କରିବା କାରଣରୁ, ଆମେ ନକାରାତ୍ମକ ବିଚାରର ଶିକାର ହୋଇଥାଉ। ଆମ ଭିତରେ ଈର୍ଷା ଓ ଘୃଣା ଭାବନା ବଢ଼ିଚାଲିଛି। ନକାରାତ୍ମକ ଚିନ୍ତାଧାରାର ମୁକାବିଲା କରିବା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ସକାରାତ୍ମକତା ଦିଗରେ ଅଗ୍ରସର ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ମାନବ ଜାତିକୁ ସଚେତନ କରିବା ଓ ସକାରାତ୍ମକ ଦିଗରେ ଅଗ୍ରସର ହେବା ଲାଗି ଲୋକଙ୍କୁ ସହାୟତା କରିବା ନେଇ ସେ ବ୍ରହ୍ମାକୁମାରୀ ସଙ୍ଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଏକ ଆମ୍ରପଲ୍ଲୀ ଆମ୍ବ ଗଛ ଚାରା ଲଗାଇଥିବାବେଳେ ରାଜ୍ୟପାଳ ପ୍ରଫେସର ଗଣେଶର ଲାଲ ଏକ ସପେଟା ଗଛ ଚାରା ଲଗାଇଥିବା ଦେଖିବାକୁ ମିଳିଥିଲା।

# ୩ ଦିନିଆ ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି


ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ବିଦାୟ ଦେଉଛନ୍ତି।

**ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)**

୩ଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଗୁରୁବାର ନୂଆଦିଲ୍ଲୀ ଫେରି ଯାଇଛନ୍ତି। ଗସ୍ତର ଶେଷଦିନରେ ରାଜଭବନରେ ବିଭିନ୍ନ ଜନଜାତିର ଲୋକଙ୍କ ସହିତ ସେ ଆଲୋଚନା କରିଥିଲେ। ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ ଦଶବାଟିଆଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେଇ ଜୀବନ ଦର୍ଶନ ସମ୍ପର୍କିତ ଅଭିଭାଷଣ ରଖିବା ସହ ଚାରା ରୋପଣ କରିଥିଲେ। ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପ୍ରକାଶ ପାଇଥିଲା। ଗୁରୁବାର ଅପରାହ୍ନରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଫେରିଯାଇଥିଲେ। ବିମାନବନ୍ଦରରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ଜଣାଇଥିଲେ। ଏହି ସମୟରେ ମୁଖ୍ୟ ଶାସନ ସଚିବ, ପୋଲିସ କମିଶନର ଏବଂ ଭୁବନେଶ୍ୱର ମେୟର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ପ୍ରଘଟ

## ଓଏସ୍‌ଏସ୍‌ସି ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା

### ବିହାରରୁ ମାଷ୍ଟର ମାଇଣ୍ଡ ସମେତ ଆଉ ୮ ଗିରଫ

**ବାଲେଶ୍ୱର,୨୭।୭(ମାନସ ବିଶ୍ୱାଳ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଜେଇ ସିଭିଲ୍ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରିଣ୍ଟିଂ ପ୍ରେସ୍‌ରୁ ହିଁ ହୋଇଥିଲା। ଏଥିସହିତ ଏହି ମାମଲାରେ ପୋଲିସ ବିହାରରୁ ମାଷ୍ଟରମାଇଣ୍ଡଙ୍କ ସମେତ ଆଉ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୋଟ ଗିରଫ ସଂଖ୍ୟା ୧୭ ହେଲାଣି। ଗିରଫ ଅଭିଯୁକ୍ତମାନେ ବିହାର, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।



ଗୁରୁବାର ଅପରାହ୍ନରେ ଏସ୍‌ପି ଅଫିସ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନାଥ ସୂଚନା ଦେଇ କହିଛନ୍ତି ଯେ, ଏହି ମାମଲାରେ ପୂର୍ବରୁ ୯ଜଣ ଗିରଫ ହୋଇଥିବାବେଳେ ଗୁରୁବାର ମାଷ୍ଟରମାଇଣ୍ଡଙ୍କ ସମେତ ୮ଜଣଙ୍କୁ ଗିରଫ କରାଯାଇଛି। ଏବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପ୍ରଶ୍ନପତ୍ର ଲିକ୍ ଘଟଣାର ମାଷ୍ଟରମାଇଣ୍ଡ ବିହାରର ବିଶାଲ କୁମାର ଚୌରାସିଆ (୩୫), ବିକାଶ କୁମାର (୩୦), ପ୍ରିଣ୍ଟିଂପ୍ରେସ୍‌ର କର୍ମଚାରୀ ପଶ୍ଚିମବଙ୍ଗର ବୀରେନ୍ଦ୍ର ସିଂହ(୫୩), ଗଞ୍ଜାମର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ(୩୩), ପଟ୍ଟ ସୁନୀଲ (୩୩), ଯାଜପୁରର ସୁଶାନ୍ତ କୁମାର ସାହୁ (୪୨), ବାଲେଶ୍ୱରର ବଟକୃଷ୍ଣ ବେହେରା (୩୯) ଓ ପ୍ରସନ୍ନଜିତ ସାହୁ (୨୮)। ସେମାନଙ୍କ ନିକଟରୁ ୧୦ଟି ମୋବାଇଲ ସହ କିଛି ନଗଦ ଟଙ୍କା ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତମାନେ ନିଜର କନ୍‌ସଲଟାନ୍ସି ସର୍ଭିସେସ୍ ମାଧ୍ୟମରେ କଥାବାର୍ତ୍ତା କରନ୍ତି। କିନ୍ତୁ ଛାତ୍ରୀଛାତ୍ରଙ୍କ ସହ କିପରି କଥାବାର୍ତ୍ତା କଲେ ସେନେଇ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଜଣାପଡ଼ିବ। ବର୍ତ୍ତମାନ ଓଏସ୍‌ଏସ୍‌ସିର ଏହି ପରୀକ୍ଷାକୁ ଛାଡ଼ିଦେଲେ ଅନ୍ୟ କୌଣସି ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ି ନାହିଁ। କିନ୍ତୁ ଜବ୍ ଫ୍ରଡ୍ ନେଇ ଜଣାପଡୁଛି। ପ୍ରିଣ୍ଟିଂ ପ୍ରେସ୍‌ର କର୍ମଚାରୀ ବୀରେନ୍ଦ୍ର ପ୍ରଶ୍ନପତ୍ର ଲିକ୍ କରିଥିଲେ। ପ୍ରେସ୍‌ରୁ ପ୍ରଶ୍ନପତ୍ର ଆଣି ସେ ମାଷ୍ଟରମାଇଣ୍ଡ ବିଶାଲ୍‌ଙ୍କୁ ଦେଇଥିଲେ। ବିଶାଲ ବିହାରର ଜଣେ ସରକାରୀ ଅଧିକାରୀ। ତାଙ୍କୁ ଜୁଲାଇ ୯ରୁ ୧୧ତାରିଖ ମଧ୍ୟରେ ବୀରେନ୍ଦ୍ର ପ୍ରେସରୁ ପ୍ରଶ୍ନପତ୍ର ଆଣି ଦେଇଥିଲେ। ଉଭୟ ବିଶାଲ୍ ଏବଂ ବୀରେନ୍ଦ୍ର ଗୋଟିଏ ଗ୍ରାମର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ପ୍ରିଣ୍ଟିଂ ପ୍ରେସ୍ ଓଡ଼ିଶା ବାହାରେ ରହିଛି। ଓଡ଼ିଶାରୁ ଗିରଫ ଲୋକ କେବଳ ମଧ୍ୟସ୍ଥ କାମ କରୁଥିଲେ। ଏହି ଘଟଣାରେ ଓଡ଼ିଶାରୁ କୌଣସି ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଜଣାପଡ଼ିନି। ଅଧିକ ତଦନ୍ତ ଜାରି ରହିଛି। ପୂରା ମାମଲାକୁ ଆଧାର କରି ସୋର୍ସରୁ କ୍ୟାଣ୍ଡିଡେଟ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିହ୍ନଟ କରାଯାଉଥିବା ନାଥ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖରେ ଓଏସ୍‌ଏସ୍‌ସି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ ସୂଚନା ମିଳିଥିଲା। ଲୋକାଲ ଇଣ୍ଟେଲିଜେନ୍ସ ରିପୋର୍ଟକୁ ଆଧାର କରି ବାଲେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ ସହଦେବଖୁଣ୍ଟା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ଏକ ଗ୍ରୁପ୍‌କୁ ଠାବ କରିଥିଲା। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ସଂଗ୍ରହ କରି ଦୀଘା ନିକଟରେ ଏକ ହୋଟେଲରୁ ଘଟଣାରେ ସମ୍ପୃକ୍ତ ୯ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୧୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ୨ଟି ଟ୍ରାଭେଲର୍ସ, ନଗଦ ୨୨ହଜାର ୫ଶହ ଟଙ୍କା ଜବତ କରାଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିଲା। କିନ୍ତୁ ସେତେବେଳେ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି କି ନାହିଁ ଜଣାପଡ଼ି ନ ଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଥିଲା। ଏନେଇ ଗତ ୨୩ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକ ଏକ ଖବରଦାତା ସମ୍ମିଳନୀ କରି ପ୍ରଶ୍ନପତ୍ର ଲିକ୍ ହୋଇଥିବାର ସୂଚନା ଦେବା ସହ ଓଏସ୍‌ଏସ୍‌ସିକୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିବା କହିଥିଲେ। ଫଳରେ ଆଗାମୀ ଦିନରେ ହେବାକୁ ଥିବା ଓଏସ୍‌ଏସ୍‌ସି ଜେଇ ସିଭିଲ୍ ମେନ୍ ପରୀକ୍ଷା ବାତିଲ୍ କରାଯାଇଥିଲା।




## ଶନିବାର ମହରମ ଛୁଟି ଘୋଷଣା କଲେ ସରକାର

ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର): 'ମହରମ୍' ଆସନ୍ତା ୨୯ ତାରିଖରେ ପଡୁଥିବାରୁ ରାଜ୍ୟ ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାରକୁ 'ମହରମ୍' ନିମନ୍ତେ ଛୁଟି ଘୋଷଣା କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ ବିଜ୍ଞପ୍ତି ଅନୁସାରେ ଜୁଲାଇ ୨୮ ପରିବର୍ତ୍ତେ ଶନିବାର ୨୯ ତାରିଖ 'ମହରମ୍' ନିମନ୍ତେ ଛୁଟି ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ଶନିବାର ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେଆଲ୍ କୋର୍ଟ (ଏକ୍‌ଜିକ୍ୟୁଟିଭ୍) ବନ୍ଦ ରହିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଗଲା ବୋହୂ ଅଇଲା**
**ଯୋଉ ତିନିକୁ ସେଇ ତିନି।**

ଝିଅ ବାହାହୋଇ ଶାଶୂଘରକୁ ଚାଲିଗଲେ ତା'ସ୍ଥାନରେ ଯଦି ବୋହୂଟିଏ ଆସେ, ତେବେ ସେ ଘର ପୁଣି ପୂରି ଉଠେ। ଝିଅ ଚାଲିଗଲା ପରେ ସୃଷ୍ଟି ହୋଇଥିବା ଖାଲି ସ୍ଥାନକୁ ବୋହୂ ପୂରଣ କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝିଲିମିଲି ଶାଢ଼ି ସାଇତି ରଖିଲେ**
**ଦିନେ ହେଲେ ଚିରିଯିବ**
**ସ୍ନେହ ମମତାକୁ ସାଇତି ରଖିଲେ**
**ଚିରଦିନ ପାଇଁ ଥିବା।**

କୌଣସି ସୌଖୀନ ସାମଗ୍ରୀ କେବେହେଲେ ଚିରସ୍ଥାୟୀ ହୋଇପାରେନାହିଁ। ପରନ୍ତୁ ସ୍ନେହ ମମତାକୁ ବଞ୍ଚାଇ ରଖିଲେ ତାହା ଚିରଦିନ ପାଇଁ କାମ ଦେଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଓଡ଼ିଶାରେ ପ୍ରତିଷ୍ଠା ହେବ ସିଲିକନ୍ କାର୍ବାଇଡ୍ ପ୍ଲାଣ୍ଟ

ଭୁବନେଶ୍ୱର,୨୭।୭(ଅନିଲ ଦାସ)

ଓଡ଼ିଶାରେ ପ୍ରତିଷ୍ଠା ହେବ ସିଲିକନ୍ କାର୍ବାଇଡ୍ ପ୍ଲାଣ୍ଟ। ଆମେରିକାସ୍ଥିତ ସିଲିକନ୍ ଗ୍ରୁପ୍ ଓଡ଼ିଶାରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଥିପାଇଁ ସିଲିକନ୍ ପାୱାର ଗ୍ରୁପ୍ ୧ ହଜାର କୋଟିର ପୁଞ୍ଜି ନିବେଶ କରିବ। ପ୍ରଥମଥର ପାଇଁ ଓଡ଼ିଶାରେ ଏଭଳି ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହା ୧୫୦ ଏମ୍‌ଏମ୍ କ୍ଷମତା ବିଶିଷ୍ଟ ହେବ। ୧୮ରୁ ୨୪ ମାସ ମଧ୍ୟରେ ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ। ଖୁବ୍‌ଶୀଘ୍ର ସିଲିକନ୍ ପାୱାରର ଏକ ଟିମ୍ ଓଡ଼ିଶା ଗସ୍ତରେ ଆସିବ। ଆମେରିକା ଗସ୍ତରେ ଥିବା ରାଜ୍ୟ ସରକାରଙ୍କ ଏକ ଟିମ୍ ସିଲିକନ୍ ଗ୍ରୁପ୍ ସହ ଏ ନେଇ ଆଲୋଚନା କରିଛି। ସିଲିକନ୍ ଗ୍ରୁପ୍‌ର ସହବନ୍ଧିତ ଭାରତୀୟ କମ୍ପାନୀ ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଦ୍ୱାରା ଏହି ପୁଞ୍ଜିନିବେଶ କରିବ। ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଗତ ୪ ଦଶନ୍ଧି ଧରି ଖ୍ୟାତି ଅର୍ଜନ କରିଥିବା ଗ୍ରୁପ୍‌ର ପ୍ରମୋଟର ହର୍ଷଦ ମେହେଟ୍ଟା ଏ ନେଇ ଆମେରିକା ଗସ୍ତରେ ଥିବା ଓଡ଼ିଶା ସରକାରଙ୍କ ପ୍ରତିନିଧିମଣ୍ଡଳୀକୁ ଲେଟର ଅଫ୍ ଇଣ୍ଟେଣ୍ଟ (ଏଲ୍‌ଓଆଇ) ପ୍ରଦାନ କରିଛନ୍ତି।

ହାଇପାୱାର ସେମିକଣ୍ଡକ୍ଟର ଡିଭାଇସ ଏବଂ ୟୁଟିଲିଟି ଆପ୍ଲିକେବଲ ସିଷ୍ଟମ୍‌ର ଡିଜାଇନ, ବିକାଶ ଓ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବୃହତ୍ ବୈଷୟିକ ଜ୍ଞାନକୌଶଳ ବିକାଶ ସଂସ୍ଥା ଭାବେ ୟୁଏସ୍ ସିଲିକନ୍ ପାୱାର ଖ୍ୟାତି ଅର୍ଜନ କରିଛି। ରାଜ୍ୟରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌ର ବିକାଶ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ମେହେଟ୍ଟାଙ୍କ ନେତୃତ୍ୱରେ କମ୍ପାନୀର ଏକ ଟିମ୍ ଆସନ୍ତା ମାସକ ମଧ୍ୟରେ ଓଡ଼ିଶା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ଶିଳ୍ପ ପ୍ରକଳ୍ପ ପାଇଁ ଥିବା ଅନୁକୂଳ ପରିବେଶ ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ନୀତି ଜରିଆରେ ଯୋଗାଇ ଦିଆଯାଉଥିବା ପ୍ରୋତ୍ସାହନ ବିଷୟରେ ଓଡ଼ିଶା ଟିମ୍ ସିଲିକନ୍ ଗ୍ରୁପ୍‌କୁ ଅବଗତ କରାଇଛି। ନିକଟରେ ରାଜ୍ୟ କ୍ୟାବିନେଟରେ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫ୍ୟାବଲେସ୍ ପଲିସିକୁ ଅନୁମୋଦନ ଦିଆଯାଇଥିବା ବିଷୟ ମଧ୍ୟ ଟିମ୍ ଆଲୋଚନା ବେଳେ ଉଲ୍ଲେଖ କରିଥିଲା। ଆଲୋଚନା ପରେ କମ୍ପାନୀ ପକ୍ଷରୁ ରାଜ୍ୟରେ ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଏଲ୍‌ଓଆଇ ପ୍ରଦାନ କରାଯାଇଛି। ସିଲିକନ୍ ପାୱାର ମିଡିୟମ ଭୋଲ୍‌ଟେଜ, ସବ୍‌ସାଇକେଲ ସୁଇଚିଂ ଟେକ୍ନୋଲୋଜି ଆଣ୍ଡ ସଲ୍ୟୁଶନ କ୍ଷେତ୍ରର ଏକ ଯୁଗାନ୍ତକାରୀ କମ୍ପାନୀ। ଏହି କମ୍ପାନୀ ଅନୁବନ୍ଧିତ କମ୍ପାନୀ ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଜରିଆରେ ଭାରତରେ ଏହାର କାରବାର କରୁଛି। ଆର୍‌ଆଇଆର୍ ଶିଳ୍ପଭିତ୍ତିକ, ଇଲେକ୍ଟ୍ରିକ ୟୁଟିଲିଟି, ରେଲୱେ, ପ୍ରତିରକ୍ଷା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି। ରାଜ୍ୟ ସରକାର ରାଜ୍ୟରେ କଟିଂ-ଏଜ୍ ମାନୁଫାକ୍ଚରିଂ ଓ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ପ୍ରତିବଦ୍ଧତା କ୍ଷେତ୍ରରେ ଅହରହ କାର୍ଯ୍ୟ କରୁଛନ୍ତି। ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

# ଆଜିଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ

ମାଲକାନଗିରି,୨୭।୭(ଦୁର୍ଯ୍ୟୋଧନ ପାତ୍ର)

ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ ହେବାକୁ ଯାଉଥିବା ବେଳେ ଜିଲାରେ ଯେପରି ମାଓବାଦୀଙ୍କ ଦ୍ୱାରା କୌଣସି ଅଘଟଣ ନ ଘଟେ ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଏସ୍‌ପି ନିତିଶ୍ ବାଧ୍ୱାନୀ ସୂଚନା ଦେଇଛନ୍ତି। ଏଥିସହ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ କୋମ୍ବିଂକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଗୋଇନ୍ଦା ବିଭାଗକୁ ସକ୍ରିୟ କରାଯାଇଛି। ଜିଲା ସୀମାନ୍ତରେ ଯାନବାହନ କଡାକଡି ଭାବେ ଯାଞ୍ଚ କରିବା ପାଇଁ ଆନ୍ଧ୍ରପ୍ରଦେଶ ସୀମାନ୍ତ ମୋଟୁ, ଛତିଶଗଡ ସୀମାନ୍ତ ଚଲାଣଗୁଡା ଓ ପଡିଆ ନିକଟ ଦର୍ଶାପାଲ୍‌ଠାରେ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଛି। ଜିଲାର ସମସ୍ତ ଟ୍ରାଫିକ ଅଞ୍ଚଳରେ ଅପରିଚିତ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ପୋଲିସ ମାଓବାଦୀଙ୍କ ସାମ୍ଭାବ୍ୟ ହିଂସାକାଣ୍ଡକୁ ଦୃଷ୍ଟିରେ ଓଡିଶା, ଛତିଶଗଡ, ଆନ୍ଧ୍ର ସୀମାକୁ ସିଲ କରି ଦିଆଯାଇଛି। ବିଏସଏଫ ପକ୍ଷରୁ ସ୍ୱତନ୍ତ୍ର ପୋଲିସ ମୁତୟନ କରଯାଇଛି। ଅନ୍ୟ ପକ୍ଷରେ ମାଓବାଦୀଙ୍କ ଶହୀଦ ସପ୍ତାହକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ବସ୍ ଶୁକ୍ରବାରରୁ ବନ୍ଦ ରହିବ। ମାଲକାନଗିରିଠାରୁ ଭୁବନେଶ୍ୱର, କଟକ, ବଲାଙ୍ଗୀର, ବିଶାଖାପାଟଣା, ବିଜୟନଗରମ୍ ଓ ହାଇଦ୍ରାବାଦକୁ ଯାଉଥିବା ସମସ୍ତ ସରକାରୀ ବସ୍‌ଗୁଡିକ ବନ୍ଦ ରହିବ।

# ହାତୀକୁ ନିଆଁହୁଳା ମାଡ଼

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ୨ ଅସ୍ଥାୟୀ ବନ କର୍ମଚାରୀ ଅଟକ

ବାରିପଦା,୨୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଞ୍ଚଳରେ ହାତୀ ପ୍ରତି ମଣିଷର ଅମାନୁଷିକ ଅତ୍ୟାଚାର ଦେଖିବାକୁ ମିଳିଛି। ହାତୀପଲକୁ ଘଉଡ଼ାଇବାକୁ ଯାଇ କେତେଜଣ ଯୁବକ ହାତୀ ପିଠିରେ ନିଆଁହୁଳା ମାଡ଼ କରିବା ଭଳି ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। ଦୁଧିଆଣି ରେଞ୍ଜ ଡୁମୁରିଆ ଗାଁରେ ଏଭଳି ହୃଦୟବିଦାରକ ଘଟଣାର ଘଟିଥିବା ବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣସ୍ୱରୂପ ୨ ଅସ୍ଥାୟୀ ବନ କର୍ମଚାରୀଙ୍କୁ ଅଟକ ରଖିଛି। ସେମାନେ ହେଲେ ବାପି ମାଝି ଓ ଦୀପକ ହେମ୍ବ୍ରମ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରକାଶ କରିଛନ୍ତି।

ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ଲୋକେ ହାତୀକୁ ଘଉଡ଼ାଇବା ପାଇଁ ମଶାଲ ପ୍ରସ୍ତୁତ କରି ବାଜା,ବାଣ ସହ ହୋହାଲ୍ଲା କରୁଛନ୍ତି। ଚାଷଜମିରେ ହାତୀ ଯିବା ବେଳେ ଲୋକମାନେ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ପଲରେ ଥିବା ପାଇଲଟ ହାତୀଟି ଆକ୍ରମଣ କରିବାକୁ ମାଡ଼ିଆସିଥିଲା। ମଶାଲ ଧରି ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ହେଲେ ନିଆଁ ଦେଖି ବୁଲି ପଳାଇଥିଲା। ଏହି ସମୟରେ ମଶାଲକୁ ହାତୀ ପିଠିରେ ମାଡ଼ କରିବା ଦ୍ୱାରା ତେଲ ଦ୍ୱାରା ପ୍ରସ୍ତୁତ ମଶାଲରୁ ନିଆଁ ଲାଗି ହାତୀ ପିଠିରେ ହୁତୁ ହୁତୁ ଜଳୁଥିବା ଭିଡିଓରୁ ସ୍ପଷ୍ଟ ଦେଖାଯାଉଛି। ହାତୀକୁ ଦୁଇଥର ନିଆଁ ଲଗାଇବା ଦ୍ୱାରା ହାତୀଟି ଜୀବନ ବିକଳରେ ଅଞ୍ଚଳ ଛାଡ଼ି ପଳାଇଥିଲା। ଘଟଣା ଗତ ୧୫ ତାରିଖର ହୋଇଥିବା ବେଳେ ଭିଡିଓ ଭାଇରାଲ ପରେ ବନ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ୨ ଅସ୍ଥାୟୀ ବନ କର୍ମଚାରୀଙ୍କୁ ବନ ବିଭାଗ ଅଟକ ରଖିଛି। ଦୁଇ କର୍ମଚାରୀ କେଉଁ କାରଣ ପାଇଁ ଏପରି କାର୍ଯ୍ୟ କଲେ ତାଙ୍କୁ ରିପୋର୍ଟ ମଗାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ହାତୀପଲ କରଞ୍ଜିଆ ବନଖଣ୍ଡରେ ମାସକ ମଧ୍ୟରେ ୩୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ବ୍ୟାପକ ଚାଷଜମି କ୍ଷୟକ୍ଷତି କରିଛନ୍ତି। ଘର ଭାଙ୍ଗି ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ପନିପରିବା ବାଡ଼ିରେ ପଶି ନଷ୍ଟ କରୁଛନ୍ତି।

# କୋଇଲା ବୋଝେଇ ଟ୍ରେନ୍‌ର ୨ ବଗିରେ ନିଆଁ

ଡେରାବିଶ, ୨୭।୭ (ବେବର୍ତ୍ତା ଅଜୟ ଦାସ)



ହରିଦାସପୁର-ପାରାଦୀପ ରେଳପଥର ଡେରାବିଶ ବ୍ଲକ ଅନ୍ତର୍ଗତ ବାଜିପଡ଼ା ରେଳଷ୍ଟେଶନ୍ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ କୋଇଲା ବୋଝେଇ ଟ୍ରେନ୍‌ର ୨ଟି ବଗିରେ ନିଆଁ ଲାଗିଥିଲା। ଏହାକୁ ଦେଖି ବାଜିପଡ଼ା ଷ୍ଟେଶନ୍ ନିକଟରେ ଟ୍ରେନଟିକୁ ଅଟକାଇ ଦିଆଯାଇଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ସୁକାନ୍ତ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଲେ ପୂର୍ବାହ୍ନରେ ପାରାଦୀପରୁ ଆସୁଥିବା କୋଇଲା ବୋଝେଇ ଟ୍ରେନର ୨ଟି ବଗିରେ ଧୂଆଁ ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଟ୍ରେନ୍‌ଟିକୁ ଷ୍ଟେଶନ୍ ନିକଟରେ ଅଟକାଇ ଏହି ଲାଇନ୍‌ର ପାୱାର କଟ୍ କରିବା ପାଇଁ ଖୋର୍ଦ୍ଧାରେ ଥିବା ରେଳପଥ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲା। ପରେ ପାୱାର କଟ୍ କରାଯାଇଥିଲା। ତେବେ ଅଟକି ଥିବା ଟ୍ରେନ୍‌ର ବଗିରୁ ନିଆଁ ଲିଭାଇବା ପାଇଁ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବିଭାଗ କର୍ମଚାରୀମାନେ ଅପରାହ୍ନ ସାଢ଼େ ୨ଟାରେ ନିଆଁ ଲିଭାଇଥିଲେ। ତେବେ ଏହି ରେଳପଥ ଦେଇ ଚଳାଚଳ କରୁଥିବା ଅନ୍ୟ ମାଲବାହୀ ଟ୍ରେନ୍‌ଗୁଡ଼ିକୁ କେନ୍ଦ୍ରାପଡ଼ା ଓ ଲଳିତଗିରି ବୌଦ୍ଧ ବିହାର ଷ୍ଟେଶନ୍ ଛକରେ ମଧ୍ୟ ଅଟକା ଯାଇଥିଲା। ନିଆଁ ଲାଗିଥିବା ଏହି କୋଇଲା ବୋଝେଇ ଟ୍ରେନ୍‌ଟି ବାଜିପଡ଼ା ଷ୍ଟେଶନ୍ ନିକଟରେ ଅଟକି ରହିଥିବା ବେଳେ ନିଆଁ ଲାଗିବାର କାରଣ ସମ୍ପର୍କରେ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉଥିବା ନେଇ ଷ୍ଟେଶନ୍ ମାଷ୍ଟର ପଟ୍ଟନାୟକ ସୂଚନା ଦେଇଛନ୍ତି। ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣ ହେବା ପରେ ଏହି ରେଳପଥରେ ଏହା ପ୍ରଥମ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ବଗି ଛାଡ଼ି ୫୦୦ ମିଟର ପଳାଇଲା ଇଞ୍ଜିନ

ଚଣ୍ଡିଖୋଲ,୨୭।୭(ପ୍ରଦୀପ୍ତ କୁମାର ପୃଷ୍ଟି)



ହରିଦାସପୁର-ପାରାଦୀପ ରେଳପଥରେ ଗୁରୁବାର ସକାଳେ ଏକ ମାଲ୍‌ବାହୀ ଟ୍ରେନ୍ ବଗି ଛାଡ଼ି ପଳାଇଛି। ପାରାଦୀପ ଆଡୁ ହରିଦାସପୁର ଅଭିମୁଖେ ଯାଉଥିବା ଉକ୍ତ ଟ୍ରେନ ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ବାଲିଚନ୍ଦ୍ରପୁର ସନ୍ନିକଟ ପତରାଜପୁରଠାରେ ବଗିକୁ ଛାଡ଼ି ୫୦୦ ମିଟର ଦୂରକୁ ପଳାଇ ଯାଇଥିଲା। ଟ୍ରେନ୍ ଡ୍ରାଇଭର ଏକଥା ଜାଣିପାରି ସଙ୍ଗେସଙ୍ଗେ ବିଭାଗୀୟ ଅଧିକାରୀମାନଙ୍କୁ ଖବର ଦେଇଥିଲେ। ଖବରପାଇ ଟେକ୍ନିସିଆନମାନେ ପହଞ୍ଚି ପୁନର୍ବାର ବଗିକୁ ସଂଯୋଗ କରିବା ପରେ ଟ୍ରେନ ହରିଦାସପୁର ଅଭିମୁଖେ ଯାଇଥିଲା।

ଏହା ପୂର୍ବତଟ ରେଳପଥ ଅଧୀନରେ ରହିଥିବାବେଳେ ଏହାର ଦୋହରୀକରଣ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ। ଦୀର୍ଘ ୩ ବର୍ଷ ହେବ ଏହି ରେଳପଥରେ କେବଳ ମାଲ୍‌ବାହୀ ଟ୍ରେନ ଚାଲୁଛି। ଏ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ଚାଲିନାହିଁ। ଯଦି ଟ୍ରେନ ଲାଇନଚ୍ୟୁତ ହୋଇଥାନ୍ତା କିମ୍ବା ପାସେଞ୍ଜର ଟ୍ରେନ୍ ହୋଇଥାନ୍ତା ତେବେ ବଡ଼ ଦୁର୍ଘଟଣା ଘଟିଥାନ୍ତା ବୋଲି କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଟ୍ରେନ୍ ଇଞ୍ଜିନରୁ ବଗି ଅଲଗା ହେବା ସମୟରେ ଏକ ବଡ଼ ଶବ୍ଦ ଶୁଣାଯାଇଥିଲା। ଇଞ୍ଜିନ କିଛି ରାସ୍ତା ଯିବା ପରେ ଅଟକି ଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଦେଶରେ କ'ଣ କେହି...

କାରୋଲ ସାମିଲ ଥିବା ଏହି ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ ସରକାରଙ୍କୁ ପ୍ରଶ୍ନ କରିଥିଲେ, ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ଆମେ କ'ଣ କେବଳ ଜଣେ ଅଧିକାରୀଙ୍କ ଉପରେ ନିର୍ଭରଶୀଳ ହୋଇ ରହିବା? ତାଙ୍କ ବ୍ୟତୀତ ଇଡିରେ ଆଉ କେହି ଯୋଗ୍ୟ ଅଧିକାରୀ ନାହାନ୍ତି କି? ସମ୍ପୂର୍ଣ୍ଣ ବିଭାଗରେ କ'ଣ ସବୁ ଅଯୋଗ୍ୟ ଲୋକ ଭର୍ତ୍ତି ହୋଇଛନ୍ତି ବୋଲି ମେହେଟ୍ଟାଙ୍କୁ ଖଣ୍ଡପୀଠ ପଚାରିଥିଲେ। ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏଫ୍‌ଏଟିଏଫ୍‌ର ଗ୍ରେ ଲିଷ୍ଟ୍ (ଧୂସର ତାଲିକା)ରେ ଭାରତକୁ ସ୍ଥାନିତ କରିବା ପାଇଁ କେତେକ ପଡ଼ୋଶୀ ରାଷ୍ଟ୍ର ଚାହୁଁଛନ୍ତି। ତେଣୁ ଇଡି ମୁଖ୍ୟ ଭାବେ ସଞ୍ଜୟ ରହିବା ଜରୁରୀ।

**ଅବଧି ବୃଦ୍ଧିକୁ ବେଆଇନ ଦର୍ଶାଇଥିଲେ ସୁପ୍ରିମକୋର୍ଟ**

ବିରୋଧୀ ଦଳଗୁଡ଼ିକର ମୁହଁ ବନ୍ଦ ପାଇଁ କେନ୍ଦ୍ରର ମୋଦି ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ସଞ୍ଜୟ ମିଶ୍ରାଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୦ ନଭେମ୍ବରରେ ସଞ୍ଜୟ ୬୦ ବର୍ଷରେ ଉପନୀତ ହୋଇ ଅବସର ନେବାର ଥିଲା। କିନ୍ତୁ ତାଙ୍କ ୨ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ବର୍ଷେ ବଢ଼ାଇଦେଇଥିଲେ, ଯାହାକୁ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) କମନ୍ କଜ୍ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ କେନ୍ଦ୍ର ସରକାର ଏହା ପୂର୍ବରୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟରେ ସଂଶୋଧନ ଆଣିଥିବାରୁ ୨୦୨୧ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ନିଯୁକ୍ତି ଅବଧି ବୃଦ୍ଧିକୁ ଅନୁମତି ଦେଇଥିଲେ। ଏହି ଅବଧି ୨୦୨୧ ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ସରକାର ଏହାକୁ ପୁଣି ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଇଥିଲେ। ସଞ୍ଜୟଙ୍କ ଶେଷ ବର୍ଦ୍ଧିତ ଅବଧି ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରହିଥିଲା। ୩ ଥର ଅବଧି ବୃଦ୍ଧି ମଧ୍ୟରେ ସଞ୍ଜୟ ଅନେକ ହାଇ-ପ୍ରୋଫାଇଲ ରାଜନେତା ବିଶେଷକରି ବିରୋଧୀ ନେତାମାନଙ୍କ ବିରୋଧରେ ତଦନ୍ତ ଚଳାଇ ଚର୍ଚ୍ଚିତ ଓ ବିବାଦୀୟ ହୋଇଥିଲେ। ତେଣୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସରକାର ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ବଢ଼ିଥିଲା। ଇତିମଧ୍ୟରେ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା, ଜୟା ଠାକୁର ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ମେ' ୮ରେ ଉକ୍ତ ଆବେଦନଗୁଡ଼ିକର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଜୁଲାଇ ୧୧ରେ ଖଣ୍ଡପୀଠ ରାୟ ପ୍ରକାଶ କରି ସଞ୍ଜୟଙ୍କ ତୃତୀୟ କାର୍ଯ୍ୟକାଳ ବୃଦ୍ଧିକୁ ବେଆଇନ ଦର୍ଶାଇଥିଲେ। ଖଣ୍ଡପୀଠ କହିଥିଲେ, ସଞ୍ଜୟଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୧ରେ ଦିଆଯାଇଥିବା ରାୟରେ ଥିବା ନିୟମକୁ ଉଲ୍ଲଂଘନ କରୁଛି। ତେବେ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ନିରୋଧୀ ବୈଶ୍ୱିକ ଜଗୁଆଳି ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା ଚଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସହଜ ଦାୟିତ୍ୱ ହସ୍ତାନ୍ତର ପାଇଁ ସଞ୍ଜୟ ଜୁଲାଇ ୩୧ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ପଦରେ ରହିପାରିବେ। ଏହା ପରେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ମୁଖ୍ୟ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହା ସତ୍ତ୍ୱେ ସରକାର ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଞ୍ଜୟଙ୍କୁ ଇଡି ମୁଖ୍ୟ ପଦରେ ରହିବାକୁ ଦିଆଯାଉ ବୋଲି ଶୀର୍ଷ ଅଦାଲତରେ ପିଟିଶନ ଦାଖଲ କରିଥିଲେ।

## ଫେବୃୟାରୀ ୨୦ରୁ...

ଏହି ମାଟ୍ରିକ ପରୀକ୍ଷା ପୁରୁଣା ପଦ୍ଧତିରେ ହେବ ବୋଲି କୁହାଯାଇଛି। ପରୀକ୍ଷାକୁ ବ୍ୟବସ୍ଥିତ ଏବଂ ତ୍ରୁଟିଶୂନ୍ୟ କରିବାକୁ ୭ମାସ ପୂର୍ବରୁ ପରୀକ୍ଷା ତାରିଖ ଘୋଷଣା କରାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ହାଇସ୍କୁଲ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫେବୃୟାରୀ ୨୦ରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଛାତ୍ରୀଛାତ୍ରମାନେ ୨୦୨୩ ଅକ୍ଟୋବରରେ ଫର୍ମ ପୂରଣ କରିବେ। ପରୀକ୍ଷା ପରେ ମାର୍ଚ୍ଚ ୧୨ରୁ ଖାତା ଦେଖା ଆରମ୍ଭ ହେବ ଏବଂ ୧୨ଦିନ ମଧ୍ୟରେ ଖାତା ଦେଖା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପରୀକ୍ଷା ସମ୍ପର୍କିତ ବିସ୍ତୃତ ବିବରଣୀ ପରେ ଘୋଷଣା କରାଯିବ ବୋଲି କୁହାଯାଇଛି। ସେହିପରି ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ନେଇ ବୋର୍ଡ ପକ୍ଷରୁ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯାଇଛି। ସେହିପରି ପୂର୍ବବର୍ଷ ଅପେକ୍ଷା ଚଳିତ ଶିକ୍ଷା ବର୍ଷରେ ଖୁବଶୀଘ୍ର ପରୀକ୍ଷା ମଧ୍ୟ ହେବାକୁ ଯାଉଛି। ପ୍ରତ୍ୟେକ ବର୍ଷ ମାର୍ଚ୍ଚ, ଏପ୍ରିଲ ବେଳକୁ ପରୀକ୍ଷା ଅନୁଷ୍ଠିତ ହୋଇଥାଏ।

ପ୍ରକାଶ ଥାଉକି ମାଟ୍ରିକ ପରୀକ୍ଷା ଢାଞ୍ଚା ପରିବର୍ତ୍ତନ କରାଯାଇ ପୁରୁଣା ପଦ୍ଧତିରେ ପରୀକ୍ଷା କରାଯିବ ବୋଲି ପୂର୍ବରୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍ ପାଇଁ ହେଉଥିବା ୨ଟି ସମ୍ମେଟିଭ ପରୀକ୍ଷା ଆଉ ହେବନାହିଁ। ଏବେ କେବଳ ଦଶମରେ ଗୋଟିଏ ପରୀକ୍ଷା କରାଯିବ ବୋଲି ଘୋଷଣା କରାଯାଇଛି। କରୋନା ପାଇଁ ସମ୍ମେଟିଭ ବ୍ୟବସ୍ଥା ହୋଇଥିଲା। କରୋନା ପରେ ପୁଣି ପୁରୁଣା ପରୀକ୍ଷା ପଦ୍ଧତିରେ ପରୀକ୍ଷା କରିବା ଲାଗି ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସିବିଆଇକୁ ତଦନ୍ତ...

ବର୍ବର ଅପରାଧର ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୁରୁବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ମଣିପୁରରେ ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମେ' ୩ରୁ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ କୁକି ସମ୍ପ୍ରଦାୟ ଉପରେ ଆକ୍ରମଣ ଏବଂ ଜାତିଆଣ ହିଂସା ଲାଗିରହିଛି। ମେ' ୪ରେ ସେନାପତି ଜିଲା କାଙ୍ଗ୍‌ପୋକ୍‌ପିଠାରେ କୁକି-ଜୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଏକ ବିଲକୁ ନେଇ ମେଇତି ସମ୍ପ୍ରଦାୟର ସଶସ୍ତ୍ରଲୋକେ ଗଣବଳାତ୍କାର କରିଥିଲେ। ତାଙ୍କ ସହ ଆଉ ଜଣେ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ପରେଡ୍ ମଧ୍ୟ କରିଥିଲେ, ଯାହାର ଭିଡିଓ ମେ' ୧୯ରୁ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ପାର୍ଲାମେଣ୍ଟ ଅଚଳ ହୋଇଯାଇଥିବାବେଳେ କେନ୍ଦ୍ର ସରକାର ଏହି ମାମଲାର ତଦନ୍ତ ମଣିପୁର ବାହାରେ କରାଇବା ପାଇଁ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଭୟ ମେଇତି ଓ କୁକି ସମ୍ପ୍ରଦାୟ ସହ ଆଲୋଚନା କରୁଛନ୍ତି। ଭାଇରାଲ ଭିଡିଓ ଶୁଟ୍ କରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ମୋବାଇଲକୁ ମଧ୍ୟ ଜବତ କରାଯାଇଛି। ସମ୍ପୂର୍ଣ୍ଣ ଘଟଣାକ୍ରମ ସେହି ମୋବାଇଲରୁ ଜଣାପଡ଼ିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ମତରେ ମଣିପୁର ହିଂସାରେ ପ୍ରାୟ ୧୫୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ଟି ସମ୍ବେଦନଶୀଳ ମାମଲାର ତଦନ୍ତ ମଧ୍ୟ ସିବିଆଇକୁ ଦିଆଯାଇଛି ବୋଲି ଅଧିକାରୀ ଜଣକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନୀଚରାଶିରେ ଅଷ୍ଟମସ୍ଥ ଚନ୍ଦ୍ର ହେତୁ କୌଣସି କାମ ସକାଶେ ପରିବାରରୁ ପୂର୍ଣ୍ଣ ଅନୁମତି କିମ୍ବା ସମର୍ଥନ ପାଇବେ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିଭିନ୍ନ ମନ୍ତବ୍ୟ ଦେବେ। ସହକର୍ମୀଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ବିଗତ ଦିନର କୌଣସି ସମସ୍ୟାର ସମାଧାନ ସମ୍ଭାବନା ରହିଛି।

**ବୃଷ**
ଆଜିର କର୍ମକ୍ଷେତ୍ରରେ ବିବାଦୀୟ ଘଟଣାରେ ନୀରବ ରହିବା ପାଇଁ ବାଧ୍ୟ ହେବେ। ପରିବହନରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସାଧାରଣ କଥାରେ କଳହର ସମ୍ଭାବନା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପୁରାତନ ରୋଗର ପୀଡ଼ାଜନିତ କଷ୍ଟ ଅନୁଭବ କରିପାରନ୍ତି।

**ମିଥୁନ**
ଆକସ୍ମିକ ଭାବରେ ସ୍ଥାନାନ୍ତର ସାଙ୍ଗକୁ ଖର୍ଚ୍ଚର ଆବଶ୍ୟକତା ଦେଖାଦେବ ଯାହାକି ଦୁଶ୍ଚିନ୍ତା ବୃଦ୍ଧିର କାରଣ ହୋଇପାରେ। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ପ୍ରଶାସନିକ ସ୍ତରରେ, ରାଜନୀତିରେ ଏବଂ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ରାଶିରେ ରବିଙ୍କ ସ୍ଥିତି ହେତୁ ଆଜି ଯେଉଁ କାମରେ ହାତ ଦେବେ ତାହା ବ୍ୟର୍ଥ ହେବ ନାହିଁ। ଏହା ସାଙ୍ଗକୁ ଆତ୍ମୀୟସ୍ୱଜନ ଓ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**
ବୁଧ ଓ ଶୁକ୍ର, ମଙ୍ଗଳଙ୍କ ସଂଯୋଗରୁ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ସାଙ୍ଗକୁ କର୍ମ ପରିସର ବୃଦ୍ଧି ପାଇବ। କିନ୍ତୁ ପୂର୍ବରୁ ଚାଲି ଆସିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣ କାମରେ ପ୍ରତିବନ୍ଧକ ଲାଗିରହିବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ବନ୍ଧୁ ଗହଣରେ କିମ୍ବା ସଭାସମିତିରେ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ବିବାଦୀୟ ଘଟଣା କିମ୍ବା ଆଇନ ଅଦାଲତରୁ ସୁଫଳ ପାଇବେ। କୌଣସି ଫାଇଲ୍ ସମ୍ବନ୍ଧୀୟ ଆଲୋଚନା କ୍ଷେତ୍ରରେ ପରିସ୍ଥିତି ଗୋଳମାଳିଆ ଦେଖାଦେଇପାରେ।

**ତୁଳା**
କର୍ମକ୍ଷେତ୍ରରେ ପୂର୍ବରୁ ଯେଉଁ ପ୍ରତିରୋଧର ସମ୍ଭାବନା ରହିଥିଲା ତାହା ଦୂରେଇ ଯାଇଥିବାର ଅନୁଭବ କରିବେ। ଆଜି ସଭାସମିତିରେ ସମ୍ମାନିତ ହେବେ ଓ ବ୍ୟବସାୟିକ ଦିଗରୁ ମଧ୍ୟ ଲାଭବାନ ହେବେ। ମାତ୍ର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ସନ୍ତାନମାନଙ୍କ କୌଣସି ଅଭାବ ଓ ଅସୁବିଧା ଚିନ୍ତାର କାରଣ ପାଲଟିଯିବ।

**ବିଛା**
ପରିବାରରେ ସମସ୍ୟା ଦେଖାଦେଲେ ମଧ୍ୟ ତାହାର ସମାଧାନ ଦିଗରେ ଯତ୍ନବାନ୍ ହେବେ। କେତେକ ଭୁଲ୍‌ରୁ ହାତକୁ ନେଇଥିବା କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ଖଳ ଲୋକମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରରୋଚିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ**
ଆଜି ହଠାତ୍ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ମନରେ ଅସ୍ଥିରତା ସୃଷ୍ଟି କରିବ। ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ।

**ମକର**
ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିଲେ ମଧ୍ୟ ପରକ୍ଷଣରେ ସୁଧୁରିଯିବାର ସମ୍ଭାବନା ରହିଛି। ସଭାସମିତିରେ ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ଚଳଚ୍ଚିତ୍ରାଦି ମନୋରଞ୍ଜନ କାମ ପ୍ରୀତିପ୍ରଦ ହେବ। ବିବାଦୀୟ ଘଟଣାରେ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ।

**କୁମ୍ଭ**
ଉପରିସ୍ଥଙ୍କ ଆଦେଶାନୁସାରେ ଅଫିସ କାମରେ ଆକସ୍ମିକ ଯାତ୍ରା କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧହୋଇପାରନ୍ତି।

**ମୀନ**
ଆଜି ଆପଣ ଜଟିଳ କାମକୁ ମଧ୍ୟ ଅତି ସହଜରେ ସମାଧାନ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଟେନ୍‌ସନ୍ କମିଯିବ, ସହଯୋଗଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର ତ୍ରୁଟି ବିଚ୍ୟୁତିକୁ ସୁଧାରି ନେବା ବୁଦ୍ଧିମାନର କାମ ହେବ।

ଆଜି ଶ୍ରାବଣ(ମଳ)ଶୁକ୍ଳପକ୍ଷ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୪ ଗତେ ଘ.୦୬।୧୬ ମଧ୍ୟେ, ଘ.୦୭।୦୮ ଗତେ ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ ଘ. ୧୧।୫୩ ମଧ୍ୟରେ ରାହୁକାଳ।

# ସ୍ତ୍ରୀଙ୍କୁ ଭିଡିଓ କଲ୍ କରି ଡ୍ରାଇଭରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

**ପାରିବାରିକ କଳହର କରୁଣ ପରିଣତି**

- ସ୍ତ୍ରୀଙ୍କ ସହ ହେଉଥିଲା ଝଗଡ଼ା, ଗିରଫ ହୋଇ ଯାଇଥିଲେ ଜେଲ
- ସ୍ତ୍ରୀ କରିଥିଲେ ଛାଡ଼ପତ୍ର ଆବେଦନ
- ପୂର୍ବରୁ ସାନଭାଇ ବିଷ ଖାଇ ଆତ୍ମହତ୍ୟା କରିଥିଲେ

ପାରିବାରିକ କଳହ ପାଇଁ ରାଜଧାନୀରେ ଆଉ ଜଣଙ୍କ ଜୀବନ ଯାଇଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଭିଡିଓ କଲ୍ କରି ଗାମୁଛାରେ ଫ୍ୟାନ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଘୁଣ୍ଟୁଣୀ ଅଞ୍ଚଳର ଅଭିମନ୍ୟୁ ସାମନ୍ତରାୟ (୩୩)। ନୟାପଲ୍ଲୀ ଥାନା ଅନ୍ତର୍ଗତ ଏକ ମାର୍ବଲ ଦୋକାନର ରେଷ୍ଟ ରୁମ୍‌ରୁ ଗୁରୁବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ଅଭିମନ୍ୟୁଙ୍କ ମୃତଦେହ ଜବତ କରିଛି। ବୁଧବାର ବିଳମ୍ବିତ ରାତିରେ ଅଭିମନ୍ୟୁ ଆତ୍ମହତ୍ୟା କରିଥିବା କୁହାଯାଉଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୬୪/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଅଭିମନ୍ୟୁ ୪ବର୍ଷ ତଳେ ନିଜ ଗାଁରେ ବିବାହ କରିଥିଲେ। ସେହି ସମୟରେ ପରିବାରରେ ଝଗଡ଼ା ହୋଇଥିଲା ଓ ତାଙ୍କ ସାନଭାଇ ବିଷ ଖାଇ ଆତ୍ମହତ୍ୟା କରିଥିଲେ। ଏହାପରେ ପରିବାରରେ ଝଗଡ଼ା ଲାଗିରହିବାରୁ ଉକ୍ତ ଦମ୍ପତି ଘର ଛାଡ଼ି ବାହାରେ ରହିଥିଲେ। ହେଲେ ଏହାପରେ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏଥିପାଇଁ ତାଙ୍କ ସ୍ତ୍ରୀ ବାପଘରେ ଯାଇ ରହିଥିଲେ। ଗତ ବର୍ଷ ପଞ୍ଚାୟତ ନିର୍ବାଚନ ସମୟରେ ଏପରିକି ଅଭିମନ୍ୟୁଙ୍କ ବିରୋଧରେ ସ୍ତ୍ରୀ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ସ୍ଥାନୀୟ ପୋଲିସ ଅଭିମନ୍ୟୁଙ୍କୁ ଗିରଫ କରି ଜେଲ ପଠାଇଥିଲା। ୩ ମାସ ପରେ ସେ ଜାମିନ୍‌ରେ ଆସିଥିଲେ। ପରେ ତାଙ୍କ ସ୍ତ୍ରୀ ଖୋର୍ଦ୍ଧା କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଏହାକୁ ନେଇ ଅଭିମନ୍ୟୁ ମାନସିକ ଚାପରେ ରହୁଥିଲେ। ଅଭିମନ୍ୟୁ କିଛି ମାସ ହେଲା ଭୁବନେଶ୍ୱର ଇସ୍କନ ମନ୍ଦିର ନିକଟସ୍ଥ ଏକ ମାର୍ବଲ ଦୋକାନରେ ନିୟୋଜିତ ଥିବା ଜଣେ ମାଲିକଙ୍କ ମାଲବୁହା ଅଟୋ ଚଳାଉଥିଲେ। ସେ ଉକ୍ତ ଦୋକାନର ରେଷ୍ଟ ରୁମ୍‌ରେ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ସେ ସ୍ତ୍ରୀଙ୍କୁ ଭିଡିଓ କଲ୍ କରି ଆତ୍ମହତ୍ୟା କରୁଥିବା କହିଥିଲେ। ସକାଳେ ସ୍ଥାନୀୟ ରୁମ୍‌ରେ ରହୁଥିବା ଅନ୍ୟ କର୍ମଚାରୀମାନେ ଘର ଫାଙ୍କରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବନ୍ଦ ରୁମ୍‌ର କାନ୍ଥ ଭାଙ୍ଗି କବାଟ ଭିତର ପାଖ ତାଲା ଭାଙ୍ଗି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ଅଭିମନ୍ୟୁଙ୍କ ଭଉଣୀ ଓ ସମ୍ପର୍କୀୟମାନେ ପହଞ୍ଚିଥିଲେ। ଭଉଣୀଙ୍କ କାନ୍ଦରେ ସ୍ଥାନୀୟ ଅଞ୍ଚଳ ଫାଟିପଡ଼ିଥିଲା। ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ନାବାଳକ ପୁଅ ସହ ମିଶି ସ୍ୱାମୀଙ୍କୁ ହତ୍ୟା

ଭଦ୍ରକ, ୨୭।୭(ସନାତନ ରାଉତ)

- ପରକୀୟା ପ୍ରୀତିକୁ ନେଇ କଳହ
- ମା' ପୁଅଙ୍କୁ ଗଛରେ ବାନ୍ଧି ମାଡ଼ ପରେ ପୋଲିସ ଜିମା ଦେଲେ ଗ୍ରାମବାସୀ
- ଅଭିଯୁକ୍ତ ସ୍ତ୍ରୀ ଗିରଫ, ଜୁଭେନାଇଲ କୋର୍ଟରେ ହାଜର ହେବେ ନାବାଳକ

ପରକୀୟା ପ୍ରୀତିକୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଛି। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ନାବାଳକ ପୁଅ ସହ ମିଶି ଶାବଳରେ ଭୁଷି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ଗୁରୁବାର ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଣିତିଆ ଗାଁର ମହଲାସାହିରେ। ମୃତକ ହେଲେ ଗ୍ରାମର ସୁରେଶ ମହଲା (୪୫)। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୁରେଶ ଓ ତାଙ୍କ ପୁଅ ଗାଁରେ ରହୁଥିବା ବେଳେ ସ୍ତ୍ରୀ ସଞ୍ଜୁଲତା ଅନ୍ୟ ଜଣେ ପୁରୁଷଙ୍କ ସହ ବେଙ୍ଗାଲୁରୁରେ ରହୁଥିଲେ। ନିକଟରେ ସେ ଘରକୁ ଆସିଥିବା ବେଳେ ବୁଧବାର ରାତିରେ ପରକୀୟା ସମ୍ପର୍କକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗୁରୁବାର ସକାଳ ପ୍ରାୟ ସାଢ଼େ ୭ଟା ବେଳେ ପୁନର୍ବାର ସେ ବେଙ୍ଗାଲୁରୁକୁ ଯିବା ପାଇଁ ବାହାରିବାରୁ ସୁରେଶ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ନାବାଳକ ପୁଅ ସହ ମିଶି ସଞ୍ଜୁଲତା ଶାବଳରେ ସୁରେଶଙ୍କ ପେଟକୁ ଭୁଷି ଦେଇଥିଲେ। ସୁରେଶ ପ୍ରାଣ ବିକଳରେ ଦୌଡ଼ି ଆସି ରାସ୍ତାରେ ଅଚେତ ହୋଇ ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଗ୍ରାମବାସୀ ମା' ପୁଅଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରିବା ସହ ଗ୍ରାମାଞ୍ଚଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅଭିଯୁକ୍ତ ମା'ଙ୍କ ସହ ନାବାଳକ ପୁଅକୁ ହେପାଜତକୁ ନେଇଥିଲା। ଏନେଇ ବାଣିତିଆ ପଞ୍ଚାୟତର ସରପଞ୍ଚ ଦାମୋଦର ମହଲା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୪୫୭/୨୩) ରୁଜୁ କରି ଅଭିଯୁକ୍ତ ସଞ୍ଜୁଲତାଙ୍କୁ ଗିରଫ କରିଛି। ନାବାଳକ ପୁଅଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ଥାନାଧିକାରୀ ଅମିତାଭ ଦାସ କହିଛନ୍ତି। ସୂଚନାଥାଉ କି, ମୃତ ସୁରେଶଙ୍କ ଘର ବନାରସରେ ହୋଇଥିବା ବେଳେ ବାହାଘର ପରଠାରୁ ଏଠାରେ ଘରଜ୍ୱାଇଁ ହୋଇ ରହୁଥିଲେ। ତାଙ୍କର ଜଣେ ଝିଅ ଥିବାବେଳେ ସେ ବିବାହ କରିସାରିଛନ୍ତି।

# ଟିଟିଲାଗଡ଼ରେ ଶିଶୁବିକ୍ରି ଅଭିଯୋଗ

ଟିଟିଲାଗଡ଼, ୨୭।୭ (ଶରତ ମିଶ୍ର)

**ଥାନାର ଦ୍ୱାରସ୍ଥ ହେଲେ ଶିଶୁର ବାପା**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ପଦ୍ମନାଭପୁରର ଜଣେ ମହିଳା ନିଜ ଅଢ଼େଇ ବର୍ଷର ଶିଶୁପୁତ୍ରକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶିଶୁର ବାପା ଅକ୍ଷୟ ପଟେଲ ଗୁରୁବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅକ୍ଷୟଙ୍କ ସ୍ତ୍ରୀ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଜଣେ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାରେ ପୁଅକୁ ବିକ୍ରି କରି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖବର ପାଇ ଟିଟିଲାଗଡ଼ ନାରୀଶକ୍ତି ସଭାନେତ୍ରୀ ଅଞ୍ଜଳି ବେହେରା, ବିକାଶ ସେନା ସଭାପତି ଅମ୍ଳାନ ଷଡ଼ଙ୍ଗୀ ଥାନାରେ ପହଞ୍ଚି ଅଭିଯୋଗର ଉଚିତ ତଦନ୍ତ କରିବାକୁ ଦାବି କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଟିଟିଲାଗଡ଼ ସହର ପଦ୍ମନାଭପୁରର ଅକ୍ଷୟ ୪ ବର୍ଷ ତଳେ କଳାହାଣ୍ଡିର ମାନସୀ ବାଗଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା। କୌଣସି କାରଣରୁ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ କଳହ ଲାଗିବାରୁ କିଛିଦିନ ଉଭୟେ ଅଲଗା ରହୁଥିଲେ। ତେବେ ପୁଅ ଅକ୍ଷୟଙ୍କ ପାଖରେ ରହୁଥିଲା। ଦୁଇଦିନ ତଳେ ମାନସୀ ତାଙ୍କ ଘରକୁ ଆସି ପୁଅକୁ ବୁଲାଇ ନେବାକୁ କହି ସାଙ୍ଗରେ ନେଇଯାଇଥିଲେ। ଏହାପରେ ସେ ପୁଅକୁ ଆଉ ଆଣି ତାଙ୍କ ପାଖରେ ଛାଡି ନ ଥିଲେ। ପଚାରିଲେ କୌଣସି ଉତ୍ତର ନ ଦେବାରୁ ଅକ୍ଷୟଙ୍କର ସନ୍ଦେହ ହୋଇଥିଲା। ଖୋଳତାଡ଼ ପରେ ମାନସୀ ପୁଅକୁ ଲାଞ୍ଜିଗଡ଼ ଅଞ୍ଚଳର କପିଳ ବାଗ ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଜଣାପଡିଥିଲା ବୋଲି ଅକ୍ଷୟ କହିଛନ୍ତି। ଅଭିଯୋଗ ଆଧାରରେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଟିଟିଲାଗଡ଼ ଥାନା ଆଇଆଇସି ମନୋଜ ପ୍ରଧାନ କହିଛନ୍ତି।

# ଭିସି ଦ୍ୱାରା କୋର୍ଟରେ ହାଜର ହେଲେ ୩ ଅଭିଯୁକ୍ତ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**ଜାମିନ ଖାରଜ କଲେ କୋର୍ଟ**

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲାର ଚର୍ଚ୍ଚିତ ବାହାନଗା ଟ୍ରେନ ଦୁର୍ଘଟଣା ମାମଲାରେ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାରଙ୍କ ୧୪ ଦିନିଆ ବିଚାର ବିଭାଗୀୟ ହାଜତ ସରିଛି। ତେଣୁ ଅଭିଯୁକ୍ତମାନେ ଗୁରୁବାର ଜେଲରେ ଥାଇ ଭିଡିଓ କନ୍‌ଫରେନ୍ସ (ଭିସି) ଜରିଆରେ ସିବିଆଇ କୋର୍ଟରେ ହାଜର ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ନିଜ ନିଜ ପକ୍ଷ ରଖିଥିଲେ। ଅନ୍ୟପକ୍ଷରେ ସିବିଆଇ ଦ୍ୱାରା ମଧ୍ୟ କୋର୍ଟଙ୍କ ନିକଟରେ ପକ୍ଷ ରଖାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ଜେଲରେ ରହିବାକୁ କୋର୍ଟ କହିଛନ୍ତି। ଏପରିକି ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍‌ଙ୍କ ପକ୍ଷରୁ ପୂର୍ବରୁ ଜାମିନ ଆବେଦନ ହୋଇଥିବାବେଳେ ଏହାକୁ କୋର୍ଟ ଖାରଜ କରିଦେଇଥିବା ସୂଚନା ମିଳିଛି। ସିବିଆଇ ୩ ଅଭିଯୁକ୍ତଙ୍କୁ ଗତ ଜୁଲାଇ ୭ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସମସ୍ତଙ୍କୁ ପ୍ରଥମ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିଥିଲା। ଏହି ଅବଧି ସରିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ସିବିଆଇ ଅଭିଯୁକ୍ତମାନଙ୍କୁ ୪ଦିନିଆ ରିମାଣ୍ଡରେ ଆଣି ଭୟଙ୍କର ଦୁର୍ଘଟଣା ପଛର ପ୍ରକୃତ ସତ ଜାଣିବା ପାଇଁ ପ୍ରୟାସ କରିଥିଲା। ଏହି ଦୁର୍ଘଟଣାକୁ ସେମାନେ ଜାଣିଜାଣି କରିଥିଲେ କି, ଏହା ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି କି, ଆଉ କେତେଜଣ ରେଳ ଅଧିକାରୀ ଏହି ଦୁର୍ଘଟଣାରେ ସମ୍ପୃକ୍ତ ଅଛନ୍ତି କି ଏଭଳି ବିଭିନ୍ନ ଦିଗକୁ ନେଇ ସିବିଆଇ ଖୋଳତାଡ଼ କରିଥିଲା। ତେବେ ରିମାଣ୍ଡ ସରିବା ପରେ ଜୁଲାଇ ୧୧ରେ ଅଭିଯୁକ୍ତମାନେ ଜେଲ ଫେରିଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ସିବିଆଇ ବହୁ ପ୍ରମାଣ ଏକଜୁଟ୍ କରି ଏକ ବଳିଷ୍ଠ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିବାକୁ ପ୍ରୟାସ ଜାରି ରଖିଛି।

# ଯାଜ୍ଞସେନୀର ସଂସ୍କୃତ ଭାଷାର ୨ୟ ସଂସ୍କରଣ ପୁସ୍ତକ ଉନ୍ମୋଚନ କଲେ ଧର୍ମେନ୍ଦ୍ର




ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)

ଭାରତର ଇତିହାସରେ 'ଯାଜ୍ଞସେନୀ' ଦ୍ରୌପଦୀ, ଅହଲ୍ୟା ଏବଂ ଶ୍ରବଣ କୁମାରଙ୍କ ଭଳି ଅନେକ ଚରିତ୍ର ଅଛନ୍ତି। ଏହି କଥାକୁ ନୂଆପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଆମର ବିଶ୍ୱବିଦ୍ୟାଳୟ ଗୁଡିକ ଉକ୍ତ ବିଷୟ ଉପରେ ଅନୁସନ୍ଧାନ ସହ ବ୍ୟାଖ୍ୟାନ କରିବା ପାଇଁ ଦାୟିତ୍ୱ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି।

ଗୁରୁବାର ନୂଆଦିଲ୍ଲୀଠାରେ ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଲିଖିତ ଓଡ଼ିଆ ଉପନ୍ୟାସ 'ଯାଜ୍ଞସେନୀ'ର ସଂସ୍କୃତ ଭାଷାର ୨ୟ ସଂସ୍କରଣ ପୁସ୍ତକ ଉନ୍ମୋଚନ ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅନନ୍ତ କାଳରୁ ଆମ ସଭ୍ୟତା ସମସ୍ତଙ୍କୁ ଜୀବନ୍ତ ରୂପରେ ଦେଖିଛି। ଆମ ସଭ୍ୟତା ସବୁବେଳେ ନାରୀଙ୍କୁ ସମ୍ମାନ ଦେବା ଶିଖାଇଛି। ବର୍ତ୍ତମାନ ସମୟରେ ଭାରତୀୟ ସଭ୍ୟତାକୁ ଉଜାଗର କରିଥିବା ମାଆଙ୍କ ଉପରେ ଚର୍ଚ୍ଚା ହେବା ଆବଶ୍ୟକ। କାରଣ ସ୍ରଷ୍ଟାଙ୍କୁ କେନ୍ଦ୍ରକୁ ନ ଆଣିଲେ ସୃଷ୍ଟି ହୋଇପାରିନାହିଁ। ବିଶ୍ୱବିଦ୍ୟାଳୟଗୁଡିକ ଆମର ପୁରାତନ ସଭ୍ୟତା, ସମାଜର ପୁଞ୍ଜି ତଥା ଭାରତୀୟତାକୁ ବ୍ୟାଖ୍ୟାନ କରିବା ଦିଗରେ କାମ କରିବା ଆବଶ୍ୟକ। ଭାରତ ନିଜ ପୂର୍ବ ଗୌରବ ଆଧାରରେ ମହାଶକ୍ତି ହେବାକୁ ଯାଉଛି ଏବଂ ଜି-୨୦ର ପ୍ରେସିଡେନ୍ସି କରୁଛି। ଏଭଳି ସମୟରେ ମହିଳା ସଶକ୍ତୀକରଣ ଉପରେ ଲିଖିତ 'ଯାଜ୍ଞସେନୀ'ର ୨ୟ ସଂସ୍କୃତ ସଂସ୍କରଣ ଉନ୍ମୋଚନ ଆନନ୍ଦର ବିଷୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସିତାଂଶୁ ମୋହନ ଦ୍ୱିବେଦୀ ଚତୁର୍ଥଥର ପାଇଁ ନିର୍ବାଚିତ

ଭୁବନେଶ୍ୱର, ୨୭।୭

**ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ**

**ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଲେ**



ସିତାଂଶୁ ମୋହନ ଦ୍ୱିବେଦୀ

ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବାର୍ ଆସୋସିଏଶନର ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଏନେଇ ଗୁରୁବାର ଘୋଷଣା କରାଯାଇଛି। ୨୦୦୨ ଏବଂ ୨୦୦୮ ମସିହାରେ ହୋଇଥିବା ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନରେ ଦ୍ୱିବେଦୀ ପ୍ରଥମ ପସନ୍ଦ ରେକର୍ଡ ସଂଖ୍ୟକ ଭୋଟ୍ ପାଇ ନିର୍ବାଚିତ ହୋଇଥିଲେ। ଏପରିକି ୨୦୧୩ ଏବଂ ୨୦୨୩ରେ ମଧ୍ୟ ଦ୍ୱିବେଦୀ ଆବଶ୍ୟକ ମୁତାବକ ପ୍ରଥମ ପସନ୍ଦ ମ୍ୟାଜିକ ନମ୍ବର ଭୋଟ ପାଇ ଚତୁର୍ଥଥର ପାଇଁ ନିର୍ବାଚିତ ହୋଇଥିବାରୁ ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ ଗତ ଏପ୍ରିଲ୍ ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୯୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ବାର କାଉନସିଲ ନିର୍ବାଚନ ପ୍ରତି ୫ ବର୍ଷ ବ୍ୟବଧାନରେ ହେବାର ସାମ୍ବିଧାନିକ ବ୍ୟବସ୍ଥା ଥିଲେ ମଧ୍ୟ କୌଣସି କାରଣ ପାଇଁ ୧୦ବର୍ଷ ଧରି ହୋଇପାରୁ ନ ଥିଲା। ତେଣୁ ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦ୍ୱିବେଦୀଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ପ୍ରମଥ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୨୩ ଏପ୍ରିଲ ୧୫ରେ ନିର୍ବାଚନ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଧାର୍ଯ୍ୟ ତାରିଖରେ ନିର୍ବାଚନ ଶେଷ ହୋଇଥିବାବେଳେ ଭୋଟ ଗଣତି କାର୍ଯ୍ୟକ୍ରମ ଚାଲୁ ରହିଛି। ରାଜ୍ୟ ବାର୍ କାଉନସିଲର ପୂର୍ବ ହୃତଗୌରବ ଫେରାଇ ଆଣିବା ସହ ଆଇନଜୀବୀମାନଙ୍କ ବହୁଦିନର ନ୍ୟାଯ୍ୟଦାବି ଯଥା କଲ୍ୟାଣପାଣ୍ଠି, ମ୍ୟାଚିଙ୍ଗଗ୍ରାଣ୍ଟ ବୃଦ୍ଧି, ସ୍ୱାସ୍ଥ୍ୟବୀମା, ଆଡ୍‌ଭୋକେଟ ଏକାଡେମୀ ଏବଂ ଅନ୍ୟାନ୍ୟ ନ୍ୟାଯ୍ୟ ଦାବିର ଉପସ୍ଥାପନା କରି ରାଜ୍ୟ ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପାଇଁ ଦୃଢ଼ ପରିକର ଏବଂ ସଙ୍କଳ୍ପବଦ୍ଧ ବୋଲି ଦ୍ୱିବେଦୀ କହିଛନ୍ତି। ଚଳିତ ନିର୍ବାଚନରେ ଆଇନଜୀବୀମାନେ ଯୁବ ସଭ୍ୟମାନଙ୍କୁ ଅଧିକ ପରିମାଣରେ ପସନ୍ଦ କରିଥିବାରୁ ଏବଂ ବ୍ରହ୍ମପୁର ବାର୍ ଆସୋସିଏଶନର ଯୁବ ଆଇନଜୀବୀ ପୀତବାସ ପଣ୍ଡା ଏବଂ ଯାଜପୁର ଟାଉନ ବାର୍ ଅସୋସିଏଶନର ଯୁବ ଆଇନଜୀବୀ ରାଜୀବ ମହାନ୍ତିଙ୍କୁ ରାଜ୍ୟ ବାର କାଉନ୍‌ସିଲର ସଭ୍ୟ ଭାବେ ନିର୍ବାଚିତ କରିଥିବାରୁ ଦ୍ୱିବେଦୀ ରାଜ୍ୟର ସମସ୍ତ ବୁଦ୍ଧୀଜୀବୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


## ସର୍ବସାଧାରଣ ବିଜ୍ଞପ୍ତି

ପୂର୍ବତନ କର୍ମଚାରୀଙ୍କ ଦ୍ୱାରା ଲାଲ୍‌ଚାନ୍ଦ୍ ଜୁଏଲର୍ସ ନାମର ଅପବ୍ୟବହାର

LALCHND Trusted Brand Since 1948



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ, **କିଶନ ଲାଲ୍ ଗୁପ୍ତା**, ପିତା: ରାମେଶ୍ୱର ଲାଲ୍ ଗୁପ୍ତା, ଠିକଣା: ନାଗେଶ୍ୱର ରେସିଡେନ୍ସି, ବ୍ଲକ ଏ, ଫ୍ଲାଟ୍ ଏ୨୦୫, କଳାରାହାଙ୍ଗ, ଭୁବନେଶ୍ୱର ନାମକ ଜନୈକ ବ୍ୟକ୍ତି **ଲାଲ୍‌ଚାନ୍ଦ୍ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍**‌ରେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ, ଯାହାଙ୍କୁ କମ୍ପାନୀର ନିର୍ଦ୍ଦେଶକ ପଦରୁ ବୋର୍ଡ ପକ୍ଷରୁ ୨୪.୦୭.୨୩ ତାରିଖରେ ଅନୁମୋଦିତ ପ୍ରସ୍ତାବ କ୍ରମେ ବହିଷ୍କୃତ କରାଯାଇଛି ଏବଂ କଟକସ୍ଥିତ କମ୍ପାନୀ ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ସୂଚୀତ କରାଯାଇଛି। **ଶ୍ରୀ ଗୁପ୍ତା** କମ୍ପାନୀର ନିର୍ଦ୍ଦେଶକ ପଦରୁ ବହିଷ୍କାର ଆଦେଶକୁ ଅମାନ୍ୟ କରି ଏବଂ କମ୍ପାନୀ ସହ କୌଣସି ପ୍ରକାରେ ସଂଶ୍ଳିଷ୍ଟ ନ ଥାଇ ମଧ୍ୟ ବିଭିନ୍ନ ପ୍ରକାର ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ କମ୍ପାନୀର ନିର୍ଦ୍ଦେଶକ ଭାବେ ପରିଚୟ ଦେଇ ଭ୍ରମିତ କରୁଥିବା ମ୍ୟାନେଜମେଣ୍ଟର ଦୃଷ୍ଟିଗୋଚର ହୋଇଛି। ଅତ୍ୟନ୍ତ ଅନୈତିକ ଓ ନିନ୍ଦନୀୟ ହେବା ସହ ତାଙ୍କର ଆଚରଣ କମ୍ପାନୀର ପ୍ରତିଷ୍ଠିତ ମୂଲ୍ୟବୋଧ ଓ ଆଦର୍ଶର ସମ୍ପୂର୍ଣ୍ଣ ପରିପନ୍ଥୀ। ତାଙ୍କର ବେଆଇନ୍ କାର୍ଯ୍ୟକଳାପ କମ୍ପାନୀର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି। ଏଣୁ, ଏହି ସର୍ବସାଧାରଣ ବିଜ୍ଞପ୍ତି ଦ୍ୱାରା **ଶ୍ରୀ ଗୁପ୍ତା**ଙ୍କ ସହ ଲାଲ୍‌ଚାନ୍ଦ୍ ଗ୍ରୁପ୍ ସମ୍ପର୍କିତ କୌଣସି ପ୍ରକାର ବ୍ୟବସାୟ ନ କରିବାକୁ ସମସ୍ତଙ୍କୁ କମ୍ପାନୀ ପକ୍ଷରୁ ଦୃଢ଼ ଏବଂ ବିନମ୍ର ପରାମର୍ଶ ଦିଆଯାଉଛି। ଭବିଷ୍ୟତରେ **ଶ୍ରୀ କିଶନ ଲାଲ୍ ଗୁପ୍ତା**ଙ୍କ ସହ ଲାଲ୍‌ଚାନ୍ଦ୍ କମ୍ପାନୀ ସମୂହ ପାଇଁ ବା ତରଫରୁ କରାଯାଇଥିବା ଯେ କୌଣସି ପ୍ରକାର ନେଣଦେଣ କାରବାରକୁ ମୂଲ୍ୟହୀନ ଓ ଅମାନ୍ୟ ଭାବେ ଗ୍ରହଣ କରାଯିବ ଏବଂ କମ୍ପାନୀ ଏଥିପ୍ରତି ଦାୟୀ ରହିବ ନାହିଁ। ଯଦି କୌଣସି ବ୍ୟକ୍ତି ଲାଲ୍‌ଚାନ୍ଦ୍ କମ୍ପାନୀ ସମୂହ ବାବଦରେ ଶ୍ରୀ ଗୁପ୍ତାଙ୍କ ସହ କୌଣସି ପ୍ରକାର ନେଣଦେଣ କରନ୍ତି ତେବେ, ତାହା ତାଙ୍କର ନିଜସ୍ୱ ଦାୟିତ୍ୱବୋଧ ଅନ୍ତର୍ଗତ ହେବ ଏବଂ ଏଥିପାଇଁ କମ୍ପାନୀ ଉତ୍ତରଦାୟୀ ରହିବ ନାହିଁ।

ଭୁବନେଶ୍ୱର ରଘୁନାଥପୁର ୦୬୭୪-୨୪୬୯୧୪୯/୧୫୦/୧୫୧
ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ୦୬୭୪-୨୫୩୪୦୧୬/୧୭/୧୮
ବ୍ରହ୍ମପୁର ଧର୍ମ ନଗର ୦୬୮୦-୨୨୨୯୪୦୧/୦୨/୦୪
କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ୦୬୭୧-୨୩୦୨୫୦୫/୩୫୦୫/୪୫୦୫
ନୂଆଦିଲ୍ଲୀ ଲାଜ୍‌ପତ୍ ନଗର ୦୧୧-୪୫୭୬୯୫୬୪











ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। **–ଶ୍ରୀମା**



# ଆମେରିକା ଗଣତନ୍ତ୍ର ପ୍ରତି ବିପଦ




**ଲୌରା ଟାଇସନ**
ପ୍ରାଧ୍ୟାପକ, ହାସ୍ ସ୍କୁଲ ଅଫ୍ ବିଜ୍‌ନେସ୍, କାଲିଫର୍ନିଆ ବିଶ୍ୱବିଦ୍ୟାଳୟ

**ଲେନି ମେନ୍‌ଡୋନ୍‌କା**
ଚେୟାରମ୍ୟାନ, କାଲିଫର୍ନିଆ ହାଇ ସ୍ପିଡ୍ ରେଲ୍ ଅଥରିଟି

ଟେକ୍ସାସ୍‌ରେ ଅପ୍ରତ୍ୟାଶିତ ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟକରି ଏହାର ଗଭର୍ନର ଏହି ପରିସ୍ଥିତିରୁ ରକ୍ଷା ପାଇବା ଲାଗି ଏକ ପ୍ରିମ୍ପସନ ବିଲ୍(ଯାହା ନିମ୍ନ ଅଧିକାରୀଙ୍କ ଆଇନକୁ ବଦଳାଏ କିମ୍ବା ରୋକିଥାଏ) ସ୍ୱାକ୍ଷର କରିଛନ୍ତି। ହ୍ୟୁଷ୍ଟନ ଓ ଡାଲ୍ଲାସ ସହରକୁ ସ୍ଥାନୀୟ କର୍ମସ୍ଥଳୀଗୁଡ଼ିକ ପାଇଁ ମାନକ ସ୍ଥିର କରିବା ସହ ବାହାର ଶ୍ରମିକମାନଙ୍କ ପାଇଁ ଜଳ ଅବକାଶ ସାମିଲ କରିବା ଅଧିକାର ଛଡ଼ାଇନେଇଛି। ଟେକ୍ସାସ୍ ରେଗୁଲେଟୋରି କନ୍‌ସିଷ୍ଟେନସି ଆକ୍ଟ (ଟେକ୍ସାସ ବିନିୟାମକ ସଙ୍ଗତି ଅଧିନିୟମ) ୮ଟି ଅଞ୍ଚଳରେ ରାଜ୍ୟ ଆଇନକୁ ଟପି ନୀତି ଗଢ଼ିବାକୁ ପୌରପାଳିକା ସରକାରଗୁଡ଼ିକୁ ମନାକରିଛି ଏବଂ ଏବେ ଏମିତି କରାଯାଉଥିବା ସହର ଓ ସ୍ଥାନୀୟ ଆଇନଗୁଡ଼ିକୁ ରଦ୍ଦ କରିଛନ୍ତି। ସହରଗୁଡ଼ିକ ସେମାନଙ୍କ ନୀତି ଓ ରାଜ୍ୟର ଆଇନ ମଧ୍ୟରେ ଅସଙ୍ଗତି ସୃଷ୍ଟିକଲେ ମକଦ୍ଦମାର ସାମ୍ନା କରିବା ସହ ଓ କ୍ଷତି ସହିବେ । ଏଥିରୁ ବୁଝାପଡୁଛି, ରିପବ୍ଲିକାନ୍ ରାଜ୍ୟସ୍ତରୀୟ ନେତା ଏବଂ ସେମାନଙ୍କ ବ୍ୟବସାୟିକ ସମର୍ଥକମାନେ ରାଜ୍ୟର ଡେମୋକ୍ରାଟ୍ ନିର୍ଭରଶୀଳ ସହରଗୁଡ଼ିକର ଭୋଟରମାନଙ୍କ ସ୍ୱାର୍ଥକୁ ପଦ ଦଳିତ କରୁଛନ୍ତି। ସବୁଠୁ ଖରାପ ହେଉଛି, ରାଜ୍ୟ ଦ୍ୱାରା ନିଆଯାଇଥିବା ଅନେକ ପଦକ୍ଷେପରୁ କେବଳ ଏବକାର ଟେକ୍ସାସ୍ ବିଲ୍ ସ୍ଥାନୀୟ ସରକାରଙ୍କ ଅଧିକାରକୁ ଶେଷ କରିବା ସହ ଭୋଟରମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଛି। ଏହାର ଦୁଇଟି ଲକ୍ଷ୍ୟ ରହିଛି। ଗୋଟିଏ ହେଉଛି ନିର୍ଦ୍ଦିଷ୍ଟ ନିୟମକୁ ହଟାଇବା ଏବଂ ଅନ୍ୟଟି ସ୍ଥାନୀୟ ପ୍ରଶାସନର ଆଞ୍ଚଳିକ ନିୟନ୍ତ୍ରଣ କ୍ଷମତାକୁ ହ୍ରାସ କରିବା।

ଦେଶବ୍ୟାପୀ ଏହି ବିଲ୍ ଉଦାରବାଦୀ ନିର୍ଭରଶୀଳ ସହରଗୁଡିକର ବୈଧ କାର୍ଯ୍ୟରେ ସରକାରୀ ନିୟନ୍ତ୍ରଣ ହଟାଇବା ଚିନ୍ତାଧାରାକୁ ବ୍ୟବହାର କରିଛି। ଏମିତିକା ବିଲ୍ ୨୦୧୭ରେ ୧୪୦ରୁ ବୃଦ୍ଧି ପାଇ ୨୦୨୨ରେ ୧୦୦୦ରୁ ଅଧିକ ହୋଇଛି (ଏହି ବର୍ଷ ପାଇଁ ସଂଖ୍ୟା ୬୫୦ରେ ପହଞ୍ଚିଗଲାଣି)। ବାସ୍ତବରେ ଯେଉଁ ସହରଗୁଡ଼ିକୁ ଟାର୍ଗେଟ କରାଯାଇଛି ସେଠାରେ ଗର୍ଭପାତ ଓ ଏଲ୍‌ଜିବିଟିକ୍ୟୁ ଅଧିକାର, ବନ୍ଧୁକ ନିୟନ୍ତ୍ରଣ, ଅପରାଧ ନ୍ୟାୟ ସୁଧାର, ସର୍ବନିମ୍ନ ମଜୁରି ଏବଂ ନ୍ୟାୟୋଚିତ ଭାବେ କାର୍ଯ୍ୟ କରିବାର ପରିସ୍ଥିତି ଏବଂ ଭୋଟରଙ୍କ ଅଧିକାର ଭଳି ପ୍ରମୁଖ ସମସ୍ୟାଗୁଡ଼ିକ ଉପରେ ସଂଖ୍ୟାଧିକ ଭୋଟରଙ୍କର ପ୍ରତିନିଧିତ୍ୱ ରହିଛି। ଉଦାହରଣ ସ୍ୱରୂପ ଟେକ୍ସାସ୍‌ରେ ସଂଖ୍ୟାଧିକ ଭୋଟର ବିଶ୍ୱାସ କରନ୍ତି ଯେ, ଆର୍ଥିକ ନ୍ୟାୟର ବିଷୟଗୁଡ଼ିକୁ ସ୍ଥାନୀୟ ସରକାରଗୁଡ଼ିକ ନିୟନ୍ତ୍ରଣ କରିବା ଉଚିତ। କିନ୍ତୁ ଅନ୍ୟ ରିପବ୍ଲିକାନ ନିୟନ୍ତ୍ରଣାଧୀନ ରାଜ୍ୟଗୁଡ଼ିକରେ ଚରମପନ୍ଥୀମାନେ, ବ୍ୟବସାୟିକ ଗୋଷ୍ଠୀ ଓ ସରକାରକୁ ପ୍ରଭାବିତ କରୁଥିବା ଗୋଷ୍ଠୀ ଲୋକଙ୍କ ଇଚ୍ଛାକୁ ପ୍ରଭାବିତ କରିପାରିଛନ୍ତି। ସେଣ୍ଟର ଫର୍ ପବ୍ଲିକ ଇଣ୍ଟିଗ୍ରିଟି ଅନୁଯାୟୀ, ୨୦୧୦ରୁ ୨୦୧୮ରେ ଷ୍ଟେଟ୍‌ହାଉସରେ ୧୦,୦୦୦ରୁ ଅଧିକ ବିଲ୍ ଅଣାଯାଇଥିଲା ଓ ସେଥିରୁ ୨୦%ରୁ ଅଧିକ ଆଇନ କରାଯାଇଥିଲା।



ରିପବ୍ଲିକାନ ଏବଂ ସେମାନଙ୍କର ଦାତା ଓ ସହଯୋଗୀମାନେ ବାଲଟ ପଦକ୍ଷେପ (ନାଗରିକଙ୍କ ଦ୍ୱାରା ପ୍ରସ୍ତାବିତ ତଥା ଅନୁମୋଦିତ ପଦକ୍ଷେପ) ବ୍ୟବହାରକୁ ସୀମିତ କରି ନାଗରିକଙ୍କ ଅଧିକାରକୁ ସଙ୍କୁଚିତ କରିବା ପାଇଁ ଏକ ମିଳିତ ପ୍ରୟାସ କରୁଛନ୍ତି, ଯାହା ବର୍ତ୍ତମାନ ୨୭ଟି ରାଜ୍ୟରେ ଚାଲିଛି। ଜୁନ୍ ୨୦୨୩ ସୁଦ୍ଧା, ବାଲଟ ଇନିସିଏଟିଭ ଷ୍ଟ୍ରାଟେଜି ସେଣ୍ଟରର ଗଣନା ଅନୁଯାୟୀ, ୧୪ଟି ରାଜ୍ୟରେ ବାଲଟ ପ୍ରକ୍ରିୟାକୁ ପ୍ରଭାବିତ କିମ୍ବା ଦୁର୍ବଳ କରିବା ଭଳି ୫୦ଟି ପଦକ୍ଷେପ ମଧ୍ୟରୁ ୪୫ଟି ବିଧେୟକ ମାଧ୍ୟମରେ ଦାଖଲ କରାଯାଇଛି। ଏହିଭଳି ନୂଆ, ବୈଧ ତଥା ବିଧେୟକ ଆହ୍ୱାନଗୁଡ଼ିକ ବାଲଟ ପ୍ରକ୍ରିୟାକୁ ସୀମିତ କରିବା ଲାଗି ଉଦ୍ଦିଷ୍ଟ। ଯଥା ଗୋଟିଏ ପଦକ୍ଷେପକୁ ଯୋଗ୍ୟ କରିବା ଲାଗି ଆବଶ୍ୟକ ସ୍ୱାକ୍ଷର ସଂଖ୍ୟା ବୃଦ୍ଧିକରି କିମ୍ବା ଭୋଟରଙ୍କ ସ୍ୱୀକୃତି ସୀମା ବଢ଼ାଇ ଏହା କରାଯାଉଛି। ଅନେକ ସମୟରେ ବାଲଟ ପଦକ୍ଷେପକୁ କମ୍ ସଂଖ୍ୟକ ଭୋଟରେ ମଧ୍ୟ ପାସ୍ କରାଯାଉଛି। ଉଦାହରଣ ସ୍ୱରୂପ ,୨୦୨୨ରେ ଆରିଜୋନା ଏକ ବାଲଟ ପଦକ୍ଷେପ ମାଧ୍ୟମରେ ୬୦% ଅନୁମୋଦନ ପଥ ଆପଣାଇଥିଲା ଏବଂ ମିସୌରି ଏବେ ସ୍ୱୀକୃତି ସୀମାକୁ ଦୁଇ ତୃତୀୟାଂଶ ବୃଦ୍ଧି କରିବାକୁ ବିଚାର କରୁଛି। ପୂର୍ବରୁ ବାଲଟ ପଦକ୍ଷେପ ପାଇଁ ଅତ୍ୟଧିକ ସଂଖ୍ୟାଗରିଷ୍ଠତା ଆବଶ୍ୟକ କରୁଥିବା ୯ଟି ରାଜ୍ୟ ସହ ଏହା ସାମିଲ ହେବ। କିନ୍ତୁ ବାଲଟ–ପଦକ୍ଷେପ ପ୍ରକ୍ରିୟା ଉପରେ ଅତ୍ୟଧିକ ଘୃଣ୍ୟ ଆକ୍ରମଣ ହେଉଛି ଓହିଓରେ, ଯେଉଁଠାରେ ଆଇନଜୀବୀ ତଥା ସରକାରଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ସ୍ୱତନ୍ତ୍ର ଗୋଷ୍ଠୀଙ୍କ ମିଳିତ ମଞ୍ଚ ଏକ ସ୍ୱତନ୍ତ୍ର ନିର୍ବାଚନ (ଅଗଷ୍ଟ ୮) ରେ କରାଇବାକୁ ଲବି କରିଛନ୍ତି। ଏକ ପ୍ରସ୍ତାବିତ ରିପ୍ରଡକ୍ଟିଭ ଫ୍ରିଡମ ଆମେଣ୍ଡମେଣ୍ଟ ବା ପ୍ରଜନନ–ସ୍ୱାଧୀନତା ସଂଶୋଧନ ଉପରେ ଓହିଓ ତା'ନାଗରିକଙ୍କୁ ଭୋଟ ନ ଦେବାକୁ ଏହା କରାଯାଇଛି। ଖାଲି ସେତିକି ନୁହେଁ, ୨୦୨୨ରେ ବିଭିନ୍ନ ରାଜ୍ୟରେ ଏପରିକି ବହୁଳ ଭାବରେ ରିପବ୍ଲିକାନ ନିୟନ୍ତ୍ରିତ ରାଜ୍ୟରେ ପ୍ରଜନନ ଅଧିକାରର ସୁରକ୍ଷା ପାଇଁ ହୋଇଥିବା ସଫଳ ବାଲଟ ପଦକ୍ଷେପ ଦଳର ନିର୍ବାଚିତ ପ୍ରତିନିଧମାନଙ୍କୁ ଚିନ୍ତାରେ ପକାଇଦେଇଛି।

ଏକ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରୁଥିବା ନାଗରିକଙ୍କ ଜିଲା (ଗେରିମାଣ୍ଡରିଂ ଡିଷ୍ଟ୍ରିକ୍ଟ)ଗୁଡ଼ିକୁ ନେଇ ଗଠିତ ରାଜ୍ୟଗୁଡ଼ିକରେ ଅଧିକାର ଛଡ଼ାଇନେବା ରଣନୀତି ଅଧିକ ସମସ୍ୟାଜଡ଼ିତ। ସେଠାରେ ନିର୍ବାଚିତ ଅଧିକାରୀଙ୍କ ଏକ ଅଣପ୍ରତିନିଧି ଗୋଷ୍ଠୀ ସେମାନଙ୍କ ଭୋଟରଙ୍କ ସଂଖ୍ୟା ତୁଳନାରେ ଅତ୍ୟଧିକ ଶକ୍ତି ବ୍ୟବହାର କରନ୍ତି । ଏଭଳି ୧୦ଟି ରାଜ୍ୟ ମଧ୍ୟରୁ ୯ଟିର ରିପବ୍ଲିକାନ ନିୟନ୍ତ୍ରିତ ଷ୍ଟେଟ୍‌ହାଉସ ଏବଂ ନିର୍ବାଚିତ ଅଧିକାରୀ ଅଛନ୍ତି, ଯେଉଁମାନେ ଏକ କାର୍ଯ୍ୟସୂଚୀ ଅନୁସରଣ କରିବାକୁ ଚାହୁଁଛନ୍ତି, ଯାହାକୁ ଅଧିକାଂଶ ନାଗରିକ ବିରୋଧ କରୁଛନ୍ତି। ସୌଭାଗ୍ୟବଶତଃ ଏକ ଆଶ୍ଚର୍ଯ୍ୟଜନକ ରାୟରେ, ଆମେରିକା ସୁପ୍ରିମକୋର୍ଟ କହିଛନ୍ତି, ୨୦୨୦ ଜନଗଣନା ପରେ ଆଲବାମାର ନିର୍ବାଚନ ଜିଲାଗୁଡ଼ିକ ପୁନର୍ବାର ଗଢ଼ାଯାଇ ରାଜ୍ୟର କଳା ଭୋଟରଙ୍କ ପ୍ରଭାବକୁ ହ୍ରାସ କରିବା କାର୍ଯ୍ୟ ଭୋଟ ଅଧିକାର ଆଇନର ଧାରା ୨କୁ ଉଲ୍ଲଂଘନ କରିଛି। ବାଲଟରେ ପ୍ରତିବନ୍ଧକ, କୌଣସି ଅଞ୍ଚଳର ସୀମା ପରିବର୍ତ୍ତନ କରି ସେଠାରେ ନିଜ ସମର୍ଥକଙ୍କୁ ଅଧିକ ରଖିବାର ପ୍ରକ୍ରିୟା ବୃଦ୍ଧି କରିବା ଏବଂ ଭୋଟ ଅଧିକାର ଉପରେ ଆକ୍ରମଣ କରିବା କାର୍ଯ୍ୟ ରାଜ୍ୟ ତଥା ସ୍ଥାନୀୟ ସ୍ତରରେ ଆମେରିକାର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି। ଆମେ ନିଶ୍ଚିତ ହେବାକୁ ପଡ଼ିବ ଯେ ଏହି ପ୍ରୟାସ ବିଫଳ ହୋଇଛି। ରିପବ୍ଲିକାନ ନିୟନ୍ତ୍ରିତ ଆରିଜୋନା ବିଧାନସଭା ଏକ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନକୁ ଅଣଦେଖା କରୁଥିବାବେଳେ ଡେମୋକ୍ରାଟିକ ଗଭର୍ନର କେଟି ହବ୍ସ କାର୍ଯ୍ୟଭାର ଗ୍ରହଣ କରିବାର ୬ ମାସ ପରେ ୧୦୦ରୁ ଅଧିକ ପଦକ୍ଷେପକୁ ଅନୁମତି ଦେବାକୁ ମନାକରିଦେଇଛନ୍ତି। ବାଲଟ ପଦକ୍ଷେପକୁ ରୋକିବାକୁ ଆଉ ଏକ ଉପାୟ ଅବଲମ୍ବନ କରାଯାଉଛି। ଫଳରେ ଏହା ବିରୋଧରେ ପ୍ରଚାରକୁ ଲକ୍ଷ୍ୟକରି ବାଲଟ ଇନିସିଏଟିଭ ଷ୍ଟ୍ରାଟେଜି ସେଣ୍ଟର ନୂତନ ବିପଦକୁ ଚିହ୍ନଟ କରିବା ପାଇଁ ଏକ ସହାୟକ ରଣନୀତିକ ଢାଞ୍ଚା ବିକାଶ କରିଛି, ଯାହା ବିଭିନ୍ନ ସମୁଦାୟ ଉପରେ ଧ୍ୟାନ ଦେଉଛି । କିନ୍ତୁ ଏହାକୁ କ୍ଷମତାରୁ ବାହାରେ ରଖାଯାଇଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ ହେଉଛି ଅଣ–ଲାଭକାରୀ ସଂସ୍ଥା ଦ୍ୱାରା ବିଭିନ୍ନ ସମସ୍ୟା ଉପରେ ବାଲଟ ପଦକ୍ଷେପ ବିକାଶ କରିବାକୁ ପାଇଁ କାର୍ଯ୍ୟ କରାଯାଉଛି। ଉଦାହରଣ ସ୍ୱରୂପ, ଫେୟାରନେସ୍ ପ୍ରୋଜେକ୍ଟ,୨୦୧୫ରୁ ବାର୍ଷିକ ବଜେଟ ୧୦ମିଲିୟନ ଡଲାରରୁ କମ୍ ବଜେଟରେ ୩୩ଟି ବାଲଟ ପଦକ୍ଷେପ ମଧ୍ୟରୁ ୩୧ଟି ଜିତିଛି, ଯାହା ପ୍ରାୟ ୧୮ ନିୟୁତ ନାଗରିକଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସିଧାସଳଖ ଭୋଟ ଦେଇ ସେମାନଙ୍କର ଦଶମ ସଂଶୋଧନ ଅଧିକାର କାର୍ଯ୍ୟକାରୀ କରିବାର ସୁଯୋଗ ଦେଇଛି। ଜୁନ୍ ସୁଦ୍ଧା ୨୦୨୪ ନିର୍ବାଚନ ପ୍ରକ୍ରିୟା ପାଇଁ ୪୦ଟି ରାଜ୍ୟକୁ ବାଲଟ ପଦକ୍ଷେପ ସକାଶେ ସ୍ୱୀକୃତି ଦିଆଯାଇଛି। ସେଥିମଧ୍ୟରୁ କେତେକ ଗଣତନ୍ତ୍ର–ସମର୍ଥକ। କିନ୍ତୁ ଅନ୍ୟମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଧମକ ଦେଇଛନ୍ତି। ଆମେରିକାର ଗଣତନ୍ତ୍ର ପାଇଁ ୨୦୨୪ ନିର୍ବାଚନ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ ଆଖି ସ୍ୱାଭାବିକ ଭାବେ ରାଷ୍ଟ୍ରପତି ଦୌଡ଼ ଏବଂ କଂଗ୍ରେସର ନିୟନ୍ତ୍ରଣ ପାଇଁ ପ୍ରତିଯୋଗିତା ଉପରେ ରହିବ। କିନ୍ତୁ ଗଣତନ୍ତ୍ରର ସୁରକ୍ଷା କିମ୍ବା ନଷ୍ଟ କରିବାର ସଂଗ୍ରାମ ରାଜ୍ୟ ତଥା ସ୍ଥାନୀୟ ସ୍ତରରେ କମ୍ ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ।

# ଦୁଃଖ ବୁଝିବ କିଏ



**ସୁସ୍ମିତା ମହାପାତ୍ର**

ନିର୍ଦ୍ଦେଶ ଆସେ, ଦଶମ ବୋର୍ଡ ପରୀକ୍ଷାରେ ସରକାରୀ ବିଦ୍ୟାଳୟର ପିଲାଙ୍କ ଫଳାଫଳ ଯଥେଷ୍ଟ ଭଲ ହେବା ଏବଂ କୌଣସି ପିଲା ଅକୃତକାର୍ଯ୍ୟ ନ ହେବା ଜରୁରୀ। ନଚେତ୍ ବର୍ଦ୍ଧିତ ବେତନ ବନ୍ଦ ହେବା ସହ ଶିକ୍ଷକଙ୍କୁ ଦେବାକୁ ହେବ କୈଫିୟତ୍ ଉପରିସ୍ଥ ଅଧିକାରୀଙ୍କୁ। ଉପରିସ୍ଥ ଅଧିକାରୀ ପୁଣି ସ୍ପଷ୍ଟୀକରଣ ଦେବେ ତାଙ୍କ ଉପର ପାହ୍ୟାର ଅଧିକାରୀ, ଯୁଗ୍ମ ନିର୍ଦ୍ଦେଶକ ବା ନିର୍ଦ୍ଦେଶକଙ୍କୁ। ଶେଷରେ କଥା ପହଞ୍ଚିବ ଶିକ୍ଷା ସଚିବ ଓ ମନ୍ତ୍ରୀଙ୍କ କାନରେ। ଉପର ମହଲରେ ବସିବ ଉଚ୍ଚସ୍ତରୀୟ ବୈଠକ ଓ ନିଷ୍କର୍ଷର ପରିଣାମ ଭୋଗିବେ ନିରୀହ ଶିକ୍ଷକ ଗୋଷ୍ଠୀ। ଶିକ୍ଷାଦାନ ବ୍ୟତିରେକ ଆଉ କିଛି ଅଧିକ ଦାୟିତ୍ୱ ଲଦି ଦିଆଯିବ ତାଙ୍କ ମୁଣ୍ଡ ଉପରେ। ବର୍ଷର ୧୨ମାସ ଯାକ ସେମାନେ ଯେମିତି ନିୟୁକ୍ତ ରହିବେ ଶୈକ୍ଷିକ ସହ ବିଭିନ୍ନ ଅଣ ଶୈକ୍ଷିକ କାର୍ଯ୍ୟରେ। ଏତଦ୍‌ବ୍ୟତୀତ ବିଦ୍ୟାଳୟ ନିର୍ଘଣ୍ଟ ଅତିରିକ୍ତ, ପୂର୍ବାହ୍ନ ୧୦ଟା ପୂର୍ବରୁ ବା ଅପରାହ୍ନ ୪ଟା ପରେ ଏକ୍ସଟ୍ରା କ୍ଲାସ୍ କରିବା, ଗ୍ରୀଷ୍ମ ଅବକାଶରେ ବସ୍ତି ବସ୍ତି, ପଡ଼ା ପଡ଼ା, ସାହି ସାହି, ଗଳି ଗଳି ବୁଲି ଛୁଆଙ୍କୁ ପାଠ ପଢ଼ାଇବା, ବହି ବାଣ୍ଟିବା, ଔଷଧ ବାଣ୍ଟିବା, ତାଙ୍କ ଗୃହକାର୍ଯ୍ୟର ହିସାବ ନିକାଶ ରଖି ରିପୋର୍ଟ ଦେବା ଇତ୍ୟାଦି। ଫଳରେ ଶିକ୍ଷକ ତ ଶିକ୍ଷକ, ପିଲା ବି ଆଉ ଅବକାଶ ସମୟରେ ମାମୁଘର, ମାଉସୀଘର ବା ନିଜ ଗାଁକୁ ନ ଯାଇ ଘରେ ରହି ପାଠ ପଢ଼ିବେ। ଅଧିକାଂଶ ପିଲାଙ୍କ ପାଇଁ ସ୍ମାର୍ଟଫୋନ୍ ସ୍ୱପ୍ନ ହୋଇଥିବା ବେଳେ ପ୍ରତ୍ୟକ୍ଷ (ଅଫ୍‌ଲାଇନ) ପାଠପଢ଼ା ହିଁ ଏକମାତ୍ର ବିକଳ୍ପ। ଏଣୁ ଶିକ୍ଷକ ବି ରହିବାକୁ ବାଧ୍ୟ। ବେଶ୍ ଭଲ କଥା, ପଢ଼ାରେ ହେଲେ ଉନ୍ନତି କରିବେ ପିଲା, ବାଟକୁ ଆସିଯିବେ। ଶିକ୍ଷକଙ୍କ ଶ୍ରମ ବି ସାର୍ଥକ ହେବ। କିନ୍ତୁ ସବୁ ପିଲାଙ୍କ କ୍ଷେତ୍ରରେ ତାହା ସମ୍ଭବ ହୁଏନାହିଁ। କାରଣ କେତେଜଣ ଘରେ ଶୈକ୍ଷିକ ପରିବେଶ ପାଆନ୍ତିନାହିଁ, କେତେକଙ୍କ ଅଭିଭାବକ ଶିକ୍ଷା ପ୍ରତି ସଚେତନ ନ ଥାନ୍ତି, ଦିନରାତି ପିଲାଙ୍କୁ କାମରେ ଲଗାନ୍ତି, ପେଟପାଟଣାର ଦାୟରେ। ଅଧିକାଂଶ ଅଚେତନ, ଅଶିକ୍ଷିତ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ ହିଁ ତାଙ୍କ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ସବୁ ମାଗଣା ପାଇବା ଆଶାରେ ପଢ଼ାନ୍ତି। କିନ୍ତୁ ପରିତାପର ବିଷୟ, ପିଲା ଯଦି ଟିକେ ଭଲ ପଢ଼ିବାକୁ ଆରମ୍ଭ କଲା, ତେବେ ତା' ଅଭିଭାବକ କାହା ପ୍ରରୋଚନାରେ ଆସି ତଳ ଶ୍ରେଣୀରୁ ହିଁ ପିଲାକୁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କେଉଁ ବେସରକାରୀ ସ୍କୁଲରେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) କୋଟାରେ ବିନା ପଇସାରେ ଭର୍ତ୍ତି କରାଇ ଦିଅନ୍ତି। ପିଲାର ଭବିଷ୍ୟତ ପାଇଁ ଶିକ୍ଷକ ନୀରବ ରହନ୍ତି। ବାକି ପିଲାଙ୍କ ପିଛା ପୁଣି ସେ ଲାଗିପଡ଼ନ୍ତି ଦିନରାତି ଏକ କରି।

ତା'ପରେ ଆସେ ଆଦର୍ଶ ବିଦ୍ୟାଳୟରେ ଭର୍ତ୍ତିହେବା ନିମନ୍ତେ ପ୍ରବେଶିକା ପରୀକ୍ଷା। ଉପର ସ୍ତରରୁ ବାରମ୍ବାର ଚାପ ପଡ଼େ ଶିକ୍ଷକଙ୍କ ଉପରେ ଯଥା ସମ୍ଭବ ଅଧିକ ପିଲା କୃତକାର୍ଯ୍ୟ ହେବା ନିମନ୍ତେ ଚୟନ ପ୍ରକ୍ରିୟାରେ। 'ଜାନ୍ ଯାଉ ମାନ୍ ଥାଉ' ନୀତିରେ ଶିକ୍ଷକ ଲାଗିପଡ଼ନ୍ତି ଓ ସଫଳ ମଧ୍ୟ ହୁଅନ୍ତି ଏକ ଆଖିଦୃଶିଆ ସଂଖ୍ୟାରେ ପିଲାଙ୍କୁ ଆଦର୍ଶ ବିଦ୍ୟାଳୟକୁ ପଠାଇ। ଶିକ୍ଷକ ତାଙ୍କ ପ୍ରିୟ ଛାତ୍ରୀଛାତ୍ରଙ୍କୁ ବିଦାୟ ଦେଇ ଖୁବ୍ ଦୁଃଖୀ ଥିବାବେଳେ ପିଲାଙ୍କ ଭବିଷ୍ୟତ ଖାତିରରେ ମୁହଁରେ ହସ ଫୁଟାନ୍ତି। ସମୟକ୍ରମେ ଅନୁଷ୍ଠିତ ହୁଏ ଜବାହର ନବୋଦୟ ବିଦ୍ୟାଳୟରେ ଭର୍ତ୍ତିହେବା ନିମନ୍ତେ ପ୍ରବେଶିକା ପରୀକ୍ଷା। ଉପରିସ୍ଥ ଅଧିକାରୀଙ୍କ ତାଗିଦରେ ଲାଗିପଡ଼ନ୍ତି ଶିକ୍ଷକ। ତାଙ୍କ ଅକ୍ଳାନ୍ତ ପରିଶ୍ରମ ରଙ୍ଗ ଆଣେ। ବେଶ୍ ଥୋକେ ପିଲା ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି। ଖୁସି ପ୍ରକଟ କରନ୍ତି ଅଧିକାରୀ। କିନ୍ତୁ ବିଚରା ଶିକ୍ଷକ ଭାଙ୍ଗିପଡନ୍ତି। ତାଙ୍କ ସ୍ୱପ୍ନ ମରିଯାଏ। ସେ ନିଜ ହାତରେ ଗଢ଼ିଥିବା ସବୁ ପିଲା ଧୀରେ ଧୀରେ ତାଙ୍କୁ ପର କରି ଚାଲିଯାଆନ୍ତି, ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ନୀତି ଦ୍ୱାରା ନିରୂପିତ ତଥା ବିଭିନ୍ନ ବର୍ଗ ଓ ମାନକରେ ଆବଣ୍ଟିତ ବିଦ୍ୟାଳୟଗୁଡ଼ିକୁ। ସେତେବେଳେ ସେହି ଶିକ୍ଷକଙ୍କ ମନକୁ ଆସେ, ସରକାରୀ ସ୍କୁଲର ଶିକ୍ଷକଙ୍କ ଠାରୁ ବେତ ପ୍ରହାର ଓ ମଧ୍ୟାହ୍ନଭୋଜନ ଖାଇ, ମୁଁ ଆଜି ଏତେ ସକ୍ଷମ ହୋଇପାରିଛି । ସରକାରଙ୍କ ନିର୍ଦ୍ଦେଶରେ ସମାଜର କଲ୍ୟାଣ ନିମନ୍ତେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଯଥା ସମ୍ଭବ ସେବା ପ୍ରଦାନ କରିବା ସହ ଶହ ଶହ ପିଲାଙ୍କ ଭବିଷ୍ୟତ ଗଠନରେ ମୁଁ ମୋ ଜୀବନକୁ ବି ଉତ୍ସର୍ଗ କରିପାରିଛି।

**ରାଉରକେଲା**
**ମୋ– ୭୯୭୮୪୪୯୨୧୮**

## ଏଇ ଭାରତରେ

ପ୍ଲାଷ୍ଟିକ୍ ବ୍ୟବହାର କମାଇ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ କେରଳର ଦୁଇ ଭାଇଙ୍କ ପ୍ରୟାସ ପ୍ରେରଣାଦାୟକ। ରିଷଭ ଓ ରୋହନ ସୁରି 'କ୍ୱାଡ୍ରାଟ' ଷ୍ଟାର୍ଟଅପ୍ ଗଠନ କରି କୁଟା ଏବଂ କୁଣ୍ଡାରୁ ପ୍ଲେଟ୍, କପ୍, ଚାମଚ ଓ ଷ୍ଟ୍ର ତିଆରି କରୁଛନ୍ତି। ସେମାନେ ବିଭିନ୍ନ ରାଇସ ମିଲ୍‌ରୁ କୁଣ୍ଡା ଓ ଚାଷୀମାନଙ୍କଠାରୁ କୁଟା ସଂଗ୍ରହ କରୁଛନ୍ତି। ଉତ୍ପାଦଗୁଡ଼ିକ ବ୍ୟବହାର ପରେ ଖୁବ୍ ଶୀଘ୍ର ମାଟିରେ ମିଶିଯାଉଛି। ୨୦୧୮ରେ ଦୁଇ ଭାଇ ଉଗାଣ୍ଡାର ଏକ ପାହାଡ଼ ଚଢୁଥିବାବେଳେ ସେଠାରେ ପ୍ଲାଷ୍ଟିକ ବର୍ଜ୍ୟ ଦେଖିବା ପରେ ଏହାର ସମାଧାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଭାରତରେ ବହୁଳ ପ୍ଲାଷ୍ଟିକ ବ୍ୟବହାର ଦେଖି ଏଭଳି ଏକ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଏବେ ସେମାନଙ୍କ ଉତ୍ପାଦ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ସମେତ ଉତ୍ତର–ପୂର୍ବ ରାଜ୍ୟ ମିଜୋରାମ ଓ ନାଗାଲାଣ୍ଡରେ ବିକ୍ରି ହେଉଛି। ଏହା ବ୍ୟତୀତ ଏହିସବୁ ଉତ୍ପାଦ ଆମେରିକା, ବ୍ରିଟେନ, କାନାଡା ଓ ମେକ୍ସିକୋକୁ ପଠାଯାଉଛି। ଜୁନ୍ ମାସରେ ସେମାନେ ୨୫,୦୦୦ ୟୁନିଟ ପ୍ଲେଟ୍, କପ୍, ଚାମଚ ଓ ଷ୍ଟ୍ର ବିକ୍ରି କରିଛନ୍ତି। ଏହି ପ୍ଲେଟ୍‌ରେ ପାଣି ୨୦ ମିନିଟ ଓ କପ୍‌ରେ ୭୦ ମିନିଟ ରହିପାରୁଛି। ଚାମଚ ଓ ଷ୍ଟ୍ରକୁ ବି ଚୋବାଇ ଖାଇହେଉଛି। କପ୍‌ର ମୂଲ୍ୟ ୬ ଟଙ୍କା ଥିବାବେଳେ ଚାମଚ ଓ ଷ୍ଟ୍ର ପ୍ୟାକେଟ ମୂଲ୍ୟ ୩୯୯ ଟଙ୍କା । ୨୫ଟି ପ୍ଲେଟ୍ ଥିବା ପ୍ୟାକେଟର ମୂଲ୍ୟ ୨୯୯ ଓ ଏହାକୁ ପ୍ରାଣୀମାନେ ଖାଇପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୮ ଜୁଲାଇ ୧୯୯୮**

- ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତୀୟ ଗ୍ରାଣ୍ଡ୍ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କୁ ମର୍ଯ୍ୟାଦାଜନକ 'ଚେସ୍ ଓସ୍କାର' ପ୍ରଦାନ।
- ବିଶିଷ୍ଟ ଔପନ୍ୟାସିକା, ଗାଳ୍ପିକା ଓ ଅନୁବାଦିକା ବିଦୂଷୀ ଲବଙ୍ଗଲତା ଦେବୀଙ୍କ ୮୨ ବର୍ଷ ବୟସରେ ପରଲୋକ।
- ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ପରିବର୍ଦ୍ଧିତ ବେତନହାର ଘୋଷଣା।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | | |
| 6 | 1 | 3 | | | | 8 | | |
| | | 9 | | 6 | | 2 | | |
| | | | 7 | | | | 1 | 2 |
| | 3 | | 9 | | 4 | | | |
| | | | | | | 4 | 5 | |
| | | | | 5 | | 6 | | 8 |
| | 6 | | | | | | | 4 |
| 8 | | 5 | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 3 | 2 | 5 | 1 | 4 | 6 | 9 |
| 6 | 9 | 5 | 7 | 8 | 4 | 2 | 3 | 1 |
| 1 | 2 | 4 | 9 | 6 | 3 | 7 | 8 | 5 |
| 5 | 3 | 2 | 6 | 4 | 7 | 9 | 1 | 8 |
| 8 | 1 | 7 | 3 | 2 | 9 | 5 | 4 | 6 |
| 4 | 6 | 9 | 8 | 1 | 5 | 3 | 7 | 2 |
| 3 | 7 | 8 | 5 | 9 | 6 | 1 | 2 | 4 |
| 9 | 4 | 6 | 1 | 7 | 2 | 8 | 5 | 3 |
| 2 | 5 | 1 | 4 | 3 | 8 | 6 | 9 | 7 |

ଗତକାଲିର ଉତ୍ତର

# ତେଲ ଉପାଖ୍ୟାନ



**ଉପେନ୍ଦ୍ର ବିଶ୍ୱାଳ**

ଏକଦା ଗିନିଜ୍ ବୁକ୍‌ରେ ବିଶ୍ୱର ଶ୍ରେଷ୍ଠ ଧନାଢ୍ୟ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଥିବା ବ୍ରିଟିଶ ଶିଳ୍ପପତି ପାଉଲ ଗେଟିଙ୍କ କହିବା ଅନୁଯାୟୀ, ଜୀବନରେ ସଫଳତାର ଉତ୍ସ ହେଉଛି– ପ୍ରତ୍ୟୁଷରେ ଶଯ୍ୟା ତ୍ୟାଗ, କଠିନ ପରିଶ୍ରମ ଓ ଟିକେ ତେଲ। ଏହି ତେଲ ସମ୍ପର୍କରେ ଆସନ୍ତୁ ଆଲୋଚନା କରିବା। ତେଲ ଓ ଲୁଣର ଆମ ଏ ସଂସାର। ଲୁଣ ଯେମିତି ଦୈନନ୍ଦିନ ଜୀବନ ସମେତ ଆମ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ, ତେଲ ବି ସେମିତି। ଦୁହିଁଙ୍କ ବିନା ଆମ ଜୀବନଯାତ୍ରା ଅଚଳ। ଦୁହିଁଙ୍କ ଉପଯୋଗିତା ଯେମିତି, ଉପକାରିତା ବି ସେମିତି। କିନ୍ତୁ ବେଶି ଉପଯୋଗ କଲେ ଆମ ପାଇଁ ବିପଦ ହୋଇଥାଏ। ଡାକ୍ତରଙ୍କୁ ଦାନଦକ୍ଷିଣା ଦେଇ ଦେଇ ସର୍ବସ୍ୱାନ୍ତ ହେବାକୁ ପଡ଼େ। ଗାଡ଼ିର ଇନ୍ଧନ ପାଇଁ ହେଉ କି ଦୀପ ପାଇଁ ଅବା ଦେହରେ ମାଖିବା ପାଇଁ କି ରନ୍ଧନ ପାଇଁ, ତେଲର ବ୍ୟବହାର ସବୁଠି। କିନ୍ତୁ ଏତଦ୍‌ଭିନ୍ନ ଆଉ ଗୋଟେ ପ୍ରକାର ତେଲ ରହିଛି, ଯାହାର ବ୍ୟବହାର ଆଜି ବ୍ୟାପକ। ଏପରିକି ଗୃହିଣୀଙ୍କ କାର୍ଯ୍ୟାଳୟ ଅର୍ଥାତ୍ ଭାର୍ଯ୍ୟାଳୟରେ ମଧ୍ୟ ଏହାର ଉପଯୋଗିତା ଢେର ବେଶି। ପ୍ରାଣପ୍ରିୟାଙ୍କୁ ଟିକେ ତେଲ ନ ମାରିଲେ କଥା ସରିଲା। ଆପଣଙ୍କ ଉପରେ ଶନିଦଶା ପଡ଼ିଲା ବୋଲି ବୁଝିବାକୁ ପଡ଼ିବ। ଗେଟିଙ୍କ 'ଟିକେ ତେଲ'ର ଅର୍ଥ ସାମାନ୍ୟ ପ୍ରଶସ୍ତି। ଅର୍ଥାତ୍ ଅନ୍ୟ ପ୍ରତି ସର୍ବଦା ପ୍ରଶଂସାସୂଚକ କଥା କହିବା। କଦାପି କାହାରି ପ୍ରତି ନିନ୍ଦାସୂଚକ ବା ଆକ୍ଷେପଭରା ବାକ୍ୟ ପ୍ରୟୋଗ କରିବା ନାହିଁ। ସେଇଥିପାଇଁ ତ କୁହାଯାଇଛି, 'ଯଦି ଅନ୍ୟକୁ ପ୍ରଶଂସା କରିବାକୁ ଅସମର୍ଥ, ଅନ୍ତତଃ କାହାରି ନିନ୍ଦା କରନାହିଁ '। ଅର୍ଥାତ୍ ସର୍ବଦା ସକାରାତ୍ମକ ଦୃଷ୍ଟିକୋଣକୁ ଆପଣାଇବା ; ଯଦ୍ୱାରା ବନ୍ଧୁଙ୍କ ସଂଖ୍ୟା ବି ବଢ଼ି ଚାଲିବ, କମିବ ନାହିଁ। ଟିକିଏ ମାତ୍ର ତେଲ ପ୍ରୟୋଗରେ ଯନ୍ତ୍ରପାତିଗୁଡିକ ଯେମିତି ସୁଚାରୁରୂପେ କାମ କରନ୍ତି, ସେମିତି ଆମ୍ଭ ବ୍ୟବହାରରେ ଟିକେ ତେଲ ରହିଲେ, କାର୍ଯ୍ୟ ହାସଲ ସହଜ ହୋଇଥାଏ। କିନ୍ତୁ ଲୋଭରେ ପଡ଼ି ସାମାନ୍ୟ ସ୍ୱାର୍ଥ ପାଇଁ ଅଧିକରୁ ଅଧିକ ତେଲ ମାରିବା, ଯାହାକୁ ତୋଷାମଦପଣିଆ କୁହାଯାଏ, ତାହା ଆଦୌ ସ୍ପୃହଣୀୟ ନୁହେଁ। ଏ ଜାତିର କୁଳବୃଦ୍ଧ, ଓଡ଼ିଆ ସ୍ୱାଭିମାନର ସ୍ୱର ମଧୁବାବୁ ତ ଏହାକୁ ତୀବ୍ର ଘୃଣାକରି କୁକୁର ପ୍ରକୃତି ବୋଲି ଉଲ୍ଲେଖ କରିଛନ୍ତି। କବିଙ୍କ କଲମରେ – ''ତୁ ମନେ ଭାବିଛୁ ତୋଷାମଦ କରି ବଢ଼ାଇବୁ ଜାତି ମାନ, ତୋଷାମଦିଆର କୁକୁର ପ୍ରକୃତି ଅଇଁଠାପତରେ ଧ୍ୟାନ। ସ୍ୱାର୍ଥର ବନିତା ଅଟେ ତୋଷାମଦ ଭୟ ମିଥ୍ୟା ତାଙ୍କ ପୁତ୍ର, ରାଜ୍ୟରେ ବିପ୍ଲବ ନିଶ୍ଚୟ ଘଟିବ ଏମାନେ ହେଲେ ଏକତ୍ର। ଜାତିର ଉନ୍ନତି ସେ କାହିଁ କରିବ ସ୍ୱାର୍ଥେ ଯା'ର ବ୍ୟସ୍ତ ମନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ ? ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧାଥିଲେ ?'' ଗୋଟେ ଜାତି ପାଇଁ ଏଭଳି ଚରିତ୍ର ଅତ୍ୟନ୍ତ କ୍ଷତିକାରକ। ଏ ପ୍ରକାର ତେଲମରା ଗୋଷ୍ଠୀର ଲୋକେ ହେଉଛନ୍ତି ଆମ୍ଭ ଜାତିର ଶତ୍ରୁ। ଏବେ ତ ଏ ପ୍ରକାର ତେଲ ସରକାରୀ, ବେସରକାରୀ, ରାଜନୈତିକ କାର୍ଯ୍ୟାଳୟଗୁଡ଼ିକରେ ବହୁଳ ମାତ୍ରାରେ ବ୍ୟବହାର ହେଉଥିବାର ଦେଖିବାକୁ ମିଳିଥାଏ। ଏଇଠି ମନେପଡ଼େ ଇତିହାସର ଏମିତି ଦୁଇଟି ଘଟଣା, ଯାହାକି ତେଲ ସହ ସମ୍ପର୍କିତ। ମହାମତି ଚାଣକ୍ୟଙ୍କ ଜୀବନର ବହୁଚର୍ଚ୍ଚିତ ପ୍ରେରଣାଦାୟୀ ଘଟଣାଟି ସମ୍ବନ୍ଧରେ ତ ପ୍ରାୟ ସମସ୍ତେ ଅବଗତ, ଯାହାକି ଘଟିଥିଲା ବିଦେଶାଗତ ଅତିଥିଙ୍କ ଆଗରେ, ତେଲଭରା ଦୁଇଟି ଦୀପକୁ ନେଇ। ସେ ସମ୍ବନ୍ଧେ ଆଉ ଆଲୋଚନା ନ କରି ଅନାଲୋଚିତ ଅନ୍ୟ ଏକ ରୋଚକଭରା କାହାଣୀଟି ଏଠାରେ ଉଲ୍ଲେଖ କରିବା ଉଚିତ ମନେହୁଏ। ସଉକ ଅନୁଯାୟୀ ଆକବର ପାଳିଥିଲେ ଅନେକ ବିରାଡ଼ି। ଏକଦା ତାଙ୍କ ମନକୁ ଗୋଟେ ଅଜବ ଖିଆଲ ଜୁଟିଲା। ଯୋଜନାନୁଯାୟୀ ବିରାଡ଼ିମାନଙ୍କ ମୁଣ୍ଡରେ ତେଲ ଭର୍ତ୍ତି ଜଳନ୍ତା ଦୀପ ରଖି ଦିଆଯିବ। ସମ୍ରାଟ ଯେତେବେଳେ ରାତ୍ରିଭୋଜନ କରିବେ, ସେତେବେଳେ ତାଲିମପ୍ରାପ୍ତ ବିରାଡ଼ିଗୁଡ଼ିକ ନିଶ୍ଚଳ ହୋଇ ବସି ରହିଥିବେ ସମ୍ରାଟଙ୍କ ଭୋଜନ ସରିବା ଯାଏଁ। ଧାର୍ଯ୍ୟଦିନ ସୁଦ୍ଧା ସେମାନଙ୍କୁ ତାଲିମ ଦେଇ ପରୀକ୍ଷାମୂଳକ ଭାବେ ମହାରାଜାଙ୍କ ରାତ୍ରିଭୋଜନ ସମୟରେ ପ୍ରଦର୍ଶିତ କରାଗଲା। ତାଲିମପ୍ରାପ୍ତ ବିରାଡ଼ିଗୁଡ଼ିକ ନିଶ୍ଚଳ ହୋଇ ସେମିତି ବସିରହିଲେ ଆକବର ନ ଉଠିଲା ପର୍ଯ୍ୟନ୍ତ। ଏଥିରେ ଅତ୍ୟନ୍ତ ଖୁସି ବ୍ୟକ୍ତକଲେ ଆକବର। ବୀରବଲଙ୍କ ବିନା ବିରାଡ଼ିମାନଙ୍କୁ ତାଲିମ ଦେବାର କଠିନ କାମଟିଏ କରାଯାଇଥିବାରୁ ଖୁସିରେ ଗଦ୍‌ଗଦ୍ ହେଲେ।



ତା'ପରଦିନ ରାତ୍ରିଭୋଜନ ସମୟରେ ବୀରବଲଙ୍କୁ ଆମନ୍ତ୍ରଣ କଲେ ଏ ପ୍ରକାର ଆଶ୍ଚର୍ଯ୍ୟ ଘଟଣାକୁ ଦେଖାଇବାକୁ। ନିର୍ଦ୍ଦିଷ୍ଟ ସମୟରେ ବୀରବଲ ଆସି ପହଞ୍ଚିଲେ ଓ ସେସବୁ ଦେଖିଲେ। ଆକବର କହିଲେ, ''ଦେଖିଲ ତ ବୀରବଲ, ଏ ଆକବର ବିଲେଇମାନଙ୍କୁ ବି କେମିତି ନଚାଇପାରେ।'' ସେଇଠୁ ବୀରବଲ କହିଲେ, ''ମଣିମା, ଏମାନେ ସବୁ କ'ଣ ଠିକ୍‌ଭାବେ ତାଲିମପ୍ରାପ୍ତ ? ମୋର କାହିଁ ସନ୍ଦେହ ହେଉଛି। ତାଙ୍କର ଏକ ପରୀକ୍ଷା କରାଯାଉ, ଆସନ୍ତାକାଲି ଠିକ ଏହି ବେଳରେ। ସେଥିପାଇଁ ମଣିମାଙ୍କ ଅନୁମତି ଚାହୁଁଛି।'' ଆକବରଙ୍କ ସମ୍ମତିକ୍ରମେ ବୀରବଲ ଆସି ପହଞ୍ଚିଲେ ତା'ପରଦିନ ଠିକ୍ ସେହି ସମୟରେ। କିନ୍ତୁ ଖୁବ୍ ସତର୍କତାର ସହ ନିଜ ପାଇଜାମା ପକେଟରେ ମୂଷାଟିଏ ପୂରାଇ ଆଣିଥିଲେ। ନିର୍ଦ୍ଧାରିତ ସମୟରେ ଆକବର ଆସି ଭୋଜନ କରିବାକୁ ବସିଛନ୍ତି, ଅତ୍ୟନ୍ତ ସନ୍ତର୍ପଣରେ ବିଲେଇମାନଙ୍କ ସାମ୍ନାରେ ଥୋଇଦେଲେ ମୂଷାଟିକୁ। ତା'ପରେ ବିଲେଇମାନଙ୍କୁ ଆଉ କିଏ ସମ୍ଭାଳେ ! ତାଲିମ ଫାଲିମ ଭୁଲିଯାଇ ମୂଷାଟିକୁ ମାରିବାକୁ ପ୍ରତିଯୋଗିତାରେ ମାତିଗଲେ। ସେଇଠୁ ମଥା ଉପରେ ଥିବା ଦୀପାଳିସବୁ ତଳେ ପଡ଼ିଯାଇ ସାରା ଚଟାଣ ତୈଳାକ୍ତ ହୋଇଗଲା ଏବଂ ଚାରିଆଡ଼େ ଅନ୍ଧାର ହୋଇଗଲା। ଏପଟେ ରାଗିଗଲେ ସମ୍ରାଟ। ଅଧାଖିଆ ହୋଇ ଉଠି ଆସୁଥିବା ବେଳେ ଶୁଭିଲା ଧୁଲ୍‌ଦାଲ୍ ଶବ୍ଦଟିଏ। ଚତୁଃପାର୍ଶ୍ୱରେ ଲୁଚିଥିବା ମୁହଁମାନଙ୍କରୁ ଲହଡ଼ିସମ ମାଡ଼ିଆସିଲା। ଇତିହାସରୁ ଏବେ ଆସିବା ଦର୍ଶନ ବିଭାଗକୁ। ଉପରୋକ୍ତ ସେହି ବିଲେଇମାନଙ୍କ ପରି ଆମ୍ଭମାନଙ୍କ ମନ ମଧ୍ୟ ଅତ୍ୟନ୍ତ ସୁବିଧାବାଦୀ। ଟିକେ ସୁଯୋଗ ପାଇଲାମାତ୍ରେ ସେଇ ଦିଗକୁ ଆମକୁ ଟାଣିନିଏ। ମନକୁ ସଦା ନିୟନ୍ତ୍ରଣରେ ନ ରଖିଲେ ବିପଦର ସମ୍ଭାବନା ରହିଥାଏ। ଦୁଷ୍ଟ ତଥା ସଦା ଚଞ୍ଚଳ ମନକୁ ଆୟତ୍ତ କରିବାକୁ ହେଲେ ଶକ୍ତ ରଜ୍ଜୁ ଲୋଡ଼ା। ସେଥିପାଇଁ ଅନ୍ତର୍ଚେତନାକୁ ଜାଗ୍ରତ କରିବାକୁ ହେବ। ଅର୍ଥାତ୍ ଆମ୍ଭ ଅନ୍ତରର ଦୀପକୁ ଜଳାଇବାକୁ ପଡ଼ିବ। ଅନ୍ତରର ଦୀପ ଜଳାଇବାକୁ ହେଲେ ସେହିଭଳି ତେଲ ଜରୁରୀ। ସେ ତେଲ ହେଉଛି ଧ୍ୟାନ,ପ୍ରାଣାୟମ, ପ୍ରାର୍ଥନା, ନିତ୍ୟ ସ୍ୱାଧ୍ୟାୟ ବା ସଦ୍‌ଗ୍ରନ୍ଥ ପଠନ, ସତ୍ୟ ବଚନ ଶ୍ରବଣ, ସତ୍ୟ ଦର୍ଶନ। ଏହାଦ୍ୱାରା ଅନ୍ତରର ଦୀପ ସଦା ପ୍ରଜ୍ୱଳିତ ହେବ। ମାନେ ବିବେକ ସଦା ଜାଗ୍ରତ ରହିବ। ଆସୁରିକତା ଆମ୍ଭକୁ ସହଜେ ଗ୍ରାସ କରିପାରିବ ନାହିଁ। ଫଳରେ, ବ୍ୟକ୍ତି ତଥା ସମାଜର ଅଶେଷ କଲ୍ୟାଣ ସାଧିତ ହେବ। ଏତିକିରେ ଇତି କରୁଛୁ, ଆଜିର ଏ ତେଲ ଉପାଖ୍ୟାନ।

**ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ– ୯୪୩୭୪୩୬୦୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନ ହେଲେ ସାଇବର ଅପରାଧ ଲୋପ ପାଇବ

ମହାଶୟ,

କ୍ରମବର୍ଦ୍ଧିଷ୍ଣୁ ଡିଜିଟାଲ ଯୁଗରେ ସାଇବର ଅପରାଧ ବୃଦ୍ଧି ଘଟୁଛି। ବିଶେଷକରି ଡିଜିଟାଇଜେଶନର ଦ୍ରୁତଗତି ସହିତ ସାଇବର ଅପରାଧର ଗତି ସମାନ ହୋଇଯାଇଛି ; ଯଦ୍ୱାରା ଏହି ଅପରାଧୀମାନେ ନିଜର ଜାଲ ବିଛାଇ ସଫଳ ହେବା ସହିତ ପୋଲିସଠାରୁ ଦୁଇପାଦ ଆଗରେ ରହି ଠକି ଚାଲିଛନ୍ତି । ମୋବାଇଲ ବ୍ୟବହାରକାରୀଙ୍କ ସାମାନ୍ୟ ଅସାବଧାନତାରୁ ସେମାନଙ୍କ ଆକାଉଣ୍ଟ ଖାଲି ହୋଇଯାଉଛି। ସଚେତନତାର ଅଭାବ ଯୋଗୁ ଅପରାଧୀମାନେ ନିଜର କାୟା ବିସ୍ତାର କରିବାରେ ସଫଳ ହେଉଛନ୍ତି। ସାଇବର ଅପରାଧୀଙ୍କଠାରୁ ରକ୍ଷା ପାଇବାକୁ ହେଲେ ମୋବାଇଲ ବ୍ୟବହାରକାରୀମାନେ ନିଜର ମୋବାଇଲକୁ ସର୍ବଦା ଅପଡେଟ୍ କରିବା ଉଚିତ। ଫୋନ୍ ଆକାଉଣ୍ଟରେ ଶକ୍ତିଶାଳୀ ପାସ୍‌ୱାର୍ଡ ବ୍ୟବହାର କରିବା ଆବଶ୍ୟକ। ଠିକ୍ ସେହିଭଳି ଅଜଣା କଲ୍‌ରେ ନିଜର ବ୍ୟକ୍ତିଗତ ବିବରଣୀ, ପାସ୍‌ବୁକ୍ ନମ୍ବର, ଓଟିପି, ବୀମା ତଥ୍ୟ ପ୍ରଦାନ କରିବା ଅନୁଚିତ।

**–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସବୁରି ପଛରେ ଆସି ଚଳିଯାଏ
ସକଳର ଆଗେ,
ଅଧର ନ ହେଉଁ ତା'ର ବିରଚିତ ନବ
ହାସ୍ୟରାଗେ,
ଆସିଥାଏ କ୍ରନ୍ଦନର ଭାଷା ଘେନି ଖାଲି
ଶେଷ କ୍ରନ୍ଦନରେ ଯାଏ ଚାଲି !
(ସୃଜନ ବ୍ୟଥା)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

# ଏକତା ହିଁ ଭାରତକୁ ବିଶ୍ୱଗୁରୁ କରିବ




ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଅଳକା ମହାବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ନାରାୟଣ ମହାନ୍ତି ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚାସୀନ ଅତିଥି, ବିଚାରକମଣ୍ଡଳୀ ଓ ଛାତ୍ରୀଛାତ୍ରମାନେ।

ଜଗତ୍‌ସିଂହପୁର, ୨୭।୭
(ପ୍ରମୋଦ କୁମାର ନାୟକ)

ବିଶ୍ୱର ବିଭିନ୍ନ ଦେଶରେ ଅରାଜକତା ଦେଖାଦେଇଛି। ଶାସକଙ୍କୁ ବିତାଡ଼ିତ କରି ଦିଆଯାଉଛି। ଆଫ୍ରିକା ମହାଦେଶର ଏକାଧିକ ରାଷ୍ଟ୍ର ସମେତ ପାକିସ୍ତାନ ଓ ବର୍ମା ଆଦିରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି, କିନ୍ତୁ ଭାରତରେ ସେଭଳି ନାହିଁ। କାରଣ ବିଭିନ୍ନ ଭାଷା, ଜାତି, ସମ୍ପ୍ରଦାୟ ମଧ୍ୟରେ ବିଭିନ୍ନତା ସତ୍ତ୍ୱେ ଆମେ ଏକତାବଦ୍ଧ ଭାବେ ରହିଛନ୍ତି। ଗଣତନ୍ତ୍ର ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏଭଳି ଏକାଠି ରହିଲେ ପରବର୍ତ୍ତୀ ସମୟରେ ଭାରତ ବିଶ୍ୱଗୁରୁ ହୋଇପାରିବ। ସବୁଠୁ ବଡ଼ ଶକ୍ତି ଭାବେ ଉଭା ହେବ। ଗୁରୁବାର ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ୫୦ ବର୍ଷ ପାଳନ ଅବସରରେ ଆୟୋଜିତ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ନାରାୟଣ ମହାନ୍ତି ଏହା କହିଛନ୍ତି। ସେ କହିଥିଲେ, ଯୁବପିଢ଼ି ଆଗାମୀ ଶତାବ୍ଦୀରେ ବଡ଼ ଭୂମିକା ନିର୍ବାହ କରିବାକୁ ଯାଉଛନ୍ତି। ସେମାନେ ସଚେତନ ନ ହେଲେ ଗଣତନ୍ତ୍ର ସୁଦୃଢ଼ ରହିପାରିବ ନାହିଁ। ଧରିତ୍ରୀ ପକ୍ଷରୁ ବଛା ଯାଇଥିବା ପ୍ରତିଯୋଗିତାର ଶୀର୍ଷକ ବାସ୍ତବିକ ଯୁଗୋପଯୋଗୀ ଏବଂ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଗଣତନ୍ତ୍ରରେ ସେମାନଙ୍କ ଭୂମିକା ବିଷୟରେ ସଚେତନ ରହିବା ସାଙ୍ଗକୁ ଆଗକୁ ବଢ଼ିବେ। ଦେଶ ପ୍ରଗତି ପାଇଁ ଭଲ ନେତା ନିର୍ବାଚିତ କରିବାକୁ ଚାହିଁବେ ବୋଲି ମହାନ୍ତି କହିଥିଲେ। ଏହି ଅବସରରେ ବିଚାରକ ଭାବେ ଗୀତିକବି ବାମଦେବ ସ୍ୱାଇଁ ଯୋଗଦେଇ ଧରିତ୍ରୀର ଉଦ୍ୟମକୁ ପ୍ରଶଂସା କରିଥିଲେ। ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରି ସଚେତନ ପାଇଁ ପ୍ରୟାସ କରାଯାଇଛି। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସ୍ୱାଇଁ କହିଥିଲେ। ଅନ୍ୟତମ ବିଚାରକ ତଥା ସାହିତ୍ୟିକ ପୀତାମ୍ବର ମହାପାତ୍ର ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରହିବା ସହ ମା'ବାପାଙ୍କ ନାଁ ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ସମୟ ଯେଉଁ ଧାରାରେ ଚାଲିଛି କେବଳ ଯୁବପିଢ଼ି ଚାହିଁଲେ ପରିବର୍ତ୍ତନର ସ୍ୱର ବଦଳାଇ ପାରିବେ। ସେହିପରି ଗଣମାଧ୍ୟମ ଯଦିଓ ତାର ଦାୟିତ୍ୱ ନିର୍ବାହ କରୁଛି ତଥାପି କେତେକ କ୍ଷେତ୍ରରେ ବ୍ୟତିକ୍ରମ ହେଉଛି। ତେଣୁ ଗଣମାଧ୍ୟମ ସତ୍ୟ ଓ ନିର୍ଭୀକ ଖବର ପରିବେଷଣ ଉପରେ ଜୋର ଦେବା ଆବଶ୍ୟକ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର କହିଥିଲେ, ବ୍ୟକ୍ତି ସ୍ୱାଧୀନତା, ସହନଶୀଳତା, ସମାନତା ଓ ଅଧିକାର ଉପରେ ଗଣତନ୍ତ୍ର ଆଧାରିତ। କିନ୍ତୁ ବର୍ତ୍ତମାନ ଆମ ଦେଶରେ ଧନୀ ଦରିଦ୍ର୍ୟ, ଉଚ୍ଚ ନୀଚ ଓ ଶିକ୍ଷିତ ଅଶିକ୍ଷିତଙ୍କ ମଧ୍ୟରେ ଦେଖା ଦେଉଥିବା ଅସମାନତା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି। ଗଣତନ୍ତ୍ରରେ ଗୁଣ ଅପେକ୍ଷା ପରିମାଣରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯେଉଁଥିପାଇଁ ଅନେକ ଦାୟିତ୍ୱବାନ ଓ ବିଜ୍ଞ ବ୍ୟକ୍ତି ରାଜନୀତି ତଥା ଗଣତନ୍ତ୍ରରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି। ଏହାକୁ ସଫଳ କରିବାକୁ ହେଲେ ଯୁବପିଢ଼ିଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ପଡ଼ିବ ବୋଲି ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ମୋଟ ୧୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଆଜମେରି ଖାନମ୍, ରୁଦ୍ର ପ୍ରସାଦ ମିଶ୍ର ଯୁଗ୍ମ ପ୍ରଥମ, ମଧୁସ୍ମିତା ସେଠୀ ଦ୍ୱିତୀୟ ଓ ସୁହାନି ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିରକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଦେଇଥିଲେ। ବିରିଡ଼ି ପ୍ରତିନିଧି ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି ସହଯୋଗ କରିଥିଲେ।

## ବିଜେତାଙ୍କ ମୁହଁରୁ



ସାମାଜିକ ସଚେତନତା ପାଇଁ ଧରିତ୍ରୀ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଦେଶରେ ନ୍ୟାୟ, ଧର୍ମ, ବିଚାରର ସ୍ଥାପନ ହେବାସହ ପ୍ରଗତିକୁ ଆଗେଇ ନେବ ବୋଲି ଆଶା ଓ ବିଶ୍ୱାସ। ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କ ମଧ୍ୟରେ ସକାରାତ୍ମକ ଭାବନା ସୃଷ୍ଟି କରୁଛି।

**- ଆଜମେରି ଖାନମ୍, ଯୁକ୍ତ ୩ ପ୍ରଥମ ବର୍ଷ କଳା (ଯୁଗ୍ମ ପ୍ରଥମ)**



ଗଣତନ୍ତ୍ରରେ କେତେକ କାରଣରୁ ଶାସନ ଠିକ୍ ଭାବେ ଚାଲିପାରୁନାହିଁ। ଅମଲାତନ୍ତ୍ରର ମନମାନି ଚିନ୍ତାର କାରଣ ହୋଇଛି। ଗଣମାଧ୍ୟମ ଅନେକ କିଛି କରୁଥିଲେ ସୁଦ୍ଧା କେତେକ କ୍ଷେତ୍ରରେ ପଥଚ୍ୟୁତ ହେଉଛି। ଅନୁରୂପ ଭାବେ ଯୁବପିଢ଼ି ପଥଭ୍ରଷ୍ଟ ହେଉଛି। ଦେଶର ପ୍ରଗତି ପାଇଁ ଧରିତ୍ରୀର ପ୍ରୟାସ ସ୍ୱାଗତଯୋଗ୍ୟ।

**- ରୁଦ୍ର ପ୍ରସାଦ ମିଶ୍ର, ଯୁକ୍ତ ୩ ପ୍ରଥମ ବର୍ଷ କଳା (ଯୁଗ୍ମ ପ୍ରଥମ)**



ସମ୍ପ୍ରତି ଗଣତନ୍ତ୍ରରେ ଯୁବ ସମାଜର ଗୁରୁ ଦାୟିତ୍ୱ ରହିଛି। ଯୁବ ସମାଜ ସକାରାତ୍ମକ ଦିଗରେ ଯିବା ସହ ନେତୃତ୍ୱ ନେଲେ ଦେଶର ବିକାଶ ହେବ। ଗଣମାଧ୍ୟମ ଓ ଯୁବପିଢ଼ି ସକ୍ରିୟ ହେଲେ ଗଣତନ୍ତ୍ର ମଜଭୁତ ହେବ। ତେଣୁ ଧରିତ୍ରୀର ପ୍ରୟାସକୁ ସାଧୁବାଦ ଜଣାଉଛି।

**- ମଧୁସ୍ମିତା ସେଠୀ, ଯୁକ୍ତ ୩ ପ୍ରଥମ ବର୍ଷ, ବିଜ୍ଞାନ(ଦ୍ୱିତୀୟ)**



ଗଣତନ୍ତ୍ରରେ ଭେଦଭାବ, ସ୍ୱେଚ୍ଛାଚାରିତା କୁପ୍ରଭାବ ପକାଉଛି। ଏସବୁ ଦୂର ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ପକ୍ଷରୁ ଜନ ସଚେତନତା ପାଇଁ କରାଯାଉଥିବା ପ୍ରୟାସ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ।

**- ସୁହାନି ରାଉତ, ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା (ତୃତୀୟ)**


**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power and Odisha Government Joint Venture)

**ସୂଚନା**

**TPWODL ଦ୍ୱାରା GIS ପ୍ରଣାଳୀରେ ସମ୍ବଲପୁର ଏବଂ କଳାହାଣ୍ଡି ମଣ୍ଡଳରେ ସର୍ବେକ୍ଷଣ**

ଏତଦ୍ୱାରା ପଶ୍ଚିମ ଓଡିଶାର ବିଦ୍ୟୁତ୍ ଗ୍ରାହକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଉତ୍କୃଷ୍ଟ ତଥା ଗୁଣାତ୍ମକ ବୈଦ୍ୟୁତିକ ସେବା ପ୍ରଦାନ କରିବା ପାଇଁ କମ୍ପାନୀ ତରଫରୁ ସମ୍ବଲପୁର, ଝାରସୁଗୁଡା, ଦେବଗଡ, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲାରେ ଭିତ୍ତିଭୂମି ତଥା ଗ୍ରାହକମାନଙ୍କର ସର୍ବେକ୍ଷଣ କାର୍ଯ୍ୟ, ଅଭିଜ୍ଞ ସଂସ୍ଥା ଦ୍ୱାରା ଆରମ୍ଭ କରାଯାଇଛି।

ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଥିବା ସଂସ୍ଥାମାନେ ଅତ୍ୟାଧୁନିକ ତଥା ଉନ୍ନତ ଜ୍ଞାନକୌଶଳ ଯନ୍ତ୍ରପାତି ଯଥା Droneର, ମୋବାଇଲ ଭିଡିଓ ମ୍ୟାପିଂ ଯାନ ବ୍ୟବହାର କରି ଘରକୁ ଘର ବୁଲି ଗ୍ରାହକମାନଙ୍କ ସବିଶେଷ ବିବରଣୀ ସଂଗ୍ରହ କରିବେ। ଏହି ବିବରଣୀକୁ ବିଭିନ୍ନ ପ୍ରଯୁକ୍ତ ବିଦ୍ୟା ଦ୍ୱାରା ଏବଂ ଭୌଗୋଳିକ ସୂଚନା ପ୍ରଣାଳୀର (GIS) ସହଯୋଗରେ ଯେକୌଣସି ସମୟରେ ଗ୍ରାହକ ସେବାର ମାନ ବୃଦ୍ଧି କରିବା ପାଇଁ ସହାୟକ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାହକ ଶୀଘ୍ର ନୂତନ ସଂଯୋଗ, ଦ୍ରୁତ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର, କଲ୍ ସେଣ୍ଟରରୁ ଶୀଘ୍ର ଅଭିଯୋଗ ସମାଧାନ, ଲୋଭୋଲ୍‌ଟେଜ ଏବଂ ଜରୁରୀକାଳିନ ପରିସ୍ଥିତି ଯଥା ବାତ୍ୟା, କାଳବୈଶାଖୀ ଇତ୍ୟାଦି ସମୟରେ ଗ୍ରାହକଙ୍କ ସେବାର ମାନର ସଂଖ୍ୟା ନିରୂପଣ କରାଯାଇପାରିବ।

ଏହି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ପଶ୍ଚିମ ଓଡିଶା ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣ ସେବା ପାଇବାସହ ଉଚ୍ଚ ଶ୍ରେଣୀର ଗ୍ରାହକ ସେବା ଏବଂ ଗ୍ରାହକ ସେବାର ମୂଲ୍ୟବୋଧ ଆକଳନ କରାଯାଇପାରିବ। ଏଣୁ, ଗ୍ରାହକ ତଥା ଜନସାଧାରଣଙ୍କୁ ଅନୁରୋଧ ଏହି ସର୍ବେକ୍ଷଣ କାର୍ଯ୍ୟରେ TPWODLର କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ।

**"ପ୍ରଯୁକ୍ତି କେନ୍ଦ୍ର, ଟିପିଡବ୍ଲୁଓଡିଏଲ୍"**

ଟୋଲ୍‌ଫ୍ରି ନଂ: ୧୮୦୦-୩୪୫୬-୭୯୮

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE**
No. A-376
At/P.O./Dist.: Balasore, PIN - 756001

**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: PI63533)
**REQUEST FOR BIDS (RFB) E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
No. 2074 Dated: 24.07.2023
RFB No. OIIPCRA-BAL/W2-01/2023-24

| | | |
|---|---|---|
| Name of Work | : | Modernization works of Minor Irrigation Projects under OIIPCRA in Balasore & Bhadrak District. |
| No. of works | : | 9 (Nine) Nos. Minor Irrigation Projects |
| Estimated Cost | : | From Rs.16.34 Lakh to Rs.97.45 Lakh Approx (Total estimated cost of 9 Projects Rs.5.43 Cr.) |
| Cost of Bid Document | : | Free of Cost |
| Period of Completion | : | As per DTCN |
| Availability of bid documents | : | From 09.08.2023, 10.00 Hrs. to 07.09.2023 upto 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | : | 19 Aug. 2023 as per Para - 7 of DTCN |
| Last date & time of receipt of bid | : | Upto 07.09.2023, 15.00 Hrs. through online |
| Period of receipt of Bid Security | : | To be paid online along with the bid. Bank Guarantees also acceptable subject to verification. |
| Date of Opening of Technical Bid | : | On Dt.07.09.2023 at 15.30 Hrs. |
| Date of Opening of Financial Bid | : | To be intimated online after Offline evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class - II or III. |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Balasore, At/P.O.: Balasore (Near Fandi Chhaka), Dist.: Balasore, PIN - 756001, Ph.: 06782-262146 E-Mail: mibalasore@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |

OIPR-32014/11/0003/2324
Sd./- Superintending Engineer
M.I. Division, Balasore

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E Mail ID: serw_balasore@yahoo.in, Ph-No-06782-260318, Balia, Balasore
**"e" Procurement Notice for Bridge Work**
Identification No.Online Bridge Works N.C.B. No. 14 for 2023-24
Letter No. 2888, Date: 26.07.2023

**No.O-490:**1. Name of the Work :- Bridge works. 2. Total No. of Work :- 02 Nos. of Work. 3. Estimated Cost :- From Rs.516.70 lakhs to Rs.846.86 Lakhs (Approximately). 4. Eligible Class of Contractor :- "Special Class" & "A" Class of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.14 of 2023-24 | 04.08.2023 at 11.00 A.M. | 18.08.2023 upto 5.00 P.M. | 17.08.2023 upto 5.00 P.M. | 19.08.2023 at 11.00 A.M. | Will be Intimated Later |

- Further details can be seen from the website www.tendersodisha.gov.in.

Sd./- Chief Construction Engineer,
R.W.Circle, Balasore
OIPR-25105/11/0013/2324

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: 11859 - IND-II-PH-1162 ତାରିଖ: ୨୬।୦୭।୨୦୨୩

**ବିଜ୍ଞାପନ**

No. CAD-1464: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ତହସିଲ ଅନ୍ତର୍ଗତ ତୁଳସିଡ଼ିହ, ଚରଡ଼ଗାଡ଼ିଆ ଏବଂ କଂଗୋଳପାଳ ଗ୍ରାମରେସ୍ଥିତ ଫେରୋ ଆଲୋଏଜ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୦.୦୫୫ ଏମ୍‌ଟିପିଏରୁ ୦.୨୯୩ ଏମ୍‌ଟିପିଏକୁ ବୃଦ୍ଧି କରିବା ସହିତ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୧।୦୮।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ତହସିଲ ଅନ୍ତର୍ଗତ ନୂଆ ଭାଗିରଥିପୁର (ପୂର୍ବ) ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଢେଙ୍କାନାଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଢେଙ୍କାନାଳ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ
OSPCB-PH-MISC-0054-2023/3/2023
OIPR-08012/11/0067/2324

**JHARKHANDSTATE RURAL ROAD DEVELOPMENT AUTHORITY (JSRRDA)**
**3rd Floor, F.F.P. Building, Dhurwa, Ranchi – 834004**
**PRADHAN MANTRI GRAM SADAK YOJANA(PMGSY)**

**e-Procurement Notice**
**(PR No. 300680)**
Letter no. JSRRDA –764/2022-23-994 Dated: 27.07.2023
NIT No. eTender No.17/2023-24 2nd Call

The Chief Engineer, JHARKHAND STATE RURAL ROAD DEVELOPMENT AUTHORITY on behalf of Rural Works Department invites the percentage rate bids in electronic tendering system regarding **"REQUEST FOR PROPOSAL (RFP) FOR SETTING UP A PROJECT MANAGEMENT UNIT (PMU) IN JSRRDA FOR RURAL ROAD CONSTRUCTION MANAGEMENT INCLUDING PMGSY-III(22-23) ROADS /BRIDGES, WITH QUALITY CHECK OF PROPOSEDROADS/BRIDGES FOR UPGRADATION INCLUDING NEW TECHNOLOGIES LIKE FULL DEPTH RECLAMATION(FDR)"** from the reputed firms/consultants/companies having experience in similar nature of work .
The Date of release of invitation for Bids through e-procurement 27/07/2023
**Availability of Bid Documents and mode of submission:**The bid document is available online and should be submitted online in www.pmgsytendersjhr.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities.
**Last Date &Time for receipt of bids through e-procurement**: 12/08/2023upto15:00 Hours (time). For further details please log on to www.pmgsytendersjhr.gov.in.

The Chief Engineer,
JHARKHAND STATE RURAL ROAD DEVELOPMENT AUTHORITY(JSRRDA)
3rd Floor, F.F.P. Building, Dhurwa, Ranchi – 834004
PR 303457 Rural Work Department(23-24).D

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Bridge Work**
Identification No.- Online Tender- Bridge N.C.B. No. 290 for 2023-24.
Letter No. 3474 / Date. 25.7.23

**No.O-480:**1. Name of the Work :- Bridge work under Biju Setu Yojana in the District of Mayurbhanj. 2. Total No. of Work :- 01 No. (One). 3. Estimated Cost :- Rs.728.45 lakhs (approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.290 | Dt.03.08.2023 at 11.00 A.M. | Dt.18.08.2023 upto 5.00 P.M. | Dt.17.08.2023 Upto 5.00 P.M. | Dt.19.08.2023 at 11.00 A.M. | Will be Intimated Later |

- Further details can be seen from the website www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

Sd./- Er.S.K.Rout
Chief Construction Engineer, R.W.Circle, Baripada
OIPR-25130/11/0016/2324

**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office: Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-751022
Tel: 2542983,2542802,2545526,2542826, Fax- (0674) 2542102, Website: www.ohpcltd.com
CIN : U40101OR1995SGC003963
ISO 9001, 14001 & 45000

**ADVERTISEMENT NO.OHPC:HQ:HRD: RECTT: 01/2023 Dated: 27.07.2023**

**CAREER OPPORTUNITIES FOR YOUNG PROFESSIONALS THROUGH GATE-2023**

**The Corporation intends to recruit young, bright and energetic professionals as Graduate Engineer Trainees (GETs) in various disciplines through GATE-2023.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as GRADUATE ENGINEER TRAINEES (GETs) in various disciplines through **valid GATE score of 2023** only as follows for their placement at various units & project sites:

| GET (Electrical) | GET (Civil) | GET (Mechanical) | GET (Instrumentation & Control) | GET (Information Technology) |
|---|---|---|---|---|
| 27 | 3 | 3 | 3 | 2 |

**Important Dates:-**
Start date for submission of application in offline mode & payment of application fee - **01.08.2023**
Last date for receipt of the hard copy of applications in complete shape - **31.08.2023**

***The detailed advertisement containing the category wise vacancy position, eligibility criteria, remuneration, procedure for offline application, all other terms & conditions and application format will be available shortly on the company's website-www.ohpcltd.com***

**DIRECTOR (HR)I/C**

## ସଂକ୍ଷେପରେ

### ଦୁର୍ଘଟଣାରେ ଚାଲିଗଲା ଜୀବନ

**ଟିଟିଲାଗଡ଼,୨୭।୭(ଶରତ ମିଶ୍ର):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ଲେଶୁନବାହାଲି ଛକ ପାଖରେ ଗୁରୁବାର ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିହିନୀ ଗ୍ରାମର ପ୍ରଦ୍ୟୁମ୍ନ ଛତର(୨୨)। ପ୍ରଦ୍ୟୁମ୍ନ ବାଇକ ଯୋଗେ ନିଜ ଗାଁର ଭଗବାନ ଛତରଙ୍କ ସହ ଗୋଇଡାବରୀ ଗ୍ରାମରୁ ଫେରୁଥିବା ବେଳେ ଲେଶୁନବାହାଲି ଛକ ପାଖରେ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଟିଟିଲାଗଡ ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ପ୍ରଦ୍ୟୁମ୍ନଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛନ୍ତି। ସ୍ଥାନୀୟ ସରପଞ୍ଚ ବୀରବର ସାହୁ ହରିଶ୍ଚନ୍ଦ୍ର ଯୋଜନାରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି।

### କାର୍ଯ୍ୟାନ୍ୱୟନ ପାଇଁ ଏମ୍‌ପି ନୋମିନିଙ୍କ ନାମ ସୁପାରିସକୁ ନେଇ ଚର୍ଚ୍ଚା

#### ବିଜୁ କେବିକେ ଅନୁଦାନ

**ଗୁଡ଼ଭେଲା,୨୭।୭(ମନୋଜ କୁମାର ଜୈନ):** ବିଜୁ କେବିକେ ଯୋଜନାରେ ୧୪ଲକ୍ଷ ଟଙ୍କାର ଅନୁଦାନ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକକୁ ଆସଛି। ୬ଟି ପ୍ରକଳ୍ପ ମାଧ୍ୟମରେ ହୋଇ ଥିବା ଏହି କାମର କାର୍ଯ୍ୟାନ୍ୱୟନ ନିର୍ଦ୍ଦିଷ୍ଟ ୩ଜଣଙ୍କୁ ଦେବାକୁ ଗୁରୁବାର ବଲାଙ୍ଗୀର ଲୋକ ସଭା ସାଂସଦଙ୍କ ଗୁଡଭେଲା ବ୍ଲକ ପ୍ରତିନିଧି ବିଡିଓଙ୍କୁ ଲିଖିତଭାବେ ଜଣାଇଛନ୍ତି। ବିଡିଓଙ୍କୁ ଲେଖାଯାଇଥିବା ପତ୍ରରେ ମାଢେକେଲା ରଣାପଡାରୁ ରାଜକେଲ ରାସ୍ତାର ଉନ୍ନତୀକରଣ ପାଇଁ ୫ଲକ୍ଷ ଟଙ୍କାର କାର୍ଯ୍ୟ ସୂର୍ଯ୍ୟବାନ ବାଗ, ରାଣିମାଳ ଗ୍ରାମରେ ୩ଲକ୍ଷ ଟଙ୍କାର ଅମୃତଧାରା କାର୍ଯ୍ୟ ଭୋପାଳ ରଣା, ନୂଆପଡା ଗମ୍ଭାରୀଗୁଡ଼ା ଓ ବଗବାହାଲ ଗ୍ରାମରେ ୨ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ଏଲଇଡି ଲାଇଟ କାର୍ଯ୍ୟ କଣ୍ଟାବାଞ୍ଜିର ଭଗବତି ଏଣ୍ଟରପ୍ରାଇଜର୍ସକୁ ଦେବାକୁ ଅନୁରୋଧ କରାଯାଇଛି। ଏନେଇ ଏମ୍‌ପିଙ୍କ ଗୁଡଭେଲା ବ୍ଲକ ପ୍ରତିନିଧି ଦୀନବନ୍ଧୁ ବେହେରା କହିଛନ୍ତି, ଏହି କାର୍ଯ୍ୟଗୁଡିକ ଡିପାର୍ଟମେଣ୍ଟାଲ ହେବ। କିନ୍ତୁ ଆମ ଲୋକଙ୍କୁ ସେଥିରେ ସାମିଲ କରିବାକୁ ବିଡିଓଙ୍କୁ ଅନୁରୋଧ କରିଥିଲି। ବିଡିଓ ଗୁରେଶ୍ୱର ଭୋଇ କହିଛନ୍ତି ଏ ଯାଏ ମୁଁ କୌଣସି ଚିଠି ପାଇନାହିଁ ।

### ୫-ଟି ସଚିବଙ୍କ ଗସ୍ତ ପାଇଁ ପ୍ରଶାସନିକ ତତ୍ପରତା

#### କ୍ଷେତ୍ର ପରିଦର୍ଶନ କଲେ ଜିଲାପାଳ, ଏସ୍‌ପି

**ଦେଓଗାଁ,୨୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଜରାସିଂହାକୁ ଅଗଷ୍ଟ ୫ ଓ ୬ ତାରିଖରେ ୫ଟି ସଚିବ ଭି.କେ. ପାଣ୍ଡିୟାନଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ଗୁରୁବାର ଜରାସିଂହା ମିନି ଷ୍ଟାଡିୟମକୁ ଏସ୍‌ପି ହୃଷୀକେଶ ଖିଲାରୀ, ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟ ଅଧିକାରୀ ତଥା ଭୁବନେଶ୍ୱରରୁ ଆସିଥିବା ଏକ ପ୍ରତିନିଧି ଦଳ ଆସି ସଭାସ୍ଥଳ ତଦାରଖ କରିଛନ୍ତି । କେଉଁଠି ସଭା ପାଇଁ ଷ୍ଟେଜ ହେବ ଓ ସଭାକୁ ଆସିବା ତଥା ବାହାରିବାରେ ଲୋକଙ୍କ ଯେପରି କୌଣସି ଅସୁବିଧା ନ ହେବ, ପାର୍କିଂ ସୁବିଧା ଆଦି ତଦାରଖ କରିଥିଲେ। ଜରାସିଂହାକୁ ୫ଟି ସଚିବ ଗସ୍ତରେ ଆସୁଥିବାରୁ ଅଞ୍ଚଳର ପ୍ରମୁଖ ସମସ୍ୟାର ସମାଧାନ ହୋଇପାରିବ ବୋଲି ଲୋକେ ଅନେକ ଆଶା ବିଶ୍ୱାସ ରଖିଛନ୍ତି। ବିଶେଷ କରି ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ, ବନ୍ଦ ପଡିଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ କରିବା, ପାଟଖଣ୍ଡା ମନ୍ଦିର ତଥା ଯାତ୍ରାର ପୁନରୁଦ୍ଧାର ପାଇଁ ଅନୁଦାନ ଆଦି ଦାବି ପୂରଣ ହେବା ନେଇ ଲୋକେ ଆଶାବାଦୀ ରହିଛନ୍ତି। ଏହି ଅବସରରେ ଏଡିଏମ ଲମ୍ବୋଦର ଧରୁଆ, ଡିଆରଡିଏ ପିଡି ସୁଶାନ୍ତ ସିଂ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ବିଡିଓ ସୁରେନ୍ଦ୍ର କୁମାର ମେହେର, ଥାନାଧିକାରୀ ତାରାବତୀ ପ୍ରଧାନ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ବିଜେଡି ନେତା ସୁଶୀଲ କୁମାର ଚାନ୍ଦ, ଲକ୍ଷ୍ମଣ କୁମାର ମେହେର, ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ ଦାୟିତ୍ୱ ତୁଲାଇବାକୁ ହେବ

**ବଲାଙ୍ଗୀର,୨୭।୭ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକର୍ତ୍ତା।

## ଜିଲା ବରିଷ୍ଠ ନାଗରିକ ସଂଘ ପ୍ରତିଷ୍ଠା ଦିବସ ସମାରୋହ

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଉତ୍ସବ ସମାରୋହ ସ୍ଥାନୀୟ ହୋଟେଲ ତ୍ରିବେଣୀଠାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସମାଜସେବୀ ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଓଡିଶା ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦାନ କରିଥିଲେ।

ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ବହୁବିଧ ସୁବିଧାକୁ ସରକାର ଉଠାଇ ଦେଲେଣି। ସେମାନଙ୍କୁ ସୁବିଧା ଯୋଗାଇବାର ଆବଶ୍ୟକତା ରହିଛି। ତେବେ ନିଜ ହକ୍ ଜାହିର କରିବା ସହ ବରିଷ୍ଠ ନାଗରିକମାନେ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବାକୁ କହିଥିଲେ। ଆଜି ସହରରେ ବେକାରୀ ସମସ୍ୟା ବୃଦ୍ଧି ଯୋଗୁଁ ବହୁ ଯୁବକ କଫ୍ ସିରପ ନିଶାରେ ପଡିଯାଉଛନ୍ତି। ସେମାନଙ୍କୁ ସଚେତନ କରିବାକୁ ହେବ। ସାମାଜିକ ସେବା ଯୋଗାଇଲେ ବରିଷ୍ଠ ନାଗରିକମାନେ ମଧ୍ୟ ସହାୟତା ପାଇବେ ବୋଲି କହିଥିଲେ। ମୁଖ୍ୟବକ୍ତା ସାହୁ ତାଙ୍କ ବକ୍ତବ୍ୟରେ ସହରର ବରିଷ୍ଠ ନାଗରିକଙ୍କ ଅପେକ୍ଷା ଗାଁର ବରିଷ୍ଠ ନାଗରିକମାନେ ଆହୁରି ଅସୁବିଧାରେ ଅଛନ୍ତି ବୋଲି କହିଥିଲେ। ବରିଷ୍ଠ ନାଗରିକଙ୍କ ହକ୍ ପାଇଁ ସରକାରୀ ସ୍ତରରେ କିଭଳି ଆନ୍ଦୋଳନ ଓ ଆଲୋଚନା ଚାଲିଛି କହିଥିଲେ। ବରିଷ୍ଠ ନାଗରିକମାନେ କିଭଳି ମାନସିକ ଶାନ୍ତି ପାଇବେ ସେ ଦିଗରେ ଉଦ୍ୟମ କରିବାକୁ କହିଥିଲେ। ଏହି ଅବସରରେ ବର୍ଷୀୟାନ୍ ସାହିତ୍ୟିକ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଏବଂ ଶିକ୍ଷାବିଦ୍ ଜଗନ୍ନାଥ ବେଜ୍‌ଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ମୁଖ୍ୟଅତିଥି ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ବଲାଙ୍ଗୀର ଜିଲା ସମ୍ପୂର୍ଣ୍ଣା ମାତୃଛାୟା ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ମହିଳା ସଙ୍ଗଠନ ସଭ୍ୟାମାନେ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସଂଘ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ସଂଘର ଆଭିମୁଖ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ସମ୍ପାଦକ ବସନ୍ତ ଆଚାର୍ଯ୍ୟ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘ ପାଇଁ ସ୍ୱତନ୍ତ୍ର ଘର ଯୋଗାଇବା ଦିଗରେ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ସଂଘ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବହୁ ସଦସ୍ୟ, ମହିଳା ସଦସ୍ୟା ଏବଂ ବୃଦ୍ଧାଶ୍ରମ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୃଦ୍ଧାଶ୍ରମ ସଭାପତି ସନ୍ତୋଷିନୀ ମେହେର, ସମ୍ପାଦକ ରଶ୍ମି ପାତ୍ର ଏବଂ କୋଷାଧକ୍ଷ ସଞ୍ଜଲି ଶତପଥି ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇସ୍କୁଲ ରୂପାନ୍ତରୀକରଣ କାମ ଦେଖିଲେ ଜିଲାପାଳ

**ଦେଓଗାଁ,୨୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାକୁ ୫ଟି ସଚିବ ଭି.କେ. ପାଣ୍ଡିୟାନଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ଜିଲାପାଳ କ୍ଷେତ୍ର ପରିଦର୍ଶନ ଅବସରରେ ସ୍ଥାନୀୟ ନେତ୍ରଭାନୁ ଉଚ୍ଚବିଦ୍ୟାଳୟର ରୂପାନ୍ତରିକରଣ କାମ ବୁଲି ଦେଖିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ଏସ୍‌ପି ହୃଷୀକେଷ ଖିଲାରୀ ଗସ୍ତବେଳେ ଉପସ୍ଥିତ ଥିଲେ। ସମସ୍ତ ଶ୍ରେଣୀ କୋଠରି ବୁଲି ଦେଖିବା ସହ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଉପରେ ପ୍ରଧାନଶିକ୍ଷକ ସୁଦର୍ଶନ ଘଡେଇଙ୍କ ସହ ଆଲୋଚନା କରିଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଓ ବିଦ୍ୟାଳୟର ରୂପାନ୍ତରିକରଣ ଦ୍ୱାରା ବଦଳିଥିବା ଶୈକ୍ଷିକ ବାତାବରଣ ଉପରେ ପଚାରି ବୁଝିଥିଲେ। ଜନୈକା ଶିକ୍ଷୟିତ୍ରୀ ସ୍କୁଲ ବାରଣ୍ଡାରେ ତାଙ୍କ ସ୍କୁଟି ରଖିବା ଦେଖି ଜିଲାପାଳ ବିରକ୍ତି ଭାବ ପ୍ରକାଶ କରିବା ସହ ପ୍ରଧାନଶିକ୍ଷକଙ୍କୁ ତାଗିଦ୍ କରିଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଏହି ସର୍ବପୁରାତନ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଏଥିସହ ବର୍ଷାଧିକ କାଳ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡିରହିଥିବା ହଷ୍ଟେଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ ।


ଜରାସିଂହା ନେତ୍ରଭାନୁ ହାଇସ୍କୁଲ ପରିଦର୍ଶନ ଅବସରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

# ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ଅପସାରଣ ବିବାଦ ଥମୁନି



ଶୋଭାଯାତ୍ରାରେ ବ୍ରାହ୍ମଣ ସମାଜ କର୍ମକର୍ତ୍ତା।

**ଟିଟିଲାଗଡ଼,୨୭।୭(ଶରତ ମିଶ୍ର)**

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଜିଲା ପାଟଣାଗଡ଼ ସହରର ବ୍ଲକ ଛକରୁ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ଅପସାରଣ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବିବାଦ ଥମିବାର ନାଁ ନେଉନାହିଁ। ଏହି ଘଟଣାକୁ ନେଇ ଅସନ୍ତୋଷ ଏବେ ସାରା ଜିଲାରେ ଦାନା ବାନ୍ଧିବାରେ ଲାଗିଛି । ବ୍ରାହ୍ମଣ ସମାଜ ସଂଗଠନ ତଥା ପର୍ଶୁରାମ ସେନା ରାସ୍ତାକୁ ଓହ୍ଲାଇ ତୀବ୍ର ବିରୋଧ ପ୍ରଦର୍ଶନ କରୁଛନ୍ତି । ଗୁରୁବାର ଟିଟିଲାଗଡ଼ ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁର, ପର୍ଶୁରାମ ସଭା ସଭାପତି ଆରୁଷ ଶର୍ମାଙ୍କ ମିଳିତ ନେତୃତ୍ୱରେ ଉଭୟ ସଂଗଠନର ଶତାଧିକ କର୍ମକର୍ତ୍ତା ଟିଟିଲାଗଡ଼ ସହରରେ ଶୋଭାଯାତ୍ରାରେ ବାହାର କରି ପ୍ରତିବାଦ କରିଥିଲେ। ସନାତନ ତଥା ହିନ୍ଦୁ ଧର୍ମ ବିରୋଧି କାର୍ଯ୍ୟକଳାପକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ତୁରନ୍ତ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଉକ୍ତ ସ୍ଥାନରେ ସ୍ଥାପନ କରିବାକୁ ଦାବି କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଅଯଥାରେ ବିବାଦକୁ ଆଣିଥିବା ଦୋଷୀ ନେତା, ପ୍ରଶାସକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଥିଲେ। ବ୍ରାହ୍ମଣ ସମାଜ ତଥା ପର୍ଶୁରାମ ସଭା ପକ୍ଷରୁ ବନମାଳୀ ଦାଶ, ମିଣ୍ଟୁ ଶର୍ମା, ରାଜୀବ ଲୋଚନ ପାଢ଼ୀ, ଜଗନ୍ନାଥ ପଣ୍ଡା, ସୀତାରାମ ପାଣିଗ୍ରାହୀ, ଦେବୀ ପ୍ରସାଦ ଶର୍ମା, ଦିନେଶ ଶର୍ମା, ଚିଣ୍ଟୁ ଶର୍ମା, ପ୍ରଶାନ୍ତ ଷଡ଼ଙ୍ଗୀ, ଆଲୋକ ନାୟକ, ନେମିଚନ୍ଦ ଶର୍ମା, ବୁଦ୍ଧିଆ ଆଚାର୍ଯ୍ୟ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଟିଟିଲାଗଡ଼ ମହାବୀର ପଞ୍ଚାୟତ ଧର୍ମଶାଳାରୁ ବାହାରି ଥିବା ଆନ୍ଦୋଳନକାରୀଙ୍କ ଶୋଭାଯାତ୍ରା ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ଦୟାମୟ ପାଢ଼ୀଙ୍କୁ ପ୍ରଦାନ କରାଯାଇଥିଲା। ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ପୂର୍ବ ଭଳି ବ୍ଲକ ଛକରେ ସ୍ଥାପନ ସହ ହିନ୍ଦୁ ସମାଜ ତଥା ସନାତନ ଧର୍ମାବଲମ୍ବୀଙ୍କ ଆସ୍ଥା ପ୍ରତି ଅପମାନ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଆଜି ସ୍ଥାନାନ୍ତର ହେବେ ଡୁଙ୍ଗରିପାଲିବାସୀ

**ଲୋଇସିଂହା, ୨୭।୭(ସୁଶାନ୍ତ ବାରିକ)**

ଲୋୟର ସୁକତେଲ ଡ୍ୟାମରେ ବନ୍ୟା ପାଣି ପଶିବା ପରିମାଣ କମିଛି। ତେଣୁ ବୁଡି ଅଞ୍ଚଳ ଡୁଙ୍ଗରିପାଲି ଓ ବନଛୋରପାଲି ଗାଁ ନିକଟକୁ ଲାଗିଥିବା ଡ୍ୟାମର ପଛୁଆ ପାଣି ଖସିବାରେ ଲାଗିଛି। ତେବେ ଆଗକୁ ବର୍ଷା ହେଲେ ବିସ୍ଥାପିତ ପରିବାର ପାଇଁ ବିପଦ ରହିଥିବା ସେମାନେ ଜାଣି ପାରିଛନ୍ତି। ତେଣୁ ଆଉ ଜିଦ୍ ନ କରି ସମ୍ପୂର୍ଣ୍ଣ ବିସ୍ଥାପନ ପାଇଁ ଡୁଙ୍ଗରିପାଲି ଗ୍ରାମବାସୀ ମନସ୍ଥ କରିଛନ୍ତି। ଶୁକ୍ରବାର ଗାଁରେ ଥିବା ପରିବାରଗୁଡିକ ଜଗନ୍ନାଥ ମନ୍ଦିରରୁ ୩ ଠାକୁରଙ୍କୁ ଧରି ଝାଙ୍କରପାଲି ଅସ୍ଥାୟୀ କଲୋନୀକୁ ସ୍ଥାନାନ୍ତରଣ ହେବେ ବୋଲି ଜଣାଯାଇଛି। ସଂକୀର୍ତ୍ତନ କରି ୩ଠାକୁରଙ୍କୁ ଶୋଭାଯାତ୍ରାରେ ବିସ୍ଥାପିତ କଲୋନୀକୁ ଆଣିବାକୁ ଯୋଜନା କରାଯାଇଛି । ଡ୍ୟାମରେ ଚଳିତ ବର୍ଷରୁ ଜଳ ସଂରକ୍ଷଣ କରି ରଖାଯାଇଛି। ଡ୍ୟାମର ପଛୁଆ ପାଣି ଡୁଙ୍ଗରିପାଲି ଓ ବନଛୋରପାଲି ଗାଁକୁ ଛୁଇଁଥିଲା । ସମ୍ପୂର୍ଣ୍ଣ ବିସ୍ଥାପନ ସହାୟତା ରାଶି ଦାବିରେ ରହି ଆସୁଥିବା ପରିବାର ପାଇଁ ବିପଦ ସୃଷ୍ଟି କରିଥିଲା । ଏଥିପାଇଁ ବ୍ଲକ ଓ ଜିଲା ପ୍ରଶାସନ ସେଠାରେ ରହି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ଲୋକଙ୍କୁ ବୁଝାଶୁଝା କରି ଅସ୍ଥାୟୀ କ୍ୟାମ୍ପକୁ ସ୍ଥାନାନ୍ତର ପାଇଁ ଅନୁରୋଧ କରି ଆସୁଛନ୍ତି। ଏହାସତ୍ତ୍ୱେ ଡୁଙ୍ଗରିପାଲିରେ ଗୁରୁବାର ସୁଦ୍ଧା ୧୪ ପରିବାର ରହି ଆସିଛନ୍ତି। ସେହିପରି ବନଛୋରପାଲିରେ ୧୫ ପରିବାର ରହିଥିଲେ । ଗୁରୁବାର ୪ ପରିବାର କେବଳ ରହିଥିବା ବିଡିଓ ଆକାଶ ରଞ୍ଜନ ସାହୁ କହିଛନ୍ତି। ଉଭୟ ଗାଁରୁ ସ୍ଥାନାନ୍ତରିତ ହୋଇ କୁଶମେଲ କଲୋନୀରେ ରହୁଥିବା ପରିବାରକୁ ବ୍ଲକ ପ୍ରଶାସନ ତରଫରୁ ଜଣ ପିଛା ୫ କେଜି ଚାଉଳ ଏବଂ ଅଧ କେଜି ଡାଲି ବଣ୍ଟନ କରାଯାଉଥିବା ଜଣାଯାଇଛି।

# ଟ୍ରେନ୍‌ରୁ ପଡ଼ି ଅଜଣା ବ୍ୟକ୍ତି ମୃତ

**ନୂଆପଡ଼ା,୨୭।୭(ମକାରୁ ବେମାଲ)**

ନୂଆପଡା ରେଳ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ୍‌ରୁ ପଡି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ଠିକ ଭାବେ କଥା କହିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ଯେକୌଣସି କଥା ପଚାରିଲେ ସନ୍ତରାମ ବୋଲି କୁହେ। ଗୁରୁବାର ଅପରାହ୍ଣ ପ୍ରାୟ ୧ଟାରେ ବିଶାଖାପାଟନାମ-କୁର୍ଲା ଏକ୍ସପ୍ରେସ ଟ୍ରେନ୍‌ରେ ଯାଉଥିବା ବେଳେ ନୂଆପଡା ରୋଡ ଷ୍ଟେଶନ ପାଖରେ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଷ୍ଟେଶନମାଷ୍ଟର ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ଚିହ୍ନଟ ପାଇଁ ଚିକିତ୍ସାଳୟରେ ରଖିଛି। ଚିହ୍ନଟ ହେବା ପରେ ପରିବାର ବର୍ଗ ଆସିଲେ ବ୍ୟବଚ୍ଛେଦ କରି ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ମହିଳା ନେଲେ ମିଲେଟ ଚାଷ ସମ୍ବନ୍ଧୀୟ ତାଲିମ

**ଲୋଇସିଂହା, ୨୭।୭(ସୁଶାନ୍ତ ବାରିକ)**

ଅଧିକ ଅମଳ ପାଇଁ ବର୍ତ୍ତମାନ ସମୟରେ ହାଇବ୍ରିଡ ଚାଷକୁ ଚାଷୀ ଅପଣାଉଛନ୍ତି। ଚାଷରେ କୀଟନାଶକ, ରାସାୟନିକ ସାର ମଧ୍ୟ ବ୍ୟବହାର କରାଯାଉଛି। ଏହା ବିଭିନ୍ନ ରୋଗର ବାହାକ ସାଜିଛି। ଏଥରୁ ଚାଷୀମାନେ କିପରି ବାହାରି ପାରମ୍ପରିକ ଦେଶୀ ବିହନ ବ୍ୟବହାର କରିବା ଓ ଫସଲରେ ଜୈବିକସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବେ ସେଥିପାଇଁ ସଚେତନତା ବୃଦ୍ଧି ପାଇଛି । ଏହିକ୍ରମରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପଲ୍ଲୀଆଲୋକ ପାଠାଗାର ତରଫରୁ ବ୍ଲକ ଅଧୀନ ପାଣ୍ଡେସର, ନଅଗାଁ(ଖ) ଓ ବଡଟିକା ଗ୍ରାମରେ ମିଲେଟ ଚାଷ ଉପରେ ତାଲିମ ଓ ବିହନ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାମୂଳକଭାବେ ସମ୍ପୃକ୍ତ ଅଞ୍ଚଳର ୩୦ଜଣ ମହିଳା ଚାଷୀଙ୍କୁ ମାଣ୍ଡିଆ, ଗୁର୍ଜି, କୁଦୋ, ସୁଆଁ ଆଦି ବିହନ ବଣ୍ଟନ କରି ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦିଆଯାଇଛି। ଏସବୁ ଖାଦ୍ୟ ଶସ୍ୟରେ ଭରପୁର ମାତ୍ରାରେ ପୋଷଣତତ୍ତ୍ୱ ରହିଛି । ଏହାକୁ ଖାଇଲେ ଉତ୍ତମ ସ୍ୱାସ୍ଥ୍ୟ ମିଳିଥାଏ ବୋଲି କୁହାଯାଇଛି। ଏହାବ୍ୟତୀତ ଦେଶୀ ବିହନ ଚାଷ ହେଉ ନ ଥିବାରୁ ଧୀରେଧୀରେ ଲୋପ ପାଇ ଯାଉଛି। ପୁରୁଣା ଦେଶୀ ବିହନର ପୁନରୁଦ୍ଧାର ପାଇଁ ଏହା ଏକ ପ୍ରୟାସ ବୋଲି ପଲ୍ଲୀ ଆଲୋକ ପାଠାଗାର ଗୋବିନ୍ଦ ଚନ୍ଦ୍ର ବିଶି, ପ୍ରହ୍ଲାଦ ପଧାନ ଓ ପିଣ୍ଟୁ ପଧାନ କହିଛନ୍ତି।


ପାଣ୍ଡେସରା ଗ୍ରାମର ମହିଳାଙ୍କୁ ଦେଶୀ ବିହନ ପ୍ରଦାନ କରାଯାଉଛି।

# ଜାତୀୟ ତମାଖୁ ନିୟନ୍ତ୍ରଣ ଦିବସ ପାଳିତ

**କଣ୍ଟାବାଞ୍ଜି, ୨୭।୭(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚାଉଲସୁଖା ପଞ୍ଚାୟତ ହାଇସ୍କୁଲରେ ଜାତୀୟ ତମାଖୁ ନିୟନ୍ତ୍ରଣ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ତମାଖୁ ତଥା କୌଣସି ନିଶାଦ୍ରବ୍ୟ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। ଶିବିରରେ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଚିନ୍ମୟ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ତମାଖୁ ବ୍ୟବହାର ଦ୍ୱାରା ଶରୀର କ୍ଷତି ସହ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହୋଇଥାଏ ତାହା ଉପରେ କହିଥିଲେ। ଦିବସ ପାଳନରେ ପଞ୍ଚାୟତର ସମସ୍ତ ଗ୍ରାମର ଆଶାକର୍ମୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଣୟ କିଶୋର ଖମାରୀ, ଶିକ୍ଷକ ସୁଶାନ୍ତ କୁମାର ସାହୁ, ମନୋଜ ମହାପାତ୍ର, ଅନନ୍ତ ମେହେର, ଉମ୍ବରୁଧର ମେହେର ସହଯୋଗ କରିଥଲେ। ଶେଷରେ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।


ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

# ସୃଜନାତ୍ମକ ଚିନ୍ତାଧାରା ପ୍ରୋତ୍ସାହିତ କରିବାକୁ ପ୍ରାଥମିକତା

**ବଲାଙ୍ଗୀର,୨୭।୭ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ତିନି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ଅଧକ୍ଷ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ସୂଚନା ଦେଉଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦ର ତୃତୀୟ ବାର୍ଷିକ ଉତ୍ସବ

ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୨ ପରିସରରେ ଗୁରୁବାର ଜାତୀୟ ଶିକ୍ଷାନୀତି-୨୦ର ତୃତୀୟ ବାର୍ଷିକ ପୂର୍ତ୍ତି ଉତ୍ସବ ଅବସରରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ-୨ର ପ୍ରଭାରୀ ଅଧକ୍ଷ ଗର୍ଜନ ଗଗରିଆ, ବଡମାଳ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଅଧକ୍ଷ ସରୋଜ କୁମାର ବେହେରା, ବେଲପଡା ଜବାହର ନବୋଦୟ ବିଦ୍ୟାଳୟ ଶିକ୍ଷକ ପ୍ରେମାନନ୍ଦ ସାହୁ ମଞ୍ଚାସୀନ ଥିଲେ। ଏଠାରେ ଜାତୀୟ ଶିକ୍ଷାନୀତି ୨୦୨୦ର ଆଭିମୁଖ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। କିଭଳି ଭାବେ ଜାତୀୟ ଶିକ୍ଷାନୀତିକୁ ତୃଣମୂଳସ୍ତରରେ କାର୍ଯ୍ୟକ୍ଷମ କରାଯିବ ସେ ଉପରେ ସୂଚନା ଦିଆଯାଇଥିଲା। ଏକବିଂଶ ଶତାବ୍ଦୀରେ ଏକ ଶକ୍ତିଶାଳୀ ଭାରତ ଗଠନ କରିବା ଦିଗରେ ଏହି ଶିକ୍ଷାନୀତିର କାର୍ଯ୍ୟାନ୍ୱୟନ କିଭଳି ମହତ୍ତ୍ୱପୂର୍ଣ୍ଣ କୁହାଯାଇଥିଲା। ବହୁମୁଖୀ ଶିକ୍ଷା ମାଧ୍ୟମରେ ଭାରତକୁ ଏକ ସଜୀବ ଜ୍ଞାନ ସମାଜ ଏବଂ ବିଶ୍ୱଜ୍ଞାନ ଶକ୍ତି ଭାବେ ଗଢ଼ି ତୋଳିବା ଦିଗରେ ଏହି ଶିକ୍ଷାନୀତି କେତେ ଗୁରୁତ୍ୱପୂର୍ଣ୍ଣ ତାହା କହିଥିଲେ। ପ୍ରତ୍ୟେକ ଛାତ୍ର ଭିତରେ ଅନନ୍ୟ ସାମର୍ଥ୍ୟ ଆଣିବା, ସମାଲୋଚନାକାରୀ ଏବଂ ସୃଜନାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା, ମୁଖସ୍ଥ କରିବା ପରିବର୍ତ୍ତେ ଧାରଣାର ବୋଧଗମ୍ୟତା ଉପରେ ଗୁରୁତ୍ୱ ଦେବାକୁ ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାଥମିକତା ଦିଆଯାଇଛି ବୋଲି କହିଥିଲେ। ଏକବିଂଶ ଶତାବ୍ଦୀ ପାଇଁ ଦେଶର ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା, ଏକ ଆତ୍ମନିର୍ଭର ଭାରତ ନିର୍ମାଣ କରିବା, ସ୍ଥାନୀୟ ଅଞ୍ଚଳ ସହ ବିଶ୍ୱ ଧାରଣାର ସଂକଳନ କରିବା ଦିଗରେ କିଭଳି ପ୍ରସ୍ତୁତି କରାଯାଉଛି ସୂଚନା ଦିଆଯାଇଥିଲା। ଏହା ସହିତ ଅଧ୍ୟାପନା ଶୈଳୀର ରୂପାନ୍ତରଣ ଏବଂ ଅଧ୍ୟାପକମାନଙ୍କ ପ୍ରଶିକ୍ଷଣ, ବିଦ୍ୟାଞ୍ଜଳି ପୋର୍ଟାଲର ସଠିକ୍ ଉପଯୋଗ, ପ୍ରଧାନମନ୍ତ୍ରୀ ଇ-ବିଦ୍ୟା, ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ସୁଗମ ପରିବେଶ, ପ୍ରବେଶ ବୟସର ସୀମା ବୃଦ୍ଧି, ନିପୁଣ ଭାରତ କାର୍ଯ୍ୟକ୍ରମ, ବାଳ ବାଟିକା, ବିଦ୍ୟା ପ୍ରବେଶ, କୌଶଳ ଶିକ୍ଷା ଏବଂ ଅଭିଭାବକ ମାନଙ୍କ ଭାଗିଦାରୀ ଉପରେ ସୂଚନା ଦିଆଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ବେହେରା ଏହି ସୂଚନା ଦେଇଥିଲେ। ଶେଷରେ କେନ୍ଦ୍ରୀୟ ବିଦ୍ୟାଳୟ-୨ର ପ୍ରଭାରୀ ଅଧକ୍ଷ ଗଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୪କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

**ବୌଦ୍ଧ, ୨୭।୭(ଅଜିତ କୁମାର ବାରିକ):** ବୌଦ୍ଧ ପୋଲିସ ବୁଧବାର ୪କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ଏକ ମିନିଟ୍ରକ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ମିନିଟ୍ରକ (ଓଡି -୧୭ ଭି- ୬୪୩୦)ରେ ଗଞ୍ଜେଇ ବୌଦ୍ଧ ଜିଲାର ମନମୁଣ୍ଡା ଥାନା ତିଳପଙ୍ଗା ଅଞ୍ଚଳରୁ କେଉଁଝର ଜିଲା ବଡବିଲକୁ ଚାଲାଣ ହେବା ପାଇଁ ଭର୍ତ୍ତି ହୋଇଥିବା ବୌଦ୍ଧ ପୋଲିସକୁ ଖବର ମିଳିଥିଲା । ଏନେଇ ବୌଦ୍ଧ ପୋଲିସ ଏକ ଟିମ ଗଠନ କରି ଚଢାଉ କରାଯାଇଥିଲା । ପୋଲିସ ଡାଙ୍ଗପଡା- ବଢିଙ୍ଗା ରାସ୍ତାରେ ବଢିଙ୍ଗାଠାରେ ଅଟକି ରହିଥିଲା। ବୁଧବାର ସକାଳେ ଉକ୍ତ ମିନିଟ୍ରକ ଆସିବା ସମୟରେ ପୋଲିସ ଅଟକାଇଥିଲା। ଚାଳକ ଗାଡି ଛାଡି ଦୌଡି ପଳାଇଥିଲେ। ହେଲପର ତିଳପଙ୍ଗା ଗ୍ରାମର କୁମର ରଣା (୨୧)ଙ୍କୁ ପୋଲିସ ଧରିଥିଲା। ପଚରାଉଚରା ପରେ କୁମର ଗାଡିର ଚାଳକ ତିଳପଙ୍ଗା ଗ୍ରାମର ବାଞ୍ଛିଆ ରଣା ବୋଲି କହିଥିଲା । ଏହି ଗଞ୍ଜେଇ ଅଙ୍ଗଦ ରଣା ଓ ବାବୁଲା ରଣାଙ୍କର ଏବଂ ଏହା କେଉଁଝର ଜିଲା ବଡବିଲ ଅଞ୍ଚଳକୁ ଯାଉଥିବା କୁମର କହିଥିଲେ। ଗାଡିରୁ ୯ ଗୋଟି ଜରି ବସ୍ତାରେ ୪କୁଇଣ୍ଟାଲ ୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ବୌଦ୍ଧ ଥାନାରେ ଏକ ମାମଲା(୨୬୭/୨୩)ରୁଜୁ କରି ଅଭିଯୁକ୍ତ କୁମର ରଣାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ମହିଳା ଚାଷୀଙ୍କୁ କୁକୁଡ଼ା ଛିଆଁ ପ୍ରଦାନ

**ଅତାବିରା,୨୭।୭(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରାରେ ଗୁରୁବାର ମହିଳା ଚାଷୀଙ୍କୁ କୁକୁଡ଼ା ଛିଆଁ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୨୫ଜଣ ମହିଳା ଚାଷୀଙ୍କୁ ୨ଲକ୍ଷ ୩ହଜାର ୧୫୦ ଟଙ୍କାର କୁକୁଡ଼ା ଛିଆଁ ପ୍ରଦାନ କରିଥିଲେ। ପ୍ରତ୍ୟେକ ମହିଳା ଚାଷୀଙ୍କୁ ୨୫ଟି ଲେଖାଏଁ କୁକୁଡ଼ା ଛିଆଁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡା. ନୀଳମଣି ଦୀପ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଉପାଧ୍ୟକ୍ଷ ଅନନ୍ତ ମେହେର, ଆତ୍ମା ସଭାପତି ପ୍ରଶାନ୍ତ ମିଶ୍ର, ପ୍ରାଣୀ ଅଧିକାରୀ ଡା. ସଂଗ୍ରାମ ଦାଶ, ଡା. ପ୍ରତାପରୁଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଅଧିକାରୀ ରବୀନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ସକାଳେ ବନ୍ଧା ଛକରୁ ଗଞ୍ଜେଇ ଜବତ କରିଛି। ଏଥିରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧା ଗ୍ରାମର ଡାକ୍ତର ନାଥ(୫୪)। ତାଙ୍କ ପାଖରୁ ପ୍ଲାଷ୍ଟିକ ବ୍ୟାଗରେ ଭର୍ତ୍ତି ୫ କିଗ୍ରା ୩୦୦ ଗ୍ରାମ ଗଞ୍ଜେଇ ଓ ୫୪୦ ଟଙ୍କା ଜବତ ହୋଇଛି। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟିକୁ ପ୍ରାଧାନ୍ୟ

## ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା

**ସୋନପୁର,୨୭।୭(ମୃତ୍ୟୁଞ୍ଜୟ ଶତପଥୀ)**



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର ବନଖଣ୍ଡ ପକ୍ଷରୁ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା ସୋନପୁର ନୂତନ ଟାଉନ ହଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ୨୦୨୨-୨୩ ଆର୍ଥିକ ବର୍ଷର ସମୀକ୍ଷା ହୋଇଥିଲା । ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ ସୁରକ୍ଷା ସମିତି ସହଭାଗିତାରେ ଜଙ୍ଗଲ ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ(ଓଏଫଏସଡିପି) ପରିଚାଳନା ସଂସ୍ଥା ଭୁବନେଶ୍ୱରର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଯଶୋବନ୍ତ ବରିହା ଯୋଗଦାନ କରିଥିଲେ । ଅତିଥିମାନେ ଜଙ୍ଗଲ ଅଭିବୃଦ୍ଧି ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀଙ୍କ ଜୀବନ ଜୀବିକା ଓ ଆର୍ଥିକ ବିକାଶ ଏହି ପ୍ରକଳ୍ପର ଲକ୍ଷ୍ୟ ବୋଲି କହିଥିଲେ । ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ଗତ ଆର୍ଥିକ ବର୍ଷରେ ଓଏଫଏସଡିପି-୨ୟ ପର୍ଯ୍ୟାୟ ମାଧ୍ୟମରେ ସୋନପୁର, ଉଲୁଣ୍ଡା ଓ ବିନିକା ବନାଞ୍ଚଳ ଅଧୀନରେ ଥିବା ମୋଟ ୮୪ଟି ବନ ସୁରକ୍ଷା ସମିତିରେ ସମ୍ପାଦନ କରା ଯାଇଥିବା ବିଭିନ୍ନ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମ ସହ ଆବର୍ତ୍ତନ ପାଣ୍ଠି ସହାୟତାରେ ଗରିବ ପରିବାରମାନଙ୍କ ପାଇଁ ନିଆ ଯାଇଥିବା ବିଭିନ୍ନ ଆୟ ବୃଦ୍ଧି କାର୍ଯ୍ୟକ୍ରମ ଓ ଖର୍ଚ୍ଚ ଅଟକଳ ଉପସ୍ଥାପନ କରିଥିଲେ । ଅନ୍ୟ ଜିଲାସ୍ତରୀୟ ଅଧିକାରୀ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜଳ ବିଭାଜିକା ସଂଘର ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗର ଅଧିକାରୀ, ଲିଡ ବ୍ୟାଙ୍କ ଅଧିକାରୀ ପ୍ରମୁଖ ଯୋଗଦେଇ ନିଜ ବିଭାଗର ଯୋଜନା ବିଷୟରେ ଜଣାଇବା ସହ ଗ୍ରାମୀଣ ବିକାଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ବନ ସୁରକ୍ଷା ସମିତି ମାଧ୍ୟମରେ ଉତ୍ପାଦିତ ଜଙ୍ଗଲଜାତ ଦ୍ରବ୍ୟ ସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ବିଷୟବସ୍ତୁ ବିଶେଷଜ୍ଞ ପ୍ରକାଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବନରକ୍ଷୀ ବନମାଳୀ ପାଣ୍ଡେ ଧନ୍ୟବାଦ ପ୍ରଦାନ କରିଥିଲେ। ସହକାରୀ ବନ ସଂରକ୍ଷକ ଅବିନାଶ ବରିହା, ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ବିନିକା ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପ୍ରଧାନ, ସୋନପୁର ବନାଞ୍ଚଳ ଅଧିକାରୀ ଭରତ ଭୂଷଣ ଶବର, ଜିଲାର ସମସ୍ତ ବନପାଳ, ବନରକ୍ଷୀ, ଓଏଫଏସଡିପି କର୍ମକର୍ତ୍ତା, ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ । ବନପାଳ ଭକ୍ତବନ୍ଧୁ ମିଶ୍ର, ସୌଭାଗ୍ୟରଞ୍ଜନ ସ୍ୱାଇଁ, ଅମିତ କୁମାର ମହାପାତ୍ର, ରାହୁଲ ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ମହମବତି ଯାତ୍ରା କରି ପ୍ରତିବାଦ

### ମଣିପୁରରେ ମହିଳାଙ୍କୁ ଅତ୍ୟାଚାର ଘଟଣା

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)**

ମଣିପୁରରେ ମହିଳାଙ୍କ ଉପରେ ଅତ୍ୟାଚାର ଘଟଣାର ପ୍ରଭାବ ବରଗଡ଼ରେ ପରିଲକ୍ଷିତ ହୋଇଛି। ଏହି କ୍ରମରେ ଗୁରୁବାର ସନ୍ଧ୍ୟାରେ ବରଗଡ଼ ମିଳିତ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରେ ମହମବତୀ ଯାତ୍ରା କରି ମଣିପୁର ହିଂସାର ପ୍ରତିବାଦ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷୀନେତା ଲିଙ୍ଗରାଜ, ସୁଶିଲ ସାହୁ, ହର ବଣିଆ, ମେରିୟମ ବାର୍ଲା, ଅରୁଣ ସାହୁ, ରମେଶ ପତି, ପବିତ୍ର ଦେହେରୀ, ସୀତାରାମ ମେହେର ପ୍ରମୁଖ ଯୋଗଦାନ କରି ମଣିପୁର ହିଂସାକୁ ତୀବ୍ର ନିନ୍ଦା କରିଥିଲେ। ହିଂସା ଥମି ନ ଥିବା ଯୋଗୁ ସେଠାରେ ତୁରନ୍ତ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ଦାବି କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଦେଶର ବିଭିନ୍ନ ସ୍ଥାନରେ ମହିଳା, ଦଳିତ ତଥା ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଫଳରେ ମୋଦି ସରକାରକୁ ତୁରନ୍ତ କ୍ଷମତାରୁ ହଟାଇବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା।

# ମଣିପୁର ହିଂସା ପ୍ରତିବାଦରେ ବିକ୍ଷୋଭ


ସୁବର୍ଣ୍ଣପୁର ଜିଲା ଆଦିବାସୀ କଲ୍ୟାଣ ସଂଘର ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସୋନପୁର,୨୭।୭(ମୃତ୍ୟୁଞ୍ଜୟ ଶତପଥୀ)**

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ମଣିପୁର ହିଂସା ଓ କୁକି ମହିଳାଙ୍କୁ ଉଲଗ୍ନ କରି ବୁଲାଇବା ଘଟଣାକୁ ନେଇ ପ୍ରତିବାଦ ତୀବ୍ର ହେବାରେ ଲାଗିଛି । ସୁବର୍ଣ୍ଣପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଣିପୁର ହିଂସା ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦୁଇ ଜଣ ଆଦିବାସୀ ମହିଳାଙ୍କ ପ୍ରତି ଅମାନବୀୟ କାର୍ଯ୍ୟକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଗଣ ବଳାତ୍କାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହିପରି ୟୁନିଫର୍ମ ସିଭିଲ କୋଡ଼ ଆଇନକୁ ସଂଘ ବିରୋଧ କରିଛି । ଏହି ଆଇନ ଆଦିବାସୀଙ୍କ କଳା, ସଂସ୍କୃତି ଓ ଜୀବନଶୈଳୀ ଉପରେ ଗଭୀର ପ୍ରଭାବ ପକାଇବ ବୋଲି ସଂଘ ଅଭିଯୋଗ କରିଛି । ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ସ୍ମାରକପତ୍ର ଗ୍ରହଣ କରିଥିଲେ । ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ, ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ସଂପାଦକ ଲମ୍ବୋଦର ଧରୁଆ, କୋଷାଧ୍ୟକ୍ଷ ରୋହିତ କୁଅଁର, ତରଭା ବ୍ଲକ ସଭାପତି ବଳଭଦ୍ର କୁଅଁର, କପୂର୍ଚ୍ଚନ ଭୋଇ, ବିରଞ୍ଚି କୁଅଁର, ଶ୍ୟାମସୁନ୍ଦର ଭୋଇ, ନନ୍ଦନ ବାରିକ ଓ ଶ୍ୟାମ ପ୍ରଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ମହାନଦୀ ପାଣି ଘେରରୁ ବାହାରିଲେ ୯ ବଳଦ

**ପୁରୁଣାକଟକ, ୨୭।୭(ସୁକାନ୍ତ ପଟ୍ଟନାୟକ)**

ହୀରାକୁଦରେ ଜୁଲାଇ ୨୩ତାରିଖରେ ଚଳିତ ବର୍ଷର ପ୍ରଥମ ବନ୍ୟଜଳ ବନ୍ୟାଜଳ ନିଷ୍କାସନ ପରେ ମହାନଦୀର ଜଳସ୍ତର ବୃଦ୍ଧି ପାଇଛି। ଗତ ୨୫ତାରିଖ ମହାନଦୀ ପଠାକୁ ଚରିବାକୁ ଯାଇଥିବାବେଳେ ହଠାତ ଜଳସ୍ତର ବୃଦ୍ଧି ପାଇବାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତର ସାକୁସିଙ୍ଗା ଓ ଖରସଙ୍କୁଲୋଇ ଗ୍ରାମର ଶହଶହ ଗୋରୁ ପାଣି ଘେରରେ ରହିଯାଇଥିଲେ। ଗୁରୁବାର ମଧ ଏଭଳି ଚିତ୍ର ଦେଖିବାକୁ ମିଳିଛି ଉକ୍ତ ସ୍ଥାନରେ। ସାକୁସିଙ୍ଗା ଗ୍ରାମର ୯ ଟି ବଳଦ ଧଳପୁର-ଆଠମଲ୍ଲିକ ସେତୁ ତଳେ ମହାନଦୀର ପାଣି ଘେରରେ ରହିଥିବା ଦେଖାଯାଇଥିଲା। ଅତ୍ୟଧିକ ପାଣି ଥିବାରୁ ଲୋକେ ବଳଦଙ୍କୁ ବାହାରକୁ ଆଣି ପାରି ନ ଥିଲେ। ପରେ ଆଠମଲ୍ଲିକ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟ କଲା ପୂର୍ବରୁ ଉକ୍ତ ବଳଦ ପଲ ପାଣିରେ ପଶି ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଜଳସ୍ରୋତରେ ବଳଦଗୁଡିକ ପାଣିରେ ଭାସିଯାଇ ଖରସଙ୍କୁଳେଇ କୂଳରେ ଲାଗିଥିବା ଜଣାପଡିଛି।

# ସଂଶୋଧନ ସର୍ବେକ୍ଷଣରେ ନୂଆ ଭୋଟରଙ୍କୁ ଗୁରୁତ୍ୱ

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ନିମନ୍ତେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରାକ୍ ସଂଶୋଧନ ସର୍ଭେକ୍ଷଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଟପ୍ପୋ ବରଗଡ଼ ଉପଖଣ୍ଡର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ସର୍ଭେ କରୁଛନ୍ତି ଏବଂ ପ୍ରତ୍ୟେକ ରାଜନୈତିକ ଦଳର ପ୍ରତିନିଧିମାନେ ଏହି କାର୍ଯ୍ୟରେ ସହଯୋଗ କରିବା ସହିତ ଯଦି କୌଣସି ନୂତନ ବୁଥ୍ ଗଠନର ପ୍ରସ୍ତାବ ଥାଏ, ତାହା ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପାଇଁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରି ପ୍ରତି ନୂଆ ଭୋଟର ଯେଭଳି ଭୋଟର ତାଲିକାରେ ଯୋଡ଼ି ହେବେ, ସେଥିପ୍ରତି ଧ୍ୟାନ ଦେବାକୁ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣ ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ ମଧ୍ୟ ଭୋଟ ତାଲିକାରୁ ମୃତ ଲୋକଙ୍କ ନାମ କାଟିବା, ନୂଆ ଭୋଟରଙ୍କ ନାମ ଯୋଡ଼ିବା ଆଦି ସଂଶୋଧନ କାର୍ଯ୍ୟ କରାଯାଇ ପାରିବ ବୋଲି ସୂଚନା ଦିଆଯାଇଥିଲା। ସର୍ଭେ ସମୟରେ ଠିକ୍ ତଥ୍ୟ ପ୍ରଦାନ କରି ନିଜର ଗଣତାନ୍ତ୍ରିକ ଦାୟିତ୍ୱ ନିର୍ବାହ କରିବା ସହ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ଅନୁରୋଧ କରିଥିଲେ। ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ କୃଷକ ସମ୍ମିଳନୀର ସିଧା ପ୍ରସାରଣ

**ବଘିଆପଡା ୨୭।୭(ଶ୍ରୀକାନ୍ତ ସାହୁ )**


ପାଲଝାର କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଚାଷୀ।

ବୌଦ୍ଧ ବ୍ଲକ ବଘିଆପଡା ପଞ୍ଚାୟତ ପାଲଝାର କୃଷି ବିଜ୍ଞାନ କେନ୍ଦ୍ରଠାରେ ରାଜସ୍ଥାନର ଶିଖର ଜିଲାଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ କୃଷକ ସମ୍ମିଳନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧.୨୫ ଲକ୍ଷ ପ୍ରଧାମନ୍ତ୍ରୀ କିଶାନ ସମୃଦ୍ଧି କେନ୍ଦ୍ର ରାଷ୍ଟ୍ରୀୟ ସମର୍ପଣ, ୟୁରିଆ ଗୋଲଡ ସଲଫର୍ କୋଟେଡର ଶୁଭାରମ୍ଭ, ପ୍ରଧାନମନ୍ତ୍ରୀ କିଶାନର ୧୪ ତମ କିସ୍ତି ଆକାରରେ ୮୧.୫ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ୧୭୦୦୦ କୋଟିରୁ ଅଧିକ ରାଶି ଡିବିଟି ମାଧ୍ୟମରେ ହସ୍ତାନ୍ତର ଆଦି କାର୍ଯ୍ୟକ୍ଷମର ଶୁଭ ଉଦ୍‌ଘାଟନ କରିଥିଲେ। ପାଲଝାର କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ବିଭିନ୍ନ ବ୍ଲକରୁ ୨୦୦ରୁ ଅଧିକ ଚାଷୀ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ଜିଲା କୃଷି ଅଧିକାରୀ ବସନ୍ତ କୁମାର ମିଶ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପି.କେ.ମହାନ୍ତି, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯୋଗୀନ୍ଦ୍ର କୁମାର ସାହୁ, ଉପ ନିର୍ଦ୍ଦେଶକ ଏନଏଚଆଇଡିଏଫ ଏ.କେ.ପାଣ୍ଡେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ ଦାସ ପରିଚାଳନା କରିଥିଲେ ।

# ଗଡିଲା ପ୍ରଧାନମନ୍ତ୍ରୀ ଫସଲ ବୀମା ରଥ


ସବୁଜ ପତାକା ଦେଖାଇ ଫସଲ ବୀମା ରଥର ଶୁଭାରମ୍ଭ କରାଯାଉଛି।

**ପୁରୁଣାକଟକ, ୨୭।୭(ସୁକାନ୍ତ ପଟ୍ଟନାୟକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କୃଷି ବିଭାଗ ପକ୍ଷରୁ ଗୁରୁବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା ରଥ ଶୁଭାରମ୍ଭ ହୋଇଛି । ହରଭଙ୍ଗା ତହସିଲଦାର ଶିବାନୀ ଦାସ, ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ଦାସ ଉକ୍ତ ରଥକୁ ସବୁଜ ପତାକା ଦେଖାଇ ଶୁଭରମ୍ଭ କରିଥିଲେ। ଏହି ରଥ ବ୍ଲକର ୨୨ଟି ପଞ୍ଚାୟତକୁ ୩ଦିନ ଭିତରେ ପରିକ୍ରମା କରି ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ଉପରେ ସଚେତନ କରିବା ଲକ୍ଷ୍ୟ ରଖା ଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ପ୍ୟାରୀମୋହନ ପୁରୋହିତ, ପୁରୁଷୋତ୍ତମ ସାହୁ, ଓଭରସିଅର ପ୍ରଦେଶ ମଲ୍ଲିକ ପ୍ରମୁଖ ବ୍ଲକ କୃଷି କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଡୁଙ୍ଗୁରିପାଲି,୨୭।୭(ଦୀନବନ୍ଧୁ ସୁନା)**

ଡୁଙ୍ଗୁରିପାଲି ବ୍ଲକ ସଭାଗୃହଠାରେବୁଧବାର ସୁବର୍ଣ୍ଣପୁର ଏଡିଏମ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଏହି ଜନଶୁଣାଣି ଶିବିରରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ପିଇଓମାନେ ଯୋଗଦେଇ ନିଜ ପଞ୍ଚାୟତର ଆର୍ଥିକ ବର୍ଷ ୨୦୨୨ - ୨୩ର କାର୍ଯ୍ୟ ଖସଡା ପ୍ରଦାନ କରିଥିଲେ। ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ୨୦୨୨-୨୩ ଆର୍ଥିକ ବର୍ଷର କାର୍ଯ୍ୟଖସଡା ବିବରଣୀ ପାଠ କରିଥିଲେ। ବିଡ଼ିଓ ତ୍ରିପୁର ମହାନନ୍ଦ ସ୍ୱାଗତ ଭାଷଣ ଦେବା ସହ ଶିବିର ପରିଚାଳନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏଇ ଶୋଭନାଥ ମାଝି ଶିବିରରେ ମଞ୍ଚାସୀନ ଥିଲେ । ବ୍ଲକସ୍ତରୀୟ ପବ୍ଲିକ ହିୟରିଂ କମିଟି ସଭ୍ୟ ରତ୍ନାକର ସେଠ, ନିତେଇ ପାଲ, ସୁବାଷ ଭୋଇ, ଅବଧୂତ ଆଡବାଙ୍କ, ଧର୍ମେନ୍ଦ୍ର ବିଶାଳ ଉପସ୍ଥିତ ରହି ବିଭିନ୍ନ ଯୋଜନା ଠିକ ଭାବେ ରୂପାୟନ ପାଇଁ ମତ ରଖିଥିଲେ । ବ୍ଲକରେ ୧୯୫୩୫ ଜଣ ଜବକାର୍ଡ଼ଧାରୀ ଥିବା ବେଳେ ସେଥିମଧ୍ୟରୁ ୬୦୮୯ ଜଣ କାମ ପାଇଁ ଆବେଦନ କରିଥିଲେ । ୫୦୩୮ ଜଣ ଶ୍ରମିକ କାମ କରିଥିଲେ । ବ୍ଲକରେ ୨୪୩ ପରିବାର ୧୦୦ ଦିନର କାର୍ଯ୍ୟ ଦିବସ ସମ୍ପୂର୍ଣ୍ଣ କରିଛନ୍ତି । ବ୍ଲକରେ ମୋଟ ୧୯୮୫ ୦୨ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ଶିବିରରେ ପଞ୍ଚାୟତଗୁଡିକରେ ଏମ୍‌ଜିଏନଆରଇଜିଏସ ଯୋଜନାରେ ଦିଆଯାଉଥିବା ପ୍ରକଳ୍ପଗୁଡିକ ଠିକ ସମୟରେ ଅନୁମୋଦନ କରାଯାଉ ନ ଥିବା ନେଇ ଚେରୁପାଲି ପଞ୍ଚାୟତ ସରପଞ୍ଚ ଦିଲୀପ ଶତପଥୀ କ୍ଷୋଭ ପ୍ରକାଶ କରିଥିଲେ । ୨୦୨୨- ୨୩ ଆର୍ଥିକ ବର୍ଷରେ ୨୫୨୫ଟି ପ୍ରକଳ୍ପ ମଧ୍ୟରୁ ୧୬୧୮ଟି ସମ୍ପୂର୍ଣ୍ଣ କରାଯାଇଛି। ତେବେ ଦୀର୍ଘଦିନ ହେଲା ବ୍ଲକସ୍ତରୀୟ ନୂତନ ପବ୍ଲିକ ହିୟରିଂ କମିଟି ଗଠନ କରାଯାଇ ନ ଥିବାରୁ ଶିବିରରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଶିବିରରେ ଜିପିଓ ନବକିଶୋର ମିଶ୍ର, ଫରେଷ୍ଟର କିରନ ବିଶୋଇ, ଧର୍ମେନ୍ଦ୍ର ବେହେରା, ଅକ୍ରୁର ମେହେର, ଡୁଙ୍ଗୁରିପାଲି ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝିଙ୍କ ସହ ସମସ୍ତ ପିଇଓ , ଜିଆରଏସ, ଭିଆରପି,ସାମାଜିକ ସମୀକ୍ଷକ, ସରପଞ୍ଚ , ସମିତିସଭ୍ୟ, ଗଣମାଧ୍ୟମ ପ୍ରତିନିଧି,ଗାଁ ସାଥୀ ଓ ଜବକାର୍ଡଧାରୀ ଯୋଗ ଦେଇଥିଲେ। ଶେଷରେ ଏପିଓ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ଅଧିକାରୀ ବୃନ୍ଦ ।

# ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ

**ସୋନପୁର,୨୭।୭(ମୃତ୍ୟୁଞ୍ଜୟ ଶତପଥୀ)**


ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ଏସ୍‌ପି ଓ କମିଟିର ସଭ୍ୟ ବୃନ୍ଦ ।

- ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଜରୁରୀ ସହାୟତା ପାଇଁ ଟୋଲ ଫ୍ରି ନମ୍ବର ଲେଖାଯିବ
- ୫୭ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱ ଗଛରେ ଲାଗିବ ରିଫ୍ଲେକ୍ଟର ଷ୍ଟ୍ରିପ୍

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିମଳେନ୍ଦୁ ରାୟ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। କମିଟିର ଆବାହକ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଗତ ଜୁନ୍ ମାସରେ ଜିଲାରେ ୯ଟି ଦୁର୍ଘଟଣା ଘଟିଥିଲା । ସେଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଜିଲାରେ ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ୫୪ଟି ଦୁର୍ଘଟଣା ଘଟିଛି । ଏଥିରେ ୩୬ ଜଣଙ୍କ ଜୀବନ ଯାଇଛି । ଅନେକ ଆହତ ହୋଇଛନ୍ତି । ତେଣୁ ସଚେତନତା କାର୍ଯ୍ୟକ୍ରମ, ପୋଲିସ ଓ ପରିବହନ ବିଭାଗର ଯାନବାହାନ ଯାଞ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା । ଦୁର୍ଘଟଣା ହ୍ରାସ ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ୧୦ଟି ବ୍ଲାକ ସ୍ପଟ୍(ଦୁର୍ଘଟଣା ପ୍ରବଣ ଅଞ୍ଚଳ)ରେ ଡ୍ରାଇଭରଙ୍କ ସତର୍କତା ଲାଗି ଓଡିଆରେ ଲେଖାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ସ୍ଥାନଗୁଡିକରେ ଜରୁରୀ ସହାୟତା ପାଇଁ ଆମ୍ବୁଲାନ୍ସ, ପୋଲିସ ଓ ଅଗ୍ନିଶମ ବିଭାଗର ଟୋଲ ଫ୍ରି ନମ୍ବର ଲେଖାଯିବ । ସେହିପରି ଜିଲାର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଗୁଡିକରେ ଦୁର୍ଘଟଣା ବୃଦ୍ଧି ପାଉଛି । ସେଥିପାଇଁ ହମ୍ପସ୍ ନିର୍ମାଣ କରିବାକୁ ସମ୍ପୃକ୍ତ ରାସ୍ତାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ରିଫ୍ଲେକ୍ଟର ଷ୍ଟ୍ରିପ୍ ଲଗାଯାଇନି । ଏଥିପାଇଁ ରାତିରେ ଦୁର୍ଘଟଣା ଘଟୁଛି । ତେଣୁ ଜିଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ତରଭା ନମସ୍ତେ ଛକ ଠାରୁ ସୋନପୁର ତେଲ ନଦୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛରେ ରିଫ୍ଲେକ୍ଟର ଷ୍ଟ୍ରିପ୍ ଲଗାଯିବ। ଅଗଷ୍ଟ ୨୦ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ଜିଲାପାଳ ରାୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଡା. ପଦ୍ମହଂସା ଦୋରା, ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ଇଂ ପହଲ୍ଲାଦ ମୁଣ୍ଡା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ସଡକ ସୁରକ୍ଷା କମିଟିର ସଭ୍ୟ ମୃତ୍ୟୁଞ୍ଜୟ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ରେଆରର ଅଞ୍ଜଳି ନେଗୀ, ଜୁନିୟର ଏମ୍‌ଭିଆଇ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସହରରେ ସିସି ଟିଭି ଲଗାଇବା ପାଇଁ ୧.୬ କୋଟିର ପ୍ରସ୍ତାବ

ଟ୍ରାଫିକ୍ ଓ ଅପରାଧ ନିୟନ୍ତ୍ରଣ ପାଇଁ ଜିଲାର ସୁବର୍ଣ୍ଣପୁର, ବିନିକା ଓ ତରଭା ସହରରେ ସିସିଟିଭି ଲଗାଇବା ପାଇଁ ଦାବି ହେଉଥିଲା । ସୁବର୍ଣ୍ଣପୁର ସହରର ପ୍ରବେଶ ସ୍ଥଳ ତେଲନଦୀ ବ୍ରିଜ୍, ବ୍ଲକ ଛକ ଏବଂ ତରଭା ଓ ବିନିକା ସହର ପ୍ରବେଶ ପଥରେ ସିସି ଟିଭି ସ୍ଥାପନ ପାଇଁ ଗତ ବୈଠକରେ ନିଷ୍ପତ୍ତି ହୋଇଥିଲା । ତଦନୁଯାୟୀ ୧କୋଟି ୬ଲକ୍ଷ ଟଙ୍କାର ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇଛି । ଏହି ଏଷ୍ଟିମେଟ୍ ପରିବହନ ବିଭାଗକୁ ପଠାଯାଇଛି । ବିଭାଗୀୟ ଅନୁମୋଦନ ମିଳିବା ପରେ ଏହା କାର୍ଯ୍ୟକାରୀ ହେବା ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ମେଡିକାଲ ନେବା ବଦଳରେ ଘରେ କରିଥିଲେ ପୂଜାର୍ଚ୍ଚନା**

**ଟେନ୍‌ସା,୨୭।୭(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ କାଶିରା ପଞ୍ଚାୟତ ସେଗାସାହିରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟୁନୁ ମୁଣ୍ଡା। ବୁଧବାର ରାତିରେ ଟୁନୁ ଶୋଇଥିବାବେଳେ ସାପ ତାଙ୍କୁ କାମୁଡ଼ିଥିଲା। ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବିଷ ଝଡିବା ପାଇଁ ଘରେ ପୂଜାର୍ଚ୍ଚନା କରିଥିଲେ। ଧୀରେ ଧୀରେ ସ୍ୱାସ୍ଥ୍ୟଅବସ୍ଥା ଅଧିକ ଗୁରୁତର ହେବା ସହିତ ଭୋର ୫ଟାରେ ତାଙ୍କର ମୃତ୍ୟୁ ଘଟିଥିବା ମୃତକଙ୍କ ସ୍ତ୍ରୀ ଏବଂ ପଡୋଶୀ ସ୍ୱୀକାର କରିଛନ୍ତି। ଏପଟେ ମୃତକଙ୍କ ଘର ପାଖରୁ କୋଇଡା ମେଡିକାଲ ମାତ୍ର ୮ କିଲୋମିଟର ହୋଇଥିଲେ ସୁଦ୍ଧା ମେଡିକାଲ ନେବା ବଦଳରେ ପୂଜାର୍ଚ୍ଚନା ଉପରେ ଭରସା କରିବାରୁ ଟୁନୁଙ୍କ ମୃତ୍ୟୁ ଘଟିଲା।

### ୨ ଫେରାର ଅଭିଯୁକ୍ତ ଗିରଫ

**ବଡ଼ଗାଁ,୨୭।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତ ଭୋଜପୁର ଗାଁର ୨ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଚନ୍ଦ୍ର ନାଏକ (୩୭) ଓ ରାଜକୁମାର ମାଝୀ (୪୪) । ଉଭୟେ ଏକ ମାରପିଟ ଘଟଣାରେ ସମ୍ପୃକ୍ତ ଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତମାଖୁ ମୁକ୍ତ ଅଭିଯାନ

**କୁତ୍ରା,୨୭।୭(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ ଟପ୍ପୋଙ୍କ ଅଧକ୍ଷତାରେ ଗଏରବାହାଲ ଉଚ୍ଚ ବିଦ୍ୟାଳୟରେ ତମାଖୁ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଶୋଭମ ନାଏକ, ଡ ଲୋପାମୁଦ୍ରା ପୃଷ୍ଟି, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଉପସ୍ଥିତ ରହି ତମାଖୁ ସେବନ ଅପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତମାଖୁ ମୁକ୍ତ ଅଭିଯାନରେ ସାମିଲ ହୋଇ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଲୋକଙ୍କୁ ତମାଖୁ ଖାଇବା ଦ୍ୱାରା ହେଉଥିବା ମାରାତ୍ମକ ରୋଗ ବିଷୟରେ ବୁଝାଇବା ସହ ତମାଖୁ ବର୍ଜନ ପାଇଁ ସଚେତନ କରିଥିଲେ। କୁତ୍ରା ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଭାଦୁଆ ଓରାମ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟ କର୍ମୀ ଜୀତେନ୍ଦ୍ର ଲାକଡା ସହଯୋଗ କରିଥିଲେ।

# ଠିକ୍ ସମୟରେ ମିଳୁନି ଛତୁଆ

## ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ଗର୍ଭବତୀ, ପ୍ରସୂତୀ

**କୁତ୍ରା,୨୭।୭(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ନିୟମିତଭାବେ ଛତୁଆ ମିଳୁନାହିଁ। ଏଥିଯୋଗୁ ଗର୍ଭବତୀ ମହିଳା, ପ୍ରସୂତୀ ଓ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ବର୍ଷ ହେଲା ସରକାରଙ୍କ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ମାଧ୍ୟମରେ ଗର୍ଭବତୀ ଓ ପ୍ରସୂତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟଭାବେ ଛତୁଆ, ଅଣ୍ଡା ଆଦି ଯୋଗାଇ ଦିଆଯାଉଛି। ହେଲେ ଗତ କିଛି ମାସ ହେଲା ବ୍ଲକର ସମସ୍ତ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ଠିକ ସମୟରେ ଛତୁଆ ଯୋଗାଇ ଦିଆଯାଉ ନ ଥିବାରୁ ଗର୍ଭବତୀ, ପ୍ରସୂତୀ ମହିଳା ଏବଂ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନେ ପୃଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଥିବା ଜଣାପଡିଛି। କୁତ୍ରା ବ୍ଲକରେ ୧୫୩ଟି ଅଙ୍ଗନୱାଡି ଓ ୫୪ଟି ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି ସବୁ କେନ୍ଦ୍ର ଅଞ୍ଚଳର ଗର୍ଭବତୀ, ପ୍ରସୂତୀ ମହିଳା ଓ ଶିଶୁ ମାନଙ୍କୁ ସେହି ଅଞ୍ଚଳର ଅଙ୍ଗନୱଡି ଦିଦି ମାନଙ୍କ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଥାଏ। ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଛତୁଆ ଯୋଗାଇବା ପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ପଞ୍ଚରା ଗ୍ରାମର ଗୋଟିଏ ଏବଂ ଖତକୁରବାହାଲ ଗ୍ରାମର ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ପ୍ରତ୍ୟେକ ମାସର ପ୍ରାରମ୍ଭରୁ ଗର୍ଭବତୀ ମହିଳାଙ୍କୁ ଛତୁଆ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ଗତ ଏପ୍ରିଲ ଓ ମେ ମାସରେ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ଛତୁଆ ଯୋଗାଇ ଦିଆଯାଇ ନ ଥିବା ବେଳେ ଜୁନ ମାସରେ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକାସାଙ୍ଗରେ ୩ ମାସର ଏବଂ ଅନ୍ୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨ ମାସର ଛତୁଆ ଯୋଗାଇ ଦିଆଯାଇଥିଲା। ଚଳିତ ମାସର ୨୬ ଦିନ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଛତୁଆ ଦିଆଯାଇନାହିଁ। ଠିକ ସମୟରେ କେନ୍ଦ୍ର ଗୁଡିକୁ ଛତୁଆ ଦିଆଯାଉ ନ ଥିବା ନେଇ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ଜୟଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ, ଏହି ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରୀଭାବେ ଗହମ ଯୋଗାଇ ଦେବା ପାଇଁ ରହିଥିବା ସଂସ୍ଥା ମାସକୁ ମାସ ଠିକ ସମୟରେ ଗହମ ଦେଉନାହିଁ। ତେଣୁ ଠିକ ସମୟରେ କେନ୍ଦ୍ର ଗୁଡିକୁ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ଦେଇପାରୁ ନା ହାନ୍ତି। ଶୀଘ୍ର ଏହି ଅବ୍ୟବସ୍ଥା ଦୂର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ଶୁଖିଲା ଗଛ କାଟିବାକୁ କହିଲେ ଫରେଷ୍ଟର



## କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ

**ବଡ଼ଗାଁ, ୨୭।୭(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସାଲେପାଲି ଗାଁ ନିକଟ ମହାବୀର ପର୍ବତ ତଳି ଅଞ୍ଚଳରେ ଥିବା ଶାଳ ବଣକୁ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଛନ୍ତି। ଏହି ଶାଳ ବଣର ୫୦ଟି ଗଛକୁ ବନ ବିଭାଗ ଦ୍ୱାରା ହେଉଥିବା ବୃକ୍ଷ ରୋପଣ ସ୍ଥାନକୁ ବାଡ଼ ଦେବାପାଇଁ କାଟି ଦିଆଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମହାବୀର ପର୍ବତ ତଳି ଅଞ୍ଚଳରେ ବନ ବିଭାଗ ଦ୍ୱାରା ଚାରା ରୋପଣ କରାଯାଉଛି। ଏହି ସ୍ଥାନରେ ବାଡ଼ ଦେବାକୁ ଆବଶ୍ୟକ କାଠଗଣ୍ଡି ପାଇଁ ଫରେଷ୍ଟର ତୃପ୍ତା ନାଏକ କାର୍ଯ୍ୟ ଦାୟିତ୍ୱରେ ଥିବା ମୁନସୀ ଭୁଲେଶ୍ୱର ପୃଷେଟଙ୍କୁ ଜଙ୍ଗଲରୁ ଶୁଖିଲା ଗଛ କାଟିବାକୁ କହିଥିଲେ। ଏହାପରେ ମୁନସୀ ଶ୍ରମିକ ଲଗାଇ ପତ୍ର ନ ଥିବା ୫୦ଟି ଶାଳ ଗଛକୁ କାଟି ଦେଇଥିଲେ। ଗ୍ରାମବାସୀ ଏହା ଦେଖିବା ପରେ ଫରେଷ୍ଟରଙ୍କୁ ଅଭିଯୋଗ କରିଥିଲେ। ପରେ ଗଛ କଟା ବନ୍ଦ୍ ହୋଇଥିଲା। ଏ ସମ୍ପର୍କରେ ଫରେଷ୍ଟର ନାଏକଙ୍କୁ ପଚାରିବାରୁ ସେ ପ୍ରଥମେ ମୁଁ ଗଛ କାଟିବାକୁ କହିନାହିଁ କହିଥିଲେ ମଧ୍ୟ ପରେ ଶୁଖିଲା ଗଛ କାଟିବାକୁ କହିଥିଲି ବୋଲି କହିଥିଲେ। ଏହାର ତଦନ୍ତ କରାଯିବ ବୋଲି ସେ କହିଥିଲେ। ଗ୍ରାମର ପ୍ରମୁଖ ବ୍ୟକ୍ତି ଦେବେନ୍ଦ୍ର ସାହୁଙ୍କ ଠାରୁ ପ୍ରକାଶ, ପ୍ରତିବର୍ଷ ଏହି ଋତୁରେ ଶାଳ ଗଛରେ ହାରନା ପୋକ ଲାଗି ଗଛ ଲଣ୍ଡା ହୋଇଯାଏ। କିନ୍ତୁ ମାସେ ପରେ ପୁଣି ପତ୍ର କଁଳିଥାଏ। ଏହାକୁ ନ ବୁଝି ଓ ଫରେଷ୍ଟର ନିଜେ ଏଠାକୁ ନ ଆସି ଗଛ କାଟିବାକୁ କହିବା ଯୋଗୁଁ ୫୦ ଟି ଗଛ କଟିଗଲା ବୋଲି ସେ ପ୍ରକାଶ କରିଛନ୍ତି।

# ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ସୁନ୍ଦରଗଡ଼ ଗସ୍ତ



ବୈଠକରେ ଉପସ୍ଥିତ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଓ ଅନ୍ୟମାନେ।

## ବିଭିନ୍ନ ବିଭାଗର କଲେ ସମୀକ୍ଷା

**ସୁନ୍ଦରଗଡ଼, ସବ୍‌ଡେଗା, ୨୭।୭**
**(ଜୟନାରାୟଣ ମେଣ୍ଟୁଲି/ ଅନନ୍ତ ପଟେଲ)**

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ଅବନୀକାନ୍ତ ସାହୁ ଗୁରୁବାର ସୁନ୍ଦରଗଡ଼ ଜିଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି। ସବ୍‌ଡେଗା ବ୍ଲକ ପରିସରରେ ଅୟୋଜିତ ଏହି ସମୀକ୍ଷା ବୈଠକରେ ଆୟୁକ୍ତ ସାହୁ ଜିଲା ଯୋଗାଣ ବିଭାଗ ଠାରୁ ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା ଅନ୍ତର୍ଗତ ରାସନ କାର୍ଡର ବର୍ତ୍ତମାନର ସ୍ଥିତି, ପିଡିଏସ୍ ବଣ୍ଟନ ବ୍ୟବସ୍ଥା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲାରେ ଅଙ୍ଗନୱାଡି ମାନଙ୍କର ସ୍ଥିତି, ଅଙ୍ଗନୱାଡିରେ ଗରମ ଖାଦ୍ୟ ପରିବେଷଣ, ସକାଳ ଜଳଖିଆ, ସ୍ୱୀରୁଲିନା, ଚିକି, ମାଣ୍ଡିଆ ଲଡୁ ବଣ୍ଟନ ତଥା ଟିଏଚ୍ଆର୍ ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା କରିବା ସହିତ ଭତ୍ତା ନିମନ୍ତେ ଥିବା ଆବେଦନ କିମ୍ବା ଅଭିଯୋଗ ଗୁଡିକୁ ଗୁରୁତ୍ୱଆରୋପ କରିବାକୁ ଆୟୁକ୍ତ ପରାମର୍ଶ ଦେଇଥିଲେ।

ସମୀକ୍ଷା ବୈଠକ ପରେ ଆୟୁକ୍ତ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି କ୍ରମରେ ସବ୍‌ଡେଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ଅଧିକାରୀ, ଡାକ୍ତର ଆଦିଙ୍କ ସହିତ ଆଲୋଚନା କରିଥିଲେ। ରୋଗୀମାନଙ୍କ ଭଲ ମନ୍ଦ ପଚାରି ବୁଝିବା ସହିତ ସେମାନେ ଡାକ୍ତରଖାନାରେ ପାଉଥିବା ବିଭିନ୍ନ ସୁବିଧା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି କୁକୁଡ଼ିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଇଁଝର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି କର୍ମୀଙ୍କ ସହିତ କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ତଥା ସେମାନଙ୍କ ନିମନ୍ତେ ଉପଲବ୍ଧ ହେଉଥିବା ସୁବିଧାଗୁଡିକ ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଶିଶୁମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସେହିପରି କୁକୁଡ଼ିହି ଗ୍ରାମପଞ୍ଚାୟତ ସ୍ଥିତ ଆର୍‌କେପି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ ଏବଂ ସେଠାରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହାସହ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସେହିପରି କୁଲବା ଗ୍ରାମ ପଞ୍ଚାୟତ ଯାଇ ପିଡିଏସ୍ ବଣ୍ଟନ କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଚାଉଳର ଗୁଣବତ୍ତା ମଧ୍ୟ ନିରୀକ୍ଷଣ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଆୟୁକ୍ତ ସାହୁ ପିଆର୍‌ଆଇ ସଭ୍ୟ ମାନଙ୍କ ସହିତ ଆଲୋଚନା କରିବା ସହିତ ବିଭିନ୍ନ ଯୋଜନା ଅନ୍ତର୍ଗତ ହୋଇଥିବା ହିତାଧିକାରୀମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକ ଏବଂ କ୍ଷେତ୍ର ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣୀ ପଣ୍ଡା ଏବଂ ତହସିଲଦାର ସୁମନ ମିଞ୍ଜ ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କାରଖାନା ଛାତରୁ ଖସି ଶ୍ରମିକ ମୃତ

**ରାଜଗାଙ୍ଗପୁର,୨୭।୭(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବାଇପାଶ ନିକଟରେ ଥିବା ଏକ କାରଖାନା ଛାତରୁ ଖସି ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲମଲୋଇ ଗ୍ରାମର ପ୍ରକାଶ ମାଝି(୩୪)। ଖବର ଲେଖା ହେବା ପର୍ଯ୍ୟନ୍ତ( ସନ୍ଧ୍ୟା ୮) ସୁଦ୍ଧା ପୋଲିସ ମାମଲା ରୁଜୁ କରିନାହିଁ। ପ୍ରକାଶ କାରଖାନା ଛାତରେ ଚଢ଼ି ନୂଆ ଆଜବେଷ୍ଟସ ଲଗାଉଥିବା ସମୟରେ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ପୁଣି ତାଙ୍କୁ ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ମୃତକଙ୍କ ପରିବାର, ରାଜଗାଙ୍ଗପୁର ଜିଲା ପରିଷଦ ସଦସ୍ୟା ସୁସିଲା ଟପ୍ପୋ, ବରିଷ୍ଠ ବିଜେଡି ନେତା ବସନ୍ତ ଟପ୍ପୋ ଓ ଅନ୍ୟମାନେ କ୍ଷତିପୂରଣ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା କରିଥିଲେ। ମୃତକଙ୍କ ମାଟି କାମ ପାଇଁ ୩୦ ହଜାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ୨ଲକ୍ଷ୫୦ ହଜାର ଟଙ୍କା, ଏଥି ସହିତ ମୃତକଙ୍କ ସ୍ତ୍ରୀଙ୍କୁ କାମ ଦେବା ସହ ପିଲାମାନଙ୍କ ପାଠପଢ଼ା ଓ ବାହାଘର ଖର୍ଚ୍ଚ କମ୍ପାନୀ କର୍ତ୍ତୃପକ୍ଷ ଉଠାଇବେ ବୋଲି ସ୍ଥିରୀକୃତ ହୋଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ,ମୃତକ ଜଣଙ୍କ କମ୍ପାନୀରେ ପ୍ରଥମ ଦିନ କାମ କରିବାକୁ ଯାଇଥିଲେ।

# ପିଏମ୍ କିଷାନର ୧୪ତମ କିସ୍ତି ଚାଷୀଙ୍କୁ ହସ୍ତାନ୍ତର



**ସୁନ୍ଦରଗଡ,୨୭।୭(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମିଳନୀର ସିଧା ପ୍ରସାରଣ ଗୁରୁବାର କରାଯାଇଥିଲା। ରାଜସ୍ଥାନର ସିକରଠାରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୧.୨୫ ଲକ୍ଷ ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ରର ଲୋକାର୍ପଣ କରାଯାଇଥିଲା। ଏଥିସହ ସଲଫର୍ କୋଟେଡ଼୍ ୟୁରିଆର ଶୁଭାରମ୍ଭ, ପିଏମ୍ କିଷାନର ୧୪ତମ ରାଶି ହସ୍ତାନ୍ତରଣ, ଡିଜିଟାଲ କମର୍ସ ପାଇଁ ଅପନ ନେଟୱର୍କ ଓ ଏନଡିସିରେ ୧୬୦୦ରୁ ଅଧିକ ଏଫପିଓଙ୍କ ଅନ ବୋର୍ଡିଂ ଆଦି କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ପୌରପାଳିକା ଚେୟାରମ୍ୟାନ ତନୟା ମିଶ୍ର ଯୋଗଦେଇ ଉପସ୍ଥିତ ୫୦ରୁ ଉର୍ଦ୍ଧ୍ୱ କୃଷକ ଉତ୍ପାଦକ ସଙ୍ଗଠନର କର୍ମକର୍ତ୍ତା, ଅଗ୍ରଣୀଚାଷୀ, କୃଷି ବିଭାଗର ସମ୍ପ୍ରସାରଣ କର୍ମୀଙ୍କୁ ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାର ସୁଫଳ ନେବାପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ପାଳନ କରିବାପାଇଁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଆଶିଷ କୁମାର ମହାନ୍ତି, ଡ. ଦିବ୍ୟେନ୍ଦୁ ମଣ୍ଡଳ, ଡ. ସଞ୍ଜୀବ ବିଶ୍ୱାସୀ ଓ କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, ଅରୁଣ କୁମାର ମିଶ୍ର, ସହକାରୀ ଜିବୀକା ପ୍ରବନ୍ଧକ ରିଶିକେଶ ସାହୁ, ଜିତେନ୍ଦ୍ର କୁମାର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହାୟତା କରିଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ

**ଲହୁଣୀପଡା,୨୭।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ ସାଲେଇପାଲି ଗ୍ରାମରେ ଗୁରୁବାର ଅପରାହ୍ଣରେ ପୋଖରୀରେ ବୁଡି ଜଣେ ସାଢେ ୩ ବର୍ଷ ଝିଅଙ୍କ ମୃତ୍ୟୁ ଘଟଛି। ମୃତକ ହେଲେ ସେହିଗ୍ରାମର ହସିନା ମୁଣ୍ଡା। ଲହୁଣୀପଡ଼ା ପୋଲିସ ମୃତଦେହ ଜବତ କରି ବଣେଇ ଡାକ୍ତରଖାନର ମର୍ଗ ହାଉସରେ ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ହସିନା ସାହିର ଅନ୍ୟ ପିଲାଙ୍କ ସହିତ ନିକଟସ୍ଥ ପୋଖରୀ ପଟେ ଖେଳିବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଛୁଆମାନଙ୍କଠାରୁ ଖବର ପାଇ ପରିବାର ଓ ସାହିର ଲୋକମାନେ ପୋଖରୀରେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଫଳରେ ଲହୁଣୀପଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସାହି ଲୋକଙ୍କ ସହିତ ମିଳିତଭାବେ ଖୋଜାଖୋଜି କରି ହସିନାଙ୍କୁ ପାଣିରୁ ଗୁରୁତର ଅବସ୍ଥାରେ ଜବତ କରି ଲହୁଣୀପଡା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗରିବ ଅସହାୟ ପରିବାରକୁ ସାହାଯ୍ୟ କଲା ପ୍ରଶାସନ

**ସୁନ୍ଦରଗଡ଼,୨୭।୭**
**(ଜୟ ନାରାୟଣ ମେଣ୍ଟୁଲି)**

ରାଜଗାଙ୍ଗପୁର ମ୍ୟୁନିସିପାଲିଟି ଅଫିସରେ ଝାଡୁଦାର ଭାବେ କାର୍ଯ୍ୟ କରୁଥିବା କ୍ରିଷ୍ଟା ଧାନଗୁନ(୨୮) ତାଙ୍କ ପତ୍ନୀ ରେଶମା ଧାନଗୁନ (୨୬) ଏବଂ ତାଙ୍କ ୩ ଛୋଟ ପୁଅଙ୍କ ସହିତ କାଂଶବାହାଲରେ ରହୁଥିଲେ। ଗତକିଛି ଦିନ ପୂର୍ବରୁ କ୍ରିଷ୍ଟାଙ୍କ ଦେହ ଖରାପ ହେବାରୁ ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ହେଲେ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁପରେ ରେଶମା ୩ ଛୋଟ ଛୋଟ ପୁଅଙ୍କୁ କିପରି ମଣିଷ କରିବେ ସେଇ ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇ ଭାଙ୍ଗି ପଡ଼ିଥିଲେ। ଏହି ବିଷୟରେ କାଂଶବାହାଲ ବିଜେଡିର ବରିଷ୍ଠ ନେତା ଜିତୁ ଦାସ ଜାଣିବା ପରେ ସୁନ୍ଦରଗଡ଼ ବିଜେଡିର ବରିଷ୍ଠ ନେତା ତଥା ଜିଲା ବିଜେଡିର ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କୁ ଜଣାଇବା ସହିତ ଏହି ଗରିବ ଅସହାୟ ପରିବାରକୁ ସାହାଯ୍ୟ କରିବାକୁ ନିବେଦନ କରିଥିଲେ। ସବୁ ବିଷୟ ଜାଣିବା ପରେ ତ୍ରିପାଠୀ ମୃତକଙ୍କ ସବୁ ପ୍ରମାଣ ପତ୍ର ସହିତ ରେଡକ୍ରସ ପାଣ୍ଠିରୁ ସାହାଯ୍ୟ ପାଇଁ ମୃତକଙ୍କ ପତ୍ନୀଙ୍କ ଆବେଦନ ପତ୍ର ନେଇ ତ୍ରିପାଠୀ ଏବଂ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ( ସାଧାରଣ) ରବି ନାରାୟଣ ସାହୁଙ୍କୁ ସାକ୍ଷାତ କରି ଉକ୍ତ ଗରିବ ପରିବାରର ସମସ୍ତ ଦୁଃଖ ଓ ସମସ୍ୟା ବୁଝେଇବା ସହିତ ତାଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ କିଛି ସାହାଯ୍ୟ ଦେବାକୁ ଅନୁରୋଧ କରିଥିଲେ। ସବୁ ବିଷୟ ଅତିରିକ୍ତ ଜିଲାପାଳ ଶୁଣିବା ପରେ ସାଙ୍ଗେ ସାଙ୍ଗେ ଜିଲା ରେଡକ୍ରସ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଡକେଇ ତାଙ୍କୁ ସବୁ ପ୍ରମାଣ ପତ୍ର ଦେଇ ଶୀଘ୍ର ସହାୟତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ପରାଗ ହର୍ଷଦ ଗାଭାଲିଙ୍କ ପାଖକୁ ଫାଇଲ ଯିବାପରେ ଜିଲାପାଳ ସାଙ୍ଗେ ସାଙ୍ଗେ ଏହି ଗରିବ ପରିବାର ପାଇଁ ୧୦ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ମଞ୍ଜୁର କରିଛନ୍ତି। ତା’ ସହିତ ପଞ୍ଚାୟତରୁ ୩ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନାରୁ ନେବାକୁ ପରାମର୍ଶ ଦେବା ସହିତ ବଡ଼ ଓ ମଝିଆଁ ପୁଅର ପାଠ ପଢ଼ିବା, ରହିବା, ଖାଇବା ସମସ୍ତ ସୁବିଧା ପାଇଁ ତାଙ୍କ ମାଁଙ୍କ ଇଚ୍ଛା ମୁତାବକ ସେ ଯେଉଁଠି ଚାହିଁବେ ରାଉରକେଲା ଏବଂ କୁତ୍ରାରେ ଥିବା ସରକାରଙ୍କ ଦ୍ୱାରା ପରିଚାଳିତ ଶିଶୁ ଅନାଥାଶ୍ରମରେ ରଖିବା ଲାଗି ବନ୍ଦୋବସ୍ତ କରାଯାଇଛି।



ମୃତ କ୍ରିଷ୍ଟାଙ୍କ ପରିବାର ଲୋକେ।

# ଭୋଳାନାଥ ସମାସୀଙ୍କ ୧୩୧ତମ ଜୟନ୍ତୀ

**ବିଶ୍ରା,୨୭।୭(ବଟ କୃଷ୍ଣ ସ୍ୱାଇଁ)**

ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଭୋଳାନାଥ ସମାସୀଙ୍କ ୧୩୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ତାଙ୍କ ସୁପୁତ୍ର ବିଶ୍ୱନାଥଙ୍କ ଆୟୋଜନରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ଅତିଥି, ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ ପ୍ରଥମେ ସ୍କୁଲ ପରିସରରେ ଥିବା ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରାଙ୍କ ଅଧକ୍ଷତାରେ ସ୍ମୃତି ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଶ୍ରା ବ୍ଲକ ଅଧକ୍ଷା ଫୁଲମଣି କେରେକେଟାଙ୍କ ସହ ଅନ୍ୟ ଅତିଥିଭାବେ ବିଶ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଣୁଧର ସ୍ୱାଇଁ, ସ୍କୁଲର ଅବସରପ୍ରାପ୍ତ ପ୍ରଥମ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି, ଅବସର ପ୍ରାପ୍ତ ଶିକ୍ଷକ ରୋହିତାସ ମାହାତ, ସାମାଜିକ କର୍ମୀ ପ୍ରଦୀପ କୁମାର ରାଉତରାୟ, ସୋମା ମୁଣ୍ଡା, କୈଳାସ ସାହୁ, ପୁରାତନ ଛାତ୍ର ଦଶରଥ ମାହାତ, ରାଧା କୃଷ୍ଣ ସମାଶି, ବିଶ୍ରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ବେହେରା, ଉତ୍ତୁସୁ ପଞ୍ଚାୟତ ସରପଞ୍ଚ ଦୁଲାରି ଖୋସ, ଡରେଇକେଲା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟା ବୈଶାଖୀ ସମାସୀ, ଖବରଦାତା ଶ୍ରୀନିବାସ ଭୂୟାଁ, ବଟ କୃଷ୍ଣ ସ୍ୱାଇଁ, ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲାବେଳେ ବିଦ୍ୟାଳୟ ଶିକ୍ଷକ ବିଦ୍ୟାଧର ସେଠୀ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଧାନ କରିଥିଲେ। ସଭାରେ ସ୍ୱର୍ଗତ ଭୋଳାନାଥଙ୍କ ନାମରେ ଏକ ଟ୍ରଷ୍ଟ ଗଠନ ପାଇଁ ସ୍ଥିର ହୋଇଥିଲା। ଶେଷରେ ଶିକ୍ଷକ ବିଦ୍ୟାଧର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସରକାରୀ ବିଦ୍ୟାଳୟ ପାଇଁ ଭୋଳାନାଥ ତାଙ୍କର ଜମି ପ୍ରଦାନ କରିଥିଲେ।

# ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି ସବିତା

**ଲହୁଣୀପଡା,୨୭।୭(ଦାଶରଥି ପଣ୍ଡା)**

ଦୃଢ଼ ଇଚ୍ଛାଶକ୍ତି ଏବଂ ମନୋବଳ ଆଗରେ ହାର ମାନିଛି ସବୁ କିଛି। ନିଜ ସ୍ୱାମୀ ଆରପାରିକି ଚାଲିଯିବା ପରେ ପରିବାର ପ୍ରତିପୋଷଣ ପାଇଁ ମହିଳା ଜଣକ ଅଟୋ ଚଳାଉଛନ୍ତି। ସଂସାରରେ ବଞ୍ଚିବାକୁ ହେଲେ ସଂଘର୍ଷ କରିବା ଅନିବାର୍ଯ୍ୟ ବୋଲି ତାହାର ପ୍ରମାଣ କରି ଦେଖାଇଛନ୍ତି ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଲମସୀ ଗ୍ରାମର ସବିତା ମହାନ୍ତ(୩୪)। ପରିବାର କହିଲେ ୨ ସନ୍ତାନ, ବୃଦ୍ଧ ଶ୍ୱଶୁର ଏବଂ ପିଉସୀ ଶାଶୁ। ସ୍ୱାମୀ ଯୋଗେଶ୍ୱର ମହାନ୍ତ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ବର୍ଷେ ହେବ କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଯାଇଛନ୍ତି। ସ୍ୱାମୀଙ୍କ ମୃତ୍ୟୁପରେ ସବିତାଙ୍କ ଉପରେ ଘର ଦାୟିତ୍ୱ ଅଜାଡି ହୋଇପଡ଼ିଥିଲା। ୪ ପ୍ରାଣୀଙ୍କୁ କିପରି ପୋଷିବେ ତାଙ୍କ ମୁଣ୍ଡରେ ଚଡ଼କ ପଡିଥିଲା। ଶେଷରେ ମନୋବଳ ଦୃଢ କରି ସ୍ୱାମୀଙ୍କ ଅଟୋକୁ ଚଳାଇ ପେଟ ପୋଷିବାକୁ ମନସ୍ଥ କଲେ। ପ୍ରଥମେ ପ୍ରଥମେ ଚଳାଇବା ପାଇଁ ଅସୁବିଧା ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁ ଠିକ୍ ଠାକ୍ ହୋଇଯାଇଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଶିଖି ଯିବାପରେ ସାପ୍ତାହିକ ହାଟକୁ ଲୋକଙ୍କୁ ନେବା ଆଣିବା କରିବା ସହିତ ଜିନିଷ ପତ୍ର ମଧ୍ୟ ନେବା ଆଣିବା କରୁଛନ୍ତି। ଦିନକୁ ପ୍ରାୟ ୪ରୁ୫ ଶହ ଟଙ୍କା ରୋଜଗାର ହୋଇଥାଏ। ଗାଡିର ତେଲ ଖର୍ଚ୍ଚ ଯାଇ ଯାହା ବଳେ ସେଥିରେ ୫ ପ୍ରାଣୀ କୁଟୁମ୍ବ କଷ୍ଟେ ମଷ୍ଟେ ଚଳି ଯାଉଛନ୍ତି। ପୁଅ ଝିଅକୁ କେମିତି ଉଚ୍ଚ ଶିକ୍ଷିତ କରାଇବେ ସେହି ଆଶା ନେଇ ଶିଶୁ ମନ୍ଦିରରେ ସେମାନଙ୍କୁ ପାଠ ପଢାଉଛନ୍ତି। ଝିଅ ଶିଖା ରାଣୀ ମହାନ୍ତ (୧୩) ୮ମ ଶ୍ରେଣୀରେ ପଢୁଥିବାବେଳେ ପୁଅ ସୁଜିତ (୯) ୩ୟ ଶ୍ରେଣୀରେ ପାଠ ପଢୁଛନ୍ତି। ସ୍ୱାମୀ ଯୋଗେଶ୍ୱର ଜୀବିତ ଥିବା ସମୟରେ ତାଙ୍କ ପିଉସୀଙ୍କୁ ଆଣି ଘରେ ରଖି ତାଙ୍କର ସୁବିଧା ଅସୁବିଧା ସବୁ ବୁଝୁଥିଲେ। କାରଣ ସେ ଜଣେ ଅନ୍ଧ ବୃଦ୍ଧା। ତାଙ୍କର ମଧ୍ୟ ନିଜର ବୋଲି କେହି ନାହାନ୍ତି। ଯୋଗେଶ୍ୱର ଆରପାରିକୁ ଚାଲିଗଲା ପରେ ସବିତାଙ୍କ ମୁଣ୍ଡରେ ବୋଝ ଉପରେ ଲଳିତା ବିଡା ସଦୃଶ୍ୟ ହୋଇଥିଲେ ମଧ୍ୟ ସବିତା କିନ୍ତୁ ପିଉସୀ ଶାଶୁଙ୍କ ପ୍ରତି କେବେ ଅବହେଳା କରିନାହାନ୍ତି। ବିଡମ୍ବନାର ବିଷୟ ସବିତାଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଥିଲେ ମଧ୍ୟ ନା ପାଇଛନ୍ତି ଘର ଖଣ୍ଡେ ନା ପାଇଛନ୍ତି ବିଧବା ଭତ୍ତା। ସବିତାଙ୍କୁ ଘର ଏବଂ ଭତ୍ତା ଶୀଘ୍ର ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ଅଞ୍ଚଳରେ ଭୁରି ଭୁରି ପ୍ରଶଂସା କରିବା ସହିତ ଯଦି ତାଙ୍କୁ ଆଉକିଛି ସରକାରୀ ପ୍ରୋତ୍ସାହନ ମିଳନ୍ତା ତେବେ ସେ ଆହୁରି ଆଗକୁ ବଢି ପାରନ୍ତେ ବୋଲି ଗ୍ରାମବାସୀ ମତ ରଖିଛନ୍ତି।



୨ସନ୍ତାନଙ୍କ ସହ ସବିତା।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ପିପଲଗୁଡ଼ା ଗ୍ରାମରେ ଗୁରୁବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଦେବୀ ସିଂ ମାଝି (୬୫)। ମିଳିଥିବା ସୂଚନା ଅନୁଯାୟୀ, ଦେବୀ ସିଂ ନିକଟରେ ଥିବା ଜଙ୍ଗଲକୁ ଯାଇଥିବା ବେଳେ ହଠାତ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ସଂକ୍ଷେପରେ

## କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ପୁଣି ଏକ ଜୀବନ ନେଲା ବିଜୁ ଏକ୍ସପ୍ରେସ୍ ୱେ**

**ନୂଆପଡ଼ା,୨୭।୭(ମକାରୁ ବେମାଲ):** ନୂଆପଡା ଜିଲା କୋମନା ଥାନା ଅଧୀନ ଦର୍ଲିପଡାଛକ ବିଜୁ ଏକ୍ସପ୍ରେସ ୱେରେ ପୁଣି ଏକ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁର ଈଶ୍ୱର ମାଝି (୨୧)। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ଈଶ୍ୱର ବାଇକ୍ (ନଂ. ଓଡି୨୬ ବି-୯୭୧୩)ରେ ସିଲେଟପାଣି ଗାଁରୁ ଆସି ବିଜୁ ଏକ୍ସପ୍ରେସ ୱେ ଚଢୁଥିଲେ। ଏହି ସମୟରେ ବୋଡେନ ପଟୁ ଆସୁଥିବା ଏକ କାର୍ (ନଂ.ଓଡି୦୮ବି-୮୦୦୦)ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଈଶ୍ୱର ରାସ୍ତାର କିଛି ଦୂରରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତରବୋଡ ଫାଣ୍ଡିଙ୍କୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡି ଡ୍ରାଇଭର ଫେରାର ହୋଇଛନ୍ତି। ଏ ନେଇ କୋମନା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ସୂଚନା ଦେଇଛନ୍ତି।

## ଖଡ଼ିଆଳରେ ସତ୍ୟ ସାଇ ବାବା ଦିବ୍ୟ ପାଦୁକା ଦର୍ଶନ ଯାତ୍ରା ରଥ ପରିକ୍ରମା

**ଖଡ଼ିଆଳ,୨୭।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ସହରକୁ ସତ୍ୟ ସାଇ ବାବା ଦିବ୍ୟ ପାଦୁକା ଦର୍ଶନ ଯାତ୍ରା ରଥ ପହଞ୍ଚିଛି। ଏହି ଦିବ୍ୟ ପାଦୁକା ଦର୍ଶନ ରଥ ଖଡିଆଳ ସହର ପରିକ୍ରମା କରୁଥିବା ବେଳେ ଶ୍ରଦ୍ଧାଳୁ ଭକ୍ତଙ୍କ ଦର୍ଶନ ନିମନ୍ତେ ସମସ୍ତ ଗ୍ରାମ ପରିକ୍ରମା କରିବ। ଓଡ଼ିଶା ସତ୍ୟ ସାଇ ସେବା ସମିତି ସହାୟତାରେ ଦିବ୍ୟ ପାଦୁକା ଦର୍ଶନ ରଥ ଓଡ଼ିଶାର ୧୦ଟି ଜିଲା ଅତିକ୍ରମ କରିଥିବା ବେଳେ ସମଗ୍ର ଓଡ଼ିଶା ପରିକ୍ରମା କରିବ। ଖଡ଼ିଆଳ ଅଞ୍ଚଳର ସାତ ଦିନ ରହି ଅନ୍ୟ ଜିଲା ଅଭିମୁଖେ ଯାତ୍ରା କରିବ। ଏହି ଦିବ୍ୟ ପାଦୁକା ଦର୍ଶନ ମାତ୍ରେ ନିଜ ମନସ୍କାମନା ପୂରଣ ହେବା ଦୃଢ଼ ବିଶ୍ୱାସ ରହିଛି। ଏହି ଉପଲକ୍ଷେ ପ୍ରବଚନ, ଭଜନ ସଂନ୍ଧ୍ୟା ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ କୋଟିପଦର, ଚନାବେଡ଼ା, ବୋଇ ରଖୁଟି ଓ ଖଡ଼ିଆଳ ସହରର ୧୨ ନମ୍ବର ୱାଡ଼ ଭକ୍ତ ପ୍ରମୋଦ ଠାକୁରଙ୍କ ଘରେ ଭୋଗର ବ୍ୟବସ୍ଥା ହେବା ସହ ଦର୍ଶନ ପାଇଁ ହଜାର ହଜାର ଭକ୍ତ ଭିଡ଼ ଲାଗିଥିଲା।

## ବାରମ୍ବାର ଭାଙ୍ଗୁଛି କେନାଲ, ଆସୁନି ପାଣି

**ଜୁନାଗଡ଼,୨୭।୭(ଅଂଶୁମାନ ଯୋଶୀ):** ଚଳିତ ଖରିଫ ଚାଷ ପାଇଁ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପରୁ ଗତ ୭ ତାରିଖ କେନାଲ ମାଧମରେ ପାଣି ଛଡା ଯାଇଛି। ହେଲେ ବର୍ତ୍ତମାନ ଯାଏଁ ମଧ ଚାଷୀଙ୍କ ଜମିକୁ ପାଣି ମାଡ଼ି ନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଜୁନାଗଡ଼ ବ୍ଲକ ଚିଲଗୁଡ଼ାରେ ଥିବା ଶାଖା କେନାଲରେ। ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ ସମସ୍ୟା ଯୋଗୁ ତଳମୁଣ୍ଡରେ ଥିବା ଶାଖା କେନାଲରେ ପାଣି ଆସୁ ନ ଥିବା ଜଣାପଡିଛି। ସେହିପରି ପାଣି ଆସିଲେ ଅନେକ ଥର ଶାଖା କେନାଲ ଭାଙ୍ଗୁଥିବାରୁ ତାହାକୁ ମରାମତି କରାଯାଉଥିଲେ ମଧ ଏହାର ସମାଧାନ ହୋଇ ପାରୁନାହିଁ। କେନାଲରେ ପାଣି ଆସୁ ନ ଥିବା ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜମିରେ ପାଣି ରହୁ ନାହିଁ। ଫଳରେ ଚାଷ କାମ ଅଞ୍ଚଳରେ ଆଗେଇ ପାରୁନାହିଁ। ଶ୍ରାବଣ ମାସରେ ଚାଷୀମାନେ ପଲା, ରୁଆ କାର୍ଯ୍ୟ ସମ୍ପାଦନ କରିବା କଥା। କିନ୍ତୁ ବିହନ ବୁଣା ଏ ଯାଏଁ ହେଇନି। ଚିଲଗୁଡା ଶାଖା କେନାଲରେ ଅନେକ ପ୍ରକାର ଅନାବନା ଗଛ ମଧ ଭରି ରହିଥିବାବେଳେ ବିଭାଗ ପକ୍ଷରୁ ଏହା ସଫା କରାଯାଉନାହିଁ। କେନାଲରେ କେବେ ପାଣି ଆସିବ ଓ ଆମେ କେବେ ଚାଷ କରିବୁ ଚାଷୀମାନେ କ୍ଷୋଭର ସହ କହନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ବେଫିକର ହୋଇ ରହିବା ସ୍ଥାନୀୟ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟପଟେ ଚିଲଗୁଡ଼ାଠାରେ ଥିବା ଇନ୍ଦ୍ରାବତୀ କାର୍ଯ୍ୟାଳୟରେ ବିଭାଗୀୟ ଉପ ନିର୍ବାହୀ ଯନ୍ତ୍ରୀ ରହୁ ନ ଥିବାରୁ ସ୍ଥାନୀୟ ଚାଷୀ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସମ୍ପୃକ୍ତ ଶାଖା କେନାଲରେ ଶୀଘ୍ର ପାଣି ଛାଡିବାକୁ ଚାଷୀମାନେ ଦାବି କରିଛନ୍ତି।

# ତାଲା ପକାଇ ସ୍ଥାନୀୟ ବାସିନ୍ଦାଙ୍କ ଧାରଣା

**ଧରମବନ୍ଧା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

**■ଯୁକ୍ତ ୨ ନାମ ଲେଖାରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯାଉ**

ନୂଆପଡ଼ା,୨୭।୭(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଧରମବନ୍ଧାରେ ଥିବା ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଯୁକ୍ତ ୨ରେ ନାମ ଲେଖାଇବା ପାଇଁ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରାଯାଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ଧରବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନାଙ୍କ ନେତୃତ୍ୱରେ ଅଞ୍ଚଳବାସୀ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଦାସଙ୍କୁ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରିଥିଲେ। ଦାସ ମୁଁ ନାମ ଲେଖା ଦାୟିତ୍ୱରେ ନାହିଁ ଦେବେସ ମହାନନ୍ଦଙ୍କୁ ଦାୟିତ୍ୱ ଦିଆଯାଇଛି। ସରକାରଙ୍କ ନିୟମ ମୁତାବକ ନାମ ଲେଖିବୁ ବୋଲି କହିବାରୁ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ବିଦ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଧରମବନ୍ଧା ଏକ ଆଦିବାସୀ ଅଧ୍ୟୁଷିତ ମାଓବାଦୀ ପ୍ରବଣ ଉପାନ୍ତ ଅଞ୍ଚଳ। ଧରମବନ୍ଧାଠାରୁ ନୂଆପଡା ନ୍ୟାଶନାଲ କଲେଜ ୩୦ କି.ମି. ଦୂର। କଲେଜ ଯିବା ପାଇଁ କୌଣସି ସୁବିଧା



ଛାତ୍ରୀ ଓ ନିର୍ବାଚିତ ପ୍ରତିନିଧି ଧାରଣାରେ ବସିଛନ୍ତି।

ନ ଥିବାରୁ ଅଞ୍ଚଳର ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହି ଆଶ୍ରମ ବିଦ୍ୟାଳୟରେ ପଢି ମାଟ୍ରିକ ପାସ କରି ଯୁକ୍ତ ୨ରେ ନାମ ନ ଲେଖାଇଲେ ପିଲା କେଉଁଠି ଯାଇ ପଢ଼ିବେ। ପ୍ରଥମେ ବିଦ୍ୟାଳୟରେ ପଢିଥିବା ପିଲାଙ୍କୁ ଅଗ୍ରାଧିକାର ଦିଆଯାଉ ପରେ ଅନ୍ୟ ପିଲାକୁ ସୁବିଧା ଦିଆଯାଉ ବୋଲି ଦାବି କରିଛନ୍ତି। ଗୁରୁବାର ଆବେଦନ କରିବା ଶେଷ ତାରିଖ ରହିଥିଲା। ସ୍ଥାନୀୟ ଅଞ୍ଚଳ, ଜିଲା ଓ ଜିଲା ବାହାରୁ ଛାତ୍ରୀଛାତ୍ରମାନେ ଆବେଦନ ପାଇଁ ଅସିଥିଲେ। ସ୍ଥାନୀୟ ଲୋକେ ବିଦ୍ୟାଳୟରେ ତାଲା ପକାଇବାରୁ ବାହାରୁ ଆସିଥିବା ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଦିବାସୀ ଶ୍ରେଣୀର ଗରିବ ପିଲାମାନଙ୍କୁ ପଢିବା ପାଇଁ ଧରମବନ୍ଧାରେ ଗୋଟିଏ ମାତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ହେଲେ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ଭାମଖିଆଲି ନୀତି ଯୋଗୁ ଅଞ୍ଚଳର ଗରିବ ପିଲାମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟରେ ସିଟ ସଂଖ୍ୟା ବଢାଇବା ପାଇଁ ଅଞ୍ଚଳବାସୀ ଜୁନରେ ଜିଲାପାଳ ହେମକାନ୍ତ ସାଏଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ୨୦% ସିଟ ବଢାଇ ଅଞ୍ଚଳର ପିଲାଙ୍କୁ ପ୍ରଥମେ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପାଳନ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରି ଧାରଣା ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଦାସଙ୍କୁ ପଚାରିବାରୁ ବିଦ୍ୟାଳୟରେ ୨୮୦ ସିଟ ରହିଥିବା ବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୬୦%, ହରିଜନ ପାଇଁ ୩୦% ଓ ଅନ୍ୟାନ୍ୟ ପାଇଁ ୧୦% ସିଟ ରହିଛି। ବିଜ୍ଞାନରେ ୧୬୦ ଓ କମରର୍ସରେ ୧୨୦ ପିଲା ନେବୁ। ୭ ଶହ ପିଲା ଆବେଦନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫୦ ପିଲା ଚୟନ ହୋଇସାରିଛନ୍ତି। ଆଜି ଯେଉଁମାନେ ଆବେଦନ କରିଥାନ୍ତେ ସରକାରଙ୍କ ନିୟମାନୁଯାୟୀ ଚୟନ କରି ନାମ ଲେଖା ଯାଇଥାନ୍ତା। ଅଞ୍ଚଳବାସୀଙ୍କ ଦାବି ଅନୁସାରେ ଆବେଦନ ବନ୍ଦ ରହିଲା। କ'ଣ କରାଯିବ ଉପରିସ୍ଥ ଅଧିକାରୀ ହିଁ ଜାଣିବେ ବୋଲି କହିଥିଲେ।

## ଉତେଇ ନଦୀରେ ଝୁଲା ପୋଲ ନିର୍ମାଣ ପାଇଁ ରିପୋର୍ଟ ଦାଖଲ

କର୍ଲାମୁଣ୍ଡା,୨୬।୭(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ.ମାଲପଡା ପଞ୍ଚାୟତ ପୁଟୀଗାସ୍ଥିତ ଯୁଗେଶ୍ୱର ଶିବ ମନ୍ଦିର ନିକଟରେ ବୋହିଯାଉଥିବା ଉତେଇ ନଦୀଠାରେ ଝୁଲାପୋଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ଝୁଲାପୋଲ ପୁଟିଗା ଶିବ ମନ୍ଦିରରୁ ବେଲଖଣ୍ଡି ଶିବ ମନ୍ଦିରକୁ ସଂଯୋଗ ହେବା ପ୍ରସ୍ତାବ ଗ୍ରାମ୍ୟ ଉନ୍ନୟନ ବିଭାଗ କେସିଙ୍ଗା ଉପଖଣ୍ଡ ପକ୍ଷରୁ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କୁ ପଠାଯାଇଛି। ପ୍ରକାଶଥାଉ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କେସିଙ୍ଗା ବ୍ଲକ ବେଲଖଣ୍ଡି ଶୈବ ପୀଠରେ ହୋଇଥିବା ଏକ କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ଜୋନ ୨ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଏଠାରେ ଝୁଲା ପୋଲ ପାଇଁ ଦାବି କରିଥିଲେ। ଏହାଦ୍ୱାରା ପର୍ଯ୍ୟଟନର ବିକାଶ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ କେସିଙ୍ଗା ଆରଡ଼ି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ବିଭାଗକୁ ପ୍ରସ୍ତାବ ପଠାଇଥିବା ବିଭାଗୀୟ ଏକ ଚିଠିରୁ ସୂଚନା ମିଳିଛି।



OFFICE OF THE ASST EXECUTIVE ENGINEER
RURAL WORKS SUB-DIVISION KESINGA

To, Letter No. 63 Dt. 24/07/23
Sri Suresh Choudury ZP Member karlamunda Zone-II
Village - Bijapati, G.P - Regada, Block - karlamunda

Sub: Petition/grievance received during visit of ST Secretary, Government of Odisha

Madam/Sir,

As cited by above subject, you had given a petition/grievance for "Construction of Hangging Bridge at Utei river from Belkhandi Siva Mandir to Putigaon Siva Mandir" during visit of ST Secretary to Kalahandi District on 19th and 20th May 2023. Action taken in respect of your petition /grievance is as below.

| Petition/Grievance | Action taken | Remarks |
|---|---|---|
| Construction of Hangging Bridge at Utei river from Belkhandi Siva Mandir to Putigaon Siva Mandir | The feasibility of the proposed Bridge has been checked by the undersigned along with concerned SDO and JE, Sri Suresh Choudury ZP Member karlamunda Zone-II, Petitioner, found correct on date 18/07/2023 | Proposal has been sent to Chief Engineer (Roads) O/o Engineer-In-Chief, Rural Works, Odisha, Bhubaneswar vide letter No. 1244Dtd.02/06/2023 for further necessary approval. |

This is for your kind information.

Yours faithfully,
Asst. Executive Engineer

Memo No. 63 Date 24/07/23
Copy submitted to the Collector, Kalahandi for favour of kind information.
Asst. Executive Engineer

ବିଭାଗୀୟ ଚିଠି।

## ୩୧ରେ ଆନ୍ଦୋଳନକୁ ଓହ୍ଲାଇବ ଏକ୍ସକ୍ୟାଡର ଶିକ୍ଷକ ମହାସଂଘ

ଖଡ଼ିଆଳ,୨୭।୭(ସୁଜିତ୍ କୁମାର ପ୍ରଧାନ)

ରାଜ୍ୟ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ମହାସଂଘ ଓଡ଼ିଶାଙ୍କ ନିଷ୍ପତ୍ତିକ୍ରମେ ୫ ଦଫା ଦାବି ନେଇ ଆସନ୍ତା ୩୧ ତାରିଖଠାରୁ ଦାବି ପୂରଣ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମଜିଠାରେ ଭିକ୍ଷୋଭ ପ୍ରଦର୍ଶନ କରାଯିବା ନିଷ୍ପତ୍ତି ନିଆଯାଇଛି। ଏ ନେଇ ଗୁରୁବାରଠାରୁ ପଶ୍ଚିମ ଓଡ଼ିଶାର ନେତୃମଣ୍ଡଳୀଙ୍କୁ ନେଇ ଖଡିଆଳଠାରେ କାର୍ଯ୍ୟକାରୀ ସଭାପତି ଜୟନ୍ତୀଲାଲ ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସୁଚନା ଥାଉକି ୫ଦଫା ଦାବି ଯଥା ଏକ୍ସକ୍ୟାଡର ଉଚ୍ଛେଦ, ୧।୩।୨୦୨୦ଠାରୁ ଇନକ୍ରିମେଣ୍ଟ ପ୍ରଦାନ ସହିତ ଅନ୍ୟାନ୍ୟ ଦାବି ନେଇ ରାଜ୍ୟ ଏକ୍ସକ୍ୟାଡର ମହାସଂଘ ବାରମ୍ବାର ସରକାରଙ୍କ ସହିତ ଆଲୋଚନା କରି ବିଫଳ ହେବା ପରେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବ। ଏଣୁ ପଶ୍ଚିମ ଓଡ଼ିଶାର ଶତପ୍ରତିଶତ ଏକ୍ସକ୍ୟାଡର ଶିକ୍ଷକ ରାଲିରେ ଯୋଗଦେବା ପାଇଁ ଆହ୍ୱାନ କରାଯାଇଛି। ଉକ୍ତ ବୈଠକରେ ରାଜ୍ୟ ଏକ୍ସକ୍ୟାଡର ମହାସଂଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ, ଉପସଭାପତି ସପ୍ତମ କିଶୋର ବେହେରା, ଗଣମାଧ୍ୟମ ସଂଯୋଜକ ରଞ୍ଜୁ ଅମାତଙ୍କ ସହିତ ଉମେଶ ଭୋଇ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## କଛାରପଦର, ଧୁଙ୍ଗିଆମୁଣ୍ଡାକୁ ମିଳିଲା ରାଜସ୍ୱ ଗ୍ରାମର ସ୍ୱୀକୃତି



ସୀମା ନିର୍ଦ୍ଧାରଣ କରାଯାଉଛି।

**୨୦ ବର୍ଷ ଧରି ଜିଲାପାଳଙ୍କଠାରେ ଗ୍ରାମବାସୀ ଦାବି କରୁଥିଲେ**

କେସିଙ୍ଗା,୨୭।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମପଞ୍ଚାୟତ କଛାରପଦର ଓ ଧୁଙ୍ଗିଆମୁଣ୍ଡା ଗ୍ରାମକୁ ରାଜ୍ୟ ସରକାର ରାଜସ୍ୱ ଗ୍ରାମ ଭାବେ ବୁଧବାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉଲ୍ଲାସ ଖେଳିଯାଇଛି। କେସିଙ୍ଗା ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଉଭୟ ଗ୍ରାମରେ ୩୫ଶହରୁ ଉର୍ଦ୍ଧ୍ୱ ଲୋକେ ବାସ କରନ୍ତି। କଛାରପଦର ଓ ଧୁଙ୍ଗିଆମୁଣ୍ଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ଦୀର୍ଘ ୨୦ବର୍ଷ ଧରି ଗ୍ରାମବାସୀ ଦାବି କରିଆସୁଥିଲେ। ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ସ୍ଥାନୀୟ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିଲେ। ଗ୍ରାମବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଜିଲାପାଳ ରାଜ୍ୟ ସରକାରଙ୍କ ନିକଟକୁ ରାଜସ୍ୱ ଗ୍ରାମର ମାନ୍ୟତ ପାଇଁ ସର୍ଭେ କରି ପଠାଇଥିଲେ। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ଅସୁବିଧାକୁ ଦୂର କରିବା ପାଇଁ ଉଭୟ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ସ୍ୱୀକୃତି ପ୍ରଧନ କରିଥିବାରୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଜିଲାପାଳ, ତହସିଲଦାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲାପାଳ ନିର୍ଦ୍ଦେଶକ୍ରମେ ତହସିଲଦାର ଯୁଗେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ନିରୀକ୍ଷକ ଡିଙ୍ଗର ପୁଟେଲ, ରାଜସ୍ୱ ପରିଦର୍ଶକ ହିମାଂଶୁ ଶେଖର ପ୍ରଧାନ, ସହକାରୀ ରାଜସ୍ୱ ନିରୀକ୍ଷକ ଶୁଭ ଚିନ୍ତକ ନାୟକ, ଅମିନ ଭୁବନେଶ୍ୱର ହରପଲ, ପ୍ରଦୀପ ଠାକୁରଙ୍କ ସମେତ ରେଙ୍ଗାଲି ଗ୍ରାମର ଗୌନ୍ତିଆ ଅଲେଖ ସାହା, ବାଲସି ସରପଞ୍ଚ ଭାରତୀ ସୁନା, ଭୁପିନ୍ଦର ସୁନା, ମେମ୍ବର ଅହଲ୍ୟା ମାଝି, ନରସିଂହ ମାଝି, ଲଛମନ ଶବର, ଶିବ ମାଝି, ମୁରଲୀ ଶବର, ଦଶରଥ ସାହାଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତରେ ପ୍ରସ୍ତାବିତ ନୂତନ ମୌଜାର ସୀମା ନିର୍ଦ୍ଧାରଣ କରାଯାଇଥିଲା। ଦୁଇ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ନେଇ ରାଜସ୍ୱ ନିରୀକ୍ଷକ ଘୋଷଣା କରି ଗ୍ରାମବାସୀ ନିଜସ୍ୱ ସୁବିଧା ସୁଯୋଗ ପାଇବେ ବୋଲି କହିଥିଲେ।

## ୫ ଦିନ ହେଲା ଖଡ଼ିଆଳ ଅଞ୍ଚଳରେ ହାତୀ ଉପଦ୍ରବ

ଖଡ଼ିଆଳ,୨୭।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳକୁ ଛତିଶଗଡ଼ ସୀମାରୁ ଏକ ହାତୀ ଗତ ରବିବାରଠାରୁ ଆଜକୁ ୫ଦିନ ହେଲା ସ୍ଥାନୀୟ ବିଭିନ୍ନ ଜଙ୍ଗଲରେ ଏକୁଟିଆ ଘୁରି ବୁଲୁଛି। ବର୍ତ୍ତମାନ ହାତୀ ରାଣୀମୁଣ୍ଡା ବିଟର ଖାସବାହାଲ, ଚାନ୍ଦେଲ ଓ ବହଲ ପଦର ଜଙ୍ଗଲ ଅଞ୍ଚଳରେ ଘୁରି ବୁଲୁଛି। ହାତୀ ଥିବା ଘଟଣା ଖଡିଆଳ ବନଖଣ୍ଡ ବିଭାଗ ପକ୍ଷରୁ କଡ଼ା ନଜର ରଖିଛି। ହାତୀର ସୁରକ୍ଷା ନେଇ ବନ କର୍ମଚାରୀ ନିୟୋଜିତ ରହିଥିବା ବେଳେ ହାତୀର ସୁରକ୍ଷାକୁ ନେଇ ପାଟ୍ରୋଲିଂ କରୁଥିବା ଜଣାପଡ଼ିଛି। ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉପରୋକ୍ତ ଗ୍ରାମରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ହାତୀର ସୁରକ୍ଷା ନେଇ ଫରେଷ୍ଟର ଡମ୍ବରୁ ସାହୁ, ହେମନ୍ତ ଦଳପତି, ଦିନଭଞ୍ଜ ନାଗ, ଲୁପ୍ତା ବାରିକଙ୍କ ସମେତ ରାଣୀମୁଣ୍ଡା ବିଟର ସମସ୍ତ ଜଙ୍ଗଲ ଜଗୁଆଳି ନିୟୋଜିତ ରହିଛନ୍ତି।ହାତୀର ସୁରକ୍ଷାକୁ ନେଇ ପାଟ୍ରୋଲିଂ କରୁଥିବା ଜଣାପଡ଼ିଛି। ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉପରୋକ୍ତ ଗ୍ରାମରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ହାତୀର ସୁରକ୍ଷା ନେଇ ଫରେଷ୍ଟର ଡମ୍ବରୁ ସାହୁ, ହେମନ୍ତ ଦଳପତି, ଦିନଭଞ୍ଜ ନାଗ, ଲୁପ୍ତା ବାରିକଙ୍କ ସମେତ ରାଣୀମୁଣ୍ଡା ବିଟର ସମସ୍ତ ଜଙ୍ଗଲ ଜଗୁଆଳି ନିୟୋଜିତ ରହିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ




ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

ଖଡ଼ିଆଳ,୨୭।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ପଞ୍ଚାୟତ ସମିତି ସଭାଗୃହଠାରେ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ବିଡ଼ିଓ ବୀରସେନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବିଜ୍ଞାପିତ ଅଞ୍ଚ ପରିଷଦ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ମେଜର ଡ. ରାମଚନ୍ଦ୍ର ମିଶ୍ର, ବିଧାୟକଙ୍କ ପ୍ରତିନିଧ ଅକ୍ଷୟ ନନ୍ଦ, ଅଧ୍ୟାପକ ପଦ୍ମଲୋଚନ ବର୍ମା, ସହ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତବର୍ଷ ସ୍ୱାଧୀନତା ଦିବସକୁ କିପରି ଧୁମଧାମରେ ପାଳନ କରାଯିବ ସେ ନେଇ ବିଭିନ୍ନ ପ୍ରକାରର ନିଷ୍ପତି ନିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯିବାକୁ ନିଷ୍ପତି ନିଆଯାଇଥିଲା। ଅଞ୍ଚଳର ସମସ୍ତ ବିଦ୍ୟାଳୟରେ ୮ଟା ସମୟରେ ପତାକା ଉତ୍ତୋଳନ ପରେ ୯ଟାରେ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡିଆଠାରେ ଉପଖଣ୍ଡସ୍ତରୀୟ ପରେଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରି ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକ ସୁରେନ୍ଦ୍ର କୁମାର, ଜିପିଓ ଦେବୀ ଚରଣ ମେହେରଙ୍କ ସମେତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ଯାଦବ ମହାସଭା ପକ୍ଷରୁ ଅନାଥମାନଙ୍କୁ ସହାୟତା

ଗୋଲାମୁଣ୍ଡା,୨୭।୭(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କୁଲିହାରିଗୁଡା ଗ୍ରାମରେ ମା'ବାପାଙ୍କ ଅକାଳ ବିୟୋଗ ପରେ ପରିବାର ୪ ଭାଇ ଭଉଣୀ ଅସହାୟ ହୋଇପଡ଼ିଛନ୍ତି। ସେମାନେ ଖସିଗୁଡାର ମାମୁଁ ଘରେ ରହୁଛନ୍ତି। ଏହି ଅନାଥ ଶିଶୁମାନଙ୍କୁ ସହାୟତାର ହାତ ବଢ଼ାଇଛି କଳାହାଣ୍ଡି ଜିଲା ଯୁବ ଯାଦବ ମହାସଭା। ପ୍ରାପ୍ତ ସୂଚନା ଅନୁସାରେ କୁଲିହାରିଗୁଡାର ବିରକିଶୋର ଲହଜଲଙ୍କ ସ୍ତ୍ରୀ ସାନ୍ତରାଙ୍କ ୨୦୧୫ରେ ମୃତ୍ୟୁ ଘଟିଥିଲା। ଏହାପରେ ୨୦୧୯ରେ ବୀରକିଶୋର ଆଖିବୁଜିଲେ। ଏବର୍ଷ ବୀରକିଶୋରଙ୍କ ୨ସ୍ତ୍ରୀ ଭୂମିସୁତାଙ୍କ ମଧ ମୃତ୍ୟୁ ଘଟିଛି। ମା'ବାପାଙ୍କ ମୃତ୍ୟୁ ପରେ ପରିବାରର ୪ଜଣ ଭଉଣୀ ଭାଇ ବଡଝିଅ ସୁମନୀ (୨୦), ଦ୍ୱିତୀୟ ଝିଅ ଗୁଆଦେଇ (୧୭), ତୃତୀୟ ପୁଅ ରୋସନ ଓ ଚତୁର୍ଥ ଝିଅ ସୁବି (୫) ଅସହାୟ ହୋଇ ପଡିଛନ୍ତି। ଏହି ପରିବାରର ଦୁଃଖ କଥା ଜାଣିବା ପରେ ଜିଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖସିଗୁଡା ଗ୍ରାମକୁ ଯାଇ ସେମାନଙ୍କୁ ଭେଟି କିଛି ଆର୍ଥିକ ସହାୟତା ପ୍ରଦାନ କରି କିପରି ସେମାନଙ୍କ ପାଠପଢ଼ା ହୋଇପାରିବ ସେ ନେଇ ପ୍ରୟାସ କରିବେ ବୋଲି କହିଥିଲେ। ଏହି ସମୟରେ ବରିଷ୍ଠ ଯାଦବ ନେତା ନରହରି ବାଗ, ଜିଲା ଯୁବ ଯାଦବ ମହାସଭା ଉପସଭାପତି ଡାକେ ଲହଜଲ, ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ସହ ସମ୍ପାଦକ ତ୍ରିଲକ୍ଷ ନାଏକ, ଧର୍ମଗଡ଼ ବ୍ଲକ ଯୁବ ସଭାପତି ଲବଣୀ ରାଉତ, ଜିଲା ଯୁବ ଯାଦବ ମିଡ଼ିଆ ସେଲ ସଂଯୋଜକ ସୁରଥ ହେର୍ଣ୍ଣା, କେସିଙ୍ଗା ଏନ୍ଏସି କାଉନସିଲର ପ୍ରକାଶ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।



ସହାୟତ ରାଶି ପ୍ରଦାନ କରାଯାଉଛି।

## ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ବିକ୍ଷୋଭ

ଭବାନୀପାଟଣା,୨୭।୭ (ଉତ୍ତମ କୁମାର ଦାଶ)

ମଣିପୁରରେ ଆଦିବାସୀ କୁକି ସମ୍ପ୍ରଦାୟ ଉପରେ ବର୍ବରୋଚିତ ଆକ୍ରମଣ ଓ ଅତ୍ୟାଚାର ସହିତ ମହିଳାଙ୍କୁ ଗଣବଳତ୍କାର ଓ ହତ୍ୟା କରାଯିବା ଘଟଣା ନେଇ ସାରାଦେଶରେ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଛି। ଏପରିସ୍ଥଳେ ଗୁରୁବାର କଳାହାଣ୍ଡି ଜିଲା ଭବାନୀପାଟଣାରେ ଓଡ଼ିଶା ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ପକ୍ଷରୁ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଫେଡେରେଶନର ମହିଳା ଶାଖା ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ଜିଲାର ୧୩ଟି ବ୍ଲକ, ୩ଟି ଏନ୍ଏସି ଓ ଗୋଟିଏ ମ୍ୟୁନିପାଲିଟି ଅଞ୍ଚଳରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ସାମିଲ ହୋଇଥିଲେ। ସ୍ଥାନୀୟ ରେଡକ୍ରସ କଲ୍ୟାଣ ମଣ୍ଡପରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଫେଡେରେଶନ ସଭାପତି ଶ୍ରୀବତ୍ସ ତାଣ୍ଡି, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କୁମାର, କାର୍ଯ୍ୟକାରୀ ସଭାପତି




ଭବାନୀପାଟଣାରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

**ମଣିପୁର ହିଂସାର ପ୍ରତିବାଦ**

**■ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ଆଶିଷରଞ୍ଜନ ନାଏକ, ଉପସଭାପତି ଡୋଳେଶ୍ୱର ନାଏକ, ମୁନୀଆ ସିପକା, ସମ୍ପାଦକ ଭୁବନେଶ୍ୱର ଦୁର୍ଗା, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଏକ, ଯୋଜନା ଓ ସମନ୍ୱୟ ବିଭାଗ ବିଭୀଷଣ ନାଏକ, ଯୁବ ବିଭାଗ ସଭାପତି ଚନ୍ଦନ ନାଏକ, କାର୍ଯ୍ୟକାରୀ ସଭାପତି ମାଧବ ସୁନାନୀ, ଧର୍ମଗଡ଼ ଉପଖଣ୍ଡ ସଭାପତି ଢଗମାଳି ନାଏକ, ଭବାନୀପାଟଣା ଟାଉନ ସଭାପତି ସଞ୍ଜୟ ସୁନାନୀ, ସାମାଜିକ ବିଭାଗ ମୁଖ୍ୟ ରେଣୁକା ଛତ୍ରିଆ, ଆଇନ ବିଭାଗ ଚିତ୍ତରଞ୍ଜନ ନିଆଲ, ଛାତ୍ର ବିଭାଗର ନିରଞ୍ଜନ ନାଏକ, ମିଡିଆ ବିଭାଗର ରଜନୀକାନ୍ତ ସମର୍ଲିଆ, ଫେଡେରେଶନର ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ଦୁଃଖୀ କୁମାର, ପୃଥୀରାଜ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ଫେଡେରେଶନର ମହିଳା ଶାଖା ଉପଦେଷ୍ଟା ଏସ. ସୁଜାତା, ମହିଳା ବିଭାଗ ମୁଖ୍ୟ ବିଜୟାଲକ୍ଷ୍ମୀ ସ୍ୱର୍ଣ୍ଣ, ସବ୍ୟାରାଣୀ ବାଗ, ସମ୍ପାଦିକା ଉଷାରାଣୀ ବାଗ, ଅମୃତାଞ୍ଜଳି ବାଗ, ପଞ୍ଚାୟତିରାଜ ବିଭାଗର କବିତା ବାଗ, ଜୟନ୍ତୀ ଛତର, ଏସ. ସରିତା ରାଓଙ୍କ ସମେତ ମହିଳା ଶାଖାର ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳରୁ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ସାମିଲ ହୋଇଥିଲେ। ସେହିପରି ଫେଡେରେଶନର ପ୍ରତିବାଦ ଶୋଭାଯାତ୍ରାକୁ ସମର୍ଥନ ଜଣାଇ ବହୁଜନ ମୁକ୍ତି ମୋର୍ଚ୍ଚାର ମହେନ୍ଦ୍ର ଧଙ୍ଗଡ଼ାମାଝି, କମଳିନୀ ଯାଦବ, ଜିଲା ସଭାପତି ଲବ କରୁଆଁ, ଆଦିବାସୀ ସଂଘର ପ୍ରକାଶ ମାଝି, ହରିଶଙ୍କର ମାଝି, ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ ଜାଲ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ସଭାପତି ସନ୍ତୋଷ ନାଏକଙ୍କ ନେତୃତ୍ୱରେ ଅନ୍ୟମାନେ ସାମିଲ ହୋଇଥିଲେ।

## ବାଇକ୍ ଚାଳକ ଗିରଫ

ପଦ୍ମପୁର (ପ୍ରଦୀପ୍ତ ଦାଶ ): ଗତ ୨୪ତାରିଖରେ ବୁଲେଟ ଧକ୍କାରେ କପସିଲା ଗ୍ରାମର ଯୁବକ ବାଲାଜୀ ପାଣ୍ଡେଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପଦ୍ମପୁର ପୋଲିସ ତଦନ୍ତ କରି ପାଟଣାଗଡ ବଡପଡାର ବିରଞ୍ଚି ବକୁଲଙ୍କୁ ଗୁରୁବାର ଗିରଫ କରିଛି। ଏହାସହ ବ୍ୟବହୃତ ବୁଲେଟ (ନଂ.ଓଡି୦୩ଜେଡ/୫୧୯୬କୁ ଜବତ କରାଯାଇଛି।



## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

**ଝାରବନ୍ଧ,୨୭।୭ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ପୋଲିସ ଗଞ୍ଜେଇ ଚୋରାଚାଲାଣ କରୁଥିବା ୨ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ଥାନା ସରବେଡା ଗ୍ରାମର ବସନ୍ତ ନାଗ ଓ କନ୍ଧମାଳ ଜିଲା ବାଲିଗୁଡା ଥାନା ଲଣ୍ଡାଗାଁର ରବୀନ୍ଦ୍ର କୁଦାଇ। ଉଭୟଙ୍କଠାରୁ ୬କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୧୦୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଝାରବନ୍ଧ ଥାନାଧିକାରୀ ଶୁଚିସ୍ମିତା ମହାନ୍ତି ଛତିଶଗଡ ସୀମା ଭୈଷାଦର୍ହାଠାରେ ଜଗିଥିଲେ। ଉକ୍ତ ଯୁବକ ଦ୍ୱୟ ଏକ ବାଇକ୍ (ନଂ.ଓଡ଼ି୦୩ଏ/୩୧୭୪) ଯୋଗେ ପଦ୍ମପୁର-ବସନା ରୋଡ୍ ଅଭିମୁଖେ ଯାଉଥିବା ବେଳେ ଥାନାଧିକାରୀ ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲେ।

### ଶିଶୁ ଉଦ୍ୟାନ ପାଚେରି କାନ୍ଥ ଫାଟି ଆଁ

**ବରପାଲି,୨୭।୯ (ଚିତ୍ତରଞ୍ଜନ ସାହୁ ):** ବରପାଲି ବ୍ଲକ ବାରଗୁଡା ପଞ୍ଚାୟତରେ ନିର୍ମାଣାଧୀନ ଶିଶୁ ଉଦ୍ୟାନ ପାଚେରି ଫାଟି ଆଁ କରିଛି। ସାମାନ୍ୟ ବର୍ଷାରେ ଏହି ପାଚେରି ଦବିଯିବାରୁ ସେଥିରେ ଫାଟ ସୃଷ୍ଟି ହୋଇଥିବା ଜଣାପଡିଛି। ଏ ନେଇ ପଞ୍ଚାୟତବାସୀ ବରଗଡ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି।

### ଆଗଲପୁର ପାକ୍ସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବରପାଲି,୨୭।୯ (ଚିତ୍ତରଞ୍ଜନ ସାହୁ):** ନବନିର୍ବାଚିତ ନିର୍ଦ୍ଦେଶକ ତଥା ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁଙ୍କୁ ବରଗଡ଼ କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ର ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କେନ୍ଦ୍ରର ଅଧକ୍ଷ ଧର୍ମେନ୍ଦ୍ର କୁମାର ସାବତ ସଭାପତିତ୍ୱ କରିଥିଲେ। ସମବାୟ ପରିଚାଳନା କେନ୍ଦ୍ରର ଉନ୍ନୟନମୂଳକ କାମ ତଥା ଛାତ୍ରୀଛାତ୍ର କିଭଳି ଏହି ଅନୁଷ୍ଠାନରୁ ନିଜ ଭବିଷ୍ୟତ ତିଆରି କରିପାରିବେ ତାହା ଉପରେ ସାହୁ ବକ୍ତବ୍ୟ ଦେଇଥିଲେ।

### କାରଗିଲ ଶହୀଦ ଦିବସ ପାଳିତ

**ଝାରବନ୍ଧ,୨୭।୭ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜ ପରିସରରେ କାରଗିଲ ଶହୀଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଦେଶଭକ୍ତ ହେବା ପାଇଁ ପରାମର୍ଶ ଦେଇ କାରଗିଲ ଯୁଧରେ ଶହୀଦ ହୋଇଥିବା ଯବାନମାନଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟଅତିଥି ମଧରେ ଚିନ୍ତାମଣି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାରଗିଲ ବିଜୟ ବିଷୟରେ ପ୍ରୋଜେକ୍ଟର ମାଧମରେ ବିଜୟ ଗାଥା ପ୍ରଦର୍ଶିତ କରାଯାଇଥିଲା। ଅଧାପକ କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ବୀମା ପାଇଁ ଜମି ଜାଲିଆତି

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)**

**ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା**
- ଅନ୍ୟର ଜମି ହଡ଼ପ କରି ଆବେଦନ
- ଆବେଦନରୁ ବଞ୍ଚିତ ପ୍ରକୃତ ଚାଷୀ
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବନ୍ୟା, ବାତ୍ୟା, ମରୁଡ଼ି, ରୋଗପୋକ ଉପଦ୍ରବ ଆଦି ପ୍ରାକୃତିକ ବିପର୍ଯ୍ୟୟରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ଯୋଗାଇବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବୀମା ସହାୟତା ମିଳିଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷୟକ୍ଷତି ଭରଣା ହୋଇଥାଏ। ଫଳରେ ବୀମା ପ୍ରିମିୟମ ରାଶି ଭରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ମଧ୍ୟ ରହୁଛି। ସେହିପରି ଚଳିତବର୍ଷଠାରୁ ରାଜ୍ୟରେ ପ୍ରିମିୟମମୁକ୍ତ ଫସଲବୀମା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇଛି। ଏଭଳି ସ୍ଥିତିରେ ଚଳିତ ଖରିଫ ଚାଷ ପାଇଁ ବର୍ତ୍ତମାନ ଫସଲବୀମା ସକାଶେ ଆବେଦନ ପ୍ରକ୍ରିୟା ଚାଲିଛି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧି ରହିଛି। ତେବେ ଆରମ୍ଭରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଜାଲିଆତି ସାମ୍ନାକୁ ଆସିଛି । ଅନ୍ୟ ଚାଷୀଙ୍କ ଜମିକୁ ନିଜର ବୋଲି ନକଲି କାଗଜାତ୍ ପ୍ରସ୍ତୁତ କରି କିଛି ଦୁର୍ବୃତ୍ତ ଆବେଦନ କରିଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥଳେ ପ୍ରକୃତ ଚାଷୀ ବୀମା ଆବେଦନରୁ ବଞ୍ଚିତ ହେଉଥିବା ସୂଚନା ମିଳିଛି। ଗୁରୁବାର ଏଭଳି ଏକ ଅଭିଯୋଗ ନେଇ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗିମାଳ ଗ୍ରାମର ଚାଷୀ ଦେବ ସାହୁ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଭେଟି ବୀମା ପାଇଁ ହୋଇଥବା ଜମି ଜାଲିଆତିକୁ ନେଇ ଅଭିଯୋଗପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ।

ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ଗ୍ରାମର ଜୟମଙ୍ଗଳ ସାହୁ, ପିତା-ଭଗତ ସାହୁ, ଜୟରାମ ସାହୁ ଓ ବଂଶୀଧର ସାହୁ, ପିତା-ମଗର ସାହୁ ଫିରିଙ୍ଗିମାଳ ମୌଜାର ଖାତା ନଂ-୩୨ର ପ୍ଲଟ ନଂ-୭୮୦, ୧୦୮୦, ୧୦୯୮ରେ ରହିଥିବା ୫ଏକର ୨୧ଡେସିମିଲ ଜମିର ହକ୍‌ଦାର ଅଟନ୍ତି । ଉକ୍ତ ଜମିକୁ ଉତ୍ତରାଧିକାରୀ ତଥା ଭାଗବଣ୍ଟା ସୂତ୍ରରେ ଦେବ ସାହୁ ଚାଷ କରିଆସୁଛନ୍ତି। ତେବେ ଏହି ଜମିକୁ ନେଇ ଅନ୍ୟ କେହି ଦୁର୍ବୃତ୍ତ ଫିରିଙ୍ଗିମାଳ ଜନସେବା କେନ୍ଦ୍ରରେ ବୀମା ପାଇଁ ଆବେଦନ କରିଛନ୍ତି। ଫଳରେ ସେ ଜମିର ଉତ୍ତରାଧିକାରୀ ହୋଇଥିଲେ ସୁଦ୍ଧା ବୀମା ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ଉକ୍ତ ଜମିରେ ବୀମା ଆବେଦନ କରିଥିବା ଦୁର୍ବୃତ୍ତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ଦେବ ସାହୁ ଦାବି କରିଛନ୍ତି। ଏହା ସହିତ ସେ ଉତ୍ତରାଧିକାରୀ ହୋଇଥବାରୁ ଉକ୍ତ ଜମିରେ ତାଙ୍କୁ ବୀମାଭୁକ୍ତ କରିବା ପାଇଁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କେବଳ ଏହି ଚାଷୀ ନୁହଁନ୍ତି, ଏଭଳି ଅନେକ ଚାଷୀଙ୍କ ଜମିକୁ ନେଇ ଜମି ଜାଲିଆତି କରାଯାଇଥିବା ଆଶଙ୍କା ପ୍ରକାଶ କରିଛନ୍ତି। କାରଣ ବୀମା ନେଇ ଏଭଳି ଜମି ଜାଲିଆତି ନୂଆ ନୁହେଁ। ବିଗତବର୍ଷ ମଧ୍ୟ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ଜାଲିଆତି ଅଭିଯୋଗ ହୋଇଥିଲା । ମାତ୍ର ତାକୁ ହାଲୁକା ଭାବେ ଗ୍ରହଣ କରାଯାଇ ଥିବାରୁ ଏବେ ପୁଣି ସେହି ର୍‍ୟାକେଟ୍ ଜିଲାରେ ସକ୍ରିୟ ହୋଇପଡ଼ିଥିବା ଆଲୋଚନା ହେଉଛି। ଏ ନେଇ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନ ନେଲେ ଆଗକୁ ଅନେକ ଚାଷୀ ବୀମାଭୁକ୍ତ ହେବାରୁ ବଞ୍ଚିତ ହେବାର ସମ୍ଭାବନା ରହିଛି।

## ପାଇକମାଳ ଉଚ୍ଚପ୍ରାଥମିକ ସ୍କୁଲରେ ବିଜ୍ଞାନ ମେଳା

**ପାଇକମାଳ, ୨୭।୭ (ବଡ ଶତପଥି)**

ପାଇକମାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୮୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ତହସିଲଦାର ଅକ୍ଷୟ କୁମାର ବାଘ ମୁଖ୍ୟ ଅତିଥି, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ରାଜବୋରାସମ୍ବର ବିଇଓ ଲୁକନାଥ ଭୋଇ ସମ୍ମାନୀୟ ଅତିଥି, ଏବିଇଓ ଶିବ ପ୍ରସାଦ ଯୋଷୀ, ସିଆରସିସି ରଞ୍ଜନ ବାଗ, ବିଦ୍ୟାଳୟ ସଭାପତି କୁଞ୍ଜ ବିହାରି ପ୍ରଧାନ, ଅବସରପ୍ରାପ୍ତ ବିଇଓ ଜନକଲାଲ ମେହେର, ପ୍ରକୃତି ବନ୍ଧୁ ବଡ ଶତପଥୀ ଏବଂ ଏବିଇଓ ରାଧେଶ୍ୟାମ ମେହେର ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବୃକ୍ଷରୋପଣ କରିଥଲେ। ସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## କୋଶଳ ନାଟ୍ୟ ମହର୍ଷିଙ୍କ ତୈଳଚିତ୍ର ସ୍ଥାପନ ଦାବି

**ବରପାଲି,୨୭।୭ (ଚିତ୍ତରଞ୍ଜନ ସାହୁ)**

ପଶ୍ଚିମ ଓଡ଼ିଶାର ପ୍ରଖ୍ୟାତ ନାଟ୍ୟକାର ନାଟ୍ୟ ମହର୍ଷି ସ୍ୱର୍ଗତ ଭଗବାନ ସାହୁଙ୍କ ଫଟୋଚିତ୍ର ରେଲୱେ ଷ୍ଟେଶନରେ ସ୍ଥାପନ କରିବା ପାଇଁ ଦାବି ହୋଇଛି। ଏହି ମର୍ମରେ ଗୁରୁବାର ଏକ ଦାବିପତ୍ର ରେଲୱେ ବିଭାଗର ଉଚ୍ଚ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରାଯାଇଛି। ସ୍ୱର୍ଗତ ସାହୁ ବରପାଲି ନିକଟସ୍ଥ କୁମ୍ଭାରୀ ଗ୍ରାମର ହୋଇଥିଲେ ମଧ ତାଙ୍କ କୋଶଳୀ ନାଟକ 'ଚୌହାନ ବୀର ସୁରେନ୍ଦ୍ର ସାଏ' ଯୋଗୁ ସେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ଏହି ନାଟକ ପାଞ୍ଚ ହଜାର ରାତି ମଞ୍ଚସ୍ଥ କରି ଏକ ରେକର୍ଡ ସୃଷ୍ଟି କରିଥିଲା। କୋଶଳୀ ଭାଷା ଓ ସାହିତ୍ୟକୁ ସ୍ୱର୍ଗତ ସାହୁଙ୍କ ଅବଦାନ ଅତୁଳନୀୟ ଥିଲା।




ବରପାଲି ରେଲୱେ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ବିମାନ ବନ୍ଦରରେ ସ୍ୱର୍ଗତ ସାହୁଙ୍କ ତୈଳଚିତ୍ର ସ୍ଥାନିତ ହୋଇଛି। ତେବେ ତାଙ୍କ ଜନ୍ମଭୂମି ତଥା କର୍ମଭୂମି ବରପାଲିରେ ତାଙ୍କ ତୈଳଚିତ୍ର ରେଲୱେ ଷ୍ଟେଶନରେ ରଖିବା ପାଇଁ ଦାବି କରାଯାଇଛି। ସୁରେନ୍ଦ୍ର ବୀର, ଭୁବନ ଭୋଇ, ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁ, ସମିତି ସଭ୍ୟ ଅନି ଭୁଏ, ଦିଲୀପ ପ୍ରଧାନ, ପ୍ରକାଶ ବାରିକଙ୍କ ସମେତ ବହୁ କଳାକାର ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବୃକ୍ଷରୋପଣ ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର ୨୮।୭ ( ପ୍ରଦୀପ୍ତ ଦାଶ )**

ପଦ୍ମପୁର ଉପଖଣ୍ଡ ଦହିତା ଗଙ୍ଗାଧର ମେହେର ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁବାର ବୃକ୍ଷରୋପଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଟିଏ ପିଲାଙ୍କୁ ଗୋଟିଏ ଗଛ ଚାରା ବଣ୍ଟନ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନା ଅଧକ୍ଷତା କରିଥିଲେ। ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ପଟେଲ, ସରପଞ୍ଚ ଦମୟନ୍ତୀ ପାଣ୍ଡେ, ଶିକ୍ଷକ ଚୂଳସୁନ୍ଦର ମେହେର, ଭୂମିସୁତା ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବୃକ୍ଷ ହିଁ ଜୀବନ ତାର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ ସ୍ୱାଗତ ଭାଷଣ ଏବଂ ଶେଷଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦ ସାଜିଛି ମୁକୁଳା ଟ୍ରାନ୍ସଫର୍ମର

**ଭେଡ଼େନ,୨୭।୭ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ତଥା ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଡ଼ିକ ମୁକୁଳା ପଡ଼ିଛି। ଏହାର ଚାରିପାର୍ଶ୍ୱରେ ବାଡ଼ ନ ଥିବାରୁ ଧନଜୀବନ ହାନି ହେବା ଆଶଙ୍କା ରହିଛି। ବିଶେଷ କରି ଦେଶପର୍ଥଲା, ସାଲଣା, ଦେଶଭଟଲି ଗ୍ରାମର ବୁଲାଣି ରାସ୍ତା ଏବଂ ଗଣ୍ଡତୁରୁମ, ମେହେନା, ଗର୍ଭଣା, ବାଦିପାଲି, ଭାଙ୍ଗକୁଦ, ଖଲିଆପାଲ, ବ୍ରାହ୍ମଣତୁରୁମ ଗ୍ରାମରେ ସ୍ଥାପିତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ମଧ ବାଡ ନାହିଁ। ଫଳରେ ବିଭିନ୍ନ ସମୟରେ ଗାଈଗୋରୁଙ୍କ ସହ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ବହୁ ପୁରୁଣା ତାର ଏବଂ ଖୁଣ୍ଟକୁ ବଦଳାଇ ନବୀକରଣ କରାଯାଉ ନ ଥିବାରୁ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ଓହଳି ପଡିଛି। ସେହିପରି ଖୁଣ୍ଟଗୁଡ଼ିକ ନଇଁ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ତାର ଏବଂ ଖୁଣ୍ଟକୁ ବଦଳାଇବା ପାଇଁ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଆଗାମୀ ଦିନରେ ଏଥିପାଇଁ କୌଣସି ଅଘଟଣ ଘଟିଲେ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଭେଡ଼େନ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରାଯିବାରୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ ।



ଗଣ୍ଡତୁରୁମ ଗ୍ରାମରେ ସ୍ଥାପିତ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି ।

## ଜାଗା ମିଶନ ସମୀକ୍ଷା ବୈଠକ



ଜାଗା ମିଶନ ବୈଠକରେ ହିତାଧିକାରୀଗଣ।

**ପଦ୍ମପୁର,୨୭।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁରର ସ୍ଥାନୀୟ ରାଜାଜୀ ଟାଉନ ହଲରେ ଜାଗା ମିଶନର ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପରାମର୍ଶଦାତା ଶାଶ୍ୱତୀ ମିଶ୍ର, ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ସମୀକ୍ଷା କରିଥିଲେ। ସର୍ଭେ ଅନୁଯାୟୀ ପଦ୍ମପୁର ଏନଏସି ଅଧୀନ ୧୪ ବସ୍ତିର ୪୦୩ ଜଣଙ୍କ ମଧ୍ୟରୁ ୧୫୩ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୨୩୬ ଜଣଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧୫ ଜଣ ହିତାଧିକାରୀ ଗୃହ ନିର୍ମାଣ କରି ସାରିଥିବା ବେଳେ ଅବଶିଷ୍ଟ ହିତାଧିକାରୀଙ୍କୁ ପରବର୍ତ୍ତୀ ସର୍ଭେ ପରେ ପଟ୍ଟା ପ୍ରଦାନ କରାଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ସମସ୍ତ କାଉନସିଲରଙ୍କ ସମେତ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ।

## ବୁଥ୍ ପରିଦର୍ଶନ କଲେ ଅଧିକାରୀ

**ପଦ୍ମପୁର,୨୭।୭(ପ୍ରଦୀପ୍ତ ଦାଶ)**

ଆଗାମୀ ସାଧାରଣ ନିର୍ବାଚନ ପୂର୍ବ ପ୍ରସ୍ତୁତି ସ୍ୱରୂପ ଗୁରୁବାର ବରଗଡ଼ ଏଡିଏମ୍ ମିର୍ଦ୍ଧା ଟପ୍ପୋ ପଦ୍ମପୁର ଉପଖଣ୍ଡର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ଓ ଟପ୍ପୋ ବରିକେଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବରିକେଲ ତଥା କେର୍ମେଲା ବାହାଲ ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଗସ୍ତ କରି ସେଠାରେ ବୁଥଗୁଡିକ ଦେଖିଥିଲେ। ଉଭୟ ଅଧିକାରୀ ବୁଥ୍ ନମ୍ବର ୧୮୪ ଓ ୨୦୪କୁ ଗସ୍ତ କରି ସେଠାକାର ସୁରକ୍ଷା ବ୍ୟବସ୍ଥା, ପାଚେରି, ପିଇବା ପାଣି, ଲୋକ ଧାଡ଼ି ବାନ୍ଧିବା ପାଇଁ ସ୍ଥାନ, ଛାଇ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ପରଖିଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ।



ପଦ୍ମପୁର ଉପଜିଲାପାଳ ଓ ବରଗଡ଼ ଏଡିଏମ୍‌ଙ୍କ ବୁଥ୍ ପରିଦର୍ଶନ।

## ଲାୟନ୍ସ କ୍ଲବର ପ୍ରତିଷ୍ଠା ଦିବସ ପାଳନ

**ପାଇକମାଳ, ୨୭।୭ (ବଡ ଶତପଥି)**

ପାଇକମାଳ ଲାୟନ୍ସ କ୍ଲବର ପ୍ରତିଷ୍ଠା ଦିବସ ଓ ଲାୟନ କୀର୍ତ୍ତନ ସୋନୀଙ୍କ ୫୪ତମ ଜନ୍ମ ଦିବସ ନୃସିଂହନାଥ କସ୍ତୁରବା ମାତୃନିକେତନ ସମ୍ମିଳନୀ କକ୍ଷରେ ଗୁରୁବାର ପାଳିତ ହୋଇଛି। ଏହି ଅବସରରେ ମାତୃନିକେତନର ନିରୁପମା ଦିଦିଙ୍କୁ ସମ୍ମାନିତ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜନାର୍ଦ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦୀପ ବଂଶଲ ମୁଖ୍ୟ ଅତିଥି, ବେଣୁମାଧବ ଦୋରା ମୁଖ୍ୟବକ୍ତା, ଲେଫ୍‌ଟନାଣ୍ଟ ମେଜର ଚିତ୍ତରଞ୍ଜନ ଦାଶ, ସନ୍ତୋଷିନୀ ରଥ, ବି. ବି. ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମତାମତ ପ୍ରଦାନ କରିଥିଲେ। ପାଇକମାଳ ଲାୟନ୍ସ କ୍ଲବ ସଭାପତି ଗୋବର୍ଦ୍ଧନ ଅଗ୍ରୱାଲ, ପଦ୍ମପୁର ସଭାପତି ପ୍ରୀତମ ମେହେର, ଶ୍ୟାମଲାଲ ପ୍ରଧାନ, ଯୋଗେଶ୍ୱର ସାହୁ, ତାରାମଣି ଦେବୀ, ନନ୍ଦଲାଲ ନାୟକ, ଆନନ୍ଦ ଅଗ୍ରୱାଲ, କିଶୋର ବାରିକ, ଅଶୋକ ତାୟଲ, ସୁନ୍ଦରମଣି ନାଏକ, ଡା. ରାଜୀବ ଲୋଚନ ପଟ୍ଟନାୟକ, କୀର୍ତ୍ତନ ସୋନୀ, ମୀନକେତନ ବେହେରା, ସୁଶାନ୍ତ ପଣ୍ଡା, ଡା. ଲମ୍ବୋଦର ପଣ୍ଡା, ଡା. ଦୟାଗୋପାଳ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। ଲେଫ୍‌ଟନାଣ୍ଟ ଚିତ୍ତରଞ୍ଜନ ଦାଶ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ସେବାଶ୍ରମ ସ୍କୁଲରେ ଶିକ୍ଷାଦାନ ବ୍ୟାହତ

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)**

- ୩ ଶିକ୍ଷକଙ୍କୁ ନେଇ ଚାଲିଛି ୮ ଶ୍ରେଣୀ
- ସରୁନି ଛାତ୍ରୀଛାତ୍ରଙ୍କ ପାଠ୍ୟ ଖସଡ଼ା
- ଶିକ୍ଷାଦାନ ନ ପାଇ ଭବିଷ୍ୟତ ଅନ୍ଧାର

ବରଗଡ଼ ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଜିଲାର ଅନେକ ପ୍ରାଥମିକ ସ୍କୁଲରେ ଏଭଳି ସମସ୍ୟା ଉପୁଜିଛି। କେଉଁ ସ୍କୁଲରେ ଶ୍ରେଣୀ କୋଠରୀ ତ ଆଉ କେଉଁଠି ଶିକ୍ଷକଙ୍କ ଅଭାବ ରହିଛି। କେତେକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଅଧିକ ଶିକ୍ଷକ ଥିବାବେଳେ ଆଉ କେତେକ ସ୍ଥାନରେ ଛାତ୍ରୀଛାତ୍ର ହାରରେ ଶିକ୍ଷକଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଛି । ଏଭଳି ସ୍ଥଳେ ସମ୍ପୃକ୍ତ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବ୍ୟାହତ ହୋଇ ପଡ଼ିଛି । ଜିଲାର ସେବାଶ୍ରମ ସ୍କୁଲ ଗୁଡ଼ିକ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଭଟଲି ବ୍ଲକ ଅନ୍ତର୍ଗତ ଭିଞ୍ଜୋତୋରା ଆଶ୍ରମ ସ୍କୁଲରେ ଶିକ୍ଷକଙ୍କ ଅଭାବ ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି ।

ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୫୦ ଛାତ୍ରୀଛାତ୍ର ପଢୁଛନ୍ତି। ହେଲେ ସେମାନଙ୍କୁ ଶିକ୍ଷାଦାନ ପାଇଁ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ୮ଟି ଶ୍ରେଣୀ କୋଠରୀରେ ୧୫୦ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ କିଭଳି ଶିକ୍ଷାଦାନ କରୁଥିବେ, ତାହା ସହଜରେ ଅନୁମେୟ। ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ର ଉପଯୁକ୍ତ ଶିକ୍ଷାଦାନ ପାଇ ପାରୁ ନାହାନ୍ତି । ଏପରିକି ଶିକ୍ଷାବର୍ଷ ଶେଷହୋଇଗଲେ ମଧ ସେମାନଙ୍କ ପାଠ୍ୟ ଖସଡ଼ା ସମ୍ପୂର୍ଣ୍ଣ ହେଉ ନ ଥିବା ଛାତ୍ରୀଛାତ୍ର କହିଛନ୍ତି ।



ଭିଞ୍ଜୋତୋରା ଆଶ୍ରମ ସ୍କୁଲରୁ ଛାତ୍ରୀଛାତ୍ର ବାହାରୁଛନ୍ତି ।

ଅଷ୍ଟମ ଶ୍ରେଣୀ ଛାତ୍ରୀ ଅନୀମା ବାଗ କହିଛନ୍ତି, ଶିକ୍ଷକ ଅଭାବ ଯୋଗୁ ଠିକ୍ ଭାବେ ପାଠପଢ଼ା ହେଉନାହିଁ। ପରୀକ୍ଷା ଆସି ଯାଉଛି। ହେଲେ ସେତେବେଳ ପର୍ଯ୍ୟନ୍ତ କେଉଁ ବିଷୟ ଅଧା ପଢ଼ା ଯାଇଥିବାବେଳେ ଆଉ କେଉଁ ବିଷୟର ପାଠପଢ଼ା ଆରମ୍ଭ ସୁଦ୍ଧା ହୋଇପାରୁନାହିଁ। ଫଳରେ ପରୀକ୍ଷା ମଧ୍ୟ ଠିକ୍ ହେଉନାହିଁ। ସେହିପରି ଅନ୍ୟ ଜଣେ ଛାତ୍ର ଶୁଭମ ମିର୍ଦ୍ଧା କହିଛନ୍ତି, ଶିକ୍ଷକ ନ ଥିବା ଯୋଗୁ ଭଲ ଭାବେ ପଢ଼ା ହେଉନାହିଁ। ସ୍କୁଲ ପାଇଁ ଆହୁରି ଶିକ୍ଷକ ଦରକାର। ଭଲଭାବେ ପାଠପଢ଼ା ହେଲେ ସମସ୍ତଙ୍କ ପରୀକ୍ଷାଫଳ ମଧ୍ୟ ଭଲ ହୁଅନ୍ତା। ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଅରୁଣ ସାହୁ ମଧ୍ୟ ଶିକ୍ଷକ ଅଭାବ ଯୋଗୁ ଠିକ୍ ଭାବେ ଶିକ୍ଷାଦାନ ହେଉ ନ ଥିବା କହିଛନ୍ତି । ସ୍କୁଲରେ ହଷ୍ଟେଲ ରହିଛି। ପ୍ରଧାନ ଶିକ୍ଷକ ହଷ୍ଟେଲ ପରିଚାଳନା ସହିତ ମଧ୍ୟାହ୍ନ ଭୋଜନ ତଦାରଖ କରୁଛନ୍ତି। ସେହିପରି ଅନ୍ୟ ୨ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ଅନେକ ସମୟରେ ସ୍କୁଲ ତଥା ବିଭାଗୀୟ କାମରେ ବାହାରକୁ ଯିବାକୁ ପଡୁଛି । ଫଳରେ ସ୍କୁଲରେ ଏକପ୍ରକାର ଶିକ୍ଷାଦାନ ଠପ୍ ହୋଇ ପଡ଼ିଛି । ଫଳରେ ସ୍କୁଲରେ ଆହୁରି ୨ଜଣ ଶିକ୍ଷକ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି ।

ସେହିପରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ରୋଣ ପଟେଲ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ସଂଖ୍ୟା କମ୍ ଥିବା ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି ଏବଂ ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ହେଲେ ଠିକ୍ ଭାବେ ଶିକ୍ଷାଦାନ କରିହୁଅନ୍ତା ବୋଲି ସେ କହିଛନ୍ତି । ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ସ୍କୁଲରେ ଶିକ୍ଷକ ଅଭାବକୁ ସ୍ୱୀକାର କରିଛନ୍ତି। ୨୦୧୭ ପରେ ପ୍ରାଥମିକ ସ୍କୁଲଗୁଡ଼ିକ ପାଇଁ ନୂତନ ଶିକ୍ଷକ ନିଯୁକ୍ତି ହୋଇନାହିଁ। ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନେଉଛନ୍ତି। ନୂତନ ଶିକ୍ଷକ ନିଯୁକ୍ତି ହେଲେ ସ୍କୁଲଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ହେବ ବୋଲି ଜିଲା ଶିକ୍ଷାଧିକାରୀ କଚ୍ଛପ କହିଛନ୍ତି।




## ସଂକ୍ଷେପରେ

### ମୋବାଇଲ ଚୋରି, ଯୁବକ ଗିରଫ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା):** ଗତ ୨୫ ତାରିଖ ବିଳମ୍ବିତ ରାତିରେ ଜଣେ ଟ୍ରେନ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ଗୁରୁବାର ଜିଆରପି ଗୋପବନ୍ଧୁପାଲି ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମନୋରାଜ(୨୭)। ଉକ୍ତ ଯାତ୍ରୀ ଜଣଙ୍କ ଟ୍ରେନ ଯୋଗେ ବାମରା ଷ୍ଟେଶନରୁ ଆସି ରାଉରକେଲା ଷ୍ଟେଶନରେ ଓହ୍ଲାଇଲେ। ଏହି ସମୟରେ ମନୋରାଜ ତାଙ୍କ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଜିଆରପି ପୋଲିସ ଏକ ମାମଲା (ନଂ.୯୫।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି।

### ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗ, ୨ ଗିରଫ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ପୋଲିସକୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ମଧୁସୂଦନପାଲି ଶାନ୍ତି କଲୋନୀର ରବି ସିଂ(୩୨) ଓ ଗୋପବନ୍ଧୁପାଲୀ ୱାର୍ଡ ନମ୍ବର ୩ର ସୁଜିତ ପ୍ରସାଦ(୨୫)। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୫।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି ।

### ୩୦ରେ ମହିଳା ନିରଙ୍କାରୀ ସନ୍ଥ ସମାବେଶ

**ରାଉରକେଲା, ୨୭।୭(ଦିନେଶ ମିଶ୍ର):** ରାଉରକେଲା ସନ୍ଥ ନିରଙ୍କାରୀ ସତ୍‌ସଙ୍ଗ ଭବନ ପ୍ରାଙ୍ଗଣରେ ଆସନ୍ତା ୩୦ ତାରିଖରେ ଜୋନ୍‌ସ୍ତରୀୟ ମହିଳା ନିରଙ୍କାରୀ ସନ୍ଥ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ରାଞ୍ଚିର ଗୁରୁମାତା ଚମ୍ପା ଭାଟଡିଆ ଉଦ୍‌ବୋଧନ ଦେବେ। ଓଡିଶାର ଜୋନ ୪୪ର ଦାୟିତ୍ୱରେ ଥିବା ବସନ୍ତ କୁମାର ତ୍ରିପାଠୀ ଓ ରାଉରକେଲା ସଂଯୋଜକ ରାମେଶ୍ୱର ସାହୁଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ସତ୍‌ସଙ୍ଗ ଭବନରେ ସକାଳ ୧୧ଟାରୁ ୨ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଯୋଜକ ସାହୁ କହିଛନ୍ତି।

### ୩ୟ ରେଳ ଲାଇନ ପରିଦର୍ଶନ କଲେ କମିଶନର

**ରାଉରକେଲା, ୨୭।୭(ସଙ୍ଗୀତା ଜେନା):** ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ମଣ୍ଡଳ ଅନ୍ତର୍ଗତ ରାଉରକେଲା ନିକଟରେ ତିଆରି ହେଉଥିବା ୩ୟ ରେଳ ଲାଇନକୁ ଗୁରୁବାର ଅପରାହ୍ଣରେ ରେଳବାଇ ସେଫ୍ଟି କମିଶନର ଅନନ୍ତ ଏମ୍ ଚୌଧୁରୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରେଳଲାଇନ ନିର୍ମାଣ, ସମସ୍ୟା ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଡିଆରଏମ୍ ଅରୁଣ ଜେ. ରାଠୋର, ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ରାଉରକେଲା ରେଳ ଷ୍ଟେଶନରେ ୨ଟି ଆଭ୍ୟନ୍ତରୀଣ ବୈଠକ ଅନୁଷ୍ଠିତ ହୋଇଥିଲା।




ମଣିପୁରରେ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଗୁରୁବାର ରାଉରକେଲା ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଖ୍ରୀଷ୍ଟିୟାନ କାଉନସିଲ ଅଫ୍ ଇଣ୍ଡିଆ ନେତୃତ୍ୱରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଖ୍ରୀଷ୍ଟିଆନ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଉଛି। (ଫଟୋ: ବିବେକ)

# ଖ୍ରୀଷ୍ଟିଆନ ସଙ୍ଗଠନର ବିକ୍ଷୋଭ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ମଣିପୁରରେ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଦେଶ ଓ ଦେଶ ବାହାରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି କ୍ରମରେ ଗୁରୁବାର ଖ୍ରୀଷ୍ଟିଆନ କାଉନସିଲ ଅଫ୍ ଇଣ୍ଡିଆ (ସିସିଆଇ) ପକ୍ଷରୁ ରାଉରକେଲାରେ ବିଶାଳ ଶୋଭାଯାତ୍ରା ସହ ପ୍ରତିବାଦ ସଭା କରାଯାଇଛି।

ଗୁରୁବାର ପୂର୍ବାହ୍ଣରେ ବିଶ୍ରା ଛକରୁ ଏହି ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏଥିରେ ରାଉରକେଲାର ରୋମାନ କାଥୋଲିକ, ବାପଟିଷ୍ଟ, ସିଏନ୍‌ଆଇ, ଏନଜିଡ଼ବ୍ଲ୍ୟୁଜିଇଏଲ, ଜିଇଏଲ୍, ମାର୍ଥୋମା ସମେତ ବିଭିନ୍ନ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ସମେତ ସୁନ୍ଦରଗଡ଼ ଜିଲାର ବିରମିତ୍ରପୁର, ରାଜଗାଙ୍ଗପୁର, କେଶ୍ରାମାଲ, ଗୋମାରଡିହି, କଲୁଙ୍ଗା, ବନ୍ଧମୁଣ୍ଡା, ଝିରପାଣି, ଶକ୍ତିନଗର, ଝରାବାହାଲ, କାଞ୍ଚାପାଲି, ବଣେଇ, ବରସୁଆଁରେ ଥିବା ୨୨ରୁ ଊର୍ଦ୍ଧ୍ୱ ଚର୍ଚ୍ଚ ସଦସ୍ୟମାନେ ଯୋଗ ଦେଇଥିଲେ। ଉକ୍ତ ଶୋଭାଯାତ୍ରା ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିସିଆଇ ପକ୍ଷରୁ ବିଶପ କିଶୋର କୁଜୁରଙ୍କ ନେତୃତ୍ୱରେ

**ମଣିପୁର ହିଂସାର ପ୍ରତିବାଦ**

ଜର୍ଜସେନାର ମୁଖ୍ୟ ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା, ଫାଦର ଏରମାନ ମିଞ୍ଜ, ଫାଦର ବିଜୟ ଏକ୍କା, ଫାଦର ପ୍ରଦୀପ କୁଜୁର, ଫାଦର ପିତ୍ରୁଶ, ସୁଲେମାନ କାଉଡିଆ, ଦିଲୀପ ଲାହରୀ, ଆନନ୍ଦ ଟପ୍ପୋ, ସନ୍ତୋଷ କୁଜୁର, ରଞ୍ଜନ ଓଝା, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଏଚ୍‌ଡ଼ିସି ଉପାଧ୍ୟକ୍ଷା ସୁଶୀଳା ଟପ୍ପୋ, ପୂର୍ବତନ ଜିଲା ପରିଷଦ ସଭାପତି ଏମ୍ମା ଏକ୍କା, ଶଶି ସାଗର, ସଞ୍ଜୀବ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

ସେମାନେ ଅଭିଯୋଗ କରିଥିଲେ, ମଣିପୁରରେ ବସବାସ କରୁଥିବା କୁକି ଆଦିବାସୀଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ପ୍ରାଣହାନି ହୋଇ ସାରିଲାଣି। ୫ହଜାର ଗୃହଦାହ ସାଙ୍ଗକୁ ୬୩ ହଜାର ଲୋକଙ୍କୁ ରିଲିଫ କ୍ୟାମ୍ପକୁ ଯିବା ଲାଗି ବାଧ୍ୟ କରାଯାଇଛି। ୪ଶହରୁ ଊର୍ଦ୍ଧ୍ୱ ଚର୍ଚ୍ଚ ଭସ୍ମୀଭୂତ ହୋଇଛି। ରାଜରାସ୍ତାରେ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ପରେଡ କରାଇବା ସହ ସାମୂହିକ ବଳାତ୍କାର ଏବଂ ହତ୍ୟା କରାଯାଇଛି। ଏହି ବର୍ବରକାଣ୍ଡକୁ ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କାହାକୁ ଏବେ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ସେମାନଙ୍କ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦାସୀନ। କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ତରହୀନ ହୋଇପଡିଥିବା ସେମାନେ ଅଭିଯୋଗ କରିଥିଲେ। ମାନବିକତା, ଆଦିବାସୀ ଜନଜାତିର ସୁରକ୍ଷା, ରାଷ୍ଟ୍ରପତି ଶାସନ ଲାଗୁ, ଫାଷ୍ଟ ଟ୍ରାକ କୋର୍ଟ ଜରିଆରେ ଦୋଷୀଙ୍କୁ ଦଣ୍ଡ, ଅଭିଯୁକ୍ତଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ବଳାତ୍କାରୀମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ପାଇଁ ବକ୍ତାମାନେ ଦାବି କରିଥିଲେ। ପରେ ସଂଘ ପକ୍ଷରୁ ରାଷ୍ଟ୍ରପତି ଓ ଓଡ଼ିଶା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ୟୁସିସିକୁ ବିରୋଧକରି ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା, ୨୭।୭(ଦିନେଶ ମିଶ୍ର)**

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ଛାତ୍ର ସଂଘ ପକ୍ଷରୁ ଦେଶରେ ଆଦିବାସୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଉଦିତନଗର ସ୍ଥିତ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଶତାଧିକ ଆଦିବାସୀ ଛାତ୍ର ଓ ପରିଷଦର କର୍ମକର୍ତ୍ତା ଏକାଠି ହୋଇ ସମାନ ନାଗରିକ ସଂହିତା (ୟୁସିସି)କୁ ବିରୋଧ କରିବା ସହ ବିକାଶ ନାମରେ ଜଳ, ଜଙ୍ଗଲ ଜମିରୁ ଆଦିବାସୀମାନଙ୍କୁ ବିସ୍ଥାପନ କରିବା ବନ୍ଦ କରିବାକୁ ଦାବି କରିଥିଲେ। ଏଥିସହ ମଣିପୁରରେ ଆଦିବାସୀ ମହିଳାମାନଙ୍କୁ ଗଣବଳାତ୍କାର ସହିତ ନଗ୍ନ କରି ପରେଡ କରାଇବା ପ୍ରତିବାଦରେ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ଉଭୟ ସଂଘ ପକ୍ଷରୁ ଏକ ସଚେତନତା ରାଲି ବିଶ୍ରା ଛକରୁ ବାହାରି ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ରାଷ୍ଟ୍ରୀୟ ଆଦିବସୀ ପରିଷଦ ଓ ଛାତ୍ର ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦ୍ୟେରେ ଏଡିଏମ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ଆଦିବାସୀ ଏକତା ପରିଷଦର ଜିଲା କନଭେନର ପରୁଆ ଏକ୍କା, ସୁନ୍ଦର ଏକ୍କା, ମହେନ୍ଦ୍ର ତନ୍ତୀ, ଲକ୍ଷ୍ମଣ ଏକ୍କା, ବେଦବ୍ୟାସ ବେଥରା, ସୋମା ବାରିକ, ଅଖିଲ ମାଝୀ, ରଞ୍ଜିତ ଟୁରୁ, ଲିଲିମା ଖେସ୍, ସୁଶୀଳା ବାର୍ଲା ପ୍ରମୁଖ ସାମିଲ ହୋଇଥିଲେ।

## ଶ୍ରମିକଙ୍କ ବକେୟା ପ୍ରାପ୍ୟ ମାମଲା ଫଇସଲା

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ବକେୟା ଓ ପିଏଫ ରାଶି ପ୍ରଦାନ ଦାବିରେ ଦୁଇଟି କମ୍ପାନୀର ଶ୍ରମିକ ଓ ପରବାରବର୍ଗ ଆର୍‌ଏମ୍‌ସି ପାଠାଗାର ସମ୍ମୁଖରେ ବୁଧବାର ଧାରଣା ଦେଇଥିଲେ। ଗୁରୁବାର ମଧ୍ୟାହ୍ନରେ ଉଦିତନଗର ସ୍ଥିତ ଶ୍ରମ କାର୍ଯ୍ୟାଳୟରେ ଏହି ଦୁଇ କମ୍ପାନୀ ୟୁଆରସି କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ ଓ ଶ୍ରୀ ରକ୍ଷା ଇନଫ୍ରାକନ୍ ପ୍ରାଇଭେଟ ଲିମିଟେଡ୍‌ର ଶ୍ରମିକଙ୍କ ବକେୟା ଓ ଅନ୍ୟ ପ୍ରାପ୍ୟ ସମ୍ପର୍କରେ ଫଇସଲା ହୋଇଥିବା ସୂଚନା ମିଳିଛି। ମିନି ଷ୍ଟାଡ଼ିୟମ ଓ ପାନପୋଷ ମାର୍କେଟ କମିଟି ନିର୍ମାଣ କରିଥିବା ୟୁଆର୍‌ସି କମ୍ପାନୀର ୮ ଜଣ ଶ୍ରମିକଙ୍କୁ ଚୂଡାନ୍ତ ପ୍ରାପ୍ୟ ଓ ପିଏଫ୍ ରାଶି ପ୍ରଦାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ ମହଲତ ନେଇଛନ୍ତି। ସେହିପରି ଆର୍‌ଏମ୍‌ସିର ଡ୍ରେନେଜ କାମ କରିଥିବା ଶ୍ରୀ ରକ୍ଷା କମ୍ପାନୀର ଶ୍ରମିକଙ୍କୁ କର୍ତ୍ତୃପକ୍ଷ ଗୁରୁବାର ସନ୍ଧ୍ୟାରେ ବକେୟା ରାଶି ପ୍ରଦାନ କରିବାକୁ ସହମତି ପ୍ରଦାନ କରିଛନ୍ତି। ସହକାରୀ ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁଣାଣି ସମୟରେ ଶ୍ରୀ ରକ୍ଷାର ପ୍ରକଳ୍ପ ଅଧିକାରୀ ନନ୍ଦରାମ ଜେନା, ୟୁଆର୍‌ସିର ଲୋକ ସମ୍ପର୍କ ଡିଜିଏମ୍ ଏମ୍. କୁଛେ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, ସମ୍ପାଦକ ଉମେଶ ମଲ୍ଲିକ, ଜଗବନ୍ଧୁ ଜେନା, ଦିଲୀପ ଜେନା, ନିରାକାର ପରିଡ଼ା, କମଲ କିଶୋର ସିଂ, ମାନସ ରଞ୍ଜନ ପତି, ଦୀପକ ତନ୍ତୀ, ସନ୍ତୋଷ ଦାସ, ମନୁ ସିଂ, ମୀନାକ୍ଷୀ ପତି, ଚନ୍ଦ୍ରକାନ୍ତ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଶ୍ରମ କାର୍ଯ୍ୟାଳୟରେ ଶୁଣାଣି କରାଯାଉଛି।

## ବନ୍ୟପକ୍ଷୀ ବିକ୍ରି ବେଳେ ଗିରଫ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ରାଉରକେଲା ବିର୍ସା ମୁଣ୍ଡା ଇନ୍‌ଡୋର ଷ୍ଟାଡ଼ିୟମ ନିକଟରେ ବନ୍ୟପକ୍ଷୀ ବିକ୍ରି କରୁଥିବା ବେଳେ ବନ ବିଭାଗ ଚଢାଉ କରି ଜଣେ ବ୍ୟସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ରା ବ୍ଲକ ଉଡୁସୁ ଗ୍ରାମର ସରୋଜ ବଡ଼ାଇକ(୩୨)। ତାଙ୍କଠାରୁ ୨ଟି ପକ୍ଷୀ ଜବତ କରାଯାଇଛି। ସରୋଜ ବନ୍ୟଜନ୍ତୁ ଓ ପକ୍ଷୀ ବେପାରରେ ସାମିଲ ଥିବା ସ୍ୱୀକାର କରିଛନ୍ତି ବୋଲି ଗୁରୁବାର ଅପରାହ୍ଣରେ ରାଉରକେଲା ବନ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଯଶୋବନ୍ତ ସେଠୀ ସୂଚନା ଦେଇଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ.୭୯।୨୩) ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ବନ ବିଭାଗର ସୌମ୍ୟରଞ୍ଜନ ଗୋଚ୍ଛାୟତ, ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ ଏଡିଏମ୍, ଡିଆଇପିଆରଓଙ୍କ ସମେତ ଅନ୍ୟମାନେ।

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆସନ୍ତା ସ୍ୱାଧୀନତା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଉଦିତନଗର ଆଇଟିଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏଡିଏମ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଗଷ୍ଟ ୧୫ ତାରିଖରେ ପାଳନ ହେବାକୁ ଥିବା ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଦିତନଗର ମିନି ଷ୍ଟାଡ଼ିୟମରେ ସକାଳ ୯ଟା ୧୫ ମିନିଟରେ ଜାତୀୟ ପତାକା ଉତ୍ତୋଳନ ସହ ମିଳିତ ପରେଡ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ବକ୍ତୃତା, ପ୍ରବନ୍ଧଲିଖନ, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ୱାଧୀନତା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର ସ୍ଥାନ ଓ ସମୟ ବାବଦରେ ସୂଚନା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସହକାରୀ ଉପଜିଲାପାଳ ସରୋଜ ପ୍ରସନ୍ନ କୁଲୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବହ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ସର୍ବୋଦୟ ନେତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ଜୟନ୍ତୀ ସମାରୋହ ଜଗଦା ସ୍ଥିତ ଉତ୍କଳ ନବଜୀବନ ମଣ୍ଡଳରେ ବୁଧବାର ଅନୁଷ୍ଠିତ ହୋଇଛି। ସମାଜସେବୀ ସଞ୍ଜୀବ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଇଂ. ଅଭୟ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବହ୍ନିକନ୍ୟାଙ୍କ ସମାଜ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମା' ବାଟ ମଙ୍ଗଳା ମହିଳା ସମିତି ସଭାନେତ୍ରୀ କୀର୍ତ୍ତିଲତା ନନ୍ଦ, ଡ. ଆର୍. ଏନ୍. ମହାପାତ୍ର, ଅନୁଷ୍ଠାନର ସଭାପତି କିଶୋର ଚନ୍ଦ୍ର ତ୍ରିପାଠୀ, ରଘୁନାଥ ଦାଶ, ରଘୁନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ନିଃଶୁଳ୍କ ସିଲେଇ କେନ୍ଦ୍ରରେ ତାଲିମ ଗ୍ରହଣ କରିଥିବା କୃତୀ ଛାତ୍ରୀମାନଙ୍କ ସମେତ ୨୫ ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ନବଜୀବନ ମଣ୍ଡଳର କେନ୍ଦ୍ର ଆବାହିକା ସୁନନ୍ଦା ବରାଳଙ୍କ ପୃଷ୍ଠପୋଷକତାରେ ପ୍ରଭାତ ମହାନ୍ତି, ଶିପ୍ରା ସ୍ୱାଇଁ, ଲକ୍ଷ୍ମୀଧର ନାୟକ, ଆଦିତ୍ୟ ତ୍ରିପାଠୀ, କରୁଣାକର ସାହୁ, ପ୍ରିୟବ୍ରତ ମହାପାତ୍ର, ପ୍ରଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ସୁନୀତା ମହତୋଙ୍କୁ ପ୍ରଥମ, ପ୍ରୀତିସୁଧା ଦାସଙ୍କୁ ଦ୍ୱିତୀୟ ଓ ଅବିତା ଦେବୀଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଭଗବାନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ୩ ନମ୍ବର ୱାର୍ଡ ସମସ୍ୟା ସମାଧାନ ଦାବି

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୩ ନମ୍ବର ୱାର୍ଡ ବାଲୁଘାଟ ଅଞ୍ଚଳର ସର୍ଦ୍ଦାର ବସ୍ତି, ନୂଆ ବସ୍ତି, ଝରା ବସ୍ତି, କୁମ୍ଭାର ବସ୍ତି, ତେଲଗୁ ବସ୍ତି ଓ କୁଚ୍ଚାଟୋଲା ଆଦି ବସ୍ତିର ମୌଳିକ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଛି। ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି ଏସବୁ ଅଞ୍ଚଳ ବୁଲି ଦେଖିବା ପରେ ସମସ୍ୟା ଗୁଡିକ ପ୍ରତି ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସମେତ ଯୋଗାଣ ବିଭାଗ, ୱାଟ୍‌କୋ ଓ ବିଦ୍ୟୁତ୍ ବିଭାଗ ୩ ନମ୍ବର ୱାର୍ଡର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ସେନାପତି ଦାବି କରିଛନ୍ତି । ଉକ୍ତ ଅଞ୍ଚଳ ଗସ୍ତ ସମୟରେ ପିସିସି ସଭ୍ୟ ସବୀର ହୁସେନ, କଂଗ୍ରେସ ନେତା ବଲବୀର ସିଂହ, ଶ୍ୟାମେନ୍ଦ୍ର ମାହାତୋ, ଲୋକନାଥ ଭୂମିଜ, ସେବାଦଳର ବୁଲୁ ଦାସ, ବିଜୟ ସାହୁ, ସୁଧୀର ନାଥ ଓ କ୍ଷୀରସାଗର ଦେହୁରିଆ ପ୍ରମୁଖ ସାମିଲ ହୋଇଥିଲେ।

## ପାଠ୍ୟକ୍ରମ ଶେଷ ବେଳକୁ ଛାତ୍ର ରୋଜଗାରକ୍ଷମ ହେବେ

**ରାଉରକେଲା, ୨୭।୭(ସଙ୍ଗୀତା ଜେନା)**

ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ ନେଇ ଗୁରୁବାର ପୂର୍ବାହ୍ଣରେ ରାଉରାକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ଗେଷ୍ଟହାଉସ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ସୂଚନା ଦେଇ କହିଥିଲେ, ଶିକ୍ଷା ମନ୍ତ୍ରାଳୟ ପରିଚାଳିତ ଏନ୍‌ଇପି ଅନୁଯାୟୀ ଶିକ୍ଷା ପାଚେରୀ ମୁକ୍ତ ହୋଇଛି। ସମସ୍ତ ପାଠ୍ୟକ୍ରମ ଡିଜିଟାଲାଇଜେଶନରେ ପରିଣତ ହୋଇଛି। ଆଧାର ସମେତ ସମସ୍ତ କ୍ଷେତ୍ରରେ ଗ୍ଲୋବାଲାଇଜେଶନ ହୋଇଛି। ଏନ୍‌ଇପି ଦ୍ୱାରା ପାଠ୍ୟକ୍ରମ ଶେଷ ବେଳକୁ ଛାତ୍ର କୁଶଳୀ ସହ ରୋଜଗାରକ୍ଷମ ହେବେ। ବିଟେକ୍ ଓ ଅନ୍ୟ ପାଠ୍ୟକ୍ରମରେ ୪ ବର୍ଷର ଅବଧି ଶିକ୍ଷାରେ କୌଣସି କାରଣବଶତଃ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିଲେ ତାଙ୍କ କୋର୍ସ ବେକାର ହେବନାହିଁ। ଅତିରିକ୍ତ ୮ ବର୍ଷ କାଳ ମଧ୍ୟରେ ସେ ପୁନଃ ପାଠ୍ୟକ୍ରମରେ ଯୋଗଦେବ। ଏହାସହ ଏଥିରେ ଅତିରିକ୍ତ ଅନ୍ୟ ଏକ ପାଠ୍ୟକ୍ରମ ମଧ୍ୟ ଜାରି ରଖିପାରିବେ। ଶିକ୍ଷା ପଦ୍ଧତିରେ କ୍ରାନ୍ତିକାରୀ ପରିବର୍ତ୍ତନ ହେବାକୁ ଯାଉଛି। ଛାତ୍ରଛାତ୍ରୀମାନେ ଏକକାଳୀନ ୨ଟି ପାଠ୍ୟକ୍ରମର ସାର୍ଟିଫିକେଟ ହାସଲ କରିପାରିବେ। ଏହାସହ ଏନ୍‌ଆଇଟି ରାଉରକେଲା ଓ ଏନ୍‌ଆଇଟି ହାଇଦ୍ରାବାଦ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଜୁଲାଇ ୨୯ତାରିଖରେ ପ୍ରଗତି ମଇଦାନରେ ଏନ୍‌ଆଇଟି ରାୟପୁର ସହ ସ୍ୱାକ୍ଷର କରିବାକୁ ଯାଉଛି। ଏହାଦ୍ୱାରା ଛାତ୍ରୀଛାତ୍ର ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକର ସୁବିଧା ଉଠାଇପାରିବେ। ଏହାର ଉଦାହରଣ ସ୍ୱରୂପ ଆର୍‌ଏସ୍‌ପିର ପ୍ରାକ୍ତନ ଡିଜିଏମ୍ ବଳବୀର ସିଂ (୭୪) ଏନ୍‌ଆଇଟିରେ ଉଚ୍ଚଶିକ୍ଷା ଲାଭ କରିବାକୁ ଯାଉଛନ୍ତି। ଶିକ୍ଷାର୍ଥୀମାନଙ୍କୁ ସମାନ୍ତରାଳ ଓ ସୁବିଧାରେ ପାଠ୍ୟକ୍ରମ ଯୋଗାଇବା ଏକମାତ୍ର ଉଦ୍ଦେଶ୍ୟ ବୋଲି ରାଓ କହିଥିଲେ। ଡିନ୍ (ଆଲୁମିନି) ଏଚ୍‌ବି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିନ୍ ଏସ୍. ଚକ୍ରବର୍ତ୍ତୀ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ପ୍ରମୁଖ ମଞ୍ଚାସୀନ ଥିଲେ।

**ଜାତୀୟ ଶିକ୍ଷା ନୀତି ପ୍ରଣୟନ ନେଇ ଖବରଦାତା ସମ୍ମିଳନୀ**




ଖବରଦାତା ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକ ଓ ଅନ୍ୟମାନେ ଉପସ୍ଥିତ ।

## କାରଗିଲ ବିଜୟ ଦିବସ ପାଳିତ

ସମ୍ବଲପୁର,(ଶୁଭାଶିଷ ପାଢ଼ୀ): ସମ୍ବଲପୁର ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲୁ ବିପିଏସଏଲ କମ୍ପାନୀର ଆକାଂକ୍ଷା ମହିଳା କ୍ଲବ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ନିଲମସିଂ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ସବୁଜ ସୁନ୍ଦର ପରିବେଶ ଗଠନ କରିବା ପାଇଁ ବୃକ୍ଷରୋପଣ କରାଯାଉଥିବା କୁହଯାଇଛି। ଅନ୍ୟମାନଙ୍କ ମଧ୍ୟର ପ୍ରୀତି ରାୟ, ପ୍ରମିଳା ନାଏକ, ମିନି ସିଂ, ଭିନିତ ରସ୍ତୋଗି, ଅଞ୍ଜଳି ସିଂ, ମନିଶା ଚାନ୍ଦେଲ, ସୀମା ପରିହାରଙ୍କ ସମେତ କ୍ଲବର ୯୦ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା।

### ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ଜିଲାପାଳ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ ଟା

### ସଂକ୍ଷେପରେ

## ଶିକାରୀ ବିଛାଇଥିବା ତାର ସଂସ୍ପର୍ଶରେ ଆସି ଜଣେ ମୃତ

**ସମ୍ବଲପୁର,୨୭।୭(ଶୁଭାଶିଷ ପାଢ଼ୀ):** ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ସେମିଲିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗ୍ରାମର ଛବିଲ ସାଏ (୫୪)ଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଛବିଲଙ୍କ ପୁଅ ଦିନେଶଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହାସହ ଘଟଣାରେ ସଂପୃକ୍ତି ଥିବା ନେଇ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ଛବିଲ ଗୁରୁବାର ଭୋର ସମୟରେ ଗ୍ରାମ ନିକଟସ୍ଥ ପୋଖରୀକୁ ଯାଉଥିଲେ। ତେବେ ପୋଖରୀକୁ ଯିବା ବାଟ ବିଲରେ ବାର୍‌ହା ଓ ଅନ୍ୟ ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ କ୍ଷତିପୂରଣ ଦେବା ତଥା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଜିଲାସ୍ତରୀୟ ଜୁଡୋ ପ୍ରତିଯୋଗିତା

**ସମ୍ବଲପୁର,୨୭।୭(ବି.ଶଙ୍କର):** ସମ୍ବଲପୁର ସାଓଲିନ କୁଙ୍ଗ୍‌ଫୁ ଉଷୁ ଆସୋସିଏଶନ ପକ୍ଷରୁ ଜିଲା ଜୁଡୋ ହଲଠାରେ ଜିଲାସ୍ତରୀୟ ଜୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ପ୍ରାୟ ୮୦ଜଣ ଖେଳାଳି ଭାଗ ନେଇଥିଲେ। ଜିଲା ଜୁଡୋ ସଂଘର ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁରସ୍ଥିତ ଲଜପତ ରାୟ ଆଇନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରର ଆସୋସିଏଶନର ଯୋଜନା ନିର୍ଦ୍ଦେଶକ ଲକ୍ଷଣ ମେହେର ଯୋଗ ଦେଇଥିଲେ। ଗାୟତ୍ରୀ ମିଶ୍ର, ପ୍ରିୟଙ୍କା ମିତ୍ତଲ, ଦିବ୍ୟ କରିସ୍ମା ପୃଷ୍ଟି, ସମିର ବିଶ୍ୱାଳ, ସୋନୁ ପ୍ରସାଦ ସୋନାର ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ମାସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତା ପାରାଦ୍ୱୀପଠାରେ ହେବ। କୃତୀ ପ୍ରତିଯୋଗୀମାନେ ସମ୍ବଲପୁର ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଆସୋସିଏସନ ପକ୍ଷରୁ ସୂଚିତ କରାଯାଇଛି।

## ସିନ୍ଦୂରପଙ୍କ ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟରେ ଆଲୋଚନାଚକ୍ର

**ସମ୍ବଲପୁର,୨୭।୭(ବି.ଶଙ୍କର):** ସମ୍ବଲପୁର ଜିଲା ସିନ୍ଦୂରପଙ୍କସ୍ଥିତ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାଂସ୍କୃତିକ ସମାଜର ଚନ୍ଦ୍ରଶେଖର ବେହେରା ୧୫୦ତମ ଜନ୍ମବାର୍ଷିକୀ ସମିତି ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମହିପାଳ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ଆଲୋଚନାଚକ୍ରରେ ଶିକ୍ଷାବିତ୍ ପ୍ରଫେସର ସନ୍ତୋଷ କୁମାର ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରା ଜଣେ ସଚ୍ଚୋଟ ଦେଶସେବକ ଓ ସମାଜ ସଂସ୍କାରକ ଥିଲେ। ଏହି ଅବସରରେ ତାଙ୍କ ମହତ୍ କାର୍ଯ୍ୟଗୁଡିକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ହୃଷୀକେଶ ପୂଜାରୀ ତାଙ୍କ ବକ୍ତବ୍ୟରେ ଓଡିଆ ଭାଷା ସୁରକ୍ଷା ଦିଗରେ ଚନ୍ଦ୍ରଶେଖରଙ୍କ ଅବଦାନ ଓ ପ୍ରଚେଷ୍ଟା ଉପରେ କହିଥିଲେ। ସମିତିର ଆବାହକ ରାମାନୁଜ ପଣ୍ଡା ଚନ୍ଦ୍ରଶେଖରଙ୍କ ଜୀବନୀ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ କହିଥିଲେ। ସାଂସ୍କୃତିକ ସମାଜର ସହସମ୍ପାଦକ ସୁରେଖା ସାହୁ ସୂଚନା ପ୍ରଦାନ କରିଥିଲେ।

# ଭିମସାର୍‌ରେ ଡେଙ୍ଗୁ ପାଇଁ ସ୍ୱତନ୍ତ୍ର ୱାର୍ଡ

ସମ୍ବଲପୁର,୨୭।୭(ଶୁଭାଶିଷ ପାଢ଼ୀ)

ରାଜ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହା ଚିନ୍ତାଜନକ ହୋଇ ପଡିଛି। ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ରୋଗ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରତ୍ୟେକ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ତରରେ ବୈଠକ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏଭଳି ପରିସ୍ଥିତିରେ ବୁର୍ଲା ଭିମସାର୍‌ରେ ଡେଙ୍ଗୁ ପାଇଁ ସ୍ୱତନ୍ତ୍ର ଭାବେ ଏକ ୱାର୍ଡ ଖୋଲାଯାଇଛି। ଏହା ୧୫ ଶଯ୍ୟା ବିଶିଷ୍ଟ ରହିଛି। ଡେଙ୍ଗୁ ରୋଗର ମୁକାବିଲା ପାଇଁ ଏକ ଡାକ୍ତରୀ ଦଳ ନିଯୁକ୍ତ କରାଯାଇଥିବା ଭିମସାର ଅଧୀକ୍ଷକ ଡା. ଲାଲମୋହନ ନାୟକ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଡେଙ୍ଗୁ ସହ ଜଡିତ ସମସ୍ତ ପରୀକ୍ଷା ଏଠାରେ କରାଯାଉଛି। ବହୁ ସଂଖ୍ୟକ ରୋଗୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଛନ୍ତି।


ସମ୍ବଲପୁର ବୁର୍ଲା ଭିମସାର୍।

ସେମାନଙ୍କ ଭିତରେ ଡେଙ୍ଗୁ ଲକ୍ଷଣ ମଧ୍ୟ ଦେଖାଦେଉଛି। ତଥାପି ଆଜି ପର୍ଯ୍ୟନ୍ତ କାହାର ଡେଙ୍ଗୁ ରୋଗର ପଜିଟିଭ୍ ରିପୋର୍ଟ ଆସିନାହିଁ। ଏଭଳି ରୋଗୀଙ୍କୁ ମେଡିସିନ ବିଭାଗର ଡାକ୍ତରମାନେ ପରାମର୍ଶ ଦେଇ ଛାଡି ଦେଉଛନ୍ତି। ଡେଙ୍ଗୁ ବ୍ୟତୀତ ଅନ୍ୟ ଅନେକ ଜୀବାଣୁ ମଧ୍ୟ ସମାନ ଲକ୍ଷଣ ସହିତ ରୋଗ ସୃଷ୍ଟି କରିପାରନ୍ତି। ଡେଙ୍ଗୁ ପରି, ଡେଙ୍ଗୁ ଭଳି ରୋଗରେ ପୀଡିତ ରୋଗୀମାନେ ମଧ୍ୟ ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଣ୍ଠି ଯନ୍ତ୍ରଣା, ଜ୍ୱର, ନାକରୁ ରକ୍ତସ୍ରାବ ଅନୁଭବ କରନ୍ତି। ତେଣୁ ଡେଙ୍ଗୁ ଭଳି ସନ୍ଦେହଜନକ ରୋଗୀଙ୍କୁ ବର୍ତ୍ତମାନ ମେଡିସିନ ବିଭାଗର ସାଧାରଣ ୱାର୍ଡରେ ଭର୍ତ୍ତି କରାଯାଉଛି। ଯଦି ସେମାନଙ୍କର ଡେଙ୍ଗୁ ଥିବା ନିଶ୍ଚିତ ହେବ, ତେବେ ସେମାନଙ୍କୁ ବିଶେଷ ଚିକିତ୍ସା ପାଇଁ ଉତ୍ସର୍ଗୀକୃତ ଡେଙ୍ଗୁ ୱାର୍ଡକୁ ସ୍ଥାନାନ୍ତର କରାଯିବ। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଶା ନିପାତ ପାଇଁ ଏକ ଡ୍ରାଇଭ୍ ଆରମ୍ଭ କରିଛି। ମଶା ପ୍ରଜନନ ,ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ରୋଗକୁ ରୋକିବା ପାଇଁ ସହରର ଡ୍ରେନ୍‌ଗୁଡିକରେ ସ୍ପ୍ରେ କରାଯାଉଛି। ଏହାଛଡା ଏସ୍ଏମ୍ସି ଟିମ୍ ମଧ୍ୟ ସହରରେ ଟାୟାର ଗୋଦାମ, ଗ୍ୟାରେଜଗୁଡିକୁ ଚଢାଉ କରୁଛି।

### ଲକ୍ଷଣ ରହୁଛି, ଚିହ୍ନଟ ହେଉନାହିଁ

# ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଶୋଚନୀୟ

କୁଚିଣ୍ଡା,୨୭।୭(ବିରଞ୍ଚି ଦର୍କା)

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁଚିଣ୍ଡା ଉପଖଣ୍ଡର ଅନେକ ସ୍ଥାନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ରେ ରାସ୍ତା ନିର୍ମାଣ ଚାଲିଛି। ହେଲେ ରାସ୍ତା ଶେଷ ନ ହେଉଣୁ ଏହା ଉପରେ ଭାରିଯାନ ଯାତାୟତ କରୁଥିବା ହେତୁ ରାସ୍ତା ନଷ୍ଟ ହୋଇଯାଉଛି ବୋଲି ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ଦୃଷ୍ଟିରୁ ସହରକୁ ସଂଯୋଗୀକରଣ ଉଦ୍ଦେଶ୍ୟରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ହେଉଛି। ଏହି ରାସ୍ତା ଉପରେ ଯେପରି ସର୍ବାଧିକ ୧୦ଟନ୍ ଓଜନର ଗାଡ଼ି ଯିବ ତାକୁ ଆକଳନ କରି ତଦନୁଯାଇ ଡିଜାଇନ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା କାମ ହେଉଛି। ମାତ୍ର ଏହି ରାସ୍ତାରେ ରୀତିମତ ଅଧିକ ଓଜନ ବିଶିଷ୍ଟ ଭାରୀଯାନ ଚଳାଚଳ କରୁଥିବାରୁ ବିଭିନ୍ନ ରାସ୍ତାର ପିଚୁ ଉଠିଯିବା ସହ ବିଛା ଯାଇଥିବା ମାଟି ଦବିଯାଇ ରାସ୍ତା ମଧ୍ୟ ଫାଟି ଯାଉଥିବାର ଦୃଷ୍ଟିକୁ ଆସିଛି। ନିକଟରେ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପରୁଆଭାଡ଼ିଠାରୁ ଖଣ୍ଡୋକଟା ଭାୟା ସାହାଜବାହାଲ ଏବଂ ବଡ଼ମାଲ ରାସ୍ତା ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିଲା। ତେବେ ରାସ୍ତା ନିର୍ମାଣ ପରେ କ୍ଷମତା ଠାରୁ ଅଧିକ ଓଜନ ବିଶିଷ୍ଟ ବହୁସଂଖ୍ୟକ ଭାରୀଯାନ ଯାତାୟତ କରିବାରୁ ରାସ୍ତା ଫାଟି ଯାଇଥିଲା। ଅଞ୍ଚଳବାସୀ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିବା ପରେ ବିଭାଗ ପକ୍ଷରୁ ତୁରନ୍ତ ଏହାର ମରାମତି କାର୍ଯ୍ୟ କରାଯାଇଥିଲା। ମରାମତି କାମ ନ ସରୁଣୁ ଏହା ଉପରେ ଖଣ୍ଡୋକଟାଠାରୁ ପରୁଆଭାଡିକୁ ପୁଣି ୧୦ ଟନରୁ ଅଧିକ ଓଜନର ଭାରୀଯାନ ଯାତାୟାତ କରୁଛି। ଫଳରେ ଏହି ରାସ୍ତା ପୁଣି ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ କୁଚିଣ୍ଡା ଆରଡି ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡିଙ୍କୁ ପଚାରିବାରେ ଅଭିଯୋଗ ପରେ ରାସ୍ତା ମରାମତି ହୋଇଛି। ତେବେ ଏହା ଉପରେ ଭାରୀଯାନ ଚଳାଚଳ କଲେ ରାସ୍ତା ପୁଣି ଖରାପ ହୋଇପାରେ। ଏହି ରାସ୍ତା ଉପରେ ଭାରୀଯାନ ଚଳାଚଳ ନ କରିବା ପାଇଁ ଖୁବଶୀଘ୍ର ରାସ୍ତାର ଉଭୟ ପାର୍ଶ୍ୱରେ ସୂଚନା ଫଳକ ଲଗାଯିବ ବୋଲି ସେ କହିଛନ୍ତି।


ରାସ୍ତାରେ ଚଳାଚଳା କରୁଥିବା ଭାରିଯାନ।

## ହୀରାକୁଦ ଜଳଭଣ୍ଡାରର ବନ୍ଦ ହେଲା ୪ ଗେଟ୍

ସମ୍ବଲପୁର,୨୭।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ୧୨ ଗେଟ ଦେଇ ଜଳ ନିଷ୍କାସନ ହେଉଥିବା ବେଳେ ଗୁରୁବାର ସନ୍ଧ୍ୟାରେ ୪ଟି ଗେଟକୁ ବନ୍ଦ କରି ଦିଆଯାଇଛି। ଏବେ ୮ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ଜଳସ୍ତର ରାତି ୯ ଟା ପର୍ଯ୍ୟନ୍ତ ୬୦୮.୫୮ ଫୁଟ ରହିଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୭୬ ହଜାର ୭୬୩ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ସ୍ପିଲ୍‌ୱେ, ଜଳସେଚନ, ପାୱାର ଚ୍ୟାନାଲ, କଳ କାରଖାନ ଏବଂ ଡ୍ୟାମ୍ ବାମ ପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୨ ଟି ସ୍ଲୁଇସ୍ ଗେଟ ଦେଇ ମୋଟ ୧ ଲକ୍ଷ ୫୫ ହଜାର ୧୮ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ପର୍ଥଲାରେ ୨୩ ହଜାର ୯୧୩, ଖଇରମାଳରେ ୨ ଲକ୍ଷ ୭୭ ହଜାର ୫୦୦ କ୍ୟୁସେକ୍, ବରମୁଲାରେ ୨ ଲକ୍ଷ ୫୫ ହଜାର କ୍ୟୁସେକ୍, ମଣ୍ଡୁଲିରେ ୨ ଲକ୍ଷ ୪୪ ହଜାର ୩୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଜଳଭଣ୍ଡାର ଉପର ଓ ତଳ ମୁଣ୍ଡରେ ବର୍ଷା ହୋଇ ନ ଥିବା ଜଣାଯାଇଛି।

## ସୈରିନ୍ଧ୍ରୀ ନାୟକ ସ୍ମାରକୀ ବକ୍ତୃତା



ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨୭।୭(ବି.ଶଙ୍କର)

ସମାଜ ସେବା କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ପରିବାରଠାରୁ ଆରମ୍ଭ କରି ସାହି, ପଡିଶା, ଗ୍ରାମ, ସହର, ରାଜ୍ୟ ଓ ଦେଶ ପର୍ଯ୍ୟନ୍ତ ସବୁଠି ଆଗରେ ରହିଛନ୍ତି। ସମାଜ ଓ ସାମାଜିକ ଚଳଣିକୁ ଛାଡି ମଣିଷ ଆଗେଇ ପାରିବ ନାହିଁ। ସମାଜ ସଂସ୍କାର କ୍ଷେତ୍ରରେ ନାରୀଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ଗୁରୁବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ସୈରିନ୍ଧ୍ରୀ ନାୟକ ସ୍ମାରକୀ ବକ୍ତୃତାରେ ବକ୍ତାମାନେ ଏହା କହିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ତୋଷିନୀ ବାବୁ ଓ ମୁଖ୍ୟବକ୍ତା ପ୍ରଫେସର କାମଦେବ ସାହୁ ସୈରିନ୍ଧ୍ରୀ ନାୟକଙ୍କୁ ଓଡିଶା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ବୋଲି ମତବ୍ୟକ୍ତ କରିଥିଲେ। ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନକୁ ଓଡ଼ିଶାରେ ସଫଳ କରିବାରେ ସୈରିନ୍ଧ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ସମାଜ ସେବା କ୍ଷେତ୍ରରେ ଓଡ଼ିଶାର ଜଣେ ଅଦ୍ୱିତୀୟ ମହିଳା ଥିଲେ। ସେ ସମ୍ବଲପୁର ଅଞ୍ଚଳରେ ଜଣେ ସ୍ନେହମୟୀ ମା' ଭାବେ ଅନେକ ସମାଜ ସେବା କାର୍ଯ୍ୟ କରି ଯାଇଛନ୍ତି ବୋଲି ପ୍ରକାଶ କରିଥିଲେ। ସୈରିନ୍ଧ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ କାର୍ଯ୍ୟକ୍ରମରେ ଡ. ନିରୁପମା ବଡ଼ପଣ୍ଡା ଅଧକ୍ଷତା କରିଥିଲେ। ଏହି ଅବସରରେ ଅନେକ ବକ୍ତା ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ ଟ୍ରଷ୍ଟ ସଦସ୍ୟ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ କଂଗ୍ରେସ ବୈଠକ, ନବ ନିଯୁକ୍ତଙ୍କୁ ସ୍ୱାଗତ

ସମ୍ବଲପୁର,୨୭।୭(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଯୁବ କଂଗ୍ରେସ ପକ୍ଷରୁ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁବକଂଗ୍ରେସ ସଭାପତି ପ୍ଲାବନ ବହିଦାର ଅଧକ୍ଷତା କରିଥିଲେ। ଏହି ଅବସରରେ ଯୁବ କଂଗ୍ରେସ ପକ୍ଷରୁ ନବ ନିଯୁକ୍ତ ହୋଇଥିବା ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲୀ ଖାନ୍, ପ୍ରଦେଶ କଂଗ୍ରେସ ସାଧରଣ ସଂପାଦକ ଦୁଲାଲଚନ୍ଦ୍ର ପ୍ରଧାନ, କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ସଭାପତି ଅନନ୍ଦ ମନୋହରୀ, ରେଙ୍ଗାଲି ବିଧାନସଭା ସଭାପତି ହରିହର ବେହେରା, ରେଢାଖୋଲ ବିଧାନସଭା ସଭାପତି ସୁମନ୍ତ ଧଳ, ସମ୍ବଲପୁର ବିଧାନସଭା ସଭାପତି ଶେଖ ହାସ୍ମିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲା ଯୁବ କଂଗ୍ରେସ ସାଧାରଣ ସଂପାଦକ ସୁମିତ ଷଡଙ୍ଗୀ ବୈଠକ ପରିଚାଳନା କରିଥିଲେ।

### ରାଜ୍ୟ, କେନ୍ଦ୍ର ସରକାରଙ୍କୁ ଟାର୍ଗେଟ

ବୈଠକରେ କର୍ମୀମାନେ ରାଜ୍ୟ ଓ କେନ୍ଦ୍ର ସରକାରକୁ ଟାର୍ଗେଟ କରି ନିଜ ମତ ପ୍ରକାଶ କରିଥିଲେ। ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଜନସାଧାରଣଙ୍କୁ ଭୁଆଁ ବୁଲାଯାଉଛି। ମନ୍ତ୍ରୀ, ବିଧାୟକଙ୍କ କିଛି କ୍ଷମତା ନ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଗୃହବନ୍ଦୀ କରି ରଖାଯାଇଛି। ସେହିପରି କେନ୍ଦ୍ର ସରକାର ମଣିପୁରରେ ଲାଗିଥିବା ହିଂସା ନିୟନ୍ତ୍ରଣ କରି ପାରୁ ନାହାନ୍ତି। ମହିଳା ଅସୁରକ୍ଷିତ ରହିଛନ୍ତି। ଏହାକୁ ନେଇ କଂଗ୍ରେସ ଆନ୍ଦୋଳନ, ବିକ୍ଷୋଭ କରି ଆସୁଛି। ଆଗକୁ ଯୁବ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ପରିଡା, ସଦାନନ୍ଦ ବରାଡ, ମହମ୍ମଦ ରହିମଖାନ, ମହମ୍ମଦ ଜୁବେର, ଜୟରାମ ବଣିଆଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

# ସ୍ୱଚ୍ଛ ସବାରି ଚଳାଇବେ ସ୍ୱଚ୍ଛ ସାରଥି

ସମ୍ବଲପୁର,୨୭।୭(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମହାନଗର ନିଗମ ସଫେଇ କାମରେ ନିୟୋଜିତ ହେବା ପାଇଁ ଗୁରୁବାର ଆଉ ୧୦ଟି ବ୍ୟାଟେରି ଚାଳିତ ଯାନ ଲୋକାର୍ପଣ କରାଯାଇଛି। ଏସଏମ୍‌ସି କାର୍ଯ୍ୟାଳୟ ପରିସରରେ କମିସନର ବେଦଭୂଷଣ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଗାଡିଗୁଡିକ ଏସଏମ୍‌ସିର ୨୧ ୱାର୍ଡରୁ ୨୭ ୱାର୍ଡରେ କାର୍ଯ୍ୟ କରିବ। ଏଥିରେ ମିଶନ ଶକ୍ତି ମହିଳାମାନଙ୍କୁ ନିୟୋଜିତ କରାଯାଇଛି। ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ସିଏସଆର ପାଣ୍ଠିରୁ ଏହି ଯାନ ଦିଆଯାଇଛି। ଏହି ସ୍ୱଚ୍ଛ ସବାରିକୁ ସ୍ୱଚ୍ଛ ସାରଥିମାନେ ପରିଚାଳିତ କରିବେ ବୋଲି ଏସଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତିଙ୍କ ସମେତ ମହାନଦୀ କୋଇଲା କମ୍ପାନୀ ଅଧୀକାରୀମାନେ ଉପସ୍ଥିତ ରହିଥିଲେ।



ସମ୍ବଲପୁର ଏସଏମ୍‌ସିରେ ସଫେଇ ଯାନ ଲୋକାର୍ପଣ।

### ଏସଏମ୍‌ସିର ୧୦ ସଫେଇ ଯାନ ଲୋକାର୍ପଣ

## ଡା. ବିପିନ ବିହାରୀ ତ୍ରିପାଠୀଙ୍କ ପରଲୋକ

ସମ୍ବଲପୁର,୨୭।୭(ବି.ଶଙ୍କର)

ପରିବେଶବିତ୍, ସାହିତ୍ୟିକ, ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପଶୁ ଚିକିତ୍ସକ ଡା. ବିପିନ ବିହାରୀ ତ୍ରିପାଠୀଙ୍କ ଗୁରୁବାର ସମ୍ବଲପୁର ମୋଦିପଡା ଆମ୍ରପଲ୍ଲୀ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ଦେବକୁମାରଙ୍କ ସମେତ ପରିବାର ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ଶୁକ୍ରବାର କମଳିବଜାରସ୍ଥିତ ରାଜଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଂପାଦକ ତଥା ତାଙ୍କ ପୁତୁରା ଜ୍ୟୋତିପ୍ରକାଶ ସୂଚନା ଦେଇଛନ୍ତି।



ସ୍ୱର୍ଗତ ତ୍ରିପାଠୀ ଅବସର ନେବା ପରେ ପରିବେଶ ସୁରକ୍ଷା ଦିଗରେ କାମ କରୁଥିଲେ। ଯଦ୍ୱାରା ତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଥିଲା। ଏତଦବ୍ୟତୀତ ସେ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସୁପରିଚିତ ଥିଲେ। ତାଙ୍କ ପରଲୋକରେ ପ୍ରକୃତି ପ୍ରେମୀ, ସାହିତ୍ୟକ ଓ ପଶୁଚିକିତ୍ସକ ମହଲରେ ଶୋକର ଛାୟା ଖେଳିଯାଇଛି।

# ହିଣ୍ଡାଲ୍‌କୋ ପକ୍ଷରୁ ଗୋଷ୍ଠୀ ଗୃହ ନବୀକରଣ

ସମ୍ବଲପୁର,୨୭।୭(ବି.ଶଙ୍କର)

ହୀରାକୁଦ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଗୁଣ୍ଡରୁପଡା ଗ୍ରାମଠାରେ ଗୋଷ୍ଠୀ ଗୃହର ନବୀକରଣ କରାଯାଇଛି। ଗୋଷ୍ଠୀ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିଲା। ତେଣୁ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ପରାମର୍ଶ କ୍ରମେ ଗୃହ ନବୀକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଟାଇଲ ଚଟାଣ ସହ ରଙ୍ଗ ଲେପନ ଓ ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଗୃହକୁ ବ୍ୟବହାର ଉପଯୋଗୀ କରାଯାଇଛି। ଯଦ୍ୱାରା ଗ୍ରାମବାସୀଙ୍କ ମୁହଁରେ ହସ ଫୁଟିଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀ ଯୁଗ୍ମ ସଭାପତି ମାନବ ସମ୍ବଲ କ୍ରୀଷ୍ଣା ପାଢୀ ଯୋଗଦେଇ ନବନିର୍ମିତ ଗୃହକୁ ଗ୍ରାମବାସୀଙ୍କ ବ୍ୟବହାର ନିମନ୍ତେ ହସ୍ତାନ୍ତର କରିଥିଲେ। ଏଥିସହ ହିଣ୍ଡାଲ୍‌କୋ ଏହାର ସାମାଜିକ ବିକାଶର ଧାରା ଆଗକୁ ଜାରି ରଖିବ ବୋଲି କହିଥିଲେ। ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ରହି ହିଣ୍ଡାଲକୋର ଏହିପରି ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଇଥିଲେ। ହିଣ୍ଡାଲ୍‌କୋର ଇଆର ମୁଖ୍ୟ ସତ୍ୟ ପ୍ରସାଦ ଦାସ ଏବଂ ଆଡମିନ ମୁଖ୍ୟ କର୍ଣ୍ଣେଲ ସନ୍ଦୀପ ତିୱାରୀ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ସୁକାନ୍ତ ମହାପାତ୍ର , ବିଘ୍ନେଶ୍ୱର ପଣ୍ଡା, ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ ଓ ଜୟଶ୍ରୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ତ୍ରିଶକ୍ତି, ସୃଷ୍ଟି ଓ ଚେତନା ସ୍ୱୟଂ ସହାୟିକା ଗୋଷ୍ଠୀର ବିଳାସିନୀ ନାୟକ, ସଚଳା ଭୋଇ, ପଦ୍ମସିନୀ ପ୍ରଧାନ, ମନୋରମା ନାୟକ, ସୁନନ୍ଦା ଭୋଇ, ଜୟନ୍ତୀ ବେରିହା, ଅହଲ୍ୟା ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।


ଗୁଣ୍ଡରୁପଡ଼ା ଗ୍ରାମଠାରେ ନବୀକରଣ ହୋଇଥିବା ଗୋଷ୍ଠୀ ଗୃହର ଉଦ୍‌ଘାଟନ କରାଯାଉଛି।

# ମହାନଦୀକୁ ଯୁବ ଇଞ୍ଜିନିୟର ଡେଇଁ ପଡ଼ିଥିବା ସନ୍ଦେହ

ସମ୍ବଲପୁର,୨୭।୭(ଶୁଭାଶିଷ ପାଢ଼ୀ)

ବର୍ତ୍ତମାନ ସମୟରେ ଝିଅମାନେ ନିଜ ଦକ୍ଷତା ବଳରେ ବିଭିନ୍ନ କ୍ଷେତ୍ରରେ ଆଗରେ ରହିଛନ୍ତି। ଅଧିକାଂଶ ପରିବାରରେ ଝିଅଟିଏ ଜନ୍ମହେବା ପରେ ଘରକୁ ଲକ୍ଷ୍ମୀ ଆସିଲେ ବୋଲି ମନେ କରି ଖୁସି ମନାଇବା ଦେଖିବାକୁ ମିଳୁଛି। ହେଲେ ବୋହୂ ଦ୍ୱିତୀୟ ସନ୍ତାନ ଝିଅ ଜନ୍ମ କରିବା ପରେ ପରିବାରରେ ଦେଖାଦେଇଥିଲା ଅସନ୍ତୋଷ। ନବଜାତ ଶିଶୁକନ୍ୟାକୁ ଗ୍ରହଣ କଲେ ନାହିଁ ଶାଶୁଘର ଲୋକେ। ଫଳରେ ପୁଅ ସମିରନ୍ ପଧାନ(୩୪) ଓ ବୋହୂ ବିପାଶାଙ୍କୁ ଅଲଗା ଭଡ଼ାରେ ରହିବାକୁ ପଡ଼ିଲା। ଏହାପରେ ବି ପୁଅବୋହୂଙ୍କ ପ୍ରତି ପରିବାର ଲୋକଙ୍କ ମନୋଭାବ ଓ ବ୍ୟବହାର ପୂର୍ବଭଳି ରହିଥିଲା। ଶେଷରେ ମାନସିକ ଭାରସାମ୍ୟ ହରାଇ ଧନୁପାଲି ଥାନା ଅଧୀନ ଗୋବିନ୍ଦତୋଲାର ଯୁବ ଇଞ୍ଜିନିୟର ସମିରନ୍ ମହାନଦୀକୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଉଛି। ସମ୍ବଲପୁର ଟାଉନ ଥାନା ଅଧୀନ ସୁଇସାଇଡ୍ ପଏଣ୍ଟ କୁହାଯାଉଥିବା ମହାନଦୀର ଦ୍ୱିତୀୟ ସେତୁରେ ବୁଧବାର ରାତିରେ ଏହି ଅଘଟଣ ଘଟିଛି। ମହାନଦୀ ବ୍ରିଜ୍ ଉପରୁ ପୋଲିସ ଏକ ସ୍କୁଟି ଓ ମୋବାଇଲ ଫୋନ ଜବତ କରିଛି। ତେଣୁ ସମିରନ୍ ମହାନଦୀ ପାଣିକୁ ଡେଇଁପଡିଥିବା ନେଇ ସନ୍ଦେହ କରାଯାଉଛି। ସମ୍ବଲପୁର, ବୁର୍ଲାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗୁରୁବାର ଦିନତମାମ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ହେଁ ଖବର ଲେଖାହେବା ପର୍ଯ୍ୟନ୍ତ ସମିରନ୍‌ଙ୍କ କୌଣସି ପତ୍ତା ମିଳିନାହିଁ। ମହାନଦୀକୁ ଡେଇଁ ପାଣି ସୋତ୍ରରେ ତଳି ଅଞ୍ଚଳକୁ ଭାସି ଯାଇଥିବା କିମ୍ବା ଗାଡ଼ି ଥୋଇ ଅନ୍ୟ କୁଆଡେ ଚାଲି ଯାଇଛନ୍ତି ତାହା ଏବେ ସନ୍ଦେହ ଘେରରେ ରହିଛି। ପୂର୍ବରୁ ଏଭଳି ଅନେକ ଘଟଣା ରହସ୍ୟ ଭିତରେ ରହିଯାଇଛି।

ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ପାରବାରିକ କଳହ ଯୋଗୁ ସମିରନ୍ ଘର ଛାଡି ଚାଲି ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗତ କିଛି ମାସ ତଳେ ତାଙ୍କ ବାପାଙ୍କ ସହିତ ଝଗଡ଼ା ହୋଇ ସ୍ତ୍ରୀ ସହ ଅନ୍ୟ ସ୍ଥାନରେ ଭଡ଼ାଘରେ ରହି ଆସୁଥିଲେ। ବୁଧବାର ସ୍ତ୍ରୀଙ୍କ ସହ କୌଣସି କାରଣରୁ ସାମାନ୍ୟ ମନୋମାଳିନ୍ୟ ହୋଇଥିବା ଜଣାପଡିଛି। ବୁଧବାର ରାତି ପ୍ରାୟ ୮ଟା ୪୫ ମିନିଟ୍‌ରେ ସମିରନ୍ ଅଫିସ୍ କାମ ଥିବା କହି ଘରୁ ବାହାରିଯାଇଥିଲେ। ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଅନ୍ୟପଟେ ଚାଉଁରପୁର ବ୍ରିଜ୍ ଉପରେ ଏକ ସ୍କୁଟି, ମୋବାଇଲ ଓ ହେଲମେଟ୍ ପଡିଥିବାର ପୋଲିସ ଦେଖିବାକୁ ପାଇଥିଲା। ସନ୍ଦେହ ହେବାରୁ ପୋଲିସ ସେଠାରେ ଅଟକିଥିଲା। ଏହି ସମୟରେ ନିଖୋଜ ଯୁବକଙ୍କ ମୋବାଇଲକୁ ଘର ଲୋକ ଫୋନ କରିଥିଲେ। ପୋଲିସ ଫୋନ ଉଠାଇ ଘଟଣା ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲା। ପରେ ପରିବାରବର୍ଗ ଘଟଣାସ୍ଥଳକୁ ଆସିବା ପରେ ସମିରନ୍ ଘରୁ ଚାଲି ଆସିଥିବା ଓ ବ୍ରିଜ୍‌ରେ ଥିବା ସ୍କୁଟି ତାଙ୍କର ବୋଲି ଜଣାପଡିଥିଲା। ସୂଚନାଯୋଗ୍ୟ , ବିପାଶା ବୁର୍ଲା ଭିମସାର୍‌ରେ ନର୍ସ ଭାବେ ଚାକିରି କରୁଥିବା ବେଳେ ସମିରନ୍ ଇଞ୍ଜିନିୟରିଂ ପଢ଼ି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ତାଙ୍କର ପୂର୍ବରୁ ଏକ ୩ ବର୍ଷର ଝିଅ ରହିଛି। ୬ ମାସ ତଳେ ଦ୍ୱିତୀୟ ସନ୍ତାନ ମଧ୍ୟ ଝିଅ ହୋଇଥିଲା। ଏହାକୁ ନେଇ ପରିବାରରେ ଅସନ୍ତୋଷ ଲାଗି ରହିଥିଲା ବୋଲି ଆଲୋଚନା ହେଉଛି।


ସମ୍ବଲପୁର ମହାନଦୀରେ ଉଦ୍ଧାର କାର୍ଯ୍ୟ ଚାଲିଛି।


ସମ୍ବଲପୁର ଗୋବିନ୍ଦତୋଲାର ସମିରନ୍ ପଧାନ।

- ଦ୍ୱିତୀୟ ସନ୍ତାନ ଝିଅ ହେବାରୁ ପରିବାରରେ ଥିଲା ଅସନ୍ତୋଷ
- ବ୍ରିଜ୍ ଉପରେ ଥିଲା ସ୍କୁଟି, ହେଲ୍‌ମେଟ୍ ଓ ମୋବାଇଲ
- ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଓଡ୍ରାଫ ଟିମ୍ ନିୟୋଜିତ

## ସଂକ୍ଷେପରେ

### ଜେଲ ଗଲେ କୋଟିପତି ସହକାରୀ ଯନ୍ତ୍ରୀ

**ଭବାନୀପାଟଣା,୨୭।୭(ଉତ୍ତମ କୁମାର ଦାଶ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭବାନୀପାଟଣା



ସରକାରୀ ଜଳ ଯୋଗାଣ ବିଭାଗ ଜିପିଏଚ୍ (ସାଧାରଣ ଜନ ସ୍ୱାସ୍ଥ୍ୟ ବିଭାଗ) ସେକ୍ସନ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ସାହୁଙ୍କ ଘରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଭବାନୀପାଟଣା ସହରରେ ଥିବା ୧ କୋଟି ୧୦ ଲକ୍ଷର ୩ ମହଲା ଘର, ୨ଟି ପ୍ଲଟ, ୧ କୋଟି ୫୪ ଲକ୍ଷର ବ୍ୟାଙ୍କ, ଡାକ ବୀମା ରାଶି ଜମା, ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା, ସୁନା ୪୪୧ ଗ୍ରାମ, ରୁପା ୭ ଶହ ଗ୍ରାମ ଆଦି ଜବତ କରିଥିଲା ଭିଜିଲାନ୍ସ ବିଭାଗ। ଆୟଠାରୁ ୩୧୩ ପ୍ରତିଶତ ଅଧିକ ସମ୍ପତ୍ତି ଥିବା ଦର୍ଶାଇ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ସାହୁଙ୍କୁ ଗୁରୁବାର ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନ ମଞ୍ଜୁର ହେବରୁ କୋଟିପତି ସହକାରୀ ଯନ୍ତ୍ରୀ ସାହୁଙ୍କୁ ଶେଷରେ ଜେଲ ଯିବାକୁ ପଡିଛି। ଅନ୍ୟପକ୍ଷରେ ଜଣେ ସହକାରୀ ଯନ୍ତ୍ରୀଙ୍କ ଘରେ ଏତେ ପରିମାଣରେ ଟଙ୍କା ତଥା ସମ୍ପତ୍ତି ବାହାରିବା ଘଟଣା ଜଳ ଯୋଗାଣ ବିଭାଗ ଭ୍ରଷ୍ଟାଚାରର ଗୁମର ଖୋଲିଛି।

### ନାବାଳିକାଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

**କୋକସରା,୨୭।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ଜିଲା କୋକସରା ପୋଲିସ ନାବାଳିକାକୁ ପ୍ରେମ ଜାଲରେ ଫସାଇ ଅପହରଣ କରି ଘରେ ରଖିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋକସରା ଥାନା ଟେମରା ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ମାନଧର ସୁନାନୀ (୨୫)। ସୂଚନା ମତେ ସିର୍ଲିଗୁଡାର ମାନଧର ସୁନାନୀ ଜଣେ ନାବାଳିକାକୁ ପ୍ରେମ ନିବେଦନ କରି ଗତ ମଙ୍ଗଳବାର ରାତିରେ ଅପହରଣ କରି ଘରେ ରଖିଥିଲେ। ପରିବାର ଲୋକେ ଜାଣି କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖିଥିଲେ। ଏ ନେଇ ନାବାଳିକାଙ୍କ ମା' କୋକସରା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୯୬/୨୩) ରୁଜୁ କରି ଗୁରୁବାର ଯୁବକଙ୍କ ଡାକ୍ତରୀ ମାଇନା ପରେ ପୋକ୍ସୋ ଧାରାରେ କୋର୍ଟ ଚାଲାଣ କରିଛି।

# ପ୍ରେମ ସାମୟିକ ସୁଖଲାଭର ବିଷୟ ନୁହେଁ

**ବଲାଙ୍ଗୀର,୨୭।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

### ରଚନା ପକ୍ଷରୁ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା

ବଲାଙ୍ଗୀରର ଅଗ୍ରଣୀ ବୌଦ୍ଧିକ ଅନୁଷ୍ଠାନ ରଚନା ପକ୍ଷରୁ କବି, କଥାଶିଳ୍ପୀ, ଚିତ୍ରକର ସ୍ୱର୍ଗତ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା ସ୍ଥାନୀୟ ପତିତପାବନ ଏକାଡେମୀଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ସାହିତ୍ୟିକ ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଓ କଥାକାର ରାମକୃଷ୍ଣ ସାହୁ ଅତିଥି ବକ୍ତା ଭାବେ ଯୋଗଦେଇ ଜୀବନ: ପ୍ରେମର ପ୍ରତିଫଳନ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରେମ ସାମୟିକ ସୁଖଲାଭର ବିଷୟ ନୁହେଁ, ପ୍ରେମ ଅବିଚ୍ଛେଦ୍ୟ ସମ୍ପର୍କର ସ୍ୱରୂପ ବୋଲି କହିଥିଲେ। ଜୀବନର ମୂଳ ସତ୍ୟଟି ଖଣ୍ଡିତ ନୁହେଁ, ପ୍ରେମ ସମୂହକୁ ସମ ଭାବରେ ଦେଖୁଥିବା ଏକ ଚିରନ୍ତନ ବିଷୟ ବୋଲି ସେ ଆଲୋଚନା କରିଥିଲେ। ଏହି ଅବସରରେ ରଚନା ଦ୍ୱାରା ପ୍ରକାଶିତ କବି ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡାଙ୍କ କବିତା ସଙ୍କଳନ ମାର୍ଗ ସହଜ ଓ କବି କଥାକାର ରାମକୃଷ୍ଣ ସାହୁଙ୍କ କବିତା ସଂକଳନ ଢେଉରେ ଢେଉରେ ଘରକୁ ପାଠକାର୍ପଣ କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଚେୟାରର ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। ରଚନା ସମ୍ପାଦକ ଭାଗିରଥି ମିଶ୍ରଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସସ୍ମିତା ନେପାକ, ଅଧ୍ୟାପକ ଜିତେନ୍ଦ୍ର କୁମାର ତ୍ରିପାଠୀ, ସବିତା ମହରା, ରତ୍ନମୟ ତ୍ରିପାଠୀ ଗଗନ ସ୍ୱାଇଁଙ୍କ ଗଳ୍ପ ଓ କବିତା ପାଠ କରିଥିଲେ। ସଭାପତୀୟ ଅଭିଭାଷଣରେ ଠାକୁର ଜୀବନରେ ପ୍ରେମର ମହତ୍ତ୍ୱ ଓ ଅନୁଭବ ସମ୍ପର୍କରେ କହିବା ସହ ରଚନାର ବିଶେଷ ସନ୍ଧ୍ୟା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ବନ୍ଦନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଲେଖକ ଏବଂ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।



ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବେଦାନ୍ତ ଦ୍ୱାରା ଢୋକ୍ରା କାରିଗରଙ୍କୁ ଜାତୀୟ ପ୍ରଦର୍ଶନୀରେ ସୁଯୋଗ

**ଲାଞ୍ଜିଗଡ଼,୨୭।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନିୟମ ଲିମିଟେଡ ଦ୍ୱାରା ଢୋକ୍ରା କାରିଗରମାନଙ୍କୁ ଶ୍ରୀନଗର ଓ ଗୁଲଠାରେ ଆଦିବାସୀ ସମବାୟ ମାର୍କେଟିଂ ଡେଭଲପମେଣ୍ଟ ଫେଡେରେଶନ ଅଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ଲାଗି ସୁଯୋଗ ଦେଇଛି। ଏହା ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଭାରତ ସରକାରଙ୍କ ପକ୍ଷରୁ ଗତ ୭ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଭାରତୀୟ ଆଦିବାସୀ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ଟ୍ରାଇଫେଡ ହେଉଛି ଏକ ଜାତୀୟ ସମବାୟ ସଂସ୍ଥା ଯାହାକି କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ଓ ଆଦିବାସୀ କଳା ଓ ହସ୍ତଶିଳ୍ପ ବଜାର ବିକାଶକୁ ସମର୍ଥନ କରିଥାଏ। ଜାତୀୟ ପ୍ରଦର୍ଶନୀରେ ମନୋଜସିହ୍ନା ଲେଫ୍ଟନାଣ୍ଟ ଗଭର୍ନର ଜମ୍ମୁକାଶ୍ମିର ଓ ଆଇଏଏସ ସଚିବ ଆଦିବାସୀ ବ୍ୟାପାର ବିଭାଗର ଡଃ ସହିଦ ଇକବାଲ ଚୌଧୁରୀଙ୍କ ସମେତ ଏକ ହଜାରରୁ ଅଧିକ ପରିଦର୍ଶକ ଯୋଗଦେଇଥିଲେ। ପ୍ରସିଦ୍ଧ ଢୋକ୍ରା କଳାର ଐତିହ୍ୟ ଉପରେ ପ୍ରଦର୍ଶନୀ ଓ ବିକ୍ରୟ କରାଯାଇଥିଲା। ବେଦାନ୍ତ କଳା ଓ ସଂସ୍କୃତି ପଦକ୍ଷେପ ଓ ସମୃଦ୍ଧ ସାଂସ୍କୃତିକ କଳାକୃତିର ସଂରକ୍ଷଣ ଓ ପ୍ରଚାର ଉପରେ ଧ୍ୟାନ ଦେଉଛି। ବିଶେଷତଃ ଢୋକ୍ରା ମୂର୍ତ୍ତି ସଉରା ଚିତ୍ର ସେଥି ମଧ୍ୟରୁ ଅନ୍ୟତମ। ପ୍ରକଳ୍ପର ମହତ୍ତ୍ୱ ବିଷୟରେ ବେଦାନ୍ତ ଡେପୁଟି ସିଇଓ ଆଲୁମିନା ବିଜିନେସ ଜି.ଜି.ପାଲ କହିଛନ୍ତି ଯେ ବେଦାନ୍ତ ଲାଞ୍ଜିଗଡ଼ କଳାକୃତିର ସଂରକ୍ଷଣ, ପ୍ରୋତ୍ସାହନ ଓ ପ୍ରସାର ପାଇଁ ପ୍ରୟାସ କରୁଛି ଯାହା ସମୃଦ୍ଧ ସଂସ୍କୃତିକୁ ଦର୍ଶାଇଥାଏ। ଏହି ପଦକ୍ଷେପ ମାଧ୍ୟମରେ ଆମେ ସ୍ଥାନୀୟ କାରିଗରମାନଙ୍କୁ ସେମାନଙ୍କ ରୋଜଗାର ପାଇଁ ଆୟ ସୁନିଶ୍ଚିତ କରିପାରିଛୁ। ବେଦାନ୍ତର ଉଦ୍ୟମକୁ ପ୍ରଶଂସା କରି ଟ୍ରାଇଫେଡର ଓଡିଶା ଆଞ୍ଚଳିକ ନିର୍ଦ୍ଦେଶକ ରାହୁଲ କୁମାର କହିଛନ୍ତି ଯେ, ବେଦାନ୍ତ ଆଦିବାସୀ ସଂସ୍କୃତି ଓ କଳାକୁ ବଞ୍ଚାଇ ରଖିବା ଲାଗି ସ୍ଥାନୀୟ କାରୀଗରମାନଙ୍କୁ ଦେଉଥିବା ପ୍ରୋତ୍ସାହନ ବାସ୍ତବିକ ପ୍ରଶଂସନୀୟ। ଢୋକ୍ରା ହେଉଛି ଏକ ସୁନ୍ଦର କଳାକୃତି ଯାହା ଆମ ଭାରତୀୟ ସଂସ୍କୃତିରେ ହଜାର ବର୍ଷ ପ୍ରାଚୀନ। ମୁଁ ଚାହୁଁଛି ବେଦାନ୍ତ ଏହିପରି ଆହୁରି ଅନେକ ବିକାଶ ମୂଳକ ପଦକ୍ଷେପ ହାତକୁ ନେଉ। ଢୋକ୍ରା ହେଉଛି ଏକ ପ୍ରାଚୀନ କଳା। ଏହା ପଛରେ ଭାରତର ୫୦୦୦ ବର୍ଷର ଇତିହାସ ରହିଛି। ଏହି ପାରମ୍ପରିକ କଳାକୃତିର ସଂରକ୍ଷଣ ତଥା ପ୍ରୋତ୍ସାହନ ଦିଗରେ ବେଦାନ୍ତ ଲାଞ୍ଜିଗଡ଼ କାରିଗରମାନଙ୍କୁ ସହାୟତା ଯୋଗାଇ ଦେଉଛି। ଏହି ପଦକ୍ଷେପ ୨୦୧୮ରେ ଆରମ୍ଭ ହୋଇଥିଲା।




### ହତ୍ୟାକାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୨୭।୭**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ତୁର୍ଲାଖମନ ଗ୍ରାମରେ ୨୦୧୮ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଦିପ୍ତୀରଞ୍ଜନ କାନୁନ୍ ଗୋ ୨୦ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ତୁର୍ଲାଖମନ ଗ୍ରାମର ଜଳନ୍ଧର ସାହୁ(୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୨ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, କେସିଙ୍ଗା ଥାନା ଅର୍ନ୍ତଗତ ତୁର୍ଲାଖମନରେ ୨୦୧୮ ଜୁନ୍ ୨୯ ତାରିଖ ରାତିରେ ଜଳନ୍ଧର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ପବିତ୍ର ସରାଫ (୫୦)ଙ୍କୁ ବେକରେ ଦଉଡି ଭିଡି ହତ୍ୟା କରିଥିଲେ। ପରେ ନିଜ ଘର ପଛପଟକୁ ମୃତଦେହ ଫୋପାଡି ଦେଇଥିଲେ। ଏ ନେଇ ପବିତ୍ରଙ୍କ ପୁଅ ଅମିତ କେସିଙ୍ଗା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଜଳନ୍ଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ନିର୍ଦ୍ଦର୍ଶନୀ ରଥ ପରିଚାଳନା କରିଥିଲେ।

### ଯାଦବ ଭବନ ନିର୍ମାଣ ଉପରେ ଗୁରୁତ୍ୱାରୋପ

# ଜିଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା,୨୭।୭**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ବୁଧବାର ଭବାନୀପାଟଣାସ୍ଥିତ ଅମଲା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝି ସଂଯୋଜନା କରିଥିଲେ। ବୈଠକରେ ଜିଲା ଯାଦବ ଭବନ ନିର୍ମାଣ ଓ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ଯାଦବ ଭବନ ନିର୍ମାଣ ପାଇଁ ଓଡ଼ିଶା ସରକାର ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ତେଣୁ କିପରି ଶୀଘ୍ର ଯାଦବ ଭବନ ନିର୍ମାଣ ହୋଇପାରିବ ସେ ନେଇ ଜିଲା ଓ ବ୍ଲକ କାର୍ଯ୍ୟକର୍ତ୍ତାମାନେ ମତାମତ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଯାଦବ ମହାସଭା ସମ୍ପାଦକ ତଥା ଜିଲା ଲିଗାଲ ଉପଦେଷ୍ଟା କିର୍ତ୍ତନ ନାଏକ, ଯାଦବ ମହାସଭା ଉପସଭାପତି ଦୁଲ୍ଲଭ ମାହାର, ଜିଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, ଜିଲା ମିଡ଼ିଆ ସେଲ ଅଧ୍ୟକ୍ଷ ସୁନୀଲ କୁମାର ଧଙ୍ଗଡାମାଝି, ସହସମ୍ପାଦକ କିର୍ତ୍ତିଚନ୍ଦ୍ର ଗଉଡ, କୋଷାଧ୍ୟକ୍ଷ ତୁଲମଣି ନାଗ, କେସିଙ୍ଗା ବ୍ଲକ ଯାଦବ ସମିତି ସଭାପତି ପାନ୍ନାଲାଲ ବେମାଲ, କୋକସରା ବ୍ଲକ ଯାଦବ ସମିତି ସଭାପତି ବିନୋଦ ରାଉତ, ଭବାନୀପାଟଣା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ ଗହୀର, ଧର୍ମଗଡ଼ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ପ୍ରସାଦ ଯୁଏଡ, ଭବାନୀପାଟଣା ଟାଉନ ସଭାପତି ରବୀନ୍ଦ୍ର ନାଥ ଯାଦବଙ୍କ ସମେତ ଅନେକ ବ୍ଲକର ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।



ଅନୁଷ୍ଠିତ ବୈଠକରେ ଯାଦବ ମହାସଭାର କାର୍ଯ୍ୟକର୍ତ୍ତା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିନାୟକ



@ ପ୍ରଫୁଲ



@ ହେମନ୍ତ



@ ଟିକେଲାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ବିଜେଡି ପର୍ଯ୍ୟବେକ୍ଷକ, ପୌରାଧ୍ୟକ୍ଷାଙ୍କ ସମଲେଶ୍ୱରୀ ମନ୍ଦିର ପରିଦର୍ଶନ

**ବଲାଙ୍ଗୀର, ୨୭।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ଏବଂ ପୌରାଧ୍ୟକ୍ଷା ଲିକା ସାହୁ। ଗୁରୁବାର ସନ୍ଧ୍ୟାରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି କିଭଳି ଭାବେ ଏହି ମନ୍ଦିର ପୁନରୁଦ୍ଧାର ଏବଂ ଉନ୍ନତିକରଣ କାମ ହେବ ସେନେଇ ମନ୍ଦିର ଆଳତି କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଆଲୋଚନା କରିବେ ବୋଲି ପର୍ଯ୍ୟବେକ୍ଷକ ସିଂ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସମଲେଶ୍ୱରୀ ମନ୍ଦିରରେ ସ୍ଥାନାଭାବ ସମସ୍ୟା ରହିଥିବାରୁ ଏଠାରେ କିଭଳି ଉନ୍ନତିମୂଳକ କାର୍ଯ୍ୟ ହେବ ସେନେଇ ସେ ଆଲୋଚନା କରିବେ ବୋଲି କହିଥିଲେ। ପୌରାଧ୍ୟକ୍ଷା ସାହୁ ମଧ୍ୟ ସମଲେଶ୍ୱରୀ ମନ୍ଦିରର ପୁନରୁଦ୍ଧାର କାମକୁ ଶୀଘ୍ର କରାଯିବ ବୋଲି କହିଥିଲେ। ମନ୍ଦିରର ଡିପିଆର ପ୍ରସ୍ତୁତି ଚାଲିଛି ଏବଂ ଏହାକୁ ଅନୁମୋଦନ କରାଗଲା ପରେ ଏଠାରେ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ପର୍ଯ୍ୟବେକ୍ଷକ ସିଂ ଏବଂ ପୌରାଧ୍ୟକ୍ଷା ସାହୁଙ୍କ ସହ କାଉନସିଲର ନନ୍ଦିନୀ ପୋଢ଼, ଡା ଜଗନ୍ନାଥ ଦିଶ୍ରୀ, କାହ୍ନା ଶତପଥୀ, ବୁଲୁ ବେହେରା, ଲକ୍ଷ୍ମଣ କୁମାର ମେହେର, ବିଭୂତି ଭୂଷଣ ମିଶ୍ର, ସୁମନ ନନ୍ଦ ଉପସ୍ଥିତ ଥିଲେ।



ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନ ବେଳେ ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ଓ ପୌରାଧକ୍ଷା ଲିକା ସାହୁ କମିଟି ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

# ସାଙ୍ଗଠନିକ ସମ୍ପାଦକଙ୍କ ସହ ମନ୍ତ୍ରୀ, ବିଜେଡି ନେତାଙ୍କ ଆଲୋଚନା

**ବଲାଙ୍ଗୀର, ୨୭।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାଶ ଗୁରୁବାର ବଲାଙ୍ଗୀର ସର୍କିଟ ହାଉସଠାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ୫ଟି ସଚିବଙ୍କ ବଲାଙ୍ଗୀର ଗସ୍ତକୁ ନେଇ ଏହି ଆଲୋଚନା ହୋଇଥିବା ଜଣାପଡିଛି। ଏହି ଆଲୋଚନାରେ ମନ୍ତ୍ରୀ ଟୁକୁନୀ ସାହୁ, ପାଟଣାଗଡ ବିଧାୟକ ସରୋଜ ମେହେର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସମିତି ସଭ୍ୟ ଗୋଲାପ ବାଗ, ପୂର୍ବତନ ବିଧାୟକ ଆୟୁବ ଖାଁ, ବିଜେଡି ନେତା ଅଜୟ ଦାସ, ଲୋଟସ ଷଡଙ୍ଗୀ, ନିହାର ରଞ୍ଜନ ବେହେରା, ଲକ୍ଷ୍ମଣ କୁମାର ମେହେର, ଟିଙ୍କୁ ପରିଚ୍ଛା, ବିଭୂତି ଭୂଷଣ ମିଶ୍ର, ଶିବ ବେହେରା ଉପସ୍ଥିତ ଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ବୈଠକ ସମ୍ପର୍କରେ କିଛିବି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆଗାମୀ କିଛିଦିନ ମଧ୍ୟରେ ୫-ଟି ସଚିବଙ୍କ ବଲାଙ୍ଗୀର ଜିଲା ଗସ୍ତକୁ ନେଇ ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ମିଳିଥିବା ସୂଚନା ମୁତାବକ



ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ମନ୍ତ୍ରୀ ଟୁକୁନୀ ସାହୁ, ବିଧାୟକ ସରୋଜ ମେହେରଙ୍କ ଉପସ୍ଥିତିରେ ବିଜେଡି ନେତାଙ୍କ ସହ ଆଲୋଚନା କରୁଛନ୍ତି।

### ୫-ଟି ସଚିବଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ ପ୍ରସ୍ତୁତି

ବଲାଙ୍ଗୀର ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି ପାଟଣାଗଡ ଏବଂ ଲୋଇସିଂହାର କେଉଁ ସ୍ଥାନ ମାନଙ୍କରେ ୫-ଟି ସଚିବଙ୍କ ସମାବେଶ ଅନୁଷ୍ଠିତ ହେବେ ଏବଂ କେଉଁ ସ୍ଥାନ ଗୁଡିକୁ ସେ ପରିଦର୍ଶନ କରିବେ ସେନେଇ ବିଶେଷ ଆଲୋଚନା ହୋଇଥିଲା। ବିଧାୟକମାନଙ୍କ ସହ ବରିଷ୍ଠ ବିଜେଡି ନେତାମାନେ କେଉଁ ଦାୟିତ୍ୱରେ ରହିବେ ଏବଂ କଭଳି ପ୍ରସ୍ତୁତି କରିବେ ସେନେଇ ଦାଶ ଆଲୋଚନା କରିଥିଲେ। ବଲାଙ୍ଗୀର, ଟିଟିଲାଗଡ ଏବଂ କଣ୍ଟାବାଞ୍ଜିରେ ୫-ଟି ସଚିବଙ୍କ ଦୁଇଟି ସ୍ଥାନରେ ସମାବେଶ କରାଯିବ ଏବଂ ପାଟଣାଗଡ ଏବଂ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏ ସ୍ଥାନରେ ସମାବେଶ କରାଯିବ ବୋଲି ଆପାତତଃ ସ୍ଥିର ହୋଇଥିବା ଜଣାପଡିଛି। ଏହା ସହିତ ୫-ଟି ସଚିବଙ୍କ ଗସ୍ତକୁ କିଭଳି ସଫଳ କରାଯିବ ସେଦିଗରେ ବିଜେଡି ନେତା ଓ କର୍ମୀମାନେ କିଭଳି ପ୍ରସ୍ତୁତି କରିବେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଜେଲ ଗଲେ କୋଟିପତି ସହକାରୀ ଯନ୍ତ୍ରୀ

**ଭବାନୀପାଟଣା,୨୭।୭(ଉତ୍ତମ କୁମାର ଦାଶ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭବାନୀପାଟଣା ସରକାରୀ ଜଳ ଯୋଗାଣ ବିଭାଗ ଜିପିଏଚ୍ (ସାଧାରଣ ଜନ ସ୍ୱାସ୍ଥ୍ୟ ବିଭାଗ) ସେକ୍ସନ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ସାହୁଙ୍କ ଘରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଭବାନୀପାଟଣା ସହରରେ ଥିବା ୧ କୋଟି ୧୦ ଲକ୍ଷର ୩ ମହଲା ଘର, ୨ଟି ପ୍ଲଟ, ୧ କୋଟି ୫୪ ଲକ୍ଷର ବ୍ୟାଙ୍କ, ଡାକ ବୀମା ରାଶି ଜମା, ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା, ସୁନା ୪୪୧ ଗ୍ରାମ, ରୁପା ୭ ଶହ ଗ୍ରାମ ଆଦି ଜବତ କରିଥିଲା ଭିଜିଲାନ୍ସ ବିଭାଗ। ଆୟଠାରୁ ୩୧୩ ପ୍ରତିଶତ ଅଧିକ ସମ୍ପତ୍ତି ଥିବା ଦର୍ଶାଇ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ସାହୁଙ୍କୁ ଗୁରୁବାର ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନ ମଞ୍ଜୁର ହେବରୁ କୋଟିପତି ସହକାରୀ ଯନ୍ତ୍ରୀ ସାହୁଙ୍କୁ ଶେଷରେ ଜେଲ ଯିବାକୁ ପଡିଛି। ଅନ୍ୟପକ୍ଷରେ ଜଣେ ସହକାରୀ ଯନ୍ତ୍ରୀଙ୍କ ଘରେ ଏତେ ପରିମାଣରେ ଟଙ୍କା ତଥା ସମ୍ପତ୍ତି ବାହାରିବା ଘଟଣା ଜଳ ଯୋଗାଣ ବିଭାଗ ଭ୍ରଷ୍ଟାଚାରର ଗୁମର ଖୋଲିଛି।

### ଭତ୍ତା ବଣ୍ଟନ କଲେ ବିଧାୟିକା

**ଅତାବିରା,୨୭।୭(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଏନଏସି ପରିସରରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି କ୍ରମରେ ଅତାବିରା ଏନ୍‌ଏସି ଅଧୀନରେ ରହିଥିବା ନୂତନ ୩୭ଜଣ ଦିବ୍ୟାଙ୍ଗ, ଅବିବାହିତା, ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷା ଅନୁସୂୟା ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ପ୍ରୋଗ୍ରାମ ଅଧିକାରୀ ଟୁନୁ କରାଲୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁକ୍ତା ଯୋଜନା, ସଫେଇ ଆଦି ଉପରେ ମଧ୍ୟ ଆଲୋଚନା ହୋଇଥିଲା।

### ବିଜେଡି ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବିଜେଡ଼ିର ଜିଲା ସଭାପତି ଡ. ପ୍ରଭାସ କୁମାର ସିଂଙ୍କୁ ଗୁରୁବାର ଭଟଲିର ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭଟଲି ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଈଶ୍ୱର ଚନ୍ଦ୍ର ସାହୁ, ହେମନ୍ତ ପଣ୍ଡା, ରମଣୀରଞ୍ଜନ ଖମାରୀ, ସତ୍ୟନାରାୟଣ ପ୍ରଧାନ, ସୁଶାନ୍ତ ପ୍ରଧାନ, ମାନଭଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭଟଲି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା।

### ବାଇକ୍ ଚାଳକ ଗିରଫ

**ପଦ୍ମପୁର,୨୭।୭(ପ୍ରଦୀପ୍ତ ଦାଶ ):** ଗତ ୨୪ତାରିଖରେ ବୁଲେଟ ଧକ୍କାରେ କପସିଲା ଗ୍ରାମର ଯୁବକ ବାଲାଜୀ ପାଣ୍ଡେଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପଦ୍ମପୁର ପୋଲିସ ତଦନ୍ତ କରି ପାଟଣାଗଡ ବଡପଡାର ବିରଞ୍ଚି ବକୁଲଙ୍କୁ ଗୁରୁବାର ଗିରଫ କରିଛି। ଏହାସହ ବ୍ୟବହୃତ ବୁଲେଟ (ନଂ.ଓଡି୦୩ଜେଡ/୫୧୯୬କୁ ଜବତ କରାଯାଇଛି।

# ଅବାଧରେ ଚାଲିଛି ତମାଖୁ, ଗୁଟ୍‌ଖା ବିକ୍ରି

**ଅମରପାଲି,୨୭।୭(ପୀତାମ୍ବର ସାହୁ)**

- ଖାଦ୍ୟ ନିରାପତ୍ତା ବିଭାଗର ନାଁକୁ ମାତ୍ର ଚଢ଼ାଉ
- ମାତ୍ର ୮୫୦ ଟଙ୍କା ଜରିମାନା ଆଦାୟ
- ସୁବଳୟା,ଜଟେସିଂହା ଅଞ୍ଚଳରେ ପାନ, ଟା ଦୋକାନରେ ମିଳୁଛି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଅଧିକାଂଶ ପାନ ଓ ଚା ଦୋକାନରେ ଖୁଲାମଖୁଲା ବିକ୍ରି ହେଉଛି ତମାଖୁ, ଗୁଟ୍‌ଖା ଓ ସିଗାରେଟ। ଏପରି କି ସ୍କୁଲ ଓ କଲେଜ ନିକଟରେ ମଧ୍ୟ ବିକ୍ରି ହେଉଛି। ନାବାଳକଙ୍କ ଠାରୁ ଆରମ୍ଭ କରି ଲୋକେ ଅନାୟାସରେ ଉକ୍ତ ଦୋକାନଗୁଡ଼ିକରୁ ତମାଖୁ, ଗୁଟଖା କିଣି ବ୍ୟାବାହାର କରୁଛନ୍ତି। ଖାଦ୍ୟ ନିରାପତ୍ତା ବିଭାଗ କର୍ମଚାରୀ ଏସବୁ ଦେଖୁଥିଲେ ମଧ୍ୟ ନେଉନାହାନ୍ତି ଦୃଢ କାର୍ଯ୍ୟାନୁଷ୍ଠାନ । ତେଣୁ ଅଞ୍ଚଳରେ ବଢି ଚାଲିଛି ଗୁଟଖା ଓ ତମାଖୁ ବିକ୍ରି। ମାତ୍ରାଧିକ ଗୁଟଖା ବିକ୍ରି ହେଉଥିବାରୁ କୋମଳମତି ନାବାଳକ ଓ ଜନସାଧାରଣ ଏହାକୁ ବ୍ୟବହାର କରି କ୍ୟାନ୍‌ସର ଓ ଫୁସ୍‌ଫୁସ ଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ବୀରମହାରାଜପୁର ସଦର ସମେତ ବ୍ୟବସାୟ ପେଣ୍ଠସ୍ଥଳ ସୁବଳୟା, ଜଟେସିଂହା, ମୁର୍ଷୁଣ୍ଡି, ଅମରପାଲି, ଖଣ୍ଡହତା ଆଦି ଅଞ୍ଚଳରେ ଏହା ବହୁଳ ଭାବରେ ବିକ୍ରି ହେଉଛି। ଏହାସହିତ ପ୍ରାୟ ସମସ୍ତ ଗ୍ରାମର ତେଜରାତି ଦୋକାନ, ଠେଲା, ପାନ ଦୋକାନରେ ବିକ୍ରି ହେଉଛି।


ସୁବଳୟାର ଏକ ଦୋକାନରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢାଉ କରାଯାଉଛି ।

ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଗୁଟଖା ବିକ୍ରି ହେଉଥିବା ଦୋକାନରେ ଚଢାଉ କରି ଜରିମାନା ଆଦାୟ କରିବା କଥା । ତେବେ ବିଭାଗର ଚଢ଼ାଉ ଓ ଜରିମାନା ଆଦାୟ ନାମକୁ ମାତ୍ର ହେଉଥିବା ବେଳେ ସଚେତନତା କାର୍ଯ୍ୟକ୍ରମ କେବଳ କାଗଜ କଲମରେ ଚାଲିଛି ।

ଗୁରୁବାର ସୁବର୍ଣ୍ଣପୁର ଜିଲା ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ବୀରମହାରାଜପୁର ଅଞ୍ଚଳର ସୁବଳୟା ଓ ଜଟେସିଂହା ଅଞ୍ଚଳର କେତେକ ପାନ ଦୋକାନ ଓ ଚା ଦୋକାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ତମାଖୁ, ଗୁଟଖା ଜବତ ହୋଇ ନ ଥିବା ବେଳେ ମାତ୍ର ୮୫୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜିଲା ଖାଦ୍ୟ ନିରାପତ୍ତା ଅଧିକାରିଣୀ ସସ୍ମିତା ନାଏକ ସୂଚନା ଦେଇଛନ୍ତି । ଚଢାଉରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରିଣୀ ନାଏକଙ୍କ ସମେତ ଏନସିଡି ମ୍ୟାନେଜର ଗୀତାଞ୍ଜଳୀ ମେହେର,ବୀରମହାରାଜପୁର ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିଲେ। ତମାଖୁ,ଗୁଟଖା ବିକ୍ରି କରୁଥିବା ଦୋକାନୀମାନେ ବିଭାଗ ଦ୍ୱାରା ହେଉଥିବା ଚଢାଉ ବେଳେ ଅଳ୍ପ ପରିମାଣର ଜରିମାନା ଆଦାୟ ଯୋଗୁ ବେଫିକର ଭାବେ ଏସବୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ଏପରି କି କେତେକ ଦୋକାନୀ ଗୁଟଖା,ତମାଖୁ,ସିଗାରେଟ ସହିତ ଗଞ୍ଜେଇ ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଅଞ୍ଚଳର ବିଭିନ୍ନ ହୋଟେଲ, ଠେଲାରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି ହେଉଥିବା ବେଳେ ଖାଦ୍ୟ ଅପମିଶ୍ରଣ କରାଯିବା, ବାସି ଖାଦ୍ୟ , ନିମ୍ନମାନର ରଙ୍ଗ, ମସଲା ବ୍ୟବହାର କରାଯାଉଛି । ଏବେ ବର୍ଷା ଋତୁ ହୋଇଥିବାରୁ ଜଣ୍ଡିସ୍ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ଏଡାଇ ଦିଆଯାଇ ନ ପାରେ । ବିଭିନ୍ନ ଦୋକାନରେ ଖୁଲାମଖୁଲା ଗୁଟଖା, ତମାଖୁ ବିକ୍ରି ହେଉଥିଲେ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସାମାଜିକ କର୍ମୀ ସୁଦାମ ଗାଇଗରିଆ ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ନିୟମିତ ଭାବେ ଚଢାଉ ଜୋରଦାର କରାଯିବାକୁ ସାଧାରଣରେ ଦାବି ହେଉଛି।

# ୨ୟ ଦିନରେ ମୋଟିଭେଟରଙ୍କ ଧାରଣା

**ବିନିକା,୨୭।୭( ରାମ ଗୋପାଳ ବାଘ )**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମୋଟିଭେଟର ସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ଚାଲିଥିବା ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କୌଣସି ପ୍ରଶାସନିକ ଅଧିକାରୀ ସମସ୍ୟା ସମାଧାନ ପାଇଁ ସଂଘର କର୍ମକର୍ତ୍ତାଙ୍କୁ ଭେଟି ନାହାନ୍ତି। ଫଳରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ପ୍ରକାଶ ଯେ, ବିନିକା ବ୍ଲକ ଅଧୀନ ୧୬ ଗୋଟି ପଞ୍ଚାୟତର ପ୍ରାୟ ୮୨ ଜଣ ମୋଟିଭେଟର ସ୍ୱଚ୍ଛ ଭାରତ ଗ୍ରାମୀଣ ମିଶନରେ କାମ କରୁଥିଲେ। ଗୋଟିଏ ଶୌଚାଳୟ ବାବଦରେ ୧୫୦ ଟଙ୍କା ମିଳିବା ନିୟମ ରହିଛି। ମାତ୍ର ମୋଟିଭେଟରମାନେ ଏ ବାବଦରେ ଅଧା ଟଙ୍କା ପାଇଥିବା ବେଳେ ଆଉ ପ୍ରାୟ ୧୮–୧୯ ଲକ୍ଷ ଟଙ୍କା ବକେୟା ରହିଛି । ଆଜିକୁ ୩ ବର୍ଷ ହେଲା ସେମାନେ ବକେୟା ଟଙ୍କା ପାଇବା ପାଇଁ ବିଭାଗୀୟ ଅଫିସକୁ ଦୌଡୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ମୋଟିଭେଟରମାନଙ୍କ କହିବା ଅନୁଯାୟୀ, ୨୦୧୭ରୁ ତାଲିମପ୍ରାପ୍ତ ହୋଇ ୧୬ ଗୋଟି ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଘରକୁ ଘର ଯାଇ ସ୍ୱଚ୍ଛ ଭାରତ ମିଶନ ସମ୍ବନ୍ଧରେ ବୁଝାଇଥିଲେ। ନାଟକ ଓ ଗୀତ ମାଧ୍ୟମରେ, ଛୋଟ ଛୋଟ ସଭା କରି ଗ୍ରାମବାସୀଙ୍କୁ ଶୌଚାଳୟ କରିବା ଏବଂ ଶୌଚାଳୟ ବ୍ୟବହାର କରିବା ପାଇଁ ସଚେତନ କରିଛନ୍ତି। ଏତେ କାମ କଲା ପରେ ବି ସେମାନଙ୍କ ପାରିଶ୍ରମିକ ଟଙ୍କା ମିଳିନାହିଁ। ସୁବର୍ଣ୍ଣପୁର ଜିଲାର ସୋନପୁର, ବୀରମହାରାଜପୁର, ତରଭା, ଉଲୁଣ୍ଡା ଓ ଡୁଙ୍ଗୁରିପାଲି ବ୍ଲକର ମୋଟିଭେଟରମାନେ ଏ ବାବଦ ପ୍ରାପ୍ୟ ପାଇସାରିଥିବା ବେଳେ ବିନିକା ବ୍ଲକର ମୋଟିଭେଟରମାନଙ୍କ ପ୍ରାପ୍ୟ ଏ ଯାଏ କେଉଁ କାରଣରୁ ଦିଆଯାଉନାହିଁ ବୋଲି ମୋଟିଭେଟରମାନେ ପ୍ରଶ୍ନ କରିଛନ୍ତି। ବିନିକା ବ୍ଲକର ମୋଟିଭେଟରମାନଙ୍କ ଟଙ୍କା ମିଳି ପାରି ନ ଥିବାରୁ ଗୁରୁବାର ଦ୍ୱିତୀୟ ଦିନରେ ମୋଟିଭେଟରମାନେ ବିନିକା ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ସଂଘର ସଭାପତି ସୁଶାନ୍ତ ପଧାନ, ସମ୍ପାଦକ ପରକ୍ଷୀତ ବାଘ, ସହ ସମ୍ପାଦକ ସତ୍ୟବାନ ଡାଙ୍ଗ ଚେତାବନୀ ଦେଇଛନ୍ତି। ଧାରଣାରେ ପାଣ୍ଡବ ବାଘ, ଦୀନବନ୍ଧୁ ଭୂଏ, ପ୍ରତାପ ମହାକୁର, ରଜନୀ କାନ୍ତ ହୋତା, ପୁଷ୍ପାଞ୍ଜଳି ବହୁିଆ, ବବିତା ନାଏକ, ରେଣୁକା ମହାକୁର, ପ୍ରେମଶିଳ ବାଗ, ଦେବେନ୍ଦ୍ର ବାଘ, ସୁବାସିନୀ ଭୂଏ, ଅଞ୍ଜଳି ପୂଟେଲ, ହେମଲତା ବାଘ, ସତ୍ୟନାରାୟଣ ପାଢ଼ୀ, ସଞ୍ଜୟ ପାତ୍ର, ଜଗନ୍ନାଥ ମହାନନ୍ଦ, ଜଗତ ବଗର୍ତ୍ତି, ଅରକ୍ଷିତ ପାଣ୍ଡେ, ପରିତୋଷ ଥନାପତି,କୁସୁମ ସାହୁ, ଗୀତାଞ୍ଜଳି ନାୟକଙ୍କ ସମେତ ମୋଟିଭେଟର ସଂଘର ସମସ୍ତ ସଦସ୍ୟା ସଦସ୍ୟ ସାମିଲ ଅଛନ୍ତି ।

# ଶିବିରରେ ୧୩୬ଜଣଙ୍କ ଚକ୍ଷୁ ପରୀକ୍ଷା

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବରଗଡ଼ ମହିଳା ସମିତି ଏବଂ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ଗୁରୁବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାନେତ୍ରୀ ରାଧାରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ତ୍ରିଲୋଚନ ନେତ୍ରାଳୟର ଡା. ମୋନାଲିସା ସାହୁ, ମ୍ୟାନେଜର ମାନସ ରଞ୍ଜନ ସାହୁ, ସରପଞ୍ଚ ଦେବରାଜ ସାହୁ, ଲକ୍ଷ୍ମଣ ନନ୍ଦ, ପ୍ରୀତମ ସିଂ, ପୃଥ୍ୱୀରାଜ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୩୬ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୫ଜଣଙ୍କୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ନିଆଯାଇଥିଲା। ସମିତିର ଉପସଭାନେତ୍ରୀ ଅଞ୍ଜନା ଦାଶ, ସମ୍ପାଦିକା ମନ୍ଦାକିନୀ ପତି, କୋଷାଧ୍ୟକ୍ଷା ଜୟଶ୍ରୀ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ

**ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ବରଡ଼ୋଲସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ୫–ଟି ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରଲେଖା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ସରପଞ୍ଚ ଦୀପାଞ୍ଜଳି କୁମ୍ଭାର, ସମିତି ସଭ୍ୟା ରକ୍ମିଣୀ ସେଟ୍, ରାଜା ମେହେର, ବୁଲୁ ଭୋଇ, ପୂର୍ବତନ ସରପଞ୍ଚ ଆହ୍ଲାଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆର୍ତ୍ତତ୍ରାଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସରପଞ୍ଚ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ବରଡ଼ୋଲ ଗ୍ରାମରେ ବିଧାୟକ ଆଚାର୍ଯ୍ୟ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ।


୫–ଟି ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଉଛି ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ବିନାୟକ


@ ପ୍ରଫୁଲ


@ ହେମନ୍ତ


@ ଟିକେଲାଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ବିଜେଡି ପର୍ଯ୍ୟବେକ୍ଷକ, ପୌରାଧକ୍ଷାଙ୍କ ସମଲେଶ୍ୱରୀ ମନ୍ଦିର ପରିଦର୍ଶନ

**ବଲାଙ୍ଗୀର, ୨୭।୭ (ବୀରେନ୍ଦ୍ର କୁମାର ଝାଙ୍କର)**

୫–ଟି ସଚିବଙ୍କ ଗସ୍ତ ପୂର୍ବରୁ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ଏବଂ ପୌରାଧକ୍ଷା ଲିକା ସାହୁ। ଗୁରୁବାର ସନ୍ଧ୍ୟାରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି କିଭଳି ଭାବେ ଏହି ମନ୍ଦିର ପୁନରୁଦ୍ଧାର ଏବଂ ଉନ୍ନତିକରଣ କାମ ହେବ ସେନେଇ ମନ୍ଦିର ଆଳତି କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଆଲୋଚନା କରିବେ ବୋଲି ପର୍ଯ୍ୟବେକ୍ଷକ ସିଂ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସମଲେଶ୍ୱରୀ ମନ୍ଦିରରେ ସ୍ଥାନାଭାବ ସମସ୍ୟା ରହିଥିବାରୁ ଏଠାରେ କିଭଳି ଉନ୍ନତିମୂଳକ କାର୍ଯ୍ୟ ହେବ ସେନେଇ ସେ ଆଲୋଚନା କରିବେ ବୋଲି କହିଥିଲେ। ପୌରାଧକ୍ଷା ସାହୁ ମଧ୍ୟ ସମଲେଶ୍ୱରୀ ମନ୍ଦିରର ପୁନରୁଦ୍ଧାର କାମକୁ ଶୀଘ୍ର କରାଯିବ ବୋଲି କହିଥିଲେ। ମନ୍ଦିରର ଡିପିଆର ପ୍ରସ୍ତୁତି ଚାଲିଛି ଏବଂ ଏହାକୁ ଅନୁମୋଦନ କରାଗଲା ପରେ ଏଠାରେ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ପର୍ଯ୍ୟବେକ୍ଷକ ସିଂ ଏବଂ ପୌରାଧକ୍ଷା ସାହୁଙ୍କ ସହ କାଉନସିଲର ନନ୍ଦିନୀ ପୋଢ଼, ଡା ଜଗନ୍ନାଥ ଦିଶ୍ରୀ, କାହ୍ନା ଶତପଥୀ, ବୁଲୁ ବେହେରା, ଲକ୍ଷ୍ମଣ କୁମାର ମେହେର, ବିଭୂତି ଭୂଷଣ ମିଶ୍ର, ସୁମନ ନନ୍ଦ ଉପସ୍ଥିତ ଥିଲେ।


ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ପରିଦର୍ଶନ ବେଳେ ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ଓ ପୌରାଧକ୍ଷା ଲିକା ସାହୁ କମିଟି ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

# ବାବାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ଅମରପାଲି,୨୭(ପୀତାମ୍ବର ସାହୁ)**

ବୀରମହାରାଜପୁର ଥାନା ହରିହର ଯୋର ପୋଲିସ ଫାଣ୍ଡି ଅନ୍ତର୍ଗତ ବିରସିଂପୁର ନିକଟରେ ଥିବା ବାଦପୁର ରାଧାକୃଷ୍ଣ ମନ୍ଦିରରେ ରହୁଥିବା ଜଣେ ବାବା ଓ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ବୀରମହାରାଜପୁର ଥାନା ଅନ୍ତର୍ଗତ କାଦୋଦର ଗ୍ରାମର କୃତ୍ତିବାସ ବାଘ(୩୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବାଦପୁର ରାଧାକୃଷ୍ଣ ମନ୍ଦିରରେ ରହୁଥିବା ବାବା ହର ପ୍ରଧାନ ଓ ତାଙ୍କ ସହଯୋଗୀ ଲୁଲୁ ବାଘରଙ୍କୁ ଶନିବାର ବିଳମ୍ବିତ ରାତିରେ ଅଭିଯୁକ୍ତ କୃତ୍ତିବାସ ଓ ଅନ୍ୟ ତିନି ଜଣ ଆକ୍ରମଣ କରିଥିଲେ। ଏନେଇ ହରିହର ଯୋର ଫାଣ୍ଡିରେ ଏକ ମାମଲା (ନଂ ୧୨୩/୨୩) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ସାଙ୍ଗଠନିକ ସମ୍ପାଦକଙ୍କ ସହ ମନ୍ତ୍ରୀ, ବିଜେଡି ନେତାଙ୍କ ଆଲୋଚନା

**ବଲାଙ୍ଗୀର, ୨୭।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାଶ ଗୁରୁବାର ବଲାଙ୍ଗୀର ସର୍କିଟ ହାଉସଠାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ୫ଟି ସଚିବଙ୍କ ବଲାଙ୍ଗୀର ଗସ୍ତକୁ ନେଇ ଏହି ଆଲୋଚନା ହୋଇଥିବା ଜଣାପଡିଛି। ଏହି ଆଲୋଚନାରେ ମନ୍ତ୍ରୀ ଟୁକୁନୀ ସାହୁ, ପାଟଣାଗଡ ବିଧାୟକ ସରୋଜ ମେହେର, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ସମିତି ସଭ୍ୟ ଗୋଲାପ ବାଗ, ପୂର୍ବତନ ବିଧାୟକ ଆୟୁବ ଖାଁ, ବିଜେଡି ନେତା ଅଜୟ ଦାସ, ଲୋଟସ ଷଡଙ୍ଗୀ, ନିହାର ରଞ୍ଜନ ବେହେରା, ଲକ୍ଷ୍ମଣ କୁମାର ମେହେର, ଟିକୁ ପରିଚ୍ଛା, ବିଭୂତି ଭୂଷଣ ମିଶ୍ର, ଶିବ ବେହେରା ଉପସ୍ଥିତ ଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ବୈଠକ ସମ୍ପର୍କରେ କିଛିବି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆଗାମୀ କିଛିଦିନ ମଧ୍ୟରେ ୫–ଟି ସଚିବଙ୍କ ବଲାଙ୍ଗୀର ଜିଲା ଗସ୍ତକୁ ନେଇ ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ମିଳିଥିବା ସୂଚନା ମୁତାବକ


ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ମନ୍ତ୍ରୀ ଟୁକୁନୀ ସାହୁ, ବିଧାୟକ ସରୋଜ ମେହେରଙ୍କ ଉପସ୍ଥିତିରେ ବିଜେଡି ନେତାଙ୍କ ସହ ଆଲୋଚନା କରୁଛନ୍ତି।

### ୫-ଟି ସଚିବଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ ପ୍ରସ୍ତୁତି

ବଲାଙ୍ଗୀର ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି ପାଟଣାଗଡ ଏବଂ ଲୋଇସିଂହାର କେଉଁ ସ୍ଥାନ ମାନଙ୍କରେ ୫–ଟି ସଚିବଙ୍କ ସମାବେଶ ଅନୁଷ୍ଠିତ ହେବେ ଏବଂ କେଉଁ ସ୍ଥାନ ଗୁଡିକୁ ସେ ପରିଦର୍ଶନ କରିବେ ସେନେଇ ବିଶେଷ ଆଲୋଚନା ହୋଇଥିଲା। ବିଧାୟକମାନଙ୍କ ସହ ବରିଷ୍ଠ ବିଜେଡି ନେତାମାନେ କେଉଁ ଦାୟିତ୍ୱରେ ରହିବେ ଏବଂ କଭଳି ପ୍ରସ୍ତୁତି କରିବେ ସେନେଇ ଦାଶ ଆଲୋଚନା କରିଥିଲେ। ବଲାଙ୍ଗୀର, ଟିଟିଲାଗଡ ଏବଂ କଣ୍ଟାବାଞ୍ଜିରେ ୫–ଟି ସଚିବଙ୍କ ଦୁଇଟି ସ୍ଥାନରେ ସମାବେଶ କରାଯିବ ଏବଂ ପାଟଣାଗଡ ଏବଂ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏ ସ୍ଥାନରେ ସମାବେଶ କରାଯିବ ବୋଲି ଆପାତତଃ ସ୍ଥିର ହୋଇଥିବା ଜଣାପଡିଛି। ଏହା ସହିତ ୫–ଟି ସଚିବଙ୍କ ଗସ୍ତକୁ କିଭଳି ସଫଳ କରାଯିବ ସେଦିଗରେ ବିଜେଡି ନେତା ଓ କର୍ମୀମାନେ କିଭଳି ପ୍ରସ୍ତୁତି କରିବେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମ

**ଦେବଗଡ଼,୨୭।୭(ଶଶାଙ୍କ ଶେଖର ଝାଙ୍କର):** ରିଆମାଳ କଲ୍ୟାଣ ମଣ୍ଡପରେ ଦେବଗଡ ଜିଲା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ୧୪ ତମ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିବା ବେଳେ ଭର୍ଚ୍ଚୁଆଲ ଯୋଗେ ଉପସ୍ଥିତ ଚାଷୀମାନଙ୍କୁ ସାମିଲ କରାଯାଇଥିଲା। ଏହି ଯୋଜନାରେ ୧୪ତମ କିସ୍ତି ମାଧମରେ ଦେଶର ପ୍ରାୟ ସାଢେ ୮ ଲକ୍ଷ ଚାଷୀ ଉପକୃତ ହୋଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଗୃହ ବିଭାଗର ବୈଜ୍ଞାନିକ ବିଜୟଲକ୍ଷ୍ମୀ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଚାଷୀଙ୍କୁ କୃଷି ଏବଂ ଆନୁସଙ୍ଗିକ କୃଷି ମାଧମରେ ଗ୍ରାମୀଣ ମହିଳା ଚାଷୀ କିଭଳି ଉପକୃତ ହୋଇପାରିବେ ସେନେଇ ବୁଝାଯାଇଥିଲା। କ୍ଷେତ୍ର ବିଜ୍ଞାନ ବିଭାଗର ବୈଜ୍ଞାନିକ ସବ୍ୟସାଚୀ ସାହୁ ସମନ୍ୱିତ କୃଷି ପ୍ରଣାଳୀର ଉପେଯାଗିତା ଏବଂ ଏହା ଦ୍ୱାରା ଚାଷୀଙ୍କ ଲାଭ ଉପରେ ଆଲୋକପାତ କରିଥିଲେ। କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

### କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ୨ ଦିନିଆ ଦେବଗଡ଼ ଗସ୍ତ

**ଦେବଗଡ଼,୨୭।୭(ଶଶାଙ୍କ ଶେଖର ଝାଙ୍କର):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ମୋହନ ମିଶ୍ର ୨ ଦିନିଆ ଦେବଗଡ ଜିଲା ଗସ୍ତରେ ଆସି ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ବାରକୋଟ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଧିନସ୍ଥ ଡଁରା ପଞ୍ଚାୟତର ବାସୁପାଲି ଗ୍ରାମରେ ବାରକୋଟ ବ୍ଲକ କୃଷି ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍ଡିଆରର ମିଳିତ ସହଯୋଗରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ ଅଧିନରେ ୩୦ ହେକ୍ଟର ଜମିରେ କରାଯାଇଥିବା ବାଦାମ କ୍ଷେତ ପରିଦର୍ଶନ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ମିଶ୍ରଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳ, ବାରକୋଟ ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ଡଁରା ପଞ୍ଚାୟତର କୃଷି ତତ୍ତ୍ୱାବଧାରକ କେଶବ ଚନ୍ଦ୍ର ସାହୁ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍ଡିଆରର ଅଧକ୍ଷ ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଦେବଗଡ଼,୨୭।(ଶଶାଙ୍କ ଶେଖର ଝାଙ୍କର):** ଣିପୁରରେ ୨ ମହିଳାଙ୍କୁ ନଗ୍ନ କରି ରାସ୍ତାରେ ବୁଲାଇବା ଘଟଣାରେ ମହାମହିମ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିଛି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ। ଏନେଇ ଗୁରୁବାର ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଥିଲା। ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଆଦିବାସୀ ନେତା ଅଶ୍ୱିନୀ ସାଗରଙ୍କ ନେତୃତ୍ୱରେ ବହୁ ଆଦିବାସୀ ଓ ଦଳିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ପ୍ରେମ ସାମୟିକ ସୁଖଲାଭର ବିଷୟ ନୁହେଁ

**ବଲାଙ୍ଗୀର,୨୭।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ବୌଦ୍ଧିକ ଅନୁଷ୍ଠାନ ରଚନା ପକ୍ଷରୁ କବି, କଥାଶିଳ୍ପୀ, ଚିତ୍ରକର ସ୍ୱର୍ଗତ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା ସ୍ଥାନୀୟ ପତିତପାବନ ଏକାଡେମୀଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ସାହିତ୍ୟିକ ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଓ କଥାକାର ରାମକୃଷ୍ଣ ସାହୁ ଅତିଥି ବକ୍ତା ଭାବେ ଯୋଗଦେଇ ଜୀବନ: ପ୍ରେମର ପ୍ରତିଫଳନ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରେମ ସାମୟିକ ସୁଖଲାଭର ବିଷୟ ନୁହେଁ, ପ୍ରେମ ଅବିଚ୍ଛେଦ୍ୟ ସମ୍ପର୍କର ସ୍ୱରୂପ ବୋଲି କହିଥିଲେ। ଜୀବନର ମୂଳ ସତ୍ୟଟି ଖଣ୍ଡିତ ନୁହେଁ, ପ୍ରେମ ସମୂହକୁ ସମ ଭାବରେ ଦେଖୁଥିବା ଏକ ଚିରନ୍ତନ ବିଷୟ



ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୋଲି ସେ ଆଲୋଚନା କରିଥିଲେ। ଏହି ଅବସରରେ ରଚନା ଦ୍ୱାରା ପ୍ରକାଶିତ କବି ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡାଙ୍କ କବିତା ସଙ୍କଳନ ମାର୍ଗ ସହଜ ଓ କବି କଥାକାର ରାମକୃଷ୍ଣ ସାହୁଙ୍କ କବିତା ସଂକଳନ ଢେଉରେ ଢେଉରେ ଘରକୁ ପାଠକାର୍ପଣ କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଚେୟାରର ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। ରଚନା ସମ୍ପାଦକ ଭାଗିରଥି

### ରଚନା ପକ୍ଷରୁ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା

ମିଶ୍ରଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସସ୍ମିତା ନେପାକ, ଅଧ୍ୟାପକ ଜିତେନ୍ଦ୍ର କୁମାର ତ୍ରିପାଠୀ, ସବିତା ମହରା, ରନ୍ମୟ ତ୍ରିପାଠୀ ଗଗନ ସ୍ୱାଇଁଙ୍କ ଗଳ୍ପ ଓ କବିତା ପାଠ କରିଥିଲେ। ସଭାପତୀୟ ଅଭିଭାଷଣରେ ଠାକୁର ଜୀବନରେ ପ୍ରେମର ମହତ୍ତ୍ୱ ଓ ଅନୁଭବ ସମ୍ପର୍କରେ କହିବା ସହ ରଚନାର ବିଶେଷ ସନ୍ଧ୍ୟା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ବନ୍ଦନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଲେଖକ ଏବଂ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

### ୯ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟିକା



ମିଶନ ଗୃହ ଉଦ୍‌ଘାଟନ ଅବସରରେ ଅନ୍ୟମାନଙ୍କ ସହ ବିଧାୟିକା ଅଳକା ମହାନ୍ତି।

**ବ୍ରଜରଜବଗର, ୨୭।୭ (ବିଜୟ କୁମାର ବରାଡ)**

ଝାରସୁଗୁଡା ଜିଲା ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଗୁରୁବାର ଲଖନପୁର ବ୍ଲକର ଭିକମପାଲି, ଅତାବିରା, ମାଛିଦା ଓ ପଞ୍ଚଙ୍ଗା ପଞ୍ଚାୟତରେ ୯ ପ୍ରକଳ୍ପର ଶିଳାନ୍ୟାସ ଓ ଗୋଟିଏ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଦେଓମାଳୀଠାରେ ନବ ନିର୍ମିତ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ ବିଧାୟିକା ମହାନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସନତ କୁମାର ସିଂ, ଅତାବିରା ସରପଞ୍ଚ ସଞ୍ଜିତ ପ୍ରଧାନ, ସମିତି ସଭ୍ୟ ଯଶୋବନ୍ତି ଖମାରି, ଭିକମପାଲି ସରପଞ୍ଚ ପଦ୍ମିନୀ ସାହୁ, ସମିତି ସଭ୍ୟା ବବିତା ମହାପାତ୍ର, ମାଛିଦା ସରପଞ୍ଚ ସଂଯୁକ୍ତା ବେହେରା, ସମିତି ସଭ୍ୟା ସାବିତ୍ରୀ ସିଂ, ପଞ୍ଚଙ୍ଗା ସରପଞ୍ଚ ମୁକେଶ ବାରିକଙ୍କ ସହିତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ପରେ ବିଧାୟିକା ମହାନ୍ତି ଭିକମପାଲି ସମଲେଇ ମନ୍ଦିର, ପଦ୍ମଶିନୀ ମନ୍ଦିର, କେଉଟ ସମାଜ ସମଲେଇ ମନ୍ଦିର, ପୂଜାରିପାଲି ଶିବ ମନ୍ଦିର, ଗିରେଇପାଲି ସମଲେଇ ମନ୍ଦିର, କଣ୍ଟାପାଲି ଜଗରନ୍ନାଥ ମନ୍ଦିର, ଦେଓମାଳୀ ଶିବମନ୍ଦିର, ନୂଆଦିହି ଜଗନ୍ନାଥ ମନ୍ଦିର ଓ ରେଙ୍ଗାଳି ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ତଥା ବିଧାୟିକା ଅଳକା ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୨ଶହରୁ ଉର୍ଦ୍ଧ୍ୱ କଂଗେସ ଓ ଭାଜପା କର୍ମୀ ବିଜୁ ଜନା ଦଳରେ ସାମିଲ ହୋଇଥିଲେ।

### ମଣିପୁର ହିଂସା ପ୍ରତିବାଦରେ ସ୍ମାରକପତ୍ର ପ୍ରଦାନ

**ସୁନ୍ଦରଗଡ,୨୭।୭(ଜୟନାରାୟଣ ମେଣ୍ଡୁଲି)**

ମଣିପୁର ରାଜ୍ୟରେ ଘଟିଥିବା ହିଂସା ପ୍ରତିବାଦରେ ସୁନ୍ଦରଗଡ ମହିଳା ଫୋରମ୍ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭପ୍ରଦର୍ଶନ କରାଯାଇଥିଲା। ମହିଳା ଫୋରମ୍ ସଭାପତି ମେରୀ ମମତା ଏକ୍କାଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଏକ ଶୋଭାଯାତ୍ରାରେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ବାହାରି ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ମହିଳା ଫୋରମ୍‌ର ମଞ୍ଜୁ ବାରା, ଫିଲୋ ମୀନା ଡୁଙ୍ଗଡୁଙ୍ଗ, ମମତା ଏକ୍କା, ପ୍ରଭା ମଞ୍ଜ, ପ୍ରମିଳା ଟପ୍ପୋ, କଂଗ୍ରେସ ନେତା ଆଲବର୍ଟ କିଣ୍ଡୋ, ରାଜକିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ ଉଦ୍‌ବୋଧନ ଦେଇ ମଣିପୁରରେ କୁକି ଆଦିବାସୀ ମହିଳାଙ୍କ ଉପରେ ହୋଇଥିବା ବର୍ବୋରଚିତ, ଅମାନୁଷିକ ଅତ୍ୟାଚାର ଓ ଗଣଦୁଷ୍କର୍ମ ଭଳି ଅମାନବୀୟ ଘଟଣାକୁ ଦୃଢ ନିନ୍ଦା କରିଥିଲେ। ଏହି ହିଂସାକାଣ୍ଡରେ ପରୋକ୍ଷ ଓ ପ୍ରତ୍ୟେକ୍ଷଭାବେ ସଂପୃକ୍ତି ଥିବା ବ୍ୟକ୍ତିଙ୍କୁ ଉଚିତ ଦଣ୍ଡବିଧାନ କରିଯିବା ସହ ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି। ଏହି ମର୍ମରେ ଏକ ସ୍ମାରକପତ୍ର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଦର ଉପଜିଲାପାଳ ଦାଶରଥି ସରାବୁଙ୍କୁ ପ୍ରଦାନ କରାଯାଇଛି।

# ମରଣଯନ୍ତା ପାଲଟିଛି ଫ୍ଲାଏ ଓଭର

**ଲାଠିକଟା,୨୭।୭(ରାମେଶ୍ୱର ଖାଡଙ୍ଗା)**

ମରଣଜନ୍ତା ପାଲଟିଛି ଏନ୍‌ଏଚ୍ ୧୪୩ ରଙ୍ଗିଲା ଛକ ଫ୍ଲାଏ ଓଭର ବ୍ରିଜ୍। ରଙ୍ଗିଲା ଛକ ମୁଖ୍ୟ ରାସ୍ତା ହୋଇଥିବାରୁ ଏଠାରେ ଦୈନିକ ଭିଡ଼ ପରିଲକ୍ଷିତ ହୋଇଥାଏ। ଆଗରୁ ଏହା ଗୋଟିଏ ରାସ୍ତା ଥିବାବେଳେ ଏବେ ଏହା ୪ ଧାଡ଼ି ରାସ୍ତାରେ ପରିଣତ ହୋଇଛି। ଏହାର ୨ ଟି ପାର୍ଶ୍ୱରେ ଆପ୍ରୋଚ ରୋଡ ମଧ ହୋଇଛି। ଏହି ରାସ୍ତା ଦେଇ ସ୍ଥାନୀୟ ଅଞ୍ଚଳର ଲୋକେ ଯା'ଆସ କରିଥାନ୍ତି। ହେଲେ ଏହି ଆପ୍ରୋଚ ରୋଡରେ ହମ୍ପସ ନ ଥିବା ବେଳେ ଷ୍ଟ୍ରିଟ ଲାଇଟ ଲାଗିବା ଦିନଠାରୁ ଜଳୁନାହିଁ। ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଓ ଏନ୍‌ଏଚ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାଜଗାଙ୍ଗପୁରରେ ଫ୍ଲାଗ୍ ମାର୍ଚ୍ଚ

**ରାଜଗାଙ୍ଗପୁର,୨୭।୭ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ୨ ଗୋଷ୍ଠୀର ବିବାଦ ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବିଭିନ୍ନ ଛକ ଜାଗାମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯିବା ସହ ପେଟ୍ରୋଲିଂ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ଶକ୍ତି ପ୍ରଦର୍ଶନ କରାଯାଇ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଏଥିସହ ଲୋକଙ୍କୁ ବୁଝାଯାଇ ଥିଲା। ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ନେତୃତ୍ୱରେ ବୁଧବାର ନୂତନ ଭାବେ ଯୋଗଦେଇଥିବା ଥାନାଧିକାରି ମନୋରଞ୍ଜନ ପ୍ରଧାନ, ପୂର୍ବତନ ଥାନାଧିକାରି ବିଭସ୍ ପ୍ରଧାନଙ୍କ ସହ ୫ ପ୍ଲାଟୁନ ପୋଲିସ ଫୋର୍ସ ରହିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ବିନାୟକ


@ ପ୍ରଫୁଲ


@ ହେମନ୍ତ


@ ଟିକେଲାଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବୋଦୟ ବିଦ୍ୟାଳୟରେ ଜାତୀୟ ଚେସ୍ ମିଟ୍

**ଦେବଗଡ଼,୨୭।୭ (ଶଶାଙ୍କ ଶେଖର ଝାଙ୍କର )**

ଦେବଗଡ ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଜାତୀୟ ଚେସ୍ ମିଟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଭୋପାଳ ରିଜନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡିଶା ସମେତ ମଧ୍ୟପ୍ରଦେଶ ଏବଂ ଛତିଶଗଡ ରାଜ୍ୟ ଅନ୍ତର୍ଗତ ସମସ୍ତ ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଛନ୍ତି। ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗୀ ତଥା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲାରେ ଏଭଳି ଏକ ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଛାତ୍ରୀଛାତ୍ର ଚେସ୍ ଖେଳ ପ୍ରତି ଆକର୍ଷିତ ହୋଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପୁସ୍ତକାଳୟ ଅଧକ୍ଷା ଗୌରୀ ନନ୍ଦିନୀ ବେହେରା ଏବଂ ଖେଳ ଶିକ୍ଷକ ସୁଜିତ କୁମାର ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଉତ୍ତମ ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପାଧକ୍ଷ ହରିହର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିଗଣ।

# ପୌର ଦୁର୍ନୀତି ଘୋଡାଇବାକୁ ଅଭିଯୋଗ କରୁଛି ବିଜେଡି

### ଖବରଦାତା ସମ୍ମିଳନୀରେ ବର୍ଷିଲେ ବିଧାୟକ ସୁବାସ ପାଣିଗ୍ରାହୀ

**ଦେବଗଡ଼,୨୭।୭ (ଶଶାଙ୍କ ଶେଖର ଝାଙ୍କର)**

ବିଧାୟକ ଅଞ୍ଚଳ ଉନ୍ନୟନ ପାଣ୍ଠିରୁ ଦେବଗଡ ମହିଳା ଡିଗ୍ରୀ କଲେଜର ପାଚେରୀ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା ୩ଲକ୍ଷ ଟଙ୍କା। ହେରଫେର କରାଯାଇ ଶିକ୍ଷକ ସୌଭାଗ୍ୟ ପାତ୍ରଙ୍କ ଘରର ପାଚେରୀ ନିର୍ମାଣ କରାଯାଇଥିବା ଜିଲା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାକୁ ଭାଜପା ଖଣ୍ଡନ କରିଛି। ଗୁରୁବାର ପୂର୍ବାହ୍ନରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ବାସ ଭବନରେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ପାଣିଗ୍ରାହୀ ବିଜେଡିର ଉପରୋକ୍ତ ଅଭିଯୋଗ ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଦେବଗଡ ପୌର ପରିଷଦରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି। ଏହାକୁ ଘୋଡାଇବା ପାଇଁ ବିଜେଡି ପକ୍ଷରୁ ହୀନ ରାଜନୀତି କରାଯିବା ସହ ତାଙ୍କୁ ବଦନାମ କରିବାକୁ ଏଭଳି ଉଦ୍ୟମ ହେଉଛି। ବିଧାୟକ ପାଣ୍ଠିରୁ


ଖବରଦାତା ସମ୍ମିଳନୀରେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଉଛନ୍ତି।

୩ଲକ୍ଷ ଟଙ୍କା ବ୍ୟୟରେ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ପାଚେରୀ ନିର୍ମାଣ ହୋଇଛି। ମାତ୍ର ଘଟଣାର ସତ୍ୟାସତ୍ୟ ନଜାଣି ମୋ ବିରୋଧରେ ବିଜେଡି ପକ୍ଷରୁ ମିଛ ଅଭିଯୋଗ ଅଣାଯାଇଛି ଓ ଶିକ୍ଷକ ପାତ୍ରଙ୍କୁ ବଦାନମ କରୁଛି। ମୋ ଲୋକପ୍ରିୟତାକୁ ସହ୍ୟ କରି ନ ପାରି ବିଜେଡି ଏଭଳି ମିଥ୍ୟା ଅଭିଯୋଗ ଆଣୁଛି ବୋଲି କହିଛନ୍ତି ବିଧାୟକ ପାଣିଗ୍ରାହୀ।

ପୌର ପରିଷଦ ଗଠନ ଇତିମଧ୍ୟରେ ୧୬ ମାସ ପୂରଣ ହୋଇଥିଲେ ହେଁ ପାରିଷଦ ମାନଙ୍କୁ ନେଇ ମାତ୍ର ୫ଟି ବୈଠକ ଡକାଯାଇଛି। କାଉନସିଲରମାନଙ୍କ ବିନା ଅନୁମୋଦନରେ ପରିଷଦରେ କୋଟି କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ହେଉଛି । ଏପରିକି ନିର୍ମାଣ ହୋଇଥିବା ଗଣେଶ ପାର୍କରେ ଆଜି ଯାଏ ସୂଚନା ଫଳକ ଲାଗି ନାହିଁ। ଦେବଗଡ ଟାଉନ ହଲ ସମ୍ମୁଖରେ ବେଆଇନ ଭାବେ ନିର୍ମାଣାଧୀନ 'ଫୁଡ ଜୋନ୍' ପାଇଁ ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରିକରିଥିବା ମଧ ବିଧାୟକ ପାଣିଗ୍ରାହୀ ଉକ୍ତ ସମ୍ମିଳନୀରେ ସୂଚନା ଦେଇଥିଲେ। ଯଦି ଆମେ କୌଣସି ଦୁର୍ନୀତି କରିଛୁ ତାହା ହେଲେ ଭିଜିଲାନ୍ସ ତଦନ୍ତ କରିବା ସହ ଜିଲାପାଳ ନିଜେ ତଦନ୍ତ କରି ସତ୍ୟା ସତ୍ୟ ଲୋକଲୋଚନକୁ ଆଣନ୍ତୁ ବୋଲି ବିଧାୟକ ଆହ୍ୱାନ ଦେଇଥିଲେ। ଖବରଦାତା ସମ୍ମିଳନୀରେ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଉପସଭାପତି ହରମୋହନ ପାଣି ଉପସ୍ଥିତ ଥିଲେ।

# ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ନିର୍ମାଣ ବନ୍ଦ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ

**ଦେବଗଡ, ୨୭।୭ (ଶଶାଙ୍କ ଶେଖର ଝାଙ୍କର)**

### ଭେଣ୍ଡିଂଜୋନ୍ ନିର୍ମାଣ ପ୍ରସଙ୍ଗ

ଦେବଗଡ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ ହଲ ସମ୍ମୁଖରେ ନିର୍ମାଣାଧୀନ ଭେଣ୍ଡିଂଜୋନର ନିର୍ମାଣ କାର୍ଯ୍ୟକୁ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ନ କରିବାକୁ ଓଡିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଦେବଗଡ ଜିଲା ନାଗରିକ କମିଟିର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଓଡିଶା ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଦେବଗଡ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ ହଲ ସମ୍ମୁଖରେ ଏକ ଭେଣ୍ଡିଂଜୋନ ନିର୍ମାଣ କରାଯାଉଥିଲା। ମାତ୍ର ଏହା ଦ୍ୱାରା ଗୁରୁତର ଟ୍ରାଫିକ ସମସ୍ୟା ଉପୁଜିବା ସହ ଟାଉନ ହଲରେ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଏହା ବାଧା ସୃଷ୍ଟି କରିବାର ଆଶଙ୍କା ଥିବା ଦର୍ଶାଇ ନିର୍ମାଣ ବନ୍ଦ କରିବାକୁ ଜିଲା ନାଗରିକ କମିଟି ଜିଲାପାଳଙ୍କ ନିକଟରେ ଦାବି କରିଥିଲା। ଅନ୍ୟପକ୍ଷରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏହାର ତଦନ୍ତ କରି ଉକ୍ତ ସ୍ଥାନଟି ଏକ ବ୍ୟସ୍ତବହୁଳ ସ୍ଥାନ ହୋଇଥିବା ଦର୍ଶାଇଥିଲେ। ଏଥିସହ ଟାଉନ ହଲରେ ଅନେକ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଏହାର ନିର୍ମାଣ କାର୍ଯ୍ୟ କରାଗଲେ ଗୁରୁତର ଟ୍ରାଫିକ ସମସ୍ୟା ଉପୁଜିବ ବୋଲି ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ଜିଲା ଆରକ୍ଷୀ ଅଧିକ୍ଷକ ଗତ ୨୦୨୨ ଡିସେମ୍ବର ମାସ ୧୬ ତାରିଖରେ ଜିଲାପାଳଙ୍କୁ ଏକ ପତ୍ର ଲେଖିଥିଲେ । ଏହା ସତ୍ତ୍ୱେ ନିର୍ମାଣ ବନ୍ଦ ନହେବାରୁ ଜିଲା ନାଗରିକ କମିଟି ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ବିଭିନ୍ନ ନଥିପତ୍ର ଦାଖଲ କରିଥିଲେ। ଏହି ଆବେଦନ ସହିତ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟର ନକଲ ମଧ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ବିଚାର ପାଇଁ ଗ୍ରହଣ କରିବା ସହ ରାଜ୍ୟ ସରକାର, ଦେବଗଡ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରମୁଖଙ୍କୁ ନୋଟିସ ଜାରି କରିବା ସହ ପରବର୍ତ୍ତୀ ତାରିଖ ମଧ୍ୟରେ ସତ୍ୟପାଠ ଜରିଆରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ପିଟିସନର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ନିର୍ମାଣ ନକରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଜିଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପରଦାର ଏକ ପ୍ରେସ ବିବୃତ୍ତିରେ ଏ ସମ୍ପର୍କରେ ଜଣାଇଛନ୍ତି ।

# ଦିଆଯାଇଥିବା ଅନୁଦାନ ଧାର୍ଯ୍ୟ ସମୟରେ ଶେଷ କର

**ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଗୁରୁବାର ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଲୋକ ସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସିଂହ ଅଧ୍ୟକ୍ଷତା କରି କହିଛନ୍ତି, ଗ୍ରାମାଞ୍ଚଳର ସଫଳତା ଏହାର ଭିତ୍ତିଭୂମି ବିକାଶ ଉପରେ ପର୍ଯ୍ୟବସିତ। ରାସ୍ତା, ସେତୁ ଓ କୋଠାବାଡ଼ି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ବିଭାଗର ଗୁରୁଦାୟିତ୍ୱ। ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଡିଭିଜନଗୁଡ଼ିକ ବିଭାଗକୁ ଦେଉଥିବା ସମୟସୀମା ଉପରେ ଧ୍ୟାନଦେବା ଜରୁରୀ। ଏଣୁ ବିଭିନ୍ନ ପ୍ରକଳ୍ପ ପାଇଁ ଦିଆ ଯାଇଥିବା ଅନୁଦାନ ରାଶି ଧାର୍ଯ୍ୟ ସମୟରେ ଖର୍ଚ୍ଚ ହେବା ଜରୁରୀ। ବିଭାଗ ଦ୍ୱାରା ଡିଭିଜନଗୁଡ଼ିକୁ ପ୍ରଥମ ତ୍ରୈମାସିକରେ ୩୦% ଓ ଦ୍ୱିତୀୟ ତ୍ରୈମାସିକ ପାଇଁ ୨୦% ବଜେଟ ପ୍ରଦାନ କରାଯାଇଛି। ବରଗଡ଼, କୋରାପୁଟ, ଜଗତ୍‌ସିଂହପୁର ଓ ବାଲେଶ୍ୱର ଭଳି ଡିଭିଜନରେ ତ୍ରୈମାସିକ ବ୍ୟୟ ଖୁବ୍ ସନ୍ତୋଷଜନକ ରହିଛି। ଅନ୍ୟ କେତେକ ଡିଭିଜନରେ ପ୍ରକଳ୍ପ ପାଇଁ ଦିଆଯାଇ ଥିବା ଅର୍ଥ ବିନିଯୋଗ ସନ୍ତୋଷଜନକ ହୋଇ ନ ଥିବାରୁ ସିଂହ ବିଭାଗୀୟ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ ଡିଭିଜନ ଅନ୍ୟୁନ ୩୦ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିବା ସହ ଅଗଷ୍ଟରେ ସମସ୍ତ ଡିଭିଜନ ସର୍ବନିମ୍ନ ୮ କୋଟି ଟଙ୍କା ଖର୍ଚ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଶତ ପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ସମସ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରଖିବାକୁ ସେ କହିଛନ୍ତି। ବିଗତ ବର୍ଷରେ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ଯୋଜନା ଓ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ୬୦ଟି ଡିଭିଜନ ଏବଂ ୧୩ଟି ଇଞ୍ଜିନିୟରିଂ ସର୍କଲ ସଂସ୍ଥାର ମୁଖ୍ୟଯନ୍ତ୍ରୀ ଏବଂ ସର୍ବୋଚ୍ଚ ଯନ୍ତ୍ରୀମାନେ ଆଭାସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

### ବିଭାଗୀୟ ଅଧିକାରୀଙ୍କୁ ସଚିବଙ୍କ ନିର୍ଦ୍ଦେଶ

# ଫାଟୁସିନେରିରେ ଓଡ଼ିଶା, ଆନ୍ଧ୍ର ପ୍ରଶାସନର ସମାନ୍ତରାଳ କାର୍ଯ୍ୟକ୍ରମ



ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଚାଉଳ ବଣ୍ଟନ କରାଯାଉଛି।



ଆନ୍ଧ୍ର ପକ୍ଷରୁ ଜଣେ ଗ୍ରାମବାସୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ପଟ୍ଟାଙ୍ଗି, ୨୭।୭(ଶରତ ଧଳ)**

ଓଡ଼ିଶା ଏବଂ ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ ଗୁରୁବାର କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମରେ ପହଞ୍ଚି ସମାନ୍ତରାଳ ଭାବେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଥିଲା। ଉଭୟ ରାଜ୍ୟର କର୍ମଚାରୀମାନେ ଗ୍ରାମବାସୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଆନ୍ଧ୍ରର କାର୍ଯ୍ୟକୁ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ବିରୋଧ କରିଥିଲେ। ଏପରି କିଛି ଦୃଶ୍ୟ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ଉପରୋକ୍ତ ଗ୍ରାମରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡ଼ିଛି, ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ଫାଟୁସିନେରି ଗ୍ରାମରେ ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ନୂତନ ପ୍ରାଥମିକ ବିଦ୍ୟାଳୟରେ ଭଡ଼ା ଟଙ୍କା ବଣ୍ଟନ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ଆଶାବାଡ଼ି ଓ ଚାଉଳ ପ୍ରଦାନ କରିଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଏଇ ବିଶ୍ୱନାଥ ମାଦଲି, ଏପିଓ ସୌମେନ୍ଦ୍ର ନାୟକ, ବିଏସ୍ଏସ୍ ଓ ସୁଧୀର ସାହୁ, ପିଇଓ କଣ୍ଡା ଗୋଲରି, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ପ୍ରତୀକ୍ଷା ଗୌଡ ପ୍ରମୁଖ ଅଧିକାରୀମାନେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ।

ଅନ୍ୟପକ୍ଷରେ ଏହି ସମୟରେ ଏହି ଗ୍ରାମରେ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନର ସାଲୁର ବ୍ଲକ ପ୍ରଶାସନର କର୍ମଚାରୀ ଓ ସରପଞ୍ଚ ସେଦା ରାପୋ କାମି ଏକ ଚର୍ଚ୍ଚ ଘରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଠାରେ ସେମାନେ କେତେଜଣ ଗ୍ରାମବାସୀଙ୍କୁ ନିଜ ରାଜ୍ୟର ଜଗନ୍ ଆନ୍ନା ସୁରକ୍ଷା ଯୋଜନା ସମ୍ପର୍କରେ ବୁଝାଇ ୨୩୩ ଜଣ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆନ୍ଧ୍ରର ପିଓ ଆଇଟିଡିଏ ସି.ବିଷ୍ଣୁ ଚରଣଙ୍କୁ ମାଡକାର ଗ୍ରାମରେ ଜିଲା ପରିଷଦ ଅଧ୍ୟକ୍ଷା ମେଲକା, ପଟ୍ଟାଙ୍ଗି ଜୋନ -୨ ଜିଲା ପରିଷଦ ସଭ୍ୟ ଲଇଚନ ଖରାଙ୍କ ସମେତ କେତେଜଣ ବିଜେଡି କର୍ମୀ ଅଟକାଇ ବିରୋଧ କରିଥିଲେ। ସେମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଉକ୍ତ ଗ୍ରାମରେ ଅନୁପ୍ରବେଶ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ଆନ୍ଧ୍ର ଗୋ ବ୍ୟାକ୍ କହି ବିରୋଧ କରିଥିଲେ। ତେବେ ଓଡ଼ିଶାର ଏହି କାର୍ଯ୍ୟକ୍ରମରେ ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲଙ୍କୁ ଅଣଦେଖା କରି ଉପରୋକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପଟ୍ଟାଙ୍ଗି ବ୍ଲକ ପ୍ରଶାସନର କାର୍ଯ୍ୟକ୍ରମରେ ଫାଟୁସିନେରି, ମାଡକାର , ହରମାଣ୍ଡାଙ୍ଗି, ଫଗୁଣସିନେରି ଓ ପାନୁକୁବାଲସା ଗ୍ରାମର ୫୦ ଜଣଙ୍କୁ ନୂତନ ପେନ୍‌ସନ ସହ ବସ୍‌ପାସ୍ ଓ ଅନ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ମୋବାଇଲ ମେସେଜ୍ ନ ପାଇ ଧାନ ବିକି ପାରିଲେନି ୩ ଚାଷୀ

### ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୭।୭ (କାର୍ତ୍ତିକ ସାହୁ)**

ସରକାରୀ ମଣ୍ଡିରେ ଧାନ ବିକିବାରୁ ବଞ୍ଚିତ ହୋଇଥିବା ସୁବର୍ଣ୍ଣପୁର ଜିଲାର ୩ ଜଣ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ସେମାନଙ୍କ ଆବେଦନର ଶୁଣାଣି କରି ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବରଘାଟଦାଦର ବାସିନ୍ଦା ଶାନ୍ତନୁ ମହାକୁର, ପ୍ରଫୁଲ୍ଲ ଝାଙ୍କର ଓ ରାଧେଶ୍ୟାମ ମହାକୁରଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ରାଜ୍ୟ ସରକାରଙ୍କ ନିୟମାନୁସାରେ ନିଜ ଜମିରୁ ଅମଳ ହୋଇଥିବା ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ ପୋର୍ଟାଲରେ ପଞ୍ଜୀକରଣ କରିଥିଲେ। ଏହାପରେ ଚାଷୀଙ୍କ ମୋବାଇଲ୍‌କୁ ଧାନ ବିକ୍ରି ପାଇଁ ମେସେଜ ଆସିବାର ବ୍ୟବସ୍ଥା ରହିଛି। ହେଲେ ଏହି ଚାଷୀମାନଙ୍କ ମୋବାଇଲ୍‌କୁ ଧାନ ବିକ୍ରି ନେଇ କୌଣସି ମେସେଜ ଆସି ନ ଥିଲା। ଫଳରେ ସେମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିଲେ। ସେମାନେ ଧାନ ବିକ୍ରି ପାଇଁ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି ସେମାନଙ୍କ କଥା ଶୁଣି ନ ଥିଲେ। ଏହାଦ୍ୱାରା ସେମାନଙ୍କର କ୍ଷତି ହୋଇଛି। ଏନେଇ ଆବେଦନକାରୀମାନେ ଗତ ଜୁନ୍ ୯ରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏ ନେଇ କୌଣସି ସୁଫଳ ନ ମିଳିବାରୁ ଗତ ୧୧ ତାରିଖରେ ସେମାନେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରି ନ୍ୟାୟ ଆବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ସୁବର୍ଣ୍ଣପୁର ଜିଲାପାଳ ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ସହସ୍ରାଂଶୁ ସୌରଭ ମାମଲା ପରିଚାଳନା କରୁଛନ୍ତି।

# ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶ ଉପରୁ ଅଙ୍କୁଶ ହଟିଲା

### ଗୋଟିଏ ପଦବୀ ସଂରକ୍ଷିତ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୭।୭ (କାର୍ତ୍ତିକ ସାହୁ)**

ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୧ର ଫଳ ପ୍ରକାଶ ନେଇ ପୂର୍ବରୁ ରହିଥିବା ହାଇକୋର୍ଟଙ୍କ ଅଙ୍କୁଶ ହଟିଛି। ଆବେଦନକାରୀ ଦିବ୍ୟାଙ୍ଗଙ୍କ ମାମଲା ଫଇସଲା ହେବା ପର୍ଯ୍ୟନ୍ତ ଗୋଟିଏ ପଦ ସଂରକ୍ଷିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଖଣ୍ଡପୀଠ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି)ର ମଧ୍ୟବର୍ତ୍ତିକାଳୀନ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ହାଇକୋର୍ଟଙ୍କ ବିନା ଅନୁମତିରେ ସିଭିଲ ସର୍ଭିସ୍ ପରୀକ୍ଷା ନିଯୁକ୍ତି ପ୍ରକ୍ରିୟାର ଫଳାଫଳ ପ୍ରକାଶ କରାଯିବ ନାହିଁ ବୋଲି ୨୦୨୩ ଜୁଲାଇ ୨୧ରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଏହି ପରୀକ୍ଷା ସଂକ୍ରାନ୍ତରେ ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ହାଇକୋର୍ଟ ସମଗ୍ର ସିଭିଲ ସର୍ଭିସ୍ ପରୀକ୍ଷାଫଳ ଉପରେ କଟକଣା ଲଗାଇଥିଲେ। ହାଇକୋର୍ଟଙ୍କ ଜୁଲାଇ ୨୧ ଅନ୍ତରୀଣ ନିର୍ଦ୍ଦେଶରେ ପରିବର୍ତ୍ତନ ପାଇଁ ଓପିଏସ୍‌ସି ପକ୍ଷରୁ ଏକ ମଧ୍ୟବର୍ତ୍ତିକାଳୀନ ଆବେଦନ ଦାୟର କରାଯାଇଥିଲା। ଜଣେ ପ୍ରାର୍ଥୀଙ୍କ ବିବାଦକୁ ନେଇ ଦାୟର ମାମଲାରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ଫଳ ପ୍ରକାଶ ଉପରେ ଅଙ୍କୁଶ ଜାରି କରାଯିବା ଫଳରେ ଅନ୍ୟ ପ୍ରାର୍ଥୀମାନେ ପ୍ରଭାବିତ ହେବେ ବୋଲି ଆବେଦନରେ ଦର୍ଶାଯାଇଥିଲା। ହାଇକୋର୍ଟ ଓପିଏସ୍‌ସି ଆବେଦନର ଶୁଣାଣି କରି ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି। ଗୋଟିଏ ପଦବୀ ସଂରକ୍ଷିତ ରଖିବାକୁ ଓପିଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦବୀରେ ହାଇକୋର୍ଟଙ୍କ ବିନା ଅନୁମତିରେ ନିଯୁକ୍ତି ଦିଆଯିବ ନାହିଁ। ବିଚାରାଧୀନ ମାମଲାର ଫଳାଫଳ ଉପରେ ଏହି ପ୍ରସଙ୍ଗ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଓପିଏସ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଲୋକକଳା କଳାକାର

**ଭୁବନେଶ୍ୱର,୨୭।୭( ଶର୍ମିଷ୍ଠା ପାଣିଗ୍ରାହୀ)**

ପାରମ୍ପରିକ ଲୋକକଳା କଳାକାରମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ସମସ୍ତ ଜିଲାର ଲୋକକଳା କଳାକାରମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ନବୀନ ନିବାସରେ ପହଞ୍ଚିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିଥିବାରୁ ଧନ୍ୟବାଦ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି କଳାକାରମାନଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରତ୍ୟେକ ଜିଲା କଳାକାର ସଂଗଠନର କର୍ମକର୍ତ୍ତାମାନେ ସମସ୍ତ ବ୍ଲକରେ ମଣ୍ଡଳ ସଂସ୍କୃତି ଭବନ ନିର୍ମାଣ, ସଂସ୍କୃତି ବିଭାଗ ଦ୍ୱାରା ଲୋକକଳା ସଂଘକୁ ଦୃଢ଼ୀକରଣ ଏବଂ ତାଲିକାଭୁକ୍ତ ସମସ୍ତ ଲୋକକଳାର ପ୍ରଚାର ପ୍ରସାର ନେଇ ପଦକ୍ଷେପ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-09/2023-24
Memo No -1421 Dt.20.07.2023
No.B-547:The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Electrical work as detailed in the table below:
1. Nature of Work : Electrical Work
2. No. of Work : 1 No.
3. Tender Cost : Rs.10000.00 (On-line)
4. Class of Contractor : MV/HT Class Contractor
5. Available of Bid document in the Website : From 10.00 AM of Dt.29.07.2023 upto 05.00 PM of Dt.10.07.2023 upto 5.00 P.M.
6. Date of opening of Bid : Dt.11.07.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.
Sd./- Chief Construction Engineer
Khordha (R&B) Circle, Khordha
OIPR-34127/11/0012/2324

ADVERTISEMENT
RECRUITMENT FOR THE POST OF PROJECT FELLOW AT SCB DENTAL COLLEGE AND HOSPITAL, CUTTACK IN SPONSORED PROJECT BY THE SCIENCE AND TECHNOLOGY DEPARTMENT (DST) GOVT. OF ODISHA
No. E-285: Applications are invited from eligible candidates for the post of **Project fellow** on purely temporary basis to work at department of Oral & Maxillofacial Pathology, SCB Dental College & Hospital, Cuttack with regards to project sponsored by Science & Technology Department (DST), Govt. of Odisha.
For details of Advertisement terms & conditions etc., visit the website **www.dmetorissa.gov.in, www.scbdental.nic.in** in ADVERTISEMENT Section.
Sd./- Principal
S.C.B. Dental College & Hospital, Cuttack
OIPR-10027/11/0002/2324

# କୁତ୍ସିତ ପ୍ରଥା ବନ୍ଦ କର: ମହିଳା କମିଶନ ଅଧ୍ୟକ୍ଷା

### ପ୍ରଥମେ ମହିଳା ଯାତ୍ରୀଙ୍କୁ ଉଠାଉନାହାନ୍ତି ବସ୍

ଭୁବନେଶ୍ୱର, ୨୭।୭(ଅନିଲ ଦାସ)- ପୁରୁଷଙ୍କଠାରୁ ମହିଳା କୌଣସି ଗୁଣରେ କମ୍ ନୁହନ୍ତି। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରୁଛନ୍ତି। ସେମାନଙ୍କୁ ସମାନ ଅଧିକାର ଦେବା ଲାଗି ବିଭିନ୍ନ ସମୟରେ ଦାବି ମଧ୍ୟ ଉଠୁଛି। ହେଲେ ଏବେ ବି ମହିଳା ବିରୋଧୀ ଅନେକ କୁତ୍ସିତ ପ୍ରଥା ପ୍ରଚଳିତ। ବସ୍‌ଯାତ୍ରା ଆରମ୍ଭ ବେଳେ ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ଗାଡ଼ି ଭିତରକୁ ପ୍ରବେଶ ପାଇଁ ଅନୁମତି ନ ମିଳିବା ସେଥିରୁ ଗୋଟିଏ। ତେବେ ଏହାକୁ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

ନିକଟରେ ଜଣେ ମହିଳା ଯାତ୍ରୀ ଭୁବନେଶ୍ୱର ବରମୁଣ୍ଡାରୁ ମାଲକାନଗିରି ଯିବାକୁ ଚାହୁଁଥିଲେ। ତେବେ ସେ ବସ୍‌ରେ ଚଢ଼ିବା ବେଳକୁ କଣ୍ଡକ୍ଟର ବାରଣ କରିଥିଲେ। ବସ୍‌ରେ ପ୍ରଥମେ ପୁରୁଷ ଯାତ୍ରୀ ଉଠି ନ ଥିବାରୁ ତାଙ୍କୁ ଏଥିଲାଗି ଅନୁମତି ମିଳି ନ ଥିଲା। ଏ ସଂକ୍ରାନ୍ତରେ ଜଣେ ସାମାଜିକ କର୍ମୀ ରାଜ୍ୟ ମହିଳା କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନ ତାଙ୍କ ପିଟିଶନକୁ ଗ୍ରହଣ କରିବା ସହ ଏଭଳି ପ୍ରଥା ବନ୍ଦ କରିବାକୁ ପରିବହନ ବିଭାଗକୁ ଚିଠି କରିଥିଲେ। ବସ୍‌ରେ ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ ପରି କୁତ୍ସିତ ପ୍ରଥା ଉଚ୍ଛେଦ ହେଉ। ସେମାନଙ୍କ ନିରାପତ୍ତା ଓ ସମ୍ମାନକୁ ସୁରକ୍ଷା ମିଳୁ। ସରକାରୀ ଓ ଘରୋଇ ବସ୍‌ରେ ପ୍ରଥମ ଯାତ୍ରୀ ଭାବେ ଚଢ଼ିବାକୁ ସେମାନଙ୍କୁ ଅନୁମତି ମିଳୁ ବୋଲି ରାଜ୍ୟ କମିଶନ ଅଧ୍ୟକ୍ଷା ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ବସ୍‌ରେ ମହିଳା ଯାତ୍ରୀଙ୍କ ପାଇଁ ସିଟ୍ ସଂଖ୍ୟା ୫୦% ବଢ଼ାଇବା ଲାଗି ପ୍ରସ୍ତାବ ଦେଇଛନ୍ତି। ମହିଳାଙ୍କ ପାଇଁ ଉପଲବ୍ଧ ସୁବିଧା ସମ୍ପର୍କରେ ଆକସ୍ମିକ ଯାଞ୍ଚ କରାଯିବ ବୋଲି ରାଜ୍ୟ କମିଶନ ଅଧ୍ୟକ୍ଷା କହିଛନ୍ତି। ଉଲ୍ଲେଖଯୋଗ୍ୟ, ବସ୍‌ରେ ମହିଳାଙ୍କୁ ପ୍ରଥମ ଯାତ୍ରୀ ଭାବେ ଗ୍ରହଣ ନ କରିବା ଭଳି ମାନସିକତା ବିଷୟରେ ହୁଏତ ଅନେକେ ଅବଗତ ନ ଥିବେ। କିନ୍ତୁ ବସ୍ କର୍ମଚାରୀ ବିଶେଷ କରି କଣ୍ଡକ୍ଟରମାନେ ଏଭଳି ଅନ୍ଧବିଶ୍ୱାସକୁ ଅଲିଖିତ ନିୟମ ଭାବେ ପାଳନ କରିଥାନ୍ତି। ସେଥିପାଇଁ ଅନେକ ସମୟରେ ମହିଳାଙ୍କୁ ଅପମାନିତ ହେବାକୁ ପଡ଼ୁଛି।

ଏ ନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ପ୍ରକୃତରେ କହିବାକୁ ଗଲେ ମହିଳାମାନେ ହେଉଛନ୍ତି ଲକ୍ଷ୍ମୀ। ଜଣେ ଲୋକ ଘରୁ ବାହାରିଲା ବେଳେ ତା' ମାଆଙ୍କୁ ଜୁହାର ହୋଇ ଆସୁଛି। ତେଣୁ ମହିଳାଙ୍କୁ କିଏ କାହିଁକି ଅଟକାଇବ। ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ କେତେକ ଗାଡ଼ି ଏମିତି କରିଥାଇପାରନ୍ତି। କିନ୍ତୁ ସବୁ ଗାଡ଼ି ଏମିତି କରୁନାହାନ୍ତି ବୋଲି ସେ କହିଛନ୍ତି।

Government of Odisha "e" Procurement Notice
WORKS DEPARTMENT
No. B-548
Bid Identification No. C.C.E.K.C., Keonjhar No. 17/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 3638 Dt. 17.07.2023
1. No. of the Work : 2 Number Road Works
2. Estimated Cost : Rs.102.83 lakhs to Rs.458.83 Lakhs
3. Class of Contractor : "B" Class & "A" Class
4. Period of Completion : 06 (Six) Calendar Months to 11 (Eleven) Calendar Months
5. Date and time of availability of Bid document in the Portal : From 11.30 hours of 29.07.2023 to 16.00 hours of 14.08.2023
6. Last date/time for receipt of bids in the Portal : 16.00 hours of 14.08.2023
7. Date of Opening of Bid from Portal : 11.30 hours on 16.08.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001
Further details can be seen from the e-procurement portal "**http://tendersodisha.gov.in**".
Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0031/2324

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523
INVITATIONS FOR BIDS (IFB)
File No. B-I-Home (Jud.)-78/2022-30549 / Bhubaneswar, the 25th July, 2023
Invitation for Bids
1st Corrigendum
**Tender Reference No. OSD C.E. (B) - 14/2023-24**
**Name of the Work: Construction of District Court Building (G+3) at Phulabani**
No. B-552: The following changes have been made in Bid Identification No. **OSD C.E. (B) - 14/2023-24**.
1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in**, during the period from **Dt.09.08.2023 to 17.00 hours of Dt.23.08.2023** instead of **Dt.25.07.2023 to Dt.16.08.2023** for ONLINE BIDDING respectively.
2. **Online** bids shall be received **till 17.00 hours of Dt.23.08.2023** instead of **Dt.16.08.2023**.
3. The technical bids will be opened at **11.30 A.M. of Dt.24.08.2023** instead of **Dt.17.08.2023**.
All other terms and conditions remain unchanged.
Sd./- OSD C.E. (Buildings)
Odisha, Bhubaneswar
OIPR-34117/11/0033/2324

# ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ଗଡକରୀଙ୍କ ସହ ଆଲୋଚନାକଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଓଡ଼ିଶାରେ କ୍ରିୟାନ୍ୱୟନ ହେଉଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ଏବଂ ନିର୍ମାଣ କାର୍ଯ୍ୟ ନେଇ ଉଭୟ ମନ୍ତ୍ରୀ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ବୈଠକ ପରେ ଧର୍ମେନ୍ଦ୍ର କହିଛନ୍ତି, ଗଡ଼କରୀଙ୍କ ସହ କଟକ-ସମ୍ବଲପୁର ଜାତୀୟ ରାଜପଥର ଅଗ୍ରଗତି ନେଇ ଆଲୋଚନା ହୋଇଛି। କୋଷ୍ଟାଲ ହାଇୱେ, ସମ୍ବଲପୁର ରିଙ୍ଗ୍‌ରୋଡ, କ୍ୟାପିଟାଲ ରିଙ୍ଗ୍ ରୋଡ୍ କାର୍ଯ୍ୟର ଅଗ୍ରଗତି ଏବଂ ନିର୍ମାଣ କାର୍ଯ୍ୟ ନେଇ ସମୀକ୍ଷା ହୋଇଛି। ସେହିପରି ଢେଙ୍କାନାଳ ଜିଲାର ଭୁବନ ଓ କାମାକ୍ଷାନଗର ଦେଇ ଯାଇଥିବା ଡୁବୁରିରୁ ବହ୍ଲର ଛକ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥ, ଗୋଡ଼ିବନ୍ଧରୁ ବଅଁରପାଳ ପର୍ଯ୍ୟନ୍ତ ରାଜପଥର ପ୍ରଶସ୍ତୀକରଣ ସମେତ ଅନ୍ୟାନ୍ୟ ପ୍ରକଳ୍ପ ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା କରାଯାଇଛି। ଏହିସବୁ ରାଜପଥ ପ୍ରକଳ୍ପଗୁଡ଼ିକର ପରିବେଶ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା, ଆଲାଇନମେଣ୍ଟ ଏବଂ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ କଳ୍ପନାରେ ଓଡ଼ିଶାରେ ସଡ଼କପଥ ଭିତ୍ତିଭୂମିକୁ ମଜଭୁତ କରାଯାଉଛି। କେନ୍ଦ୍ର ସରକାରଙ୍କ ଏନ୍‌ଏଚ୍‌ଏଆଇ ଦ୍ୱାରା ଓଡ଼ିଶାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଲୋଚନା ହୋଇଥିବା ସବୁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଗଡକରୀ ଆଶ୍ୱସ୍ତ କରିଥିବା ଧର୍ମେନ୍ଦ୍ର କହିଛନ୍ତି। ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସମେତ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



GOVERNMENT OF ODISHA No.A-379:
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN, AT/PO:- LAXMIPOSI, DIST:-MAYURBHANJ
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 09/ 23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A.Raising and strengthening of Sartha right saline embankment. |
| | | B. Construction of Haripur Distributary from RD 7550 m to RD 12000 m with its all minors and sub-minors including all structures, CC lining and service road. |
| | | C. Construction of Minor & Sub-Minors directly off-taking from Raghunathpur Distributary between RD 9300 m to RD 10220 m including all structure, CC lining and service road. |
| 2 | Estimated Cost | A.Rs.2565.84 Lakh |
| | | B.Rs.4012.99 Lakh |
| | | C.Rs.1940.50Lakh |
| 3 | Bid Security/ E.M.D. | A.Rs.25,65,900/-, B.Rs.40,13,000/- C.Rs.19,40,500/- |
| 4 | Period of Completion | 24 (Twenty Four) Calendar Months |
| 5 | Class of Contractor | For A. and B. -"Special" Class and "Super" Class C.- "A" Class and "Special" Class |
| e | Date & Time of availability of bid document in the portal | 31. 07.2023 at 10.00 AM |
| 7 | Last date/time for receipt of bid in the portal | 28.08.2023 up to 5.00 PM |
| 8 | Date & time for Pre-Bid Conference | For Sl.No. 1 A & 1 B.:-17.08.2023 at 11.00 AM |
| 9 | Date of opening of bid | 29.08.23 at 11:00 A.M. |
| 10 | Name & Address of the O.I. T | Chief Engineer & Basin Manager, O/O the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".
Sd./-Chief Engineer & Basin Manager
Subarnarekha & Budhabalanga Basin, Laxmiposi, Mayurbhanj
OIPR-32074/11/0020/2324

WORKS DEPARTMENT
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
No. B-550 E-Mail Id -eepwdrkl@gmail.com
Government of Orissa
"e" Procurement Notice
Bid Identification No. 31/2023-2024 Dated: 21.07.2023
1. Number of Works : 03 (Three) number of works
2. Estimated Cost : Rs.23.87 Lakhs to 24.61 Lakhs
3. Period of Completion : 3 (Three) Calendar Months
4. Date & time of availability of bid document in the Portal : Dt.01.08.2023 at 11.00 A.M.
5. Last date/time for receipt of bids in the Portal : Dt.10.08.2023 upto 05.00 P.M.
6. Date of opening of Bid : Dt.11.08.2023 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar
Further details can be seen from the e-procurement portal **http//tendersorissa.gov.in**.
Sd./- Superintending Engineer
Rourkela (R&B) Division, Rourkela
OIPR-34068/11/0010/2324

See Career Appointment on every Wednesday & Saturday

# ଦିନକରେ ୩୫,୦୦୦ କୋଟି ହରାଇଲେ ନିବେଶକ

**ନୂଆଦିଲ୍ଲୀ,୨୭।୭ (ଅଭୟ ଦାଶ)**



ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଉଛନ୍ତି। ଏପରିକି ଗୁରୁବାର ବଜାର କାରବାର ଶେଷ ସୁଦ୍ଧା ନିବେଶକ ପ୍ରାୟ ୩୫,୦୦୦ କୋଟି ଟଙ୍କା ହରାଇଛନ୍ତି। ବିଶେଷକରି ବିଏସ୍ଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ଜୁଲାଇ ୨୭ରେ ୩୦୩.୯୫ ଲକ୍ଷ କୋଟି ଟଙ୍କାରେ ରହିଛି। ଏହା ପୂର୍ବ କାରବାର ଦିନ (ବୁଧବାର) ବିଏସ୍ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ୩୦୩.୬୦ ଲକ୍ଷ କୋଟି ଟଙ୍କା ଥିଲା। ସେହିଭଳି ଶେୟାର ବଜାର ୨ ପ୍ରମୁଖ ସୂଚକାଙ୍କ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟିରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ଜୁଲାଇ ୨୭ରେ ସେନ୍‌ସେକ୍ସ ୪୪୦ ପଏଣ୍ଟ ହ୍ରାସ ଘଟିଥିବାବେଳେ ନିଫ୍ଟି-୫୦ରେ ମଧ୍ୟ ୧୧୮ ପଏଣ୍ଟ କମିଛି। ତେବେ ବିଏସ୍ଇ ମିଡକ୍ୟାପ୍ ଶେୟାରଗୁଡିକରେ ବୃଦ୍ଧି ଯୋଗୁ ନିବେଶକମାନେ କିଛି ପରିମାଣରେ ଆଶ୍ୱସ୍ତି ଲାଭ କରିଛନ୍ତି। ଏପରିକି ବିଏସ୍ଇର ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ଯଥାକ୍ରମେ ୦.୪୮% ଏବଂ ୦.୦୭% ବୃଦ୍ଧି ସହ କାରବାର ବନ୍ଦ କରିଥିବାବେଳେ ସେକ୍ଟୋରଲ ଇଣ୍ଡେକ୍ସରେ ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ବ୍ୟାଙ୍କିଙ୍ଗ୍ ଏବଂ ଏନର୍ଜି ଆଦି ଶେୟାରଗୁଡ଼ିକରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ଫାର୍ମା ଏବଂ ରିୟଲ୍ଟି କ୍ଷେତ୍ରର ଶେୟାରଗୁଡିକରେ ଭଲ ବୃଦ୍ଧି ଦେଖିବାକୁ ମିଳିଛି।

## ଖସିଲା ଶେୟାର ବଜାର କାରବାର

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୪୪୦(୪୪୦.୩୮) ପଏଣ୍ଟ କମି ୬୬,୨୬୭ (୬୬,୨୬୬.୮୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୮ (୧୧୮.୪୦) ପଏଣ୍ଟ ହ୍ରାସ ଘଟି ୧୯,୬୬୦(୧୯,୬୫୯.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ସୁଧ ହାର ବଢ଼ାଇଲା ଫେଡେରାଲ ରିଜର୍ଭ

**ନୂଆଦିଲ୍ଲୀ,୨୭।୭**

ବିଗତ କିଛି ମାସ ହେବ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାରରେ ପରିବର୍ତ୍ତନ କରୁଛି। ଫଳରେ ବିଶ୍ୱ ଅର୍ଥନୀତିରେ ତା'ର ପ୍ରଭାବ ପରିଲକ୍ଷିତ ହୋଇଥାଏ। ଉଲ୍ଲେଖଯୋଗ୍ୟ, ଚଳିତ ଥର ପାଇଁ ଫେଡେରାଲ ରିଜର୍ଭ ଅଫ୍ ଆମେରିକା ସୁଧହାରରେ ପ୍ରାୟ ୨୫ ବିପିଏସ୍ ବଢାଇଛନ୍ତି। ଫଳରେ ଫେଡେରାଲ ରିର୍ଜଭର ସୁଧହାର ୫.୨୫%ରୁ ବଢି ୫.୫୦%ରେ ପହଞ୍ଚିଛି। ସେହିଭଳି ଗତ ୧୨ଟି ବୈଠକରୁ ଏହା ୧୧ତମ ବୃଦ୍ଧି ହୋଇଥିବାବେଳେ ଆମେରିକାରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଲାଗି ଋଣ ଉଧାର ନେବା ଅଧିକ ମହଙ୍ଗା ହୋଇଯିବ ବୋଲି କୁହାଯାଉଛି। ସେହିଭଳି ଭାରତରେ ଯେବେ ରିଜର୍ଭ ବ୍ୟାଙ୍କ ସୁଧହାର ବୃଦ୍ଧି କରିଥାନ୍ତି, ସେତେବେଳେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇଠାରୁ ଉଚ୍ଚ ସୁଧହାରରେ ଋଣ ନେବାକୁ ପଡିଥାଏ।

# କିଶୋର ନୂଆ ମୁଖ୍ୟ ଆୟକର ଆୟୁକ୍ତ

**ଭୁବନେଶ୍ୱର,୨୭।୭**



ଜେ.କ୍ରିଷ୍ଣା କିଶୋର

ଭାରତ ସରକାରଙ୍କ ଅଗ୍ରଣୀ ଏଜେନ୍ସି 'ଆୟକର ବିଭାଗ'ର ମୁଖ୍ୟ ଆୟକର ଆୟୁକ୍ତ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜେ.କ୍ରିଷ୍ଣା କିଶୋରଙ୍କୁ ଗୁରୁବାର ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୧୯୯୦ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ) ଅଧିକାରୀ ଜେ.କ୍ରିଷ୍ଣା କିଶୋରଙ୍କୁ ମୁଖ୍ୟ ଆୟକର ଆୟୁକ୍ତ ଭାବେ ନିକଟରେ ପଦୋନ୍ନତି ମିଳିଛି। ବର୍ତ୍ତମାନ କିଶୋର ଆୟକର ବିଭାଗ ଓଡ଼ିଶା ପ୍ରାନ୍ତର ତଦନ୍ତ ନିର୍ଦ୍ଦେଶାଳୟରେ ପ୍ରମୁଖ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ସେହିଭଳି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା କେନ୍ଦ୍ର ପ୍ରତ୍ୟକ୍ଷ ଟିକସ ବୋର୍ଡ ପକ୍ଷରୁ କିଶୋରଙ୍କ ପଦୋନ୍ନତି ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ ଜେ.କ୍ରିଷ୍ଣା କିଶୋରଙ୍କର ଆୟକର କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ରହିଛି। କିଶୋର ଦକ୍ଷ ଓ ସଚ୍ଚୋଟ ଅଧିକାରୀ ଭାବେ ବେଶ୍ ଜଣାଶୁଣା। ଏପରିକି ଓଡ଼ିଶା ପ୍ରାନ୍ତରେ କିଶୋରଙ୍କର କାର୍ଯ୍ୟକାଳ ସମୟରେ ଆୟକର ତଦନ୍ତ ନିର୍ଦ୍ଦେଶାଳୟ ସବୁ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ତାଙ୍କ ତତ୍ତ୍ୱାବଧାନରେ ସବୁଠୁ ଅଧିକ ନଗଦ ଟଙ୍କା ଜବତ କରାଯିବା ସହ ସର୍ବାଧିକ ଗୋପନୀୟ ଆୟ ଠାବ କରାଯିବା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିଛି।

# ପ୍ରଥମ ତ୍ରୈମାସରେ ୫୯,୪୯୦ କୋଟିର ରାଜସ୍ୱ

**ଭୁବନେଶ୍ୱର,୨୭।୭**

TATA STEEL

ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୩ ଜୁନ୍ ୩୦ସୁଦ୍ଧା ଶେଷ ପ୍ରଥମ ତ୍ରୈମାସିକର ଆର୍ଥିକ ଫଳାଫଳକୁ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ କମ୍ପାନୀ ୫୯,୪୯୦ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ଏହି ସମୟରେ କମ୍ପାନୀର ଇବିଆଇଟିଡିଏ ୬,୧୨୨ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ୧୦% ରହିଛି। ଟିକସ ପରବର୍ତ୍ତୀ ଲାଭ ୫୩୫ କୋଟି ଟଙ୍କା ରହିଛି। ବ୍ରିଟିଶ ଷ୍ଟିଲ୍ ପେନ୍‌ସନ ସ୍କିମ୍ ପ୍ରଭାବରେ ଲାଭ କିଛିଟା ପ୍ରଭାବିତ ହୋଇଛି। କିନ୍ତୁ ଏହା ଦ୍ୱାରା ଟାଟା ଷ୍ଟିଲ୍ ୟୁକେ ପ୍ରତି ରହିଥିବା ବିପଦ ଦୂର ହୋଇଛି। ଭାରତରେ କମ୍ପାନୀର ରାଜସ୍ୱ ୩୪,୯୦୧ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୭,୫୧୪ କୋଟି ଟଙ୍କା ହୋଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ କହିଛନ୍ତି, ବିଶ୍ୱ ଅର୍ଥନୈତିକ ସୁଧାରରେ ଅସ୍ଥିରତା ଲାଗି ରହିଥିଲା ଯାହାର ପ୍ରଭାବରେ ଇସ୍ପାତ ଭଳି ସାମଗ୍ରୀର ମୂଲ୍ୟ ପ୍ରଭାବିତ ହୋଇଥିଲା। ବିଶେଷକରି ଭାରତରେ ଇସ୍ପାତ ଚାହିଦା ବର୍ଷକୁ ବର୍ଷ ଭିତ୍ତିରେ ୧୦% ବଢ଼ିଥିଲା। ମାତ୍ର ବିଶ୍ୱ ବଜାର ପ୍ରଭାବ ଅନୁସାରେ ଇସ୍ପାତର ସ୍ପଟ୍ ମୂଲ୍ୟ ହ୍ରାସ ପାଇଥିଲା। ଭାରତରେ ଟାଟା ଷ୍ଟିଲ୍‌ର ଅଶୋଧିତ ଇସ୍ପାତ ଉତ୍ପାଦନ ୫ ନିୟୁତ ଟନ୍ ହୋଇଛି। ଦେଶ ଭିତରେ ଡେଲିଭରି ଏହି ସମୟରେ ୨୦%ରୁ ଅଧିକ ବୃଦ୍ଧି ପାଇଛି ଯାହା ଭାରତର ଇସ୍ପାତ ବ୍ୟବହାର ତୁଳନାରେ ଅଧିକ। ବ୍ରାଣ୍ଡେଡ୍ ଉତ୍ପାଦ ଓ ରିଟେଲ୍ ଏବଂ ଶିଳ୍ପ ଉତ୍ପାଦ ଓ ପ୍ରକଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଯଥାକ୍ରମେ ୩୭% ଓ ୨୪% ଭଳି ଦୃଢ଼ ରହିଛି।

# ଏସ୍‌ପିପିଏଲ୍‌ର ଏମ୍-ପିଏଚ୍‌ୟୁ ଉଦ୍‌ଘାଟିତ

**ଭୁବନେଶ୍ୱର,୨୭।୭**



ରାଜ୍ୟର ପ୍ରମୁଖ ଘରୋଇ ବନ୍ଦର ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ନିକଟରେ ଏକ ମୋବାଇଲ ପବ୍ଲିକ ହେଲ୍‌ଥ ୟୁନିଟ୍ (ଏମ୍-ପିଏଚ୍‌ୟୁ)ର ଶୁଭାରମ୍ଭ କରାଯାଇଛି। ବିଶେଷକରି ବାଲେଶ୍ୱର ଜିଲାର ବାଲିଆପାଳ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସହଜରେ ଉପଲବ୍ଧ କରାଇବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ସହଭାଗିତାରେ ଏସ୍‌ପିପିଏଲ୍ ଉକ୍ତ ଏମ୍-ପିଏଚ୍‌ୟୁକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ.ସନ୍ତୋଷ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପିପିଏଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଓ ଏସ୍‌ପିପିଏଲ୍‌ର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ବାଲିଆପାଳ ବ୍ଲକର ମୋଟ ୧୦ ଗ୍ରାମପଞ୍ଚାୟତ ସହିତ ୨୮ ଗ୍ରାମରେ ବ୍ୟାପକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଏଭଳି ଏକ ଅଭିନବ ବ୍ୟବସ୍ଥା କରାଯାଇଛି। ଏହି ୟୁନିଟ୍ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟଗତ ସଚେତନତା ସୃଷ୍ଟି କରାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବ। ସେହିଭଳି ଉକ୍ତ ସେବା ପାଇଁ କୌଣସି ଆର୍ଥିକ ଦେୟ ଦେବାକୁ ପଡିବ ନାହିଁ। ଏପରିକି ଗ୍ରାମବାସୀଙ୍କ ଆବଶ୍ୟକ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରି ଏହି ୟୁନିଟ୍‌ଟି ମାଗଣା ଔଷଧ ବଣ୍ଟନ କରିବ। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣିବା ଏହି ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ୍‌ର ମୂଳ ଲକ୍ଷ୍ୟ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଜେଏସ୍‌ଏଲ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୭।୭**

JSL JINDAL STAINLESS

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜେଏସ୍‌ଏଲ୍‌ର ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବିଶେଷ କରି ମାକ୍ରୋ-ଅର୍ଥନୈତିକ କାରଣଗୁଡିକ ଦ୍ୱାରା ବିକ୍ରୟ ଏବଂ ବଜାରର ଅସ୍ଥିରତା ସତ୍ତ୍ୱେ କମ୍ପାନୀର ସ୍ୱତନ୍ତ୍ର ବିକ୍ରୟ ପରିମାଣ ୫୪୮,୬୧୩ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୫୪% ଅଭିବୃଦ୍ଧି ହୋଇଛି। ଏପରିକି ପ୍ରଥମ ତ୍ରୈମାସିକରେ କମ୍ପାନୀର ନେଟ୍ ରାଜସ୍ୱ ୧୦,୦୨୭ କୋଟି ଟଙ୍କା ହୋଇଛି, ଯାହାକି ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଏହା ୨୫% ବୃଦ୍ଧି ପାଇଛି। ସେହିପରି କମ୍ପାନୀର ଇବିଆଇଟିଡିଏ ୧,୧୧୮ କୋଟି ଟଙ୍କାରେ ରହିଥିବାବେଳେ ଲାଭ ପରବର୍ତ୍ତୀ ଟିକସ (ପିଏଟି) ପରିମାଣ ୬୬୬ କୋଟି ଟଙ୍କାରେ ରହିଛି। ଏପରିକି ପ୍ରଥମ ତ୍ରୈମାସିକ ପାଇଁ କମ୍ପାନୀର ସର୍ବମୋଟ ଋଣ ୨,୯୫୬ କୋଟି ଟଙ୍କା ରେକର୍ଡ କରାଯାଇଥିଲା ବେଳେ ସର୍ବମୋଟ ଡେବ୍ଟ-ଟୁ-ଇକ୍ୱିଟି ୦.୨ ଅନୁପାତରେ ପହଞ୍ଚିଛି। ଅପରପକ୍ଷରେ କମ୍ପାନୀର ନେଟ୍ ରାଜସ୍ୱ ୨୫% ବୃଦ୍ଧି ପାଇ ୧୦,୧୮୪ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୧,୧୯୨ କୋଟି ଏବଂ ୭୩୮ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ନିକଟରେ ଆମର କ୍ଷମତା ବୃଦ୍ଧି କରିଛୁ। ତେଣୁ ସମ୍ପ୍ରସାରିତ ୟୁନିଟ୍‌ଗୁଡ଼ିକର ସ୍ଥିରତା ଏବଂ ସମନ୍ୱୟ ଉପରେ ବିଶେଷ ଧ୍ୟାନ ଦିଆଯିବ। ଯେଉଁଠାରେ ସମ୍ଭବପର ଏବଂ ଘରୋଇ ବଜାର ଉପରେ ଆମେ ଏକ ତୀକ୍ଷଣ ଧ୍ୟାନ ବଜାୟ ରଖିବୁ।

ଫୁରସତ୍

# ଗୋଟିଏ ଜୀବନ, ଗୋଟିଏ ଯକୃତ୍

**ଡା. ନିତ୍ୟାନନ୍ଦ ସ୍ୱାଇଁ**

ଯକୃତ୍ ବା ଲିଭର ଆମ ଶରୀରର ସବୁଠାରୁ ବଡ଼ ଏବଂ ଅତି ଦରକାରୀ ଅଙ୍ଗ। ଆମ ପେଟ ଭିତରର ଡାହାଣ ପଟେ ଏହି ଅଙ୍ଗଟି ରହିଛି। ଲିଭରକୁ 'ହେପାଟସ୍' ବୋଲି କୁହାଯାଉଥିବାରୁ ଲିଭରର ପ୍ରଦାହକୁ 'ହେପାଟାଇଟିସ୍' ବୋଲି କହନ୍ତି। ଭୂତାଣୁ ବା ଭାଇରସ୍ ସଂକ୍ରମଣ ଯୋଗୁ ପ୍ରଦାହ ହୋଇଥିଲେ ତାକୁ କୁହାଯାଏ ଭାଇରାଲ ହେପାଟାଇଟିସ୍। ହେପାଟାଇଟିସ୍ କରାଉଥିବା ଭୂତାଣୁ ଏକାଧିକ ପ୍ରକାରର, ଯେପରି କି ହେପାଟାଇଟିସ୍ 'ଏ', 'ବି', 'ସି', 'ଡି' ଓ 'ଇ' ଭୂତାଣୁ। ଯେଉଁ ଭୂତାଣୁଟି ପ୍ରଦାହ ଜାତ କରେ ସେହି ଅନୁସାରେ ରୋଗଟିର ନାମକରଣ କରାଯାଏ, ଯଥା- ହେପାଟାଇଟିସ୍ 'ଏ', ହେପାଟାଇଟିସ୍ 'ବି', ହେପାଟାଇଟିସ୍ 'ସି' ଇତ୍ୟାଦି।

ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିନ ହେଉଛି ହେପାଟାଇଟିସ୍ 'ବି' ଭାଇରସ୍ ସଂକ୍ରମଣରୋଧୀ ପ୍ରତିଷେଧକ ଟିକାର ଆବିଷ୍କାରକ ତଥା ନୋବେଲ ବିଜୟୀ ବିଜ୍ଞାନୀ ବାରୁଖ ସାମୁଏଲ ବମ୍‌ବର୍ଗଙ୍କ ଜନ୍ମତିଥି। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ୱାନ୍ ଲାଇଫ୍ ୱାନ୍ ଲିଭର' ଅର୍ଥାତ୍ ଗୋଟିଏ ଜୀବନ, ଗୋଟିଏ ଯକୃତ୍।

## ଆଜି ବିଶ୍ୱ ହେପାଟାଇଟିସ୍ ଦିବସ

ସୁସ୍ଥ ଜୀବନ ପାଇଁ ଯକୃତ୍‌ର ସୁସ୍ଥତା ଅପରିହାର୍ଯ୍ୟ। ଏହା ଆମ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଶରୀର ଭିତରକୁ ପ୍ରବେଶ କରୁଥିବା ବିଷାକ୍ତ ଉପାଦାନଗୁଡିକର ହାନିକାରୀଗୁଡାକୁ ପ୍ରତିହତ କରିଦିଏ। ଶକ୍ତି ସଞ୍ଚୟରେ ସାହାଯ୍ୟ କରେ। ଯକୃତ୍‌ରେ ଅବିରତ ଭଙ୍ଗାଗଢ଼ା କାମ ଚାଲିଥାଏ। ଏହାକୁ 'ଶରୀରର ରୋଷେଇଶାଳା' ବା କିଚେନ୍ ହାଉସ୍ ବୋଲି କହନ୍ତି। କାରଣ ଯକୃତ୍‌ରେ କେତେକ ଖାଦ୍ୟ ଉପାଦାନ ତିଆରି ହୁଏ। ସେହି ଉପାଦାନଗୁଡିକ ରକ୍ତ ମାଧ୍ୟମରେ ଓ ଅନ୍ୟ ପ୍ରକାରରେ ଶରୀରର ବିଭିନ୍ନ ଅଙ୍ଗକୁ ଯୋଗାଇ ଦିଆଯାଏ। କେତେକ ଉପାଦାନ ମଧ୍ୟ ଲିଭର ବା ଯକୃତ୍‌ରେ ତିଆରି ହୋଇ ଭବିଷ୍ୟତରେ ବ୍ୟବହାର ପାଇଁ ସାଇତା ହୁଏ। ବୈଜ୍ଞାନିକମାନେ ହିସାବ କରି କହିଛନ୍ତି ଯେ ଯକୃତ୍ ପାଞ୍ଚଶହରୁ ବେଶି ପ୍ରକାରର କାର୍ଯ୍ୟ କରେ। କେବଳ ଯକୃତରେ ତିଆରି ହୋଇଥାଏ ଏକହଜାରରୁ ବେଶି ସଂଖ୍ୟକ ଏନ୍‌ଜାଇମ୍।

ଯକୃତ୍‌କୁ ଆମେ 'କଲିଜା' ବୋଲି କହୁ। ଇଂଲିଶରେ କହୁ ଲିଭର। ଲିଭ୍‌ର ଅର୍ଥ ହେଉଛି ବଞ୍ଚିବା। ବଞ୍ଚେଇ ରଖିବା ପାଇଁ ଯେଉଁ ଅଙ୍ଗଟି ଅପରିହାର୍ଯ୍ୟ ତାକୁ ଲିଭର ବା ଜୀବନରକ୍ଷାକାରୀ ନାମ ଦେବା ଯଥାର୍ଥ।

ଶରୀର ଅନ୍ୟ ଅଙ୍ଗଗୁଡ଼ିକ ପରି ଯକୃତ୍ ମଧ୍ୟ ବିଭିନ୍ନ କାରଣରୁ ରୋଗାକ୍ରାନ୍ତ ହୋଇଥାଏ। କିନ୍ତୁ ଯକୃତରେ ଯେଉଁ ରୋଗଟି ସଚରାଚର ଦେଖାଯାଏ ତାହା ହେଲା ଭାଇରାଲ ହେପାଟାଇଟିସ୍ ବା ଭୂତାଣୁଜନିତ ଯକୃତ୍ ପ୍ରଦାହ। ପୃଥିବୀରେ ରହିଛନ୍ତି ୩୫ କୋଟିରୁ ବେଶି ଭାଇରାଲ ହେପାଟାଇଟିସ୍ ରୋଗୀ। ସମସ୍ତେ କିନ୍ତୁ ରୋଗ ନିର୍ଣ୍ଣୟ ଓ ଚିକିତ୍ସାର ସୁବିଧା ପାଇପାରୁନାହାନ୍ତି। ଭାଇରାଲ ହେପାଟାଇଟିସ୍‌ରେ ଆକ୍ରାନ୍ତ ହୋଇ ପୃଥିବୀରେ ପ୍ରତିବର୍ଷ ମୃତ୍ୟୁବରଣ କରିଥାଆନ୍ତି ୧୦ ଲକ୍ଷରୁ ବେଶି ଲୋକ। ପ୍ରତିବର୍ଷ ଆକ୍ରାନ୍ତ ହୋଇଥାଆନ୍ତି ୧୦କୋଟିରୁ ବେଶି। ଆମ ଦେଶରେ ହେପାଟାଇଟିସ୍ 'ବି' ସଂକ୍ରମିତ ରୋଗୀଙ୍କର ସଂଖ୍ୟା ପାଖାପାଖି ୪ କୋଟି ଏବଂ ସେମାନଙ୍କ ଭିତରୁ ପ୍ରତିବର୍ଷ ମୃତ୍ୟୁରେ ପଡୁଛନ୍ତି ଏକ ଲକ୍ଷରୁ ବେଶି ରୋଗୀ।



ଭାଇରାଲ ହେପାଟାଇଟିସ୍ 'ଏ' ଏବଂ 'ଇ'-ଏହା ଭୂତାଣୁ ଦ୍ୱାରା ସଂକ୍ରମିତ ଜଳ ପିଇବା ଓ ଖାଦ୍ୟ ଖାଇବା ଯୋଗୁ ହୋଇଥାଏ। କିନ୍ତୁ ହେପାଟାଇଟିସ୍ 'ବି', 'ସି' ଓ 'ଡି' ରୋଗୀଙ୍କ ସହ ଅସୁରକ୍ଷିତ ଯୌନ ସମ୍ପର୍କ ରଖିଲେ ହୋଇଥାଏ। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ରକ୍ତ ନେଲେ କିମ୍ବା ଭୂତାଣୁ ଲାଗିଥିବା ଇଞ୍ଜେକଶନ୍ ଛୁଞ୍ଚିକୁ ବିଶୋଧନ ନ କରି ସେଭଳି ସଂକ୍ରମିତ ଛୁଞ୍ଚି ବ୍ୟବହାର କରି ଇଞ୍ଜେକଶନ ନେଲେ ସୁସ୍ଥ ବ୍ୟକ୍ତି ଯଥାକ୍ରମେ ହେପାଟଇଟିସ୍ 'ବି', 'ସି' କିମ୍ବା 'ଡି' ଦ୍ୱାରା ଆକ୍ରାନ୍ତ ହୋଇପଡ଼େ। ସଂକ୍ରମିତ ଛୁଞ୍ଚି ଦ୍ୱାରା ଚିତା କୁଟେଇଲେ ମଧ୍ୟ ଏହି ରୋଗ ହେବାର ଆଶଙ୍କା ରହିଛି। ହେପାଟାଇଟିସ୍ ଭୋଗୁଥିବା ଗର୍ଭବତୀଙ୍କର ଗର୍ଭସ୍ଥ ଶିଶୁକୁ ମଧ୍ୟ ହେପାଟାଇଟିସ୍ ହେବାର ଆଶଙ୍କା ରହିଛି।

ପୁଣି ବଡ଼ ଆଶ୍ଚର୍ଯ୍ୟର କଥା ଯେ, ହେପାଟାଇଟିସ୍ 'ବି' କିମ୍ବା 'ସି' ଭୂତାଣୁ ଶରୀର ଭିତରେ ଥାଇ ମଧ୍ୟ ତାହାର କୌଣସି ଲକ୍ଷଣ କି ଉପସର୍ଗ ପ୍ରକାଶ ନ କରିପାରେ। ମାତ୍ର ବଡ଼ ଆଶ୍ୱାସନାର କଥା ଯେ, ରକ୍ତ ପରୀକ୍ଷାରୁ ହେପାଟାଇଟିସ୍ କରାଇଥିବା ଭୂତାଣୁକୁ ସହଜରେ ଚିହ୍ନଟ କରିହୁଏ। ହେପାଟାଇଟିସ୍ 'ବି', 'ସି' ଓ 'ଡି'କୁ ବେଳହୁଁ ଚିକିତ୍ସା ନ କଲେ ପରେ ଏଥିରେ ଜଟିଳତା ପ୍ରକାଶ ପାଇ ହୋଇପାରେ ଯକୃତ୍ ସିରୋସିସ୍, ଯକୃତ୍ କ୍ୟାନ୍‌ସର ଓ ଯକୃତ୍ ଫେଲିଓର। କିନ୍ତୁ ଚିକିତ୍ସାରେ ରହିଲେ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ନ ହେଲେ ମଧ୍ୟ ରୋଗୀ ସୁସ୍ଥ ଜୀନବ ଉପଭୋଗ କରିଥାଏ। ହେପାଟାଇଟିସ୍ 'ଏ', 'ବି' ଓ 'ଇ' ପାଇଁ ପ୍ରତିଷେଧକ ଟିକା ଅଛି। କିନ୍ତୁ 'ସି' ଓ 'ଡି'ର କୌଣସି ଟିକା ବାହାରିନି। ଚାଲନ୍ତୁ- ଯକୃତ୍‌କୁ ସୁସ୍ଥ ରଖିବା, ଜୀବନକୁ ସୁରକ୍ଷିତ ରଖିବା ଏବଂ ବିଶ୍ୱକୁ ହେପାଟାଇଟିସ୍ ମୁକ୍ତ କରିବାର ସଂକଳ୍ପ ନେବା।

-ଅଭୀପ୍‌ସା,
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

# 'କ୍ୟାଟ୍ରିନାଙ୍କ ସହ ତୁଳନା ମୋ କ୍ୟାରିୟର ନଷ୍ଟ କଲା'





**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ତୁଳନା ହେବାରୁ ମୋ କ୍ୟାରିୟର ନଷ୍ଟ ହୋଇଯାଇଛି। ନିକଟରେ ଏକ ସାକ୍ଷାତ୍‌କାରରେ ଏଭଳି କିଛି ମନ୍ତବ୍ୟ ରଖି ଅଭିନେତ୍ରୀ ଜରିନ ଖାନ୍ ଚର୍ଚ୍ଚାକୁ ଆସିଛନ୍ତି। ଜରିନ ଯେତେବେଳେ ବଲିଉଡ୍ ଡେବ୍ୟୁ କରିଥିଲେ, ସେତେବେଳେ ତାଙ୍କୁ କ୍ୟାଟ୍ରିନାଙ୍କ ସହ ତୁଳନା କରାଯାଇଥିଲା। ଦୁହିଁଙ୍କ ମୁହଁ ପାଖାପାଖି ସମାନ ଦିଶୁଥିବା ଅନେକ ଲୋକ କହିଥିଲେ। ଏହା ତାଙ୍କ ଅଭିନୟ କ୍ୟାରିୟର ଉପରେ ବେଶ୍ ପ୍ରଭାବ ପକାଇଥିବା ସେ କହିଛନ୍ତି। ଜରିନ ୨୦୧୦ରେ ଭାଇଜାନ୍ ସଲମାନ ଖାନ୍‌ଙ୍କ ସହ 'ବୀର' ଚଳଚ୍ଚିତ୍ର ଜରିଆରେ ଡେବ୍ୟୁ କରିଥିଲେ। ଏତେ ବଡ଼ ଷ୍ଟାରଙ୍କ ସହିତ ଅଭିନୟ କରିବା ପରେ ବି ତାଙ୍କ ଫିଲ୍ମ ଫ୍ଲପ ହୋଇଥିଲା। ଏହାପରେ ସେ କୌଣସି ଫିଲ୍ମରେ କାମ କରିଥିଲେ ବି ତାଙ୍କୁ ସେଭଳି କିଛି ସଫଳତା ମିଳିପାରିନାହିଁ। ସାକ୍ଷାତ୍‌କାରରେ ସେ କହିଥିଲେ, ପ୍ରଥମ କରି ବଲିଉଡ୍‌ରେ ଅଭିନୟ ତାଙ୍କୁ ବେଶ୍ ଭଲ ଲାଗୁଥିଲା। କ୍ୟାଟ୍ରିନାଙ୍କ ସହ ତାଙ୍କର ତୁଳନା ମଧ୍ୟ ତାଙ୍କୁ ଖୁସି ଦେଇଥିଲା। କାରଣ ସେ ତାଙ୍କର ବଡ଼ ଫ୍ୟାନ ଥିଲେ। ହେଲେ ତାଙ୍କ ସହ ତୁଳନା ଫଳରେ ଜରିନଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପଡ଼ିଥିବା ସେ କହିଛନ୍ତି। ଏହି ଇଣ୍ଡଷ୍ଟ୍ରିରେ ତାଙ୍କୁ ତାଙ୍କ ପରିଚୟ ସୃଷ୍ଟି ପାଇଁ ଆଉ ସୁଯୋଗ ମିଳିଲାନି। ଇଣ୍ଡଷ୍ଟ୍ରିରେ ଅଭିନୟର ଦକ୍ଷତାକୁ ଦେଖି ନୁହେଁ, ବନ୍ଧୁତା ଥିଲେ କାମ ମିଳେ, ଯାହାକୁ ସେ ପସନ୍ଦ କରନ୍ତିନି ବୋଲି କହିଛନ୍ତି।

# ଡାକ୍ତରଖାନାରେ ପ୍ରେମୀଯୁଗଳଙ୍କ ବିବାହ

**ଟିବିଲିସି:** ଗୁରୁତର ଭାବେ ରାସାୟନିକ ଜିନିଷରେ ପୋଡ଼ିଯାଇଥିବା ଜଣେ ଯୁବକ ନିକଟରେ ତାଙ୍କ ପ୍ରେମିକାଙ୍କୁ ବିବାହ କରିଛନ୍ତି। ରିପୋର୍ଟ ମୁତାବକ, ଜିଓରଜିଆ ବାସିନ୍ଦା ପ୍ରେଷ୍ଟୋନ କୋବ୍ ଗତ ସେପ୍ଟେମ୍ବରରେ ପ୍ରେମିକା ତନିଶାଙ୍କ ସହ ପ୍ରେମ ସମ୍ପର୍କକୁ ଆସିଥିଲେ। ବିବାହର ମାସେ ପୂର୍ବରୁ ପ୍ରେଷ୍ଟୋନ କାମ କରିବା ସମୟରେ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସିବାରୁ ତାଙ୍କ ଶରୀର ୩୨ ପ୍ରତିଶତ ପୋଡ଼ିଯାଇଥିଲା। ଜିଓରଜିଆରେ ଚିକିତ୍ସା ବେଳେ ତାଙ୍କ ୨ ହାତର ୯ ଆଙ୍ଗୁଳି କାଟିବାକୁ ପଡ଼ିଥିଲା। ପ୍ରେଷ୍ଟୋନଙ୍କ ଏପରି ଅବସ୍ଥା ପରେ ପ୍ରେମିକା ତନିଶା ତାଙ୍କୁ ବିବାହ କରିବାକୁ ମନା କରିଦେବେ ବୋଲି ସେ ଭାବିଥିଲେ। ହେଲେ



ତନିଶା ତାଙ୍କର ଏହି ଭାବନାକୁ ଭୁଲ ବୋଲି ସାବ୍ୟସ୍ତ କରିଥିଲେ। ପ୍ରେଷ୍ଟୋନଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ସୁଧାର ଆସିବା ବେଳକୁ ଦୁହେଁ ତାଙ୍କ ବିବାହ ସମ୍ପର୍କରେ କଥା ହେଉଥିବା ସେଠାକାର ନର୍ସ ଶୁଣିବାକୁ ପାଇଥିଲେ। ତାଙ୍କ ରୋଷେୟାଙ୍କ ସହଯୋଗରେ ଡାକ୍ତରଖାନାର ନର୍ସ, ଡାକ୍ତର ମିଶି ପ୍ରେମୀଯୁଗଳଙ୍କ ପାଇଁ ସେଠାରେ ଉପହାରର ଯୋଜନା କରିଥିଲେ। ନିର୍ଦ୍ଧାରିତ ତାରିଖ ଜୁଲାଇ ୨୨ରେ ଉଭୟେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଅନ୍ୱେଷା ଅନୌଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦଳରେ ବିଶୃଙ୍ଖଳା ବରଦାସ୍ତ କରାଯିବନି: ଦୁର୍ଗାଶଙ୍କର

**ନାରାୟଣପାଟଣା,୨୭।୭(ରାଜ କିଶୋର ଜେନା)**

କୋରାପୁଟ ଜିଲା ନବ ନିଯୁକ୍ତ କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ ଗୁରୁବାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଗସ୍ତ କରିଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଏହି ଦୁଇ ପ୍ରମୁଖ ବ୍ଲକକୁ ଗସ୍ତ କରି ସେ ବିଭିନ୍ନ ପଞ୍ଚାୟତରେ ବୈଠକ କରି କର୍ମୀମାନଙ୍କ ସହ ଦଳୀୟ ସଙ୍ଗଠନ କିପରି ମଜବୁତ ହେବ ସେନେଇ ଆଲୋଚନା କରିଥିଲେ। କର୍ମୀ ମାନଙ୍କ ମଧ୍ୟରେ ବିଶୃଙ୍ଖଳା ଯେପରି ନହୁଏ,ମତାନ୍ତର ମନାନ୍ତର ସବୁ ଛାଡ଼ି ସମସ୍ତେ ଏକ ହୋଇ ଦଳକୁ କିପରି ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ସେ ଦଳରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି ବୋଲି ପ୍ରକାଶ କରିଥିଲେ। ପିସିସି ସଭ୍ୟ ଅଜିତ ଦାସ ଏବଂ ଜିଲା କଂଗ୍ରେସ ସଭାପତି ସାହୁ କର୍ମୀମାନଙ୍କ ସହ ପୃଥକପୃଥକ ଆଲୋଚନା କରିଥିଲେ। ପ୍ରଥମେ ବନ୍ଧୁଗାଁ ବ୍ଲକର କୁମ୍ଭାରିପୁଟ, ଆଲମଣ୍ଡା, ବନ୍ଧୁଗାଁ ଏବଂ ପରେ ସେ ନାରାୟଣପାଟଣା ଗସ୍ତ କରିଥିଲେ। ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଅଗଷ୍ଟ ପ୍ରଥମ ସପ୍ତାହରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଗସ୍ତ କରି ଦଳୀୟ ସଙ୍ଗଠନ ସୁଦୃଢ଼ କରିବା ସହ ବୁଥ ସ୍ତରୀୟ, ପଞ୍ଚାୟତସ୍ତରୀୟ କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ସଭାପତି ସାହୁ ସୂଚନା ଦେଇଥିଲେ। ପରେ ସେ ଜଗନ୍ନାଥ ମନ୍ଦିର ଯାଇ ସେଠାରେ ପୂଜା ଅର୍ଚ୍ଚନା କରି କୋରାପୁଟ ଫେରିଯାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ବିଭିଷଣ ମହାନନ୍ଦିଆ, ପିସିସି ସଭ୍ୟ ଦାସ, ଦଶମନ୍ତପୁର ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକା, ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗିତାଞ୍ଜଳି ପିଡିକା, ଜିଲା କଂଗ୍ରେସ ଉପସଭାପତି ଅଜିତ ସାମନ୍ତରାୟ, ଜିଲା ଯୁବ କଂଗ୍ରେସ ଉପସଭାପତି ରମେଶ ଖରା, ବରିଷ୍ଠ ନେତା ତ୍ରିନାଥ ତ୍ରିପାଠୀ, ନାରାୟଣପାଟଣାର ପୂର୍ବତନ ଜିଲା ପରିଷଦ ସଭ୍ୟ ହବିକା ରବି, ବନ୍ଧୁଗାଁ ବ୍ଲକ ସଭାପତି ଡି.ଏଙ୍କାଟି, ବନ୍ଧୁଗାଁ ଏମ୍‌ପି ପ୍ରତିନିଧି ଲକ୍ଷ୍ମଣ ଖୋସଲା, ନାରାୟଣପାଟଣା ବ୍ଲକ ଏମ୍‌ପି ପ୍ରତିନିଧି ସପନ ସରିତ ତୁରୁକ, ଅନିଲ ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଦଳୀୟ କର୍ମକର୍ତ୍ତାଙ୍କ ସହ କୋରାପୁଟ ଜିଲା ନବ ନିଯୁକ୍ତ କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ।


ରାଜ୍ୟ ସଭାରୁ ନିଜ ନିଲମ୍ବନକୁ ବିରୋଧ କରି ଏଏପି ଏମ୍‌ପି ସଂଜୟ ସିଂ ଅନ୍ୟ ବିରୋଧୀ ଏମ୍‌ପିଙ୍କ ସହ ପାର୍ଲାମେଣ୍ଟ ପରିସରରେ ଗୁରୁବାର ବିକ୍ଷୋଭ କରୁଛନ୍ତି।

# ଲାଲ୍ ଡାଏରି କଂଗ୍ରେସର ଲୁଟ୍ ଦୋକାନର ନୂଆ ସାମଗ୍ରୀ: ମୋଦି

## ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ଗୁଧାଙ୍କ 'ଲାଲ୍ ଡାଏରି'କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୨୭।୭(ପି.ଟି.)**

ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ଗୁଧାଙ୍କ 'ଲାଲ୍ ଡାଏରି'କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜ୍ୟର କଂଗ୍ରେସ ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ଉକ୍ତ ଡାଏରିରେ ରହିଥିବା ସରକାରଙ୍କ କଳା କାରନାମା କଂଗ୍ରେସକୁ ବିଧାନସଭା ନିର୍ବାଚନରେ ପରାଜିତ କରିବ ବୋଲି ମୋଦି କହିଛନ୍ତି। ସିକରଠାରେ ଏକ ଜନସଭାକୁ ସମ୍ବୋଧିତ କରି ଦୁର୍ନୀତି ଭାରତ ଛାଡ଼, ବଂଶବାଦ ଭାରତ ଛାଡ଼ ଏବଂ ତୁଷ୍ଟୀକରଣ ଭାରତ ଛାଡ଼ ସ୍ଲୋଗାନ ଦେଇଥିଲେ। ସେ କହିଥିଲେ 'ଲାଲ୍ ଡାଏରି' ହେଉଛି



କଂଗ୍ରେସର 'ଲୁଟ୍ ଦୋକାନ'ର ନୂଆ ସାମଗ୍ରୀ। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନକୁ ୬ ମାସ ମଧ୍ୟରେ ଏହା ଥିଲା ପ୍ରଧାନମନ୍ତ୍ରୀଙ୍କ ସପ୍ତମ ଗସ୍ତ। ରାଜସ୍ଥାନର କଂଗ୍ରେସ ସରକାର ଲୋକଙ୍କୁ ଲୁଟିବା ସହ ବିଭିନ୍ନ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ। ସରକାର ନାଁରେ କଂଗ୍ରେସ ମିଛ ବଜାରରେ ଏକ ଲୁଟ୍‌ର ଦୋକାନ ଖୋଲିଛି। ଲାଲ୍ ଡାଏରି ଖୋଲିଲେ କଂଗ୍ରେସର ବହୁ ବଡ଼ ନେତାଙ୍କ କଳା କାରନାମା ପଦାକୁ ଆସିବ ଏବଂ ଦଳ ନିର୍ବାଚନରେ ପରାଜିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସମାଲୋଚନାର ଜବାବ ରଖି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି, ଆଗାମୀ ଦିନରେ ଲୋକେ ପ୍ରଧାନମନ୍ତ୍ରୀଙ୍କୁ ଲାଲ୍ ପତାକା ଦେଖାଇବେ। ପ୍ରଧାନମନ୍ତ୍ରୀ ପଦବୀର ନିଜସ୍ୱ ମର୍ଯ୍ୟାଦା ରହିଛି। ମୋଦି ଓ ତାଙ୍କ ଦଳର ନେତାମାନେ କଂଗ୍ରେସକୁ ଭୟକରି ରାଜେନ୍ଦ୍ର ଗୁଧାଙ୍କୁ ବଳିବୋଦା କରିଥିବା ଗେହଲଟ କହିଛନ୍ତି।

# ପିସିସି ନିର୍ବାଚନ ଇସ୍ତାହାର କମିଟି ଘୋଷଣା


ପଞ୍ଚାନନ କାନୁନ୍‌ଗୋ

**ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ ନିର୍ବାଚନ ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ ପିସିସି ନିର୍ବାଚନ ଇସ୍ତାହାର କମିଟି ଘୋଷଣା କରିଛନ୍ତି। ଏହି କମିଟିରେ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲ୍ଲା କୁମାର, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଉପସଭାପତି ଗଣେଶ୍ୱର ବେହେରା, ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ କମିଟି ଅଧ୍ୟକ୍ଷ ଯଜ୍ଞେଶ୍ୱର ବାବୁ, କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ରହିଛନ୍ତି। କମିଟିର ସଦସ୍ୟ ଭାବେ ଇନ୍ଦ୍ରମୋହନ ପଣ୍ଡା, ବିସ୍ମୟ ମହାପାତ୍ର, ଅମିୟ କୁମାର ପଟ୍ଟନାୟକ, ବାଙ୍କନିଧି ବେହେରା, ସୁଦର୍ଶନ ଦାସ, ରଜନୀ ମହାନ୍ତି, ଭୁଜବଳ ମାଝି, ମନୀଷା ତ୍ରିପାଠୀ, ସସ୍ମିତା ବେହେରା, କିଶୋର ଜେନା, ଜିଆଉଲ ହକ୍, ୟାସିର ନୱାଜ, ଯୁବ କଂଗ୍ରେସ ସଭାପତି, ବନ୍ଦିତା ପରିଡ଼ା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ବେଣୁମାଧବ ତ୍ରିପାଠୀ ପ୍ରମୁଖ ଅଛନ୍ତି। କମିଟିର ଆବାହକ ଭାବେ ପ୍ରଶାନ୍ତ ଶତପଥୀ ରହିଥିବା କଂଗ୍ରେସ ଭବନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ଅଜିତ ପାୱାରଙ୍କୁ ମୁଖ୍ୟମନ୍ତ୍ରୀ ହେବା ସୁଯୋଗ ମିଳିବ: ପ୍ରଫୁଲ ପଟେଲ

**ମୁମ୍ବାଇ,୨୭।୭**

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ଜଣେ ଲୋକପ୍ରିୟ ଓ ଟାଣୁଆ ନେତା। ତାଙ୍କୁ ମୁଖ୍ୟମନ୍ତ୍ରୀ ହେବା ଲାଗି ସୁଯୋଗ ମିଳିବ ବୋଲି ଏନ୍‌ସିପି ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ ଗୁରୁବାର କହିଛନ୍ତି। ଅଜିତ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହା ଉପରେ ପ୍ରଶ୍ନ ହେବାରୁ ପଟେଲ କହିଥିଲେ, ଏବେ ମୁଖ୍ୟମନ୍ତ୍ରୀ ପଦ ଖାଲି ନ ଥିବାବେଳେ ତାହା ଉପରେ ଏତେ ଆଲୋଚନା କ'ଣ ପାଇଁ। ଅଜିତ ବହୁବର୍ଷ ଧରି ଏନ୍‌ସିପିର ନେତୃତ୍ୱ ନେଉଛନ୍ତି। ଯେଉଁମାନେ କାମ କରୁଛନ୍ତି, ସେମାନେ ଆଜି ନ ହେଲେ କାଲି ସୁଯୋଗ ପାଇବେ। ଅନେକେ ସୁଯୋଗ ପାଇଛନ୍ତି। ଅଜିତ ଦାଦା ମଧ୍ୟ ଭବିଷ୍ୟତରେ ସୁଯୋଗ ପାଇବେ। ଆମେ ସେ ଦିଗରେ କାର୍ଯ୍ୟ କରୁଛୁ ବୋଲି ପଟେଲ କହିଛନ୍ତି। ସୂଚନାଯୋଗ୍ୟ, ଅଜିତ


ଅଜିତ୍ ପାୱାର


ପ୍ରଫୁଲ ପଟେଲ

ପାୱାର ଅଗଷ୍ଟ ୧୦ରେ ଏକନାଥ ଶିନ୍ଦେଙ୍କୁ ହଟାଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବେ ବୋଲି କଂଗ୍ରେସ ନେତା ପୃଥ୍ୱୀରାଜ ଚଭନ ନିକଟରେ କହିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ସୋମବାର ଚଭନଙ୍କ ଦାବିକୁ ଖଣ୍ଡନ କରିଥିବାବେଳେ। ଏକନାଥ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ସେ କହିଥିଲେ।

# କଂଗ୍ରେସରେ ମିଶିଲେ ଅନ୍ୟଦଳର କର୍ମୀ

**ଧର୍ମଶାଳା, ୨୭।୭(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ବଜ୍ରଗିରି ଗ୍ରାମର ହନୁମାନ ମନ୍ଦିର ପରିସରରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ କିଷାନ ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସମିତିସଭ୍ୟା ପ୍ରାର୍ଥିନୀ ସ୍ୱରସ୍ୱତୀ ଜେନାଙ୍କ ନେତୃତ୍ୱରେ ବିଜୟ ଜେନାଙ୍କ ସମେତ ଅନ୍ୟ ଦଳର ୨୦ଜଣ କର୍ମୀ ବୁଧବାର ସନ୍ଧ୍ୟାରେ କଂଗ୍ରେସରେ ସାମିଲ ହୋଇଛନ୍ତି। ପଣ୍ଡା ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ନରୋତ୍ତମ ନାୟକ, ମାଧବାନନ୍ଦ ଦଳେଇ, ନକୁଳ ଜେନା, କୃଷକ ନେତା ବସନ୍ତ ପରିଡ଼ା, ଅମରେନ୍ଦ୍ର ସାମଲ, ଅଶୋକ କୁମାର ବେହେରା, ପ୍ରଶାନ୍ତ କୁମାର ଜେନା, ଗୌରାଙ୍ଗ ବେହେରା, ବିଷ୍ଣୁଚରଣ ଦଳେଇ ଓ ନାରାୟଣ ଦଳେଇ ପ୍ରମୁଖ ଯୋଗଦେଇ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ।

**D.M PUBLIC SCHOOL, PURI**

**S.C.S. College Back Gate,**
**Old Sadar Thana Square, Puri**

We are pleased to inform you that new admission session 2023-2024 is going to held from 01.04.2023. According to RTE ACT 2009, 25% of our seat renumerated for economically weaker section. This facility they can avail by providing respective document.

- **Cast Certificate**
- **Income certificate**

**Contact number - 833901220, 9938702859.**

**Principal**

# Classified Everyday
**0674-2580101, 2549949**


REAL ESTATE

**SALE**

**Private Resale plot sale measuring 3200sqft. near AIIMS Hospital Bhubaneswar, cost @ 90lac. Facility (BDA Yellowzone, Gharabari, Boundary wall, Electricity & both side 30ft. wide open road). Contact- 9938867397.** D-0924

Plot sale near Sundarpada Petrol Pump, 3000/sqft. Contact-9937737720. D-71379

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

Duplex sale at Bhubaneswar @ 57 Lakhs only. Contact- 9777433701. D-74893

Plots sale available Puri Jatnigate, Krupajal- Engg nearby Puri, Cuttack (NH) near Chanceller hotel and Chandanvihar Mendhasal, PK Patnaik. 9937469703. D-70604

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

3BHK Apartment Rasulgarh-89,00,000/-, 3BHK Duplex near Tankapani-79,00,000/-, 3BHK Duplex Nandankanan-99,00,000/-, Chandaka 5 Acre, Mendhasala 5 Acre, Balianta 3 Acre. Residential Land Patia-2890, Tankapani- 2650, Tamando-2700, Hanspal- 2500, Mancheswar-1650, Pitapalli- 1650, Balianta-1200, Baranga-1200, Sundarpada-900, Jaanla-900,DPSback-900. 8984071303, 8249630501. D-0923

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75013

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly opened (One8 Spa)/(Salon Service) with expert therapist, 9938843929. D-75136

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

Spa Kerala Body Massage only best Therapist @699/- Bhubaneswar. 9337672475. D-0857

**AFFIDAVIT**

I, Sameer Panda, S/o- Simanchala Panda, resident of 55-A, Kharvel Nagar, Unit-3, 751001, Bhubaneswar, Odisha declare by this affidavit No.61AA 795624 dated 27/07/23 that my father SIMANCHALA PANDA and SIMANCHAL PANDA is one Person having one identity. Henceforth all my legal and essential Documents are to carry the name SIMANCHALA PANDA. D-71685

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

In the Court of Executive Magistrate, Bhadrak I NAMINA NATH @MAMINA PAKAL (aged38) W/O. SUDARSHAN PAKAL, At. Lenjara, PO. Asurali, PS. Dhusuri, Dist.- Bhadrak declared That, I have an LIC policy no. 599460200 where my name as NAMINA NATH W/o. Sudarsan Pakal. Both name in LIC documents & Bank A/C . 59115146603 as Namina Nath & Mamina Pakal, W/o. Sudarsan Pakal is same and one person. D-0931

**LOST**

ମୁଁ, ଶ୍ରୀ ମହେଶ କୁମାର ଅଗ୍ରୱାଲ, ପିଂ ଭୋଲାରାମ ଅଗ୍ରୱାଲ, ଗ୍ରାମ-ଥାନା- ତହସିଲ- ପାଇକମାଲ, ଜିଲ୍ଲା- ବରଗଡ଼ ଜଣାଉଅଛି ଯେ ମୋର କ୍ରୟ କରିଥିବା ଜମିର ଦଲିଲ ନମ୍ବର 405/2020,608/2020 ଓ 52/2020. ତିନୋଟି ଯାକ ହଜି ଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଲେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ- 9583596669. D-0927

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ.ପୂର୍ଣ୍ଣଚନ୍ଦ୍ର କର**

ରାମଚନ୍ଦ୍ରପୁର, ବାଲିଅନ୍ତା ଥାନା, ଖୋର୍ଦ୍ଧା ଜିଲ୍ଲା
ଆବିର୍ଭାବ : ୨୪/୦୨/୧୯୪୧ । ତିରୋଧାନ : ୧୮.୦୭.୨୦୨୩

ନନା, ଆପଣଙ୍କ ସ୍ମୃତି ସର୍ବଦା ବିଦ୍ୟମାନ। ଆପଣଙ୍କ ଜୀବନ ଦର୍ଶନର ସ୍ୱଚ୍ଛତା ଚିର ଅମ୍ଳାନ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ପୁତ୍ର, ପୁତ୍ରବଧୂ ଗଣ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ବନ୍ଧୁ ପରିବାରବର୍ଗ ଓ ସମସ୍ତ ଆତ୍ମୀୟସ୍ୱଜନ।
ଧ-୭୪୫୪୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାଛ ଧରାଳିରୁ ଟୁର୍ ଡି ଫ୍ରାନ୍ସ

# ବିଜେତା ଭିଙ୍ଗେଗାର୍ଡ

**ବିଶ୍ୱର ସର୍ବଶ୍ରେଷ୍ଠ ସାଇକେଲ ରେସ୍ ଟୁର୍ ଡି ଫ୍ରାନ୍ସର ୧୧୦ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଜୁମ୍ବୋ-ଭିଷ୍ମା ଟିମ୍‌ର ଜୋନାସ ଭିଙ୍ଗେଗାର୍ଡ ଟାଇଟଲ ବଜାୟ ରଖିଥିବାବେଳେ ୟୁଏଇ ଟିମ୍ ଏମିରେଟ୍ସର ଦୁଇ ରାଇଡର ଟାଡେଜ ପୋଗାକର ଓ ଆଡାମ ୟେଟ୍ସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି...**



ବିଭିନ୍ନ କ୍ଲାସିଫିକେସନ ବିଜେତା



ବିଶ୍ୱର ସର୍ବଶ୍ରେଷ୍ଠ ସାଇକେଲ ପ୍ରତିଯୋଗିତା ଟୁର ଡି ଫ୍ରାନ୍ସର ୧୧୦ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ରେ ସ୍ପେନ୍‌ର ବିଲବାଓରୁ ଏହା ଆରମ୍ଭ ହୋଇ ୨୩ରେ ପ୍ୟାରିସର ଚାମ୍ପ୍ସ-ଏଲିସେସଠାରେ ଶେଷ ହୋଇଥିଲା। ଗତଥରର ଚାମ୍ପିୟନ ଟିମ୍ ଜୁମ୍ବୋ-ଭିଷ୍ମା ରାଇଡର ଜୋନାସ ଭିଙ୍ଗେଗାର୍ଡ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଚାମ୍ପିୟନ ହୋଇଛନ୍ତି। ଅର୍ଥାତ୍ ଭିଙ୍ଗେଗାର୍ଡ ଏଥର ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଦୁଇଥର ଚାମ୍ପିୟନ ୟୁଏଇ ଟିମ୍ ଏମିରେଟ୍ସ ରାଇଡର ଟାଡେଜ ପୋଗାକର ଦ୍ୱିତୀୟ ଓ ତାଙ୍କ ଟିମ୍‌ମେଟ୍ ଆଡାମ ୟେଟ୍ସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରେସ୍‌ର ପ୍ରଥମ ଦୁଇ ସପ୍ତାହରେ ଭିଙ୍ଗେଗାର୍ଡ ଓ ପୋଗାକରଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦ୍ୱିତୀୟ ସପ୍ତାହ ଶେଷ ବେଳକୁ ଦୁଇ ରାଇଡରଙ୍କ ମଧ୍ୟରେ ମାତ୍ର ୧୦ ସେକେଣ୍ଡର ବ୍ୟବଧାନ ଥିଲା। ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ ବିଶିଷ୍ଟ ଷ୍ଟେଜ୍ ୧୬ ଭିଙ୍ଗେଗାର୍ଡଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଥିଲା। ଏହି ରେସ୍‌ରେ ସେ ୧ ମିନିଟ ୩୮ ସେକେଣ୍ଡରେ ପୋଗାକରଙ୍କୁ ପଛରେ ପକାଇ ଦେଇଥିଲେ। ଏହା ହିଁ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହାପରେ ଭିଙ୍ଗେଗାର୍ଡ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତାଙ୍କର ବିଜୟ ବ୍ୟବଧାନ ୭ ମିନିଟ ୨୯ ସେକେଣ୍ଡ ଥିଲା। ୨୦୧୪ ପରେ କୌଣସି ରାଇଡର ଏତେ ସମୟ ବ୍ୟବଧାନରେ ବିଜୟୀ ହେବା ଏହା ପ୍ରଥମ।

### ଟପ୍-୧୦ ଫିନିଶ୍

| ରାଇଡର | ଟିମ୍ |
|---|---|
| ଜୋନାସ ଭିଙ୍ଗେଗାର୍ଡ (ଡେନମାର୍କ) | ଜୁମ୍ବୋ-ଭିଷ୍ମା |
| ଟାଡେଜ ପୋଗାକର (ସ୍ଲୋଭାନିଆ) | ୟୁଏଇ ଟିମ୍ ଏମିରେଟ୍ସ |
| ଆଡାମ ୟେଟ୍ସ (ଗ୍ରେଟ ବ୍ରିଟେନ) | ୟୁଏଇ ଟିମ୍ ଏମିରେଟ୍ସ |
| ସିମନ ୟେଟ୍ସ (ଗ୍ରେଟ ବ୍ରିଟେନ) | ଟିମ୍ ଜୟକୋ-ଆଲୁଲା |
| କାର୍ଲୋସ ରୋଡ୍ରିଗ୍ୱେଜ (ସ୍ପେନ୍) | ଇନିଅସ ଗ୍ରେନାଡେର୍ସ |
| ପେଲୋ ବିଲ୍‌ବାଓ (ସ୍ପେନ୍) | ଟିମ୍ ବାହାରିନ ଭିକ୍ଟୋରିଅସ |
| ଜଇ ହିଣ୍ଡଲେ (ଅଷ୍ଟ୍ରେଲିଆ) | ବୋରା-ହଂସଗ୍ରୋହେ |
| ଫେଲିକ୍ସ ଗଲ୍ (ଅଷ୍ଟ୍ରିଆ) | ଏଜି୨ଆର ସିଟ୍ରୋଏନ୍ |
| ଡେଭିଡ ଗଉଡୁ (ଫ୍ରାନ୍ସ) | ଗ୍ରୁପାମା-ଏଫ୍‌ଡିଜେ |
| ଗ୍ୱିଲୌମେ ମାର୍ଟିନ (ଫ୍ରାନ୍ସ) | କୋଫିଡିସ୍ |

ପଏଣ୍ଟ କ୍ଲାସିଫିକେଶନ ବିଜେତା ହୋଇଥିଲେ ଆଲପେସିନ-ଡେକେଉନିକ୍) ଟିମ୍‌ର ଜାସ୍ପର ଫିଲିପସେନ। ପ୍ରଥମଥରପାଇଁ ସେ ଏହି ସଫଳତା ପାଇଥିଲେ। ସେହିପରି ମାଉଣ୍ଟେନ କ୍ଲାସିଫିକେଶନ ବିଭାଗରେ ଟ୍ରେକ୍-ସେଗାଫ୍ରେଡୋ ଟିମ୍‌ର ଗ୍ୟୁଲିଓ ସିକୋନେ ବିଜେତା ହୋଇଥିଲେ। ୧୯୯୨ ପରେ ପ୍ରଥମ ଇଟାଲୀୟ ରାଇଡରଭାବେ ସେ ସଫଳ ହୋଇଥିଲେ। ପୋଗାକର କ୍ରମାଗତ ୪ର୍ଥ ବର୍ଷ ପାଇଁ ୟଙ୍ଗ୍ ରାଇଡର କ୍ଲାସିଫିକେଶନ ଟାଇଟଲ ଜିତିଥିଲେ। ଟିମ୍ କ୍ଲାସିଫିକେଶନ ଟାଇଟଲ ଜିତିଥିଲା ଟିମ୍ ଜୁମ୍ବୋ-ଭିଷ୍ମା। ଲୋଟ୍ଟୋ-ଡେଷ୍ଟନି ଟିମ୍‌ର ଭିକ୍ଟର କାମ୍ପେନର୍ଟ୍ସ ଶ୍ରେଷ୍ଠ ସଂଘର୍ଷପ୍ରିୟ ରାଇଡର ବିବେଚିତ ହୋଇଥିଲେ।

ଡେନମାର୍କର ୨୫ ବର୍ଷୀୟ ଭିଙ୍ଗେଗାର୍ଡ ସାଇକେଲ ଚାଳନା କରିବା ପୂର୍ବରୁ ଜଣେ ମାଛ ଧରାଳି ଭାବରେ କାମ କରୁଥିଲେ। ଡେନମାର୍କ ସମୁଦ୍ର ପତନରୁ ମାତ୍ର ୧୭୩ ମିଟର ଉପରେ ଅବସ୍ଥିତ। ଏପରି ପରିବେଶରୁ ଆସି ମଧ୍ୟ ସାଇକେଲ ଚାଳନାରେ ସଫଳ ହେବା ନିଶ୍ଚିତ ଭାବରେ ପ୍ରଶଂସାଯୋଗ୍ୟ। ତେବେ ଅନ୍ୟ ରେସରଙ୍କ ପରି ଆରମ୍ଭରୁ ସାଇକେଲ ଚାଳନା ପ୍ରତି ଜୋନାସଙ୍କ କୌଣସି ଆଗ୍ରହ ନ ଥିଲା। ଯୁବାବସ୍ଥାରେ ସେ ମାଛ ଧରିବାକୁ ଭଲ ପାଉଥିଲେ ଏବଂ ମାଛ ଧରାଳି ଭାବରେ କାମ ମଧ୍ୟ କରୁଥିଲେ। ଉତ୍ତର ଡେନମାର୍କର ହିଲ୍ଲରସ୍ଲେଭରେ ଜନ୍ମିତ ଜୋନାସ୍ ହାନ୍ସଥୋଲମ୍ ବନ୍ଦରର ଏକ ମାଛ ଗୋଦାମରେ କାମ କରୁଥିଲେ। ‘‘ଉକ୍ତ ସ୍ଥାନରେ କାମ କରିବାରେ ମୋତେ ବେଶ୍ ଆନନ୍ଦ ମିଳୁଥିଲା। ନିୟମିତ ସକାଳ ୫ଟାରୁ ଉଠିବାକୁ ପଡୁଥିଲେ ମଧ୍ୟ ମୁଁ ଏହାକୁ ଉପଭୋଗ କରୁଥିଲି। ଜଣେ ପ୍ରଫେଶନାଲ ସାଇକ୍ଲିଷ୍ଟ ହେବା ସମ୍ପର୍କରେ ମୁଁ କେବେ ଚିନ୍ତା କରି ନ ଥିଲି’’ ବୋଲି ଜୋନାସ୍ କହିଛନ୍ତି। ଏକାନ୍ତ ସମୟରେ ସପ୍ତାହକୁ ଦୁଇ ଦିନ ସାଇକେଲ ଚାଳନା ଅଭ୍ୟାସ କରୁଥିବା ବେଳେ ଏକ ସ୍ଥାନୀୟ ପ୍ରତିଯୋଗିତା ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା।

ସାଇକ୍ଲିଂ ବ୍ୟତୀତ ଫୁଟବଲ୍, ହ୍ୟାଣ୍ଡବଲ୍ ଓ ବ୍ୟାଡମିଣ୍ଟନ ଏବଂ ସନ୍ତରଣ ଜୋନାସଙ୍କର ଅନ୍ୟତମ ପସନ୍ଦର କ୍ରୀଡ଼ା ଇଭେଣ୍ଟ। କମ୍ ଉଚ୍ଚତା କାରଣରୁ ଫୁଟବଲ ଦଳରେ ଚୟନ ନ ହେବା ପରେ ଏକ ସ୍ଥାନୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଭାଗ ନିଅନ୍ତି। ପ୍ରଥମ ସ୍ଥାନ ଅଳଙ୍କୃତ କରିଥିବା ୧୬ ବର୍ଷୀୟ ଜୋନାସ୍‌ଙ୍କ ଉପରେ ଜୁମ୍ବୋ ଭିଷ୍ମା ଟିମ୍‌ର ନଜର ପଡେ। ଜୁମ୍ବୋରେ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ୨୦୨୨ ଓ ୨୦୨୩ ସିଜନରେ କ୍ରମାଗତ ୨ଥର ଟୁର୍ ଡି ଫ୍ରାନ୍ସ ଟାଇଟଲ୍ ହାସଲ କରିଛନ୍ତି ଏହି ତାରକା ସାଇକ୍ଲିଷ୍ଟ।

-ତପନ ସ୍ୱାଇଁ



# ନୂଆ ସମ୍ଭାବନା

**ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ ଅନେକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ସେମାନଙ୍କ ପ୍ରଦର୍ଶନ ମଧ୍ୟ ଆଖିଦୃଶିଆ ରହିଥିଲା। ଯଶସ୍ୱୀ ଜୟସ୍ୱାଲ ଓ ମୁକେଶ କୁମାର ସବୁଠାରୁ ଅଧିକ ପ୍ରଭାବିତ କରିଥିବା ବେଳେ ଇଶାନ କିଶନ ମଧ୍ୟ ଲମ୍ବା ସମୟ ପର୍ଯ୍ୟନ୍ତ ଭାରତୀୟ ଦଳରେ ରହିବାର ଦାବିଦାର ହୋଇଛନ୍ତି...**

ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ଫାଇନାଲ ପରାଜୟ ପରେ ଏହି ବିଜୟ ଭାରତ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତୀୟ ଦଳ ଅନେକ ଯୁବ ଖେଳାଳିଙ୍କୁ ଏହି ସିରିଜ୍‌ରେ ସାମିଲ କରିଥିଲା। ଯୁବ ଖେଳାଳିଙ୍କ ପ୍ରଦର୍ଶନ ଆଖିଦୃଶିଆ ରହିଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଖେଳାଳି ମଧ୍ୟ ରନ୍ ସଂଗ୍ରହ କରି ଫର୍ମକୁ ଫେରିବା ଭାରତୀୟ ଦଳ ପାଇଁ ଏକ ଶୁଭ ସଙ୍କେତ। ଯୁବ ଖେଳାଳିଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ଓ ମୁକେଶ କୁମାର ସବୁଠାରୁ ଅଧିକ ପ୍ରଭାବିତ କରିଥିବା ବେଳେ ଇଶାନ କିଶନ ମଧ୍ୟ ଲମ୍ବା ସମୟ ପର୍ଯ୍ୟନ୍ତ ଭାରତୀୟ ଦଳରେ ରହିବାର ଦାବିଦାର ହୋଇଛନ୍ତି। ପଦାର୍ପଣ ସିରିଜ୍ ଖେଳିଥିବା ଜୟସ୍ୱାଲ ୨୬୦ ରନ୍ କରି ସିରିଜ୍‌ର ସର୍ବାଧିକ ରନ୍ ହାସଲକାରୀ ରହିଥିଲେ। ଅନ୍ୟପକ୍ଷରେ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ମଧ୍ୟ ଗୋଟିଏ ଲେଖାଏ ଶତକ ସହିତ ଯଥାକ୍ରମେ ୨୪୦ ଓ ୧୯୭ ରନ୍ ସଂଗ୍ରହ କରିଥିଲେ। ଏହି ଦଳ ଆସନ୍ତା ସିରିଜରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଦକ୍ଷିଣ ଆଫ୍ରିକା ଦଳ ବେଶ୍ ଶକ୍ତିଶାଳୀ ରହିଥିବା ବେଳେ ସେଠିକାର ପିଚ୍ ପେସ୍ ବୋଲରଙ୍କୁ ସୁହାଇଥାଏ। ଏହା ଭାରତୀୟ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ।

**ଜୟସ୍ୱାଲଙ୍କ ବ୍ୟାଟିଂ:** ଭାରତୀୟ ଦଳରେ ଓପନିଂ ବ୍ୟାଟର ଭାବରେ ଯଶସ୍ୱୀ ଜୟସ୍ୱାଲଙ୍କୁ ସାମିଲ କରାଯାଇଥିବା ବେଳେ ସେ ସମସ୍ତଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ପଦାର୍ପଣ ମ୍ୟାଚରେ ୩୮୭ ବଲ୍‌ର ମାରାଥନ ଇନିଂସ ଖେଳି ସେ କ୍ରିକେଟର ଲମ୍ବା ଫର୍ମାଟ ପାଇଁ ତିଆରି ହୋଇଛନ୍ତି ବୋଲି ପ୍ରମାଣିତ କରିଥିଲେ। ଏହା ସହିତ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୩୦ ବଲ୍‌ରୁ ୩୮ ରନ୍‌ର ଇନିଂସ ଖେଳିବା ସହିତ ନିଜ ମଧ୍ୟରେ ଥିବା ବିବିଧତାର ଏକ ନିଦର୍ଶନ ଦେଖାଇଥିଲେ। ଆଗାମୀ ଦିନ ଜୟସ୍ୱାଲଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ତେବେ ଏହି ପ୍ରତିଭାଶାଳୀ ଖେଳାଳି ଜଣଙ୍କ କିଭଳି ଏହାର ମୁକାବିଲା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ରାହାନେ, ଉନାଡକଟଙ୍କ ଅଡୁଆ ବଢ଼ିଲା:** ଡବ୍ଲ୍ୟୁଟିସି ଫାଇନାଲରେ ଦମ୍‌ଦାର ପ୍ରଦର୍ଶନ ସହିତ ଭାରତୀୟ ଦଳର ଉପଅଧିନାୟକ ପଦ ପାଇଥିବା ଅଜିଙ୍କ୍ୟ ରାହାନେଙ୍କ ଅଡୁଆ ବଢ଼ିବାରେ ଲାଗିଛି। କାରବିୟାନ ମାଟିର ଧିମା ପିଚ୍‌ରେ ଉଭୟ ଟେଷ୍ଟରେ ରାହାନେଙ୍କ ବ୍ୟାଟ ନୀରବ ରହିଥିଲା। ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ଫିଟ୍ ହୋଇ ଫେରିଲେ ଦଳରେ ସ୍ଥାନ ପାଇବା ରାହାନେଙ୍କ ପାଇଁ କଷ୍ଟକର ହୋଇପାରେ। ତେବେ ବିଦେଶରେ ଭଲ ରେକର୍ଡ ରଖିଥିବା ରାହାନେଙ୍କୁ ଆଉ ଏକ ସୁଯୋଗ ମିଳିପାରେ। ଅନ୍ୟ ପକ୍ଷରେ ଏହା ଉନାଡକଟଙ୍କ ପାଇଁ ଶେଷ ଟେଷ୍ଟ ଭାବରେ ବିବେଚନା କରାଯାଉଛି। ଦୁଇଟି ଯାକ ଟେଷ୍ଟରେ ଉଇକେଟ ଶୂନ୍ୟ ରହିଥିବା ଉନାଡକଟଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

**ମୁକେଶ ତୃତୀୟ ସିମର:** ଘରୋଇ କ୍ରିକେଟରେ ଦୀର୍ଘ ୭ ବର୍ଷ ଧରି ଖେଳିବା ପରେ ମୁକେଶ କୁମାରଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଥିଲା। ପ୍ରଥମ ଟେଷ୍ଟରେ ମାତ୍ର ଦୁଇ ଉଇକେଟ ପାଇଥିଲେ ହେଁ ଫ୍ଲାଟ ଓ ବ୍ୟାଟିଂ ସହାୟକ ଟ୍ରାକ୍‌ରେ ତାଙ୍କ ବୋଲିଂ ସମସ୍ତଙ୍କୁ ପ୍ରଭାବିତ କରିଛି। ତୃତୀୟ ସିମ୍ ବୋଲର ଭାବରେ ଭାରତୀୟ ଦଳରେ ଯେଉଁ ସମସ୍ୟା ଥିଲା ମୁକେଶ ତାହାକୁ ଦୂର କରିପାରିବେ। ତାଙ୍କ ନିକଟରେ ପେସ୍ ନ ଥିଲେ ମଧ୍ୟ କଟର୍ ଓ ବୋଲିଂ ବିବିଧତା ତାଙ୍କୁ ଜଣେ ଘାତକ ବୋଲରଭାବେ ପ୍ରମାଣିତ କରିଛି। ମହମ୍ମଦ ଶାମି ଓ ସିରାଜଙ୍କ ପରେ ସେ ତୃତୀୟ ବୋଲର ଦାୟିତ୍ୱ ନିର୍ବାହ କରିବେ। ୨୦୦୮-୧୧ ମଧ୍ୟରେ ମୁନାଫ ପଟେଲ ଯେଉଁ ଭୂମିକା ନିର୍ବାହ କରିଥିଲେ ମୁକେଶଙ୍କୁ ସେଥିରେ ଦେଖିବାକୁ ମିଳିବ।

**ପନ୍ତଙ୍କ ସ୍ଥାନରେ କିଶନ:** ଗତ ସିରିଜରେ ପଦାର୍ପଣ ସୁଯୋଗ ପାଇଥିଲେ ଇଶାନ କିଶନ। ପ୍ରଥମ ଟେଷ୍ଟରେ ବିଶେଷ ସୁଯୋଗ ପାଇ ନ ଥିଲେ ମଧ୍ୟ ଦ୍ୱିତୀୟ ଟେଷ୍ଟରେ ୩୨ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ପୂର୍ବରୁ ଶ୍ରୀକର ଭରତଙ୍କୁ ୫ ଟେଷ୍ଟରେ ସୁଯୋଗ ମିଳିଥିବା ବେଳେ ସେ ସଫଳ ହୋଇ ନ ଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରି କିଶନ ତାଙ୍କୁ ପଛରେ ଛାଡି ଦେଇଛନ୍ତି। ତେବେ ଭରତ ବ୍ୟାଟିଂ କରିଥିବା ଟ୍ରାକ୍ ଓ ଇଶାନ୍ ବ୍ୟାଟିଂ କରିଥିବା ଟ୍ରାକ୍ ସମ୍ପୂର୍ଣ୍ଣ ଭିନ୍ନ । ଦକ୍ଷିଣ ଆଫ୍ରିକାର ବାଉନ୍ସ ଟ୍ରାକ୍‌ରେ ଇଶାନ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି।

-ସରୋଜ ଜେନା



ଯଶସ୍ୱୀ ଜୟସ୍ୱାଲ

ମୁକେଶ କୁମାର

## ଏକାଗ୍ରତା



ଫୋର୍ଥ ଏସିଆନ ପାରା ଗେମ୍ସ ପାଇଁ
ଓଡ଼ିଶାକୁ ଗ୍ରୀନ୍ ପାଳି
ପ୍ରମୋଦ ଭଗତ କ୍ୱାଲିଫାଏ କରି
ଚାଇନାକୁ ଯିବ ଖେଳି
ଦୃଢ଼ ମନୋବଳ କଳି
ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ ଡବଲ୍ସରେ
ମେଡାଲ ଆସୁ ମାର ତାଳି।

ମୁମ୍ବାଇ ରାଜ ରାସ୍ତାରେ ଥାଳ ଧରି
ଭିକମାଗି କୋଟିପତି
ସାଢ଼େ ସାତ କୋଟି ମୋଟ ସମ୍ପତ୍ତି
ଡେଲି କରି ଭିକ୍ଷା ବୃତ୍ତି
ଥିଲା ଦୟନୀୟ ସ୍ଥିତି
ପଢ଼ିବା ଖେଳିବା ସୁଯୋଗ ନ ପାଇ
ଭାରତ ବଢ଼ିଛି ପ୍ରୀତି।

ପାଞ୍ଚ ବରଷର ତେଜସ୍ୱୀ ତିୱାରୀ
ଘର ତା ଉତ୍ତରାଖଣ୍ଡ
ତିନି ବର୍ଷ ଛଅମାସ ବେଳେ ଚେସ୍
ଖେଳ ପ୍ରତି ଦେଇ ମୁଣ୍ଡ
ୱାର୍ଲ୍ଡର ସେ ଆଜି ଷଣ୍ଢ
ସର୍ବକନିଷ୍ଠ ଫିଡେ ରେଟେଡ ଖେଳାଳି
ଏକାଗ୍ରତା ରଖି ପିଣ୍ଡ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୮/୨୦୨୩ Bhubaneswar, Friday, July 28/ 2023

# କୁଲ୍‌ଦୀପ, ଜାଡେଜାଙ୍କ ଘାତକ ବୋଲିଂ

**ବାର୍ବାଡୋସ୍, ୨୭।୭**

ବାର୍ବାଡୋସର କେନସିଙ୍ଗଟନ୍‌ଓଭାଲରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ଅନ୍ତର୍ଜାତୀୟ ମ୍ୟାଚରେ କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜାଙ୍କ ଘାତକ ବୋଲିଂ। ଉଭୟ ମିଳିତ ଭାବରେ ୭ ଉଇକେଟ ନେବାରୁ ୱେଷ୍ଟଇଣ୍ଡିଜ୍ ମାତ୍ର ୧୧୪ ରନ୍‌ରେ ଅଲଆଉଟ ହୋଇଛି। ସଞ୍ଜୁ ସାମସନଙ୍କ ବଦଳରେ ଇଶାନ କିଶନଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିବା ବେଳେ ମହମ୍ମଦ ସିରାଜଙ୍କ ଅନୁପସ୍ଥିତିରେ ଦିନିକିଆ ପଦାର୍ପଣ କରିଥିଲେ ମୁକେଶ କୁମାର।

**ପ୍ରଥମ ଦିନିକିଆ**

ଟସ୍ ଜିତି ରୋହିତ ଶର୍ମା ପ୍ରଥମେ ବୋଲିଂ ନେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ ଓପନ କରିଥିବା ବେଳେ ମେଡେନ୍ ଓଭର ସହିତ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ ମୁକେଶ କୁମାର। କାଇଲ ମେୟର୍ସ(୨)ଙ୍କୁ ଆଉଟ କରି ହାର୍ଦ୍ଦିକ ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ବ୍ରାଣ୍ଡନ କିଙ୍ଗ(୧୭)ଓ ପ୍ରଥମ ଦିନିକିଆ ଖେଳୁଥିବା ଆଲିକ୍ ଅଠନାଜେ(୨୨) ଦ୍ୱିତୀୟ ଉଇକେଟରେ ୩୮ ରନ୍ ଯୋଡିଥିବା ବେଳେ ଶାର୍ଦ୍ଦୂଳ ଠାକୁର ଏହି ଯୋଡି ଭାଙ୍ଗିଥିଲେ। ପରବର୍ତ୍ତୀ ଓଭରରେ ମୁକେଶ କୁମାର ଅଠନାଜେଙ୍କୁ ଆଉଟ କରି ଭାରତକୁ ତୃତୀୟ ସଫଳତା ପ୍ରଦାନ କରିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ସାଇ ହୋପ୍ ଓ ସିମରନ୍ ହେଟମେୟର ଚତୁର୍ଥ ଉଇକେଟରେ ୪୩ ରନ୍ ଯୋଡିଥିଲେ। ୧୧ ରନ୍ କରିଥିବା ହେଟମେୟରଙ୍କୁ ଜାଡେଜା ଆଉଟ କରିବା ସହିତ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ। ପରବର୍ତ୍ତୀ ୬ ବ୍ୟାଟର ମାତ୍ର ୨୬ ରନ୍ ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ଦଳ ପକ୍ଷରୁ ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ସାଇ ହୋପ୍ ସର୍ବାଧିକ ୪୩ ରନ୍ କରିଥିଲେ। କୁଲଦୀପ ଯାଦବ ୬ ରନ୍‌ରେ ୪ ଓ ରବୀନ୍ଦ୍ର ଜାଡେଜା ୩୭ ରନ୍‌ରେ ୩ ଉଇକେଟ ନେଇ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା, ମୁକେଶ କୁମାର ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଖବର ପ୍ରସ୍ତୁତ ସୁଦ୍ଧା ଭାରତ ୭ ଓଭରରେ ୧ ଉଇକେଟ ହରାଇ ୪୨ ରନ୍ ସଂଗ୍ରହ କରିଛି। ରୋହିତ ଶର୍ମାଙ୍କ ବଦଳରେ ଇଶାନ କିଶନ୍ ଓପନ କରିଥିଲେ। ଇଶାନ୍ କିଶନ୍ ୧୭ ଓ ସୂର୍ଯ୍ୟକୁମାର ଯାଦବ ୧୪ ରନ୍ କରି ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୩ଓଭରରେ ୧୧୪/୧୦ (ସାଇ ହୋପ୍-୪୩, ଆଲିକ୍ ଅଠନାଜେ-୨୨, ବ୍ରାଣ୍ଡନ୍ କିଙ୍ଗ-୧୭, କୁଲଦୀପ ଯାଦବ-୪/୬, ରବୀନ୍ଦ୍ର ଜାଡେଜା-୩/୩୭, ଶାର୍ଦ୍ଦୂଳ ଠାକୁର-୧/୧୪)। ଭାରତ ୭ ଓଭରରେ ୪୨/୧-( ସୂର୍ଯ୍ୟକୁମାର ଯାଦବ-୧୪*, ଇଶାନ କିଶନ୍-୧୭*)।



ଦିନିକିଆ ପଦାର୍ପଣରେ ପ୍ରଥମ ଉଇକେଟ ନେବା ପରେ ମୁକେଶ କୁମାରଙ୍କୁ ଇଶାନ କିଶନଙ୍କ ବଧେଇ।

BGU BIRLA GLOBAL UNIVERSITY
ADMISSION 2023-24
PG Programs
• MAJMC
• M.Sc Financial Economics
• M.Com
• MCA
UG Programs
• BAJMC (Hons.)
• BBA (Hons.)
• BBA LL.B. (Hons.)
• B.Com (Hons.) • BCA
• B.Sc Data Science (Hons.)
The University Provides Excellent Placement Assistance
BIRLA GLOBAL UNIVERSITY
BHUBANESWAR
Visitusat :www.bgu.ac.in
Mobile: 7381058307,9776129900

# ଯୋଗ୍ୟତା ହାସଲ କଲା ଆୟର୍ଲାଣ୍ଡ

**ଆଇସିସି ଟି୨୦ ବିଶ୍ୱକପ୍**

**ଏଡିନ୍‌ବର୍ଗ, ୨୭।୭(ପି.ଟି.)**

ଜର୍ମାନୀ ବିପକ୍ଷ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ୍ ୨୦୨୪ ପାଇଁ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିଛି। ୟୁରୋପିଆନ କ୍ୱାଲିଫାୟର୍ସର ଶ୍ରେଷ୍ଠ ୨ ଦଳ ମୁଖ୍ୟ ରାଉଣ୍ଡକୁ ଉନ୍ନୀତ ହେବେ। ଆୟର୍ଲାଣ୍ଡ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ଅଛି। ଦଳ ଏହାର ଅନ୍ତିମ ମ୍ୟାଚ ସ୍କଟଲାଣ୍ଡ ବିପକ୍ଷରେ ଖେଳିବ, ଯେଉଁ ଦଳ ପୂର୍ବରୁ ମୁଖ୍ୟ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିସାରିଛି। ଆୟର୍ଲାଣ୍ଡ ଏପର୍ଯ୍ୟନ୍ତ ସୁଦ୍ଧା ଖେଳିଥିବା ୫ଟି ମ୍ୟାଚରୁ ୪ଟିରେ ବିଜୟ ହାସଲ କରିଥିବା ବେଳେ ଗୋଟିଏ ଡ୍ର ରଖିଛି। ଦଳ ଯଦି ଶୁକ୍ରବାର ସ୍କଟଲାଣ୍ଡକୁ ଜିତେ ତେବେ ଟେବୁଲ ଶୀର୍ଷରେ ରହିବ। ଆୟର୍ଲାଣ୍ଡ ଅଧିନାୟକ ପଲ୍ ଷ୍ଟିର୍ଲିଂ କହିଛନ୍ତି, ସ୍କଟଲାଣ୍ଡକୁ ହରାଇ ଟେବୁଲ ଶୀର୍ଷରେ ରହିବା ପରେ ଯାଇ ବିଶ୍ୱକପ୍ ଯୋଗ୍ୟତା ହାସଲ ଉତ୍ସବ ମନାଇବେ। ଆସନ୍ତା ମାସରେ ଆମେ ଏକ ଟି୨୦ ସିରିଜ ଖେଳିବା ଲାଗି ଭାରତ ଗସ୍ତରେ ଯିବୁ। ସେଠାରେ ଭଲ ପ୍ରଦର୍ଶନ ଜାରି ରଖିବା ଲାଗି ଆମେ ଚେଷ୍ଟା କରିବୁ।

# ଓଡ଼ିଶାରୁ ଭାଗନେବେ ୭ କରାଟେକା

**ଭୁବନେଶ୍ୱର, ୨୭।୭**

**(ତପନ ସ୍ୱାଇଁ)**

ଚଳିତ ମାସ ୨୯ ଓ ୩୦ ତାରିଖ ଦୁଇଦିନଧରି କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ୭ମ 'ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍' ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୭ କରାଟେକା ଅଂଶଗ୍ରହଣ କରିବେ। ସେମାନେ ହେଲେ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଡି. ଭଗବାନ ରେଡ୍ଡୀ, ରିତେଶ ରାୟ, ସୁମନ ଶେଖର ଦାସ, ରିତେଶ ମହାନ୍ତି ଓ ସାହିଲ କୁମାର। ଟିମ୍ ଫାଇଟିଂରେ ୭ ଜଣଯାକ ପ୍ରତିଯୋଗୀ ଭାଗନେବେ। ଗୁରୁବାର କୋଲକାତା ଯାତ୍ରା କରିଥିବା କରାଟେକାମାନଙ୍କୁ ରାଜ୍ୟ କରାଟେ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

**'ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍' ଅନ୍ତର୍ଜାତୀୟ କରାଟେ**



ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍ ପାଇଁ ମନୋନୀତ କରାଟେକା।

# ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି

**ଜର୍ମାନୀ ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି**

**ନୂଆଦିଲ୍ଲୀ, ୨୭।୭**

ଜର୍ମାନୀର ଡୁସେଲଡର୍ଫଠାରେ ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ହେବ। ଏଥିରେ ଆୟୋଜକ ଜର୍ମାନୀ ସମେତ ଭାରତ, ଇଂଲଣ୍ଡ ଓ ସ୍ପେନ୍ ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମନଦୀପ ଲାକ୍ରା, ମିଡ୍‌ଫିଲ୍ଡର ସୁନିତ ଲାକ୍ରା ଓ ଫରୱାର୍ଡ ସୁଦୀପ ଚିରମାକୋ। ଚଳିତ ବର୍ଷ ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ ମାଲେସିଆର କୁଆଲାଲମ୍ପୁରଠାରେ ଜୁନିୟର ହକି ବିଶ୍ୱକପ ଅନୁଷ୍ଠିତ ହେବ। ତେଣୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଭାରତ ପାଇଁ ଭଲ ଅଭ୍ୟାସ ସଦୃଶ ହେବ।

"ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମେ ଟ୍ରେନିଂ ସମୟରେ କଠିନ ପରିଶ୍ରମ କରିଛୁ। କେତେକ ବିଭାଗରେ ଆମକୁ ଉନ୍ନତି କରିବାକୁ ହେବ ବୋଲି ଆମେ ଜାଣିପାରିଛୁ। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଆମର ପ୍ରସ୍ତୁତି ସମ୍ପର୍କରେ ବାସ୍ତବ ଚିତ୍ର ମିଳିପାରିବ। ଉଚ୍ଚ ଚାପଯୁକ୍ତ ମ୍ୟାଚ ପରିସ୍ଥିତି ଖେଳାଳିଙ୍କୁ ସହାୟକ ହେବ" ବୋଲି କୋଚ୍ ସି.ଆର. କୁମାର ପ୍ରକାଶ କରିଛନ୍ତି।



ଭାରତୀୟ ପୁରୁଷ ଜୁନିୟର ହକି ଦଳ।

**ଭାରତୀୟ ଦଳ**

ଗୋଲକିପର୍ସ: ମୋହିତ ଏଚ୍.ଏସ୍., ରଣବିଜୟ ସିଂ ଯାଦବ।
ଡିଫେଣ୍ଡର୍ସ: ଶାରଦା ନନ୍ଦ ତିୱାରୀ, ରୋହିତ, ଅମନଦୀପ ଲାକ୍ରା, ଅମିର ଅଲୀ, ୱାରିବାମ୍ ନିରଜ କୁମାର ସିଂ, ଯୋଗେମ୍ବର ରାୱତ।
ମିଡ୍‌ଫିଲ୍ଡର୍ସ: ପୁଭନ୍ନା ସି.ବି., ବିଷ୍ଣୁକାନ୍ତ ସିଂ, ଅମନଦୀପ, ସୁନିତ ଲାକ୍ରା, ଚେତନ ଶର୍ମା, ଅମିତ କୁମାର ଯାଦବ।
ଫରୱାର୍ଡ୍ସ: ଅରିଜିତ ସିଂ ହୁଣ୍ଡାଲ, ଅଙ୍ଗଦ ବୀର ସିଂ, ବବି ସିଂ ଧାମି (ଉପ-ଅଧିନାୟକ), ଉତ୍ତମ ସିଂ (ଅଧିନାୟକ), ସୁଦୀପ ଚିରମାକୋ।

## ଆଶିଷଙ୍କୁ ଏବିଏଫ୍ କଣ୍ଟିନେଣ୍ଟାଲ ହେଭିୱେଟ୍ ଟାଇଟଲ

**ବ୍ୟାଙ୍କକ୍, ୨୭।୭(ପି.ଟି.):** ଦର୍ଶକଙ୍କ ଫେଭରିଟ୍ ଏକ୍କାଫେରବ୍‌ଙ୍କୁ ୫-୧ରେ ପରାସ୍ତ କରି ଭାରତୀୟ ବକ୍ସର ଆଶିଷ ଭାଣ୍ଡୋର ଏସିଆନ ବକ୍ସିଂ ଫେଡେରେଶନ (ଏବିଏଫ) କଣ୍ଟିନେଣ୍ଟାଲ ହେଭିୱେଟ୍ ଟାଇଟଲ ହାସଲ କରିଛନ୍ତି। ଏହି ଲଢେଇ ୧୦ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ଜଜ୍ ୯୩:୯୬, ୯୫:୯୬ ଓ ୯୫:୯୪ ସ୍କୋର ଦେଇଥିବାରୁ ବାଉଟ କେତେ ସଂଘର୍ଷପୂର୍ଣ୍ଣ ଥିଲା ସେଥିରୁ ଅନୁମାନ କରାଯାଇପାରେ। ୩ ଜଜ୍‌ଙ୍କ ବିଭାଜିତ ନିଷ୍ପତ୍ତିରେ ଆଶିଷ ବିଜୟୀ ଘୋଷିତ ହୋଇଥିଲେ।

## ଗ୍ରୁପ୍ 'ବି'ରେ, ପୁରୁଷ ଗ୍ରୁପ୍ 'ଏ'ରେ ମହିଳା ଦଳ

**ଏସିଆନ୍ ଗେମ୍ସ ଫୁଟ୍‌ବଲ**

**ହାଙ୍ଗଝୋ, ୨୭।୭ (ପି.ଟି.)**

ହାଙ୍ଗଝୋ ଏସିଆନ ଗେମ୍ସ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଥାଇଲାଣ୍ଡ ଓ ଚାଇନିଜ ତାଇପେ ସହ ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ବେଳେ ଚାଇନା, ବାଂଲାଦେଶ ଓ ମ୍ୟାନମାର ସହ ପୁରୁଷ ଦଳ ତୁଳନାତ୍ମକ ଭାବେ ସହଜ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ମହିଳା ପ୍ରତିଯୋଗିତାରେ ୧୭ଟି ଦଳ ଭାଗ ନେବେ। ସେମାନଙ୍କୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ', 'ବି' ଓ 'ସି'ରେ ତିନୋଟି ଲେଖାଏ ଦଳ ସ୍ଥାନ ପାଇଥିବା ବେଳେ 'ଡି' ଓ 'ଇ'ରେ ଚାରୋଟି ଲେଖାଏ ଦଳ ରହିଛନ୍ତି। ପୁରୁଷ ଇଭେଣ୍ଟ ଭଳି ମହିଳା ପ୍ରତିଯୋଗିତା ୨ ପର୍ଯ୍ୟାୟ ବିଶିଷ୍ଟ ହେବ। ଗ୍ରୁପ୍ ପର୍ଯ୍ୟାୟ ଏକ ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ସିଷ୍ଟମରେ ହେବାକୁ ଥିବା ବେଳେ କ୍ୱାର୍ଟରଫାଇନାଲ ନକ୍‌ଆଉଟ ବିଶିଷ୍ଟ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଦ୍ୱିତୀୟ ସ୍ଥାନରେ ଥିବା ଶ୍ରେଷ୍ଠ ୩ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ।

## କଳିଙ୍ଗରେ ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ

**ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ହକି ଏବଂ ନାଭାଲ ଟାଟା ଏଚ୍‌ପିସିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ଡ୍ରାଗ୍ ଫ୍ଲିକ୍ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ। ଏହା ଶୁକ୍ରବାରଠାରୁ ଆରମ୍ଭ ହୋଇ ଅଗଷ୍ଟ ୩ ପର୍ଯ୍ୟନ୍ତ ଚାଲିବ। ହକି ଅଲିମ୍ପିଆନ ରୁପିନ୍ଦରପାଲ ସିଂ ଏହି କ୍ୟାମ୍ପକୁ ପରିଚାଳନା କରିବେ। ଓଡ଼ିଶାର ଡ୍ରାଗ୍ ଫ୍ଲିକର୍ସଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ସଦୃଶ। ସେମାନେ ରୁପିନ୍ଦରପାଲଙ୍କ ପାଖରୁ ଟ୍ରେନିଂ ନେଇ ନିଜ ଦକ୍ଷତାକୁ ଅଧିକ ମାର୍ଜିତ କରିପାରିବେ। ଏହି କ୍ୟାମ୍ପର ଅଂଶବିଶେଷ ହୋଇଥିବାରୁ ନିଜେ ରୁପିନ୍ଦରପାଲ ସିଂ ମଧ୍ୟ ଖୁସି ପ୍ରକାଶ କରିଛନ୍ତି।

## ପ୍ରଣୟ, ଲକ୍ଷ୍ୟ ଓ ସାତ୍ତ୍ୱିକ କ୍ୱାର୍ଟରରେ

**ଟୋକିଓ, ୨୭।୭ (ପି.ଟି.):** ଭାରତର ଏଚ୍.ଏସ୍. ପ୍ରଣୟ, ଲକ୍ଷ୍ୟ ସେନ୍ ଏବଂ ଫର୍ମରେ ଥିବା ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଜାପାନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୧ ବର୍ଷୀୟ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସେନ୍ ପ୍ରି-କ୍ୱାର୍ଟରରେ ଜାପାନର କାଣ୍ଟା ସୁନେୟାମାଙ୍କୁ ୨୧-୧୪, ୨୧-୧୬ ସିଧାସଳଖ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ସାତ୍ତ୍ୱିକ ସାଇରାଜ ଓ ଚିରାଗ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନର କ୍ଲିନ୍ ସୁଇପ୍

**କଲମ୍ବୋ, ୨୭।୭:** ସ୍ଥାନୀୟ ସିଂହଲିଜ୍ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ ଏକ ଇନିଂସ ଓ ୨୨୨ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏଥି ସହ ଦଳ ସିରିଜ ୨-୦ରେ କ୍ଲିନ୍ ସୁଇପ୍ କରିଛି। କହିବାକୁ ଗଲେ ମ୍ୟାଚ ୩ ଦିନରେ ଫଏସଲା ହୋଇ ଯାଇଥିଲା। କାରଣର ଗୋଟିଏ ଦିନ ମାତ୍ର ୧୦ ଓଭର ଖେଳାଯାଇଥିଲା। ପାକିସ୍ତାନର ନୋମାନ ଅଲି ଦ୍ୱିତୀୟ ଇନିଂସରେ ପ୍ରଥମ ୭ ଉଇକେଟ ଅକ୍ତିଆର କରିଥିବା ବେଳେ ଅବଶିଷ୍ଟ ୩ ନସିମ ଶାହା ଅକ୍ତିଆର କରିଥିଲେ। ଖେଳର ପ୍ରଥମ ଦିବସରେ ଦୁଇଟି ସେସନରେ ଶ୍ରୀଲଙ୍କାଙ୍କୁ ୧୬୬ ସ୍କୋରରେ ବୋଲ୍ଡ କରିଦେବା ପରେ ବାଜ୍‌ବଲ ରଣନୀତି ଆପଣେଇ ପାକିସ୍ତାନ ୫୭୬/୫ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶାନ ମାସୁଦ, ସାଉଦ ଶକିଲ ଓ ମହମ୍ମଦ ରିଜୱାନ ପ୍ରମୁଖ ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଆଘା ସଲମନ ଏକ ଶତକ ଏବଂ ଅବ୍‌ଦୁଲ୍ଲା ଶାଫିକ୍ ଏକ ଦ୍ୱିଶତକ ହାସଲ କରିଥିଲେ। ପ୍ରଥମ ଇନିଂସରେ ୪୧୦ରନ ପଛୁଆ ଥିଲା। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ୧୮୮ରନରେ ଅଲଆଉଟ ହୋଇଯାଇଥିଲା। ଦଳ ଟପ୍ ସ୍କୋରର ଆଞ୍ଜେଲୋ ମାଥ୍ୟୁସ ୬୩ ରନ କରିଥିଲେ।

# ସ୍ପେନ୍ ସହ ଡ୍ର ରଖିଲା ଭାରତ

**ନୂଆଦିଲ୍ଲୀ, ୨୭।୭ (ପି.ଟି.)**

ନବନୀତ କୌରଙ୍କ ଡବଲ ଗୋଲ ବଳରେ ସ୍ପେନ୍ ସହିତ ମ୍ୟାଚ୍ ଡ୍ର ରଖିଛି ଭାରତୀୟ ମହିଳା ଦଳ। ସ୍ପାନିଶ ହକିର ଶତବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୨-୧ରେ ପଛୁଆ ରହିଥିଲା। ତେବେ ନବନୀତଙ୍କ ଗୋଲ ବଳରେ ଦଳ ୧ ପଏଣ୍ଟ ଅର୍ଜନ କରିବାରେ ସଫଳ ହୋଇଛି। ସ୍ପେନ୍ ପକ୍ଷରୁ ଜାଣ୍ଟାଲ ଗିନେ(୧୩ ମିନିଟ୍) ଓ ଲାଇଆ ଭଡୋସା(୨୬ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ନବନୀତ କୌର(୧୪ ଓ ୨୯ ମିନିଟ) ଭାରତ ପକ୍ଷରୁ ସ୍କୋର କରିଥିଲେ।

ଘରୋଇ ଦଳ ପ୍ରଥମ କ୍ୱାର୍ଟରରୁ ହିଁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୧୩ତମ ମିନିଟରେ ଜାଣ୍ଟାଲ ଗିନେ ପ୍ରଥମ ଗୋଲ ଦେଇଥିଲେ। ଏହାର ୧ ମିନିଟ ମଧ୍ୟରେ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନବନୀତ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। ପ୍ରଥମ କ୍ୱାର୍ଟର ୧-୧ରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସ୍ପେନର କାଉଣ୍ଟର ଆଟାକ୍ ଜାରି ରହିଥିଲା। ମାର୍ଟା ସେଗୁ ସର୍କଲ ଭେଦ କରିଥିଲେ ହେଁ ସବିତା ପୁନିଆଙ୍କ ଚମତ୍କାର ଉଦ୍ୟମ ବଳରେ ଗୋଲ୍ ଶେଭ୍ କରିଥିଲା ଭାରତ।୨୬ ତମ ମିନିଟରେ ଲାଇଆ ଭଡୋସା ଗୋଲ ସ୍କୋର କରିବା ସହିତ ସ୍ପେନ୍‌କୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ଏକ ମିନିଟ ପୂର୍ବରୁ ଦୀପିକାଙ୍କ ଉଦ୍ୟମରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ ନବନୀତ। ଅନ୍ତିମ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିବା ବେଳେ ଭାରତୀୟ ମହିଳା ଦଳ କ୍ରମାଗତ ମ୍ୟାଚରେ ପଏଣ୍ଟ ଅର୍ଜନ କରିଥିଲା।



ଭାରତ ଓ ସ୍ପେନ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆଶେସ୍: ହ୍ୟାରୀ ବ୍ରୁକ୍‌ଙ୍କ ଅର୍ଦ୍ଧଶତକ

**ଲଣ୍ଡନ, ୨୭।୭ (ପି.ଟି.)**

କେନିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ଆଶେସ୍ ସିରିଜ୍‌ର ଅନ୍ତିମ ଟେଷ୍ଟର ପ୍ରଥମ ଦିନରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଇଂଲଣ୍ଡର ହ୍ୟାରୀ ବ୍ରୁକ୍। ଫଳରେ ଇଂଲଣ୍ଡ ୫୪.୪ ଓଭରରେ ୨୮୩ ରନ୍ କରି ସମସ୍ତ ଉଇକେଟକ ହରାଇଛି। ବ୍ରୁକ୍ ସର୍ବାଧିକ ୮୫ ରନ୍‌ର ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ୪ ଉଇକେଟ ନେଇଥିଲେ।

ଆଗୁଆ ଆଶେସ୍ ନିଜ କବ୍‌ଜାରେ ରଖିଥିବା ଇଂଲଣ୍ଡ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲେ। ଦୁଇ ଓପନର ଜ୍ୟାକ୍ କ୍ରଲି (୨୨) ଓ ବେନ୍ ଡକେଟ୍(୪୧) ପ୍ରଥମ ଉଇକେଟରେ ୬୨ ରନ୍ ଯୋଡିଥିଲେ। ତେବେ ପରବର୍ତ୍ତୀ ୧୧ ରନ୍‌ରେ ଦଳ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ମୋଇନ୍ ଅଲୀ ଓ ହ୍ୟାରୀ ବ୍ରୁକ୍ ଚତୁର୍ଥ ଉଇକେଟରେ ୧୧୧ ରନ୍ ଯୋଡିଥିଲେ। ମୋଇନ୍ ୪୭ ବଲ୍ ଖେଳି ୩ ଚୌକା ଓ ୨ ଛକା ସହିତ ୩୪ ରନ୍ କରିଥିଲେ। ତେବେ ମୋଇନ ଆଉଟ ହେବା ପରେ ଇଂଲଣ୍ଡ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେନ୍ ଷ୍ଟୋକ୍ସ(୩) ଓ ଜନି ବେୟାରଷ୍ଟୋ(୫) ସହଜରେ ଆଉଟ ହେବାରୁ ଦଳ ସଙ୍କଟରେ ପଡିଥିଲା। ତେବେ ବ୍ରୁକ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ୯୧ ବଲ୍‌ରୁ ୮୫ ରନ୍ କରିଥିଲେ। ଏହି ଇନିଂସରେ ୧୧ ଚୌକା ଓ ୨ ଛକା ସାମିଲ ଥିଲା। ଦଳୀୟ ସ୍କୋର ୨୧୨ ରନ୍‌ରେ ବ୍ରୁକ୍ ଆଉଟ ହେବା ପରେ କ୍ରିସ୍ ଓକ୍ସ(୩୬) ଓ ମାର୍କ ଉଡ୍(୨୮) ଅଷ୍ଟମ ଉଇକେଟରେ ୪୯ ରନ୍ ଯୋଡିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଜୋଶ ହେଜେଲଉଡ୍, ଟଡ୍ ମର୍ଫି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଖବର ପ୍ରସ୍ତୁତ ସୁଦ୍ଧା ଅଷ୍ଟ୍ରେଲିଆ ୯ ଓଭରରେ ବିନା ଉଇକେଟରେ ୩୧ ରନ୍ ସଂଗ୍ରହ କରିଛି। ଉସ୍‌ମାନ ଖ୍ୱାଜା ୧୩ ଓ ଡେଭିଡ୍ ୱାର୍ନର ୧୪ ରନରେ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୪.୪ ଓଭରରେ ୨୮୩/୧୦( ହ୍ୟାରୀ ବ୍ରୁକ୍-୮୫, ବେନ୍ ଡକେଟ୍-୪୧,କ୍ରିସ୍ ଓକ୍ସ-୩୬, ମିଚେଲ୍ ଷ୍ଟାର୍କ-୪/୮୨, ଟଡ ମର୍ଫି-୨/୨୨, ଜୋଶ ହେଜେଲଉଡ୍-୨/୫୪)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୩୧/୦।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହ୍ୟାରି ବ୍ରୁକ୍।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ